
ଆଣ୍ଡ୍ରିଆଙ୍କ ସହ ନିର୍ବନ୍ଧକୁ ଭେନସଙ୍କ ସ୍ୱୀକାର
ପୃଷ୍ଠା ୬


# ସଂଚାର
THE SANCHAR

Website: sanchar.live mail Id: sancharodisha@gmail.com
RNI NO :ODIODI/2001/04811 Postal Regd No : BN/249/15-17

Vol. 33 | ISSUE 131 | ଭାଗ ୩୩ | ସଂଖ୍ୟା ୧୩୧ | Bhubaneswar | Friday 1 August 2025 | Page 8 Rs. 5.00 | ● ଭୁବନେଶ୍ୱର ଶୁକ୍ରବାର ୧ ଅଗଷ୍ଟ ୨୦୨୫ | ୮ ପୃଷ୍ଠା, ମୂଲ୍ୟ ୫ ଟଙ୍କା




### କାଉ ମିଳନ ଦେଖିଦେବାରୁ...
## ଦୁଇ ଯୁବକଙ୍କ ପ୍ରତୀକାତ୍ମକ ଶବଦାହ

ବିଜ୍ଞାନ ଯୁଗରେ ବି ଦୂର ହେଉନି ଅନ୍ଧବିଶ୍ୱାସ। ୨୦୨୫ରେ ବି ପୁରୁଣା ବିଶ୍ୱାସକୁ ଜାବୁଡ଼ି ଧରି ବସିଛନ୍ତି ଲୋକେ। ଏମିତି ଏକ ଅନ୍ଧବିଶ୍ୱାସର ଦୃଶ୍ୟ ଦେଖିବାକୁ ମିଳିଛି କୋରାପୁଟ ଜିଲ୍ଲା ପାତ୍ରଗୁଡ଼ା ଗାଁରେ। ଦୁଇଟି କାଉର ମିଳନ ଦେଖିବା ପରେ ଦୁଇ ଯୁବକଙ୍କ ଜୀଇଁ ଥାଉ ଥାଉ ମୃତ ବୋଲି ଘୋଷଣା କରିଥିଲେ ପରିବାର ଲୋକେ। କାଉ ମିଳନ ଦେଖିଲେ ବ୍ୟକ୍ତିଙ୍କର ମୃତ୍ୟୁ ହୁଏ ବୋଲି କୋରାପୁଟର ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ଏକ ଅନ୍ଧବିଶ୍ୱାସ ରହିଛି। ତେଣୁ ପ୍ରତିକାର ସ୍ୱରୂପ ଉକ୍ତ ଦୁଇ ଯୁବକଙ୍କ ପ୍ରତୀକାତ୍ମକ ଶବଦାହ କରାଯାଇଛି। ଉକ୍ତ ଅନ୍ଧବିଶ୍ୱାସ ଅନୁସାରେ, ପାତ୍ରଗୁଡ଼ା ଗାଁରେ ମଧ୍ୟ ଦୁଇ ଯୁବକଙ୍କ ମୃତ୍ୟୁ ହୋଇଥିବା ଘୋଷଣା କରାଯାଇଥିଲା। ପରେ ସେମାନଙ୍କ କୁଶପୁତ୍ତଳିକାକୁ କୋକେଇରେ ଶୁଆଇ ଶବ ଭଳି ନିଆଯାଇଥିଲା। ଏହାର ଦୃଶ୍ୟ ଏବେ ଭାଇରାଲ ହେବାରେ ଲାଗିଛି। ଏପଟେ ଶୁଦ୍ଧିକ୍ରିୟା ପରେ ପରିବାର ଓ ସମ୍ପର୍କୀୟମାନେ ପିତା ମଧ୍ୟ ଖାଇଥିଲେ। ପରେ ବାହାରେ ଥିବା ଦୁଇ ଯୁବକଙ୍କୁ ଘରକୁ ଅଣାଯାଇଥିଲା। ଜୟପୁର ସହରଠୁ ମାତ୍ର ୧୦ କିମି ଦୂରରେ ଏପରି ଏକ ଘଟଣା ଘଟିଥିବା ବେଳେ ଏହା ଅନ୍ୟମାନଙ୍କ ପାଇଁ ଏକ ରୋଚକ ଖବର ପାଲଟିଛି।

## ଫାଟିଲା ଜ୍ୱାଳାମୁଖୀ
### ୩ କିମି ଉଚ୍ଚକୁ ଉଠିଲା ପାଉଁଶ



**ନୂଆଦିଲ୍ଲୀ, ୩୧।୭:** ଭୂମିକମ୍ପ ପରେ ଜ୍ୱାଳାମୁଖୀ ବିସ୍ଫୋରଣ। କାମଚାଟକା ଉପଦ୍ୱୀପରେ ଅଗ୍ନିବର୍ଷୀ ଜ୍ୱାଳାମୁଖୀ ବିସ୍ଫୋରଣ ହୋଇଛି। ଯାହା ରୁଷିଆର ବଡ଼ ଭୂମିକମ୍ପ ପରେ ହୋଇଥିବା କହିଛନ୍ତି ବୈଜ୍ଞାନିକ। ରୁଷିଆର କାମଚାଟକା ଉପଦ୍ୱୀପରେ ଥିବା କଲ୍ୟୁଚେଭୋସ୍କି ଜ୍ୱାଳାମୁଖୀରେ ବିସ୍ଫୋରଣ ହୋଇଛି। ଗତକାଲି ରୁଷିଆରେ ଶକ୍ତିଶାଳୀ ୮.୮ ମ୍ୟାଗ୍ନିଚ୍ୟୁଡର ଭୂମିକମ୍ପ ହୋଇଥିଲା। ଏହା ପରେ ବିସ୍ଫୋରଣ ହୋଇଛି। ଭୂମିକମ୍ପ ପ୍ରଶାନ୍ତ ମହାସାଗରରେ ସୁନାମୀ ସୃଷ୍ଟି କରିଥିଲା। ଯାହା ରୁଷିଆ, ଜାପାନ, ଏବଂ ଆମେରିକାରେ ପ୍ରଭାବ ପକାଇଥିଲା। ➩ପୃଷ୍ଠା-୬

### ସବୁ ମହାବିଦ୍ୟାଳୟକୁ ଉଚ୍ଚଶିକ୍ଷା ବିଭାଗର ଚିଠି
# ‘ସି-ବକ୍ସ’ ପୋର୍ଟାଲରେ ରହିବ କଲେଜ ଆଇସିସି

- ପହିଲା ସୁଦ୍ଧା ତଥ୍ୟ ଦାଖଲ କରିବାକୁ ନିର୍ଦ୍ଦେଶ
- ଆଇସିସି ଗଠନ ନକଲେ କର୍ତ୍ତୃପକ୍ଷଙ୍କ ଦରମା ବନ୍ଦ




**ଭୁବନେଶ୍ୱର,୩୧।୭(ସଂଚାର ବ୍ୟୁରୋ):** ଉଚ୍ଚଶିକ୍ଷା ବିଭାଗ ଅଧୀନସ୍ଥ ମହାବିଦ୍ୟାଳୟର ଆଭ୍ୟନ୍ତରୀଣ ଅଭିଯୋଗ କମିଟି (ଆଇସିସି) ତଥ୍ୟ ଗୋଟିଏ ପୋର୍ଟାଲରେ ରହିବ। ଏନେଇ ସମସ୍ତ ମହାବିଦ୍ୟାଳୟକୁ ବିଭାଗ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ଉଚ୍ଚଶିକ୍ଷା ବିଭାଗ ଅଧୀନସ୍ଥ ଆଞ୍ଚଳିକ ଶିକ୍ଷା ନିର୍ଦ୍ଦେଶକ ଏଦିଗରେ ପଦକ୍ଷେପ ନେବାକୁ ପରାମର୍ଶ ଦିଆଯାଇଛି। ବିଭାଗୀୟ ଯୁଗ୍ମ ସଚିବ ମୌସୁମୀ ନାୟକଙ୍କ ଏନେଇ ସମସ୍ତ ମହାବିଦ୍ୟାଳୟର ଅଧ୍ୟକ୍ଷମାନଙ୍କୁ ଚିଠି ଲେଖିଛନ୍ତି।

ସେ ଉକ୍ତ ଚିଠିରେ ଉଲ୍ଲେଖ କରିଛନ୍ତି ଯେ କେନ୍ଦ୍ର ମହିଳା ଓ ଶିଶୁ ବିକାଶ ମନ୍ତ୍ରଣାଳୟ ପକ୍ଷରୁ ‘ସି-ବକ୍ସ’ ପୋର୍ଟାଲ ପ୍ରସ୍ତୁତ କରାଯାଇଛି। ଏହି ପୋର୍ଟାଲରେ ମହିଳା ଓ ଶିଶୁ ବିକାଶ ମନ୍ତ୍ରଣାଳୟ ପକ୍ଷରୁ ମହିଳାମାନଙ୍କ କାର୍ଯ୍ୟକ୍ଷେତ୍ରରେ ଯୌନ ନିର୍ଯାତନା (ନିବାରଣ, ନିଷେଧ ଓ ପ୍ରତିକାର) ଆଇନ, ୨୦୧୩ ଅନୁସାରେ ଏକ ଉନ୍ନତ ସଂସ୍କରଣର ‘ସି-ବକ୍ସ’ ପୋର୍ଟାଲ ପ୍ରସ୍ତୁତ କରାଯାଇଛି। ଏହି ପୋର୍ଟାଲରେ ଆଭ୍ୟନ୍ତରୀଣ ଅଭିଯୋଗ କମିଟି (ଆଇସିସି) ଓ ସ୍ଥାନୀୟ କମିଟିର ବିବରଣୀ ତଥା ଏହି ଆଇନ ଅଧୀନରେ ପ୍ରାପ୍ତ ଓ ନିଷ୍ପତ୍ତି ହୋଇଥିବା ଅଭିଯୋଗଗୁଡ଼ିକ ସଂକ୍ରାନ୍ତ ତଥ୍ୟ ପ୍ରଦର୍ଶିତ ହେବ। ଏହି ପୋର୍ଟାଲରେ ବିଭାଗୀୟ ସ୍ତର ଓ କାର୍ଯ୍ୟାଳୟ ସ୍ତରରେ ➩ପୃଷ୍ଠା-୬

### ଟ୍ରମ୍ପଙ୍କ ଟାରିଫ୍ ବୃଦ୍ଧି: କେନ୍ଦ୍ର ବାଣିଜ୍ୟ ମନ୍ତ୍ରୀ ରଖିଲେ ବିବୃତି
# ଦେଶ ହିତରେ କରାଯିବନି ସାଲିସ୍

**ନୂଆଦିଲ୍ଲୀ,୩୧।୭:** ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଗତକାଲି ଭାରତୀୟ ରପ୍ତାନୀ ଉପରେ ୨୫ ପ୍ରତିଶତ ଶୁଳ୍କ ଘୋଷଣା କରିବା ପରେ ଏନେଇ ଆଜି କେନ୍ଦ୍ର ବାଣିଜ୍ୟ ମନ୍ତ୍ରୀ ପୀୟୂଷ ଗୋୟଲ ଲୋକସଭାରେ ବିବୃତ୍ତି ରଖିଛନ୍ତି। ସେ କହିଛନ୍ତି ଯେ ଆମେରିକାର ଏପରି ଏକ ପଦକ୍ଷେପ ପରେ ଏହାର ପ୍ରଭାବ କ’ଣ ରହିବ, ତା’ର ଆକଳନ କରାଯାଉଛି। ବାଣିଜ୍ୟ ଓ ଶିଳ୍ପ ମନ୍ତ୍ରଣାଳୟ ପକ୍ଷରୁ ଏହି ଟାରିଫ୍ ଦ୍ୱାରା ପ୍ରଭାବିତ ହେବାକୁ ଥିବା ରପ୍ତାନୀକାରୀ ସମେତ ସମସ୍ତ ଅଂଶୀଦାରମାନଙ୍କ ସହ ଏ ସଂକ୍ରାନ୍ତରେ ଆଲୋଚନା କରାଯିବା ସହ ସେମାନଙ୍କଠାରୁ ବିଭିନ୍ନ ତଥ୍ୟ ସଂଗ୍ରହ ପ୍ରକ୍ରିୟା ଜାରି ରହିଛି। ଓ କିନ୍ତୁ ଏ କ୍ଷେତ୍ରରେ ଜାତୀୟ ସ୍ୱାର୍ଥକୁ ସୁରକ୍ଷିତ ରଖି ସମସ୍ତ ପ୍ରକାର ପଦକ୍ଷେପ ନିଆଯିବ। କାରଣ ଭାରତ ବିଶ୍ୱର ତୃତୀୟ ବୃହତ ଅର୍ଥନୀତି ହେବା ଦିଗରେ ଆଗକୁ ବଢୁଥିବାରୁ ଏପରି



ପଦକ୍ଷେପ ଜରୁରୀ ବୋଲି ଶ୍ରୀ ଗୋୟଲ୍ କହିଛନ୍ତି।

କେନ୍ଦ୍ର ମନ୍ତ୍ରୀ ଶ୍ରୀ ଗୋୟଲ୍ କହିଛନ୍ତି ଯେ ଭାରତ ଓ ଆମେରିକା ମଧ୍ୟରେ ଚୁକ୍ତି ଚୂଡ଼ାନ୍ତ କରିବା ପାଇଁ ଅନେକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଥିଲା। ଆମେରିକା ରାଷ୍ଟ୍ରପତି ଶ୍ରୀ ଟ୍ରମ୍ପ ଗତ ଏପ୍ରିଲ୍ ୨ ତାରିଖରେ ପାରସ୍ପରିକ ଶୁଳ୍କ ଉପରେ ଏକ କାର୍ଯ୍ୟକାରୀ ନିର୍ଦ୍ଦେଶ ଜାରି କରିଥିଲେ। ଏହାର ୩ ଦିନ ପରେ ୧୦ ପ୍ରତିଶତର ଏକ ବେସଲାଇନ୍ ଶୁଳ୍କ ମଧ୍ୟ କାର୍ଯ୍ୟକାରୀ ହୋଇଥିଲା। ସେତେବେଳେ ଭାରତ ଉପରେ ବେସଲାଇନ୍ ଶୁଳ୍କ ସମେତ ୨୬ ପ୍ରତିଶତ ଅତିରିକ୍ତ ଶୁଳ୍କ ଲାଗୁ କରାଯାଇଥିଲା। ପରେ ଏହାକୁ ପ୍ରଥମେ ୯୦ ଦିନ ପାଇଁ ଓ ପରବର୍ତ୍ତୀ ସମୟରେ ଅଗଷ୍ଟ ୧ ତାରିଖ ପର୍ଯ୍ୟନ୍ତ ସ୍ଥଗିତ ରଖାଯାଇଥିଲା। ସେହିପରି ଭାରତ ଓ ଆମେରିକା ମଧ୍ୟରେ ଗତ ମାର୍ଚ୍ଚରେ ଏକ ବାଣିଜ୍ୟିକ ଚୁକ୍ତି ଉପରେ ଆଲୋଚନା ଆରମ୍ଭ ହୋଇଥିଲା। ଏହି ଆଲୋଚନାର ମୁଖ୍ୟ ଲକ୍ଷ୍ୟ ଥିଲା ଯେ ଆଗାମୀ ଅକ୍ଟୋବର-ନଭେମ୍ବର ସୁଦ୍ଧା ଏହି ଚୁକ୍ତିର ପ୍ରଥମ ପର୍ଯ୍ୟାୟ ଚୂଡ଼ାନ୍ତ କରିବା। ଏଥିପାଇଁ ପ୍ରଥମ ବୈଠକ ଦିଲ୍ଲୀରେ ଓ ଅବଶିଷ୍ଟ ବୈଠକ ୱାଶିଂଟନ ଡିସିରେ ଅନୁଷ୍ଠିତ ହୋଇଥିଲା। ଏହାଛଡ଼ା ଦୁଇ ଦେଶ ମଧ୍ୟରେ ଅନେକ ଭର୍ଚୁଆଲ୍ ବୈଠକ ମଧ୍ୟ ଅନୁଷ୍ଠିତ ➩ପୃଷ୍ଠା-୬

### ଏକ୍ ପେଡ୍ ମା’ କେ ନାମ୍-୨.୦: ମୁଖ୍ୟମନ୍ତ୍ରୀଙ୍କ ଘୋଷଣା
# ପ୍ରଧାନମନ୍ତ୍ରୀଙ୍କ ଜନ୍ମଦିନରେ ଲାଗିବ ୭୫ ଲକ୍ଷ ଗଛ

- ପ୍ରଧାନମନ୍ତ୍ରୀଙ୍କ ପାଇଁ ଓଡ଼ିଶାବାସୀଙ୍କ ଉପହାର
- ଦ୍ୱିତୀୟ ସଂସ୍କରଣରେ ସାଢ଼େ ୭ କୋଟି ଚାରା ରୋପଣ ଟାର୍ଗେଟ୍
- ପିଇଓଙ୍କୁ ପଞ୍ଚାୟତ ସ୍ତରରେ ଅଧିକ ଚାରା ରୋପଣ ଦାୟିତ୍ୱ
- ଜଳବାୟୁ ଉପଯୋଗୀ ଚାରା ଲଗାଇବାକୁ ପରାମର୍ଶ



**ଭୁବନେଶ୍ୱର,୩୧।୭(ସଂଚାର ବ୍ୟୁରୋ):** ଆସନ୍ତା ସେପ୍ଟେମ୍ବର ୧୭ ତାରିଖରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ୭୫ ବର୍ଷରେ ପ୍ରଦାର୍ପଣ କରିବେ। ଦେଶ ପ୍ରତି, ବିଶେଷକରି ଓଡ଼ିଶା ପ୍ରତି ପ୍ରଧାନମନ୍ତ୍ରୀଙ୍କର ଅନେକ ଅବଦାନ ରହିଛି। ଗତବର୍ଷ ପ୍ରଧାନମନ୍ତ୍ରୀ ତାଙ୍କ ଜନ୍ମଦିନରେ ଓଡ଼ିଶା ଆସି ମା’ମାନଙ୍କ ସମ୍ମାନରେ ସୁଭଦ୍ରା ଯୋଜନାର ଶୁଭାରମ୍ଭ କରିଥିଲେ। ଓଡ଼ିଶାର ବିକାଶ ପ୍ରତି ପ୍ରଧାନମନ୍ତ୍ରୀଙ୍କ ପ୍ରତିବଦ୍ଧତା, ଓଡ଼ିଶାବାସୀଙ୍କ ପ୍ରତି ସଦିଚ୍ଛାର ସମ୍ମାନ ଜଣାଇ ‘ଏକ୍ ପେଡ୍ ମା’ କେ ନାମ୍’ ଅଭିଯାନରେ ସେପ୍ଟେମ୍ବର ୧୭ରେ ଓଡ଼ିଶାରେ ଦିନକରେ ରେକର୍ଡ ସଂଖ୍ୟକ ୭୫ ଲକ୍ଷ ଚାରା ରୋପଣ କରାଯିବ। ଏହା ହିଁ ପ୍ରଧାନମନ୍ତ୍ରୀଙ୍କ ପ୍ରତି ଓଡ଼ିଶାବାସୀଙ୍କ ଅସଲ ଉପହାର ହେବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଆଜି ଲୋକସେବା ଭବନରେ ‘ଏକ୍ ପେଡ୍ ମା’ କେ ନାମ୍’ ଅଭିଯାନ ସମ୍ପର୍କରେ ଏକ ପ୍ରସ୍ତୁତି ବୈଠକରେ ଅଧ୍ୟକ୍ଷତା କରି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଉପରୋକ୍ତ ଘୋଷଣା କରିଛନ୍ତି।

ଗତବର୍ଷ ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ‘ଏକ୍ ପେଡ ମା’ କେ ନାମ୍’ ଅଭିଯାନ ଆରମ୍ଭ ହୋଇଥିଲା। ଗତ ଜୁନ୍ ୫ରୁ ଆସନ୍ତା ସେପ୍ଟେମ୍ବର ୩୦ ତାରିଖ ପର୍ଯ୍ୟନ୍ତ ଏହାର ଦ୍ୱିତୀୟ ସଂସ୍କରଣ ଚାଲିବ। ଏହି ଦ୍ୱିତୀୟ ସଂସ୍କରଣରେ ସର୍ବନିମ୍ନ ସାଢ଼େ ୭ କୋଟି ଚାରା ରୋପଣ ପାଇଁ ସରକାର ଲକ୍ଷ୍ୟ ରଖିଛନ୍ତି। ପ୍ରସ୍ତୁତି ବୈଠକରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ‘ଏକ୍ ପେଡ୍ ମା’ କେ ନାମ୍’ କାର୍ଯ୍ୟକ୍ରମ ଜନଆନ୍ଦୋଳନରେ ପରିଣତ ହୋଇଛି। ଗତବର୍ଷ ଏହି କାର୍ଯ୍ୟକ୍ରମରେ ଓଡ଼ିଶା ତା’ର ଲକ୍ଷ୍ୟ ଅତିକ୍ରମ କରି ୬.୭୨ କୋଟି ଚାରା ରୋପଣ କରି ସାରା ଦେଶରେ ଚତୁର୍ଥ ସ୍ଥାନ ଅଧିକାର କରିଥିଲା। ଚଳିତ ବର୍ଷ ➩ପୃଷ୍ଠା-୬

### ଢେଙ୍କାନାଳରେ ଅଘଟଣ
# ୩ ଜଣଙ୍କୁ କଚାଡ଼ି ମାରିଲା ଦନ୍ତା

- ରେଞ୍ଜର୍‌ଙ୍କ ସହ ୨ ବନ କର୍ମଚାରୀ ବିରୋଧରେ କାର୍ଯ୍ୟାନୁଷ୍ଠାନ
- ମୃତଦେହ ଧରି ଉତ୍ତ୍ୟକ୍ତ ଲୋକଙ୍କ ରାସ୍ତାରୋକ
- ମୃତକଙ୍କ ପରିବାରକୁ ମିଳିବ କ୍ଷତିପୂରଣ



**ହିନ୍ଦୋଳ,୩୧।୭(ସଂଚାର ବ୍ୟୁରୋ):** ଆଜି ଢେଙ୍କାନାଳରେ ଏକ ଦନ୍ତାହାତୀ ଆକ୍ରମଣରେ ୩ ଜଣଙ୍କ ଜୀବନ ଯାଇଛି। ଏଥିରେ ୨ ଜଣ ମହିଳା ସାମିଲ୍ ଥିବା ବେଳେ ପ୍ରତିବାଦରେ ସ୍ଥାନୀୟ ଲୋକେ ରାସ୍ତାରୋକ କରିଛନ୍ତି। ଘଟଣାକୁ ଗୁରୁତର ସହକାରେ ନେଇ ବିଭାଗୀୟ ଅଧିକାରୀ ଜଣେ ଫରେଷ୍ଟରଙ୍କୁ ନିଲମ୍ବନ କରିବା ସହ ରାସୋଳ ଫରେଷ୍ଟର୍ ଓ ଫରେଷ୍ଟ୍ ଗାର୍ଡଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି। ମୃତ୍ୟୁବରଣ କରିଥିବା ୩ ଜଣ ହେଲେ ଝୁଲଣ ଦେହୁରୀ (୫୫), ତାଙ୍କ ଦିଅର କରୁଣାକର ଦେହୁରୀ (୬୦) ଓ ଶଶି ସାହୁ। ସେହିପରି ଏହି ଘଟଣାରେ ମୃତକଙ୍କ ପରିବାର ଲୋକଙ୍କୁ ସରକାରୀ ନିୟମାନୁସାରେ କ୍ଷତିପୂରଣ ଯୋଗାଇ ଦିଆଯିବ ବୋଲି ଜଙ୍ଗଲ ମନ୍ତ୍ରୀ ଘୋଷଣା କରିଛନ୍ତି।

ମିଳିଥିବା ସୂଚନାନୁସାରେ, ଆଜି ସକାଳେ ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ଥାନାଞ୍ଚଳର ହିନ୍ଦୋଳ ବନଖଣ୍ଡ ଅଧୀନସ୍ଥ ବାଗଧରିଆ ଗାଁରେ ଝୁଲଣ ଫୁଲ ତୋଳୁଥିବା ସମୟରେ ଅଚାନକ ସେଠାରେ ଦନ୍ତାଟି ପହଞ୍ଚି ତାଙ୍କୁ ଶୁଣ୍ଢରେ ଟେକି ତଳେ କଚାଡ଼ି ଦେଇଥିଲା। ଫଳରେ ଘଟଣାସ୍ଥଳରେ ହିଁ ଝୁଲଣଙ୍କର ମୃତ୍ୟୁ ହୋଇଯାଇଥିଲା। ଝୁଲଣଙ୍କୁ ରକ୍ଷା କରିବା ସକାଶେ କରୁଣାକର ଉଦ୍ୟମ କରିଥିଲେ ହେଁ ତାଙ୍କୁ ମଧ୍ୟ ହାତୀ କଚାଡ଼ି ମାରିଦେଇଥିଲା। ପରେ ଉକ୍ତ ଦନ୍ତା ହାବୁଡ଼ରେ ଶଶି ପଡ଼ିଯାଇଥିଲେ। ତାଙ୍କୁ ମଧ୍ୟ ହାତୀଟି ଆକ୍ରମଣ କରିବା ଫଳରେ ସେ ➩ପୃଷ୍ଠା-୬

# ଓଡ଼ିଶା ରେଳ ପ୍ରକଳ୍ପକୁ କେନ୍ଦ୍ର କ୍ୟାବିନେଟ୍ ମଞ୍ଜୁରୀ

**ଭୁବନେଶ୍ୱର,୩୧।୭(ସଂଚାର ବ୍ୟୁରୋ):** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତାରେ ଆଜି ଅନୁଷ୍ଠିତ ଆର୍ଥିକ ବ୍ୟାପାର ସଂକ୍ରାନ୍ତ କେନ୍ଦ୍ର କ୍ୟାବିନେଟ୍ ବୈଠକରେ ରେଳ ମନ୍ତ୍ରଣାଳୟର ୪ଟି ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପକୁ ମଞ୍ଜୁରୀ ମିଳିଛି। ଏହିସବୁ ପ୍ରକଳ୍ପ ପାଇଁ ମୋଟ ୧୧,୧୬୯ କୋଟି ଟଙ୍କା ଖର୍ଚ୍ଚ କରାଯିବ। ଏହି ରେଳ ପ୍ରକଳ୍ପଗୁଡ଼ିକ ହେଲା: ଇଟାର୍ସି-ନାଗପୁର ଚତୁର୍ଥ ଲାଇନ, ଛତ୍ରପତି ଶମ୍ଭାଜିନଗର (ଔରଙ୍ଗାବାଦ)-ପରଭଣୀ ଲାଇନ ଦୋହରୀକରଣ, ଆଲୁଆବାରି ରୋଡ୍-ନ୍ୟୁ ଜଲପାଇଗୁଡ଼ି ତୃତୀୟ ଓ ଚତୁର୍ଥ ଲାଇନ, ଡାଙ୍ଗପୋଷୀ-ଜରୋଲି ତୃତୀୟ ଓ ଚତୁର୍ଥ ଲାଇନ। ଏହାଦ୍ୱାରା ଓଡ଼ିଶା ସମେତ ୬ଟି ରାଜ୍ୟର ୧୩ଟି ଜିଲ୍ଲା ଉପକୃତ ହେବେ। ବର୍ଦ୍ଧିତ ଲାଇନ କ୍ଷମତା ଟ୍ରେନର ଗତିଶୀଳତାକୁ ଯଥେଷ୍ଟ ଉନ୍ନତ କରିବ। ଫଳରେ ଭାରତୀୟ ରେଳବାଇ ପାଇଁ କାର୍ଯ୍ୟକ୍ଷମ ଦକ୍ଷତା ଓ ସେବା ନିର୍ଭରଯୋଗ୍ୟତା ଉନ୍ନତ ହୋଇପାରିବ। ଏହି ଲାଇନ ଦୋହରୀକରଣ ପ୍ରକଳ୍ପଗୁଡ଼ିକର ପରିକଳ୍ପନା ଟ୍ରେନ ଚଳାଚଳକୁ ସୁବ୍ୟବସ୍ଥିତ କରିବା ସହ ଭିଡ଼ ହ୍ରାସ ପାଇଁ ଉଦ୍ଦିଷ୍ଟ। ପ୍ରକଳ୍ପଗୁଡ଼ିକ ପ୍ରଧାନମନ୍ତ୍ରୀଙ୍କ ନୂତନ ଭାରତର ଦୃଷ୍ଟିକୋଣ ଅନୁରୂପ ରହିଥିବା ବେଳେ ଏହା ସ୍ଥାନୀୟ ଲୋକଙ୍କ ପାଇଁ ବ୍ୟାପକ ➩ପୃଷ୍ଠା-୬



## କାନ ଡେରିଆ

ବନ୍ୟା ଅଞ୍ଚଳ ପରିଦର୍ଶନରେ
ଯେତେ ଟଙ୍କା ଖର୍ଚ୍ଚ ହେଲା
ନେତା ମନ୍ତ୍ରୀ ସିନା ବୁଲି
ଦେଖୁଥିଲେ
ରାଜକୋଷ ଅର୍ଥ ଗଲା
ଅର୍ଥ ପାଇଁ ସବୁ ପାଲା...
ଚାଉଳ ଚୁଡାକୁ ବାଣ୍ଟି ବାଣ୍ଟି
ଖାଲି
ଫୋଟୋ ଉଠେଇବା ଥିଲା।

■ ଦେବାଶିଷ

### ଲୋକସେବା ଭବନରେ ଗଳି ଯାଉଛନ୍ତି ବାହାର ଲୋକ
# ଶୀତଳଭଣ୍ଡାରରେ ୱାଇଫାଇ ଆଇକାର୍ଡ



**ହୋଇପାରୁନି ହାଇଟେକ ସୁରକ୍ଷା ବ୍ୟବସ୍ଥା**

**ଭୁବନେଶ୍ୱର,୩୧।୭(ସଂଚାର ବ୍ୟୁରୋ):** ରାଜ୍ୟ ପ୍ରଶାସନର ମୁଖ୍ୟାଳୟ ଲୋକସେବା ଭବନର ସୁରକ୍ଷା ବ୍ୟବସ୍ଥାରେ ଆଖିଦୃଶିଆ ଉନ୍ନତି ଆସିପାରୁନାହିଁ। ପୁରୁଣାକାଳିଆ ପରିଚୟପତ୍ର ବ୍ୟବସ୍ଥା ଯୋଗୁଁ ଏହାର ନକଲ କରିବା ବେଶ୍ ସହଜ ହେଉଛି ଏବଂ ଦଲାଲମାନେ ଅତି ଆରାମରେ ଏହି ହାଇ ସିକ୍ୟୁରିଟି ଜୋନ୍‌ରେ ପ୍ରବେଶ କରିଯାଉଛନ୍ତି। ପ୍ରଶାସନିକ କାର୍ଯ୍ୟରେ ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ (ଏଆଇ)ର ବ୍ୟବହାର ପାଇଁ ସରକାର ପ୍ରସ୍ତୁତି ଚଳାଇଥିବା ବେଳେ ସୁରକ୍ଷା ବ୍ୟବସ୍ଥା କେବେ ହାଇଟେକ୍ ହେବ, ତାହା ଉପରେ ସମସ୍ତଙ୍କ ନଜର ରହିଛି।

ନିକଟରେ ଲୋକସେବା ଭବନକୁ ସରକାରୀ କର୍ମଚାରୀଙ୍କ ଭଳି ଆଇକାର୍ଡ ପକାଇ ଯା’ଆସ କରୁଥିବା ଜଣେ ବ୍ୟକ୍ତିଙ୍କୁ ସୁରକ୍ଷାକର୍ମୀମାନେ ଗିରଫ କରିଥିଲେ। କିନ୍ତୁ ଗିରଫ ପୂର୍ବରୁ ସମ୍ପୃକ୍ତ ବ୍ୟକ୍ତି ଏକାଧିକ ବାର ସଚିବାଳୟରେ ବିନା ବାଧାରେ ପ୍ରବେଶ କରିଥିବା ଜଣାଯାଇଛି। କେବଳ ବେକରେ ଫିତାଟିଏ ପଡ଼ିଥିଲେ ବା ସରକାରୀ କର୍ମଚାରୀଙ୍କ ଭଳି ଫଟୋ ଲାଗିଥିବା ଆଇକାର୍ଡଟିଏ ଥିଲେ, ଲୋକସେବା ଭବନ ଭିତରେ ପ୍ରବେଶ କରିବା ଅତି ସହଜ। ତେଣୁ ଦଲାଲମାନେ ଏବେ ୫୦ ଟଙ୍କା ଖର୍ଚ୍ଚ କରି ଏଭଳି କାର୍ଡ ପ୍ରସ୍ତୁତ କରିଦେଉଛନ୍ତି। ଲୋକସେବା ଭବନ କର୍ମଚାରୀଙ୍କ ➩ପୃଷ୍ଠା-୬

### ଆକାଶକୁ ଥୁକୁଛନ୍ତି ନବୀନ
# ଦିଲ୍ଲୀରେ ମୋହନଙ୍କୁ ବଦନାମ ଚକ୍ରାନ୍ତ



**ଭୁବନେଶ୍ୱର,୩୧।୭ (ସଂଚାର ବ୍ୟୁରୋ):** ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଲୋକପ୍ରିୟତା ଓ ସାଧାରଣ ଲୋକଙ୍କ ମଧ୍ୟରେ ଗ୍ରହଣୀୟତାରେ ଈର୍ଷାନ୍ୱିତ ହୋଇପଡ଼ିଛି ବିଜେଡି। ଯେଉଁଥିପାଇଁ ଦିଲ୍ଲୀରେ ମୁଖ୍ୟମନ୍ତ୍ରୀଙ୍କୁ ବଦନାମ କରିବାକୁ ବିଜେଡି ଆରମ୍ଭ କରିଛି ରଣନୀତି। ରାଜ୍ୟରେ ଆଇନଶୃଙ୍ଖଳା ସ୍ଥିତିକୁ ନେଇ ବିଜେଡିର ଦିଲ୍ଲୀରେ ପ୍ରତିବାଦ ଓ ସଂସଦରେ ସ୍ୱତନ୍ତ୍ର ଆଲୋଚନା ପାଇଁ ପ୍ରସ୍ତାବ ଦେବାକୁ ନେଇ ଏବେ ଏଭଳି ଚର୍ଚ୍ଚା ହେଉଛି। ରାଜନୈତିକ ସମୀକ୍ଷକମାନେ ପ୍ରଶ୍ନ କରୁଛନ୍ତି ବିଜେଡି ଅମଳରେ ଘଟିଥିବା ଘଟଣା ସମୟରେ କାହିଁକି ବିଜେଡି ସ୍ୱତନ୍ତ୍ର ଆଲୋଚନା ପାଇଁ ନିଜ ଆଡୁ ପ୍ରସ୍ତାବ ଦେଇଥିଲା କି? ରାଜ୍ୟରେ ଘଟିଥିବା କିଛି ଆଇନଶୃଙ୍ଖଳା ପରିସ୍ଥିତିକୁ ନେଇ ବିଜେଡି ସାଂସଦମାନେ ଦୁଇ ଦିନ ତଳେ ପ୍ରଥମେ ଜାତୀୟ ମହିଳା କମିଶନ ଅଧ୍ୟକ୍ଷାଙ୍କୁ ଭେଟିଲେ। ତା’ପରେ ସଂସଦ ପରିସରରେ ଥିବା ଗାନ୍ଧୀମୂର୍ତ୍ତି ତଳେ ନିରବ ପ୍ରତିବାଦ କଲେ। ଏବେ ପୁଣି ସଂସଦରେ ସ୍ୱତନ୍ତ୍ର ଆଲୋଚନା ପାଇଁ ପ୍ରସ୍ତାବ ଦେଇଛନ୍ତି। ବିଜେଡିର ଏହି ରଣନୀତିକୁ ନେଇ ରାଜନୈତିକ ମହଲରେ ନାନା ଚର୍ଚ୍ଚା ହେଉଛି। ଚର୍ଚ୍ଚା ହେଉଛି, ଲୋକଙ୍କୁ ପାଖ ପୂରାଉ ନ ଥିବା ନବୀନ ପଟ୍ଟନାୟକ ମୋହନଙ୍କ ସାଧାରଣ ଲୋକଙ୍କ ମଧ୍ୟରେ ଗ୍ରହଣୀୟତାକୁ ନେଇ ଈର୍ଷାନ୍ୱିତ ହୋଇପଡ଼ିଛନ୍ତି। ଶ୍ରୀ ମାଝୀ ନିଜେ ଲୋକଙ୍କ ଅଭିଯୋଗ ଶୁଣିବା, ସବୁ ବର୍ଗର ଲୋକଙ୍କୁ ଭେଟିବା, ସବୁ ସଂଗଠନର ଦାବିକୁ ଗ୍ରହଣ କରିବା ତାଙ୍କର ୟୁଏସପି ➩ପୃଷ୍ଠା-୬

## ଚକ୍ଷୁଦାନ କରି ଅମର ହେଲେ ସଦୀପ୍ତ



**ରାଜନଗର,୩୧।୭ (ସଂଚାର ବ୍ୟୁରୋ):** ରାଜନଗର ଥାନା ଅନ୍ତର୍ଗତ କୁରୁଣ୍ଡି ପଞ୍ଚାୟତ ଚକ୍ରଧରପୁର ଗାଁର ଯୁବ ପ୍ରତିଭା ସଦୀପ୍ତ ଦାସଙ୍କ (୫୧ )ବର୍ଷ ବୟସରେ ଗତ ମଙ୍ଗଳବାର ଦିନ ହୃଦଘାତରେ ପରଲୋକ ଘଟିଛି।ସ୍ୱର୍ଗତ ଦାସ ଏକ ଘରୋଇ ନିଉଜ ଚ୍ୟାନେଲରେ ଏରିଆ ମ୍ୟାନେଜର ଭାବେ କାମ କରୁଥିଲେ। ସକାଳ ୮ ଟା ରେ ହୃଦଘାତ ହେବାରୁ ଦେହ ଭଲ ଲାଗୁନି କହି ଶରୀର ସମ୍ପୂର୍ଣ୍ଣ ଝାଳରେ ବୁଡିଯାଇଥିଲା। ପରିବାର ଲୋକେ ତାଙ୍କୁ ସଙ୍ଗେ ସଙ୍ଗେ ଭୁବନେଶ୍ୱର ର ଏକ ଘରୋଇ ହସ୍ପିଟାଲ କୁ ନେଇଥିଲେ। ମାତ୍ର ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମୃତ୍ୟୁ ପରେ ପୋଷ୍ଟମର୍ଟମ ପାଇଁ ଭୁବନେଶ୍ୱର କ୍ୟାପିଟାଲ ହସ୍ପିଟାଲ ନିଆଯାଇଥିଲା।ସେଠାରେ ପରିବାର ଲୋକେ ତାଙ୍କ ଚକ୍ଷୁଦାନ କରିଥିଲେ। ପୋଷ୍ଟମର୍ଟମ ପରେ ନିଜ ଗାଁକୁ ଅଣାଯାଇ ଗାଁ ମାଶାଣୀ ରେ ଶେଷକୃତ୍ୟ ସମ୍ପର୍ଣ୍ଣ କରାଯାଇଥିଲା। ଶେଷକୃତ୍ୟ ସମ୍ପର୍ଣ୍ଣ ବେଳେ କଳିକତା ଓ ଭୁବନେଶ୍ୱର ରୁ କମ୍ପାନୀର ପ୍ରତିନିଧି ଦଳ ପହଁଚି ତାଙ୍କର ଶେଷକୃତରେ ସାମିଲ ହୋଇଥିଲେ।ସେ ଜଣେ ସୁଦକ୍ଷ କ୍ରିକେଟ ଖେଳାଳୀ ଭାବେ ଜିଲ୍ଲା ଓ ରାଜ୍ୟ ରେ ନା କମାଇ ଥିଲେ। ସଦୀପ୍ତଙ୍କ ମୃତ୍ୟୁରେ ସମଗ୍ର ଚକ୍ରଧରପୁର ଗାଁରେ ଶୋକର ଛାୟା ଖେଳିଯାଇଛି।

## ଏବେବି ବିପଦ ସଂକେତ ଉପରେ ବ୍ରାହ୍ମଣୀ





- ବିଭିନ୍ନ ଅଂଚଳରେ କୁମ୍ଭୀର ଦେଖି ଲୋକେ ଭୟଭୀତ
- ସହାୟତା ପାଇଁ ଗଣେଶ୍ୱର ଓ ଧ୍ରୁବଙ୍କ ଦାବି
- ବାହ୍ୟଜଗତରୁ ବିଚ୍ଛିନ୍ନ ସିଂହଗାଁରେ ଡାକ୍ତରୀ ଟିମ

**ପଟ୍ଟାମୁଣ୍ଡାଇ,୩୧।୭ (ସଂଚାର ବ୍ୟୁରୋ):** ବ୍ରାହ୍ମଣୀ ନଦୀରେ ଦେଖା ଦେଇଥିବା ବନ୍ୟା ୨ୟ ବନ୍ୟାର ୩/୪ ଦିନ ପରେ ମଧ ବନ୍ୟାଜଳ ବିପଦ ସଂକେତ ଉପରେ ରହିଛି । ଗତକାଲି ଅଳଷା ଠାରେ ୧୮. ୨୫ ଥିବାବେଳେ ଆଜି ସନ୍ଧ୍ୟା ସୁଦ୍ଧା ୧୭. ୧୦ ରହିଛି । ଏଠାରେ ବିପଦ ସଂକେତ ସରକାରୀ ଭାବେ ବ୍ରିଟିଶ ଅମଳରୁ ୧୭ ଫୁଟ ରହିଛି । ବନ୍ୟା କମିଥିଲେ ମଧ ବିପନ୍ନଲୋକ ମାନଙ୍କ ଦୁର୍ଦ୍ଦଶା ବଢ଼ିବାରେ ଲାଗିଛି । ବିପନ୍ନ ଅଞ୍ଚଳରେ ଅତ୍ୟାବଶ୍ୟକ ସାମଗ୍ରୀର ଅଭାବ ଦେଖାଦେଇଛି । ରାସ୍ତାଘାଟ ବୁଡି ଯାଇଥିବାରୁ ଗମନା ଗମନ ବାଧାପ୍ରାପ୍ତ ହୋଇଛି । ବନ୍ୟା ଯୋଗୁଁ ଗରିବ ଖଟିଖିଆ ମୁଲିଆ ଶ୍ରେଣୀର ଲୋକମାନେ କାମକୁ ଯାଇ ନପାରି ଭୋକ ଉପାସରେ କାଳାତିପାତ କରୁଛନ୍ତି । ବିଦ୍ୟୁତ ଓ ଟେଲି ସେବା ପ୍ରଭାବିତ ହୋଇଛି । ଚାଷ ଜମି ବୁଡି ଯାଇଥିବାରୁ ଗାଈ ଗୋରୁ ଛେଳିମେଣ୍ଢାମାନେ ଚରିବାକୁ ଯାଇନପାରି ଡହଳବିକଳ ହେଉଛନ୍ତି । ଆଜି ନାଳକଣ୍ଡପୁର ଚୋଖମାଳି ଓ ଡାମରପୁର ଜେଟୀପାଖରେ କୁମ୍ଭୀର ଦେଖି ଲୋକମାନେ ଭୟ ଭୀତ ହୋଇଥିବାବେଳେ ସମଗ୍ର ବନ୍ୟାଞ୍ଚଳରେ କୁମ୍ଭୀର ଭୟ ଲାଗି ରହିଛି । ଗତକାଲି କେନ୍ଦ୍ରାପଡା ଜିଲ୍ଲା ପାଳ ରଘୁରାମ ଆର ଆୟାର ଓ ବିଡ଼ିଓ ଅଶୋକ ମହାନ୍ତି ପ୍ରଶାସନିକ ଅଧିକାରୀଙ୍କ ସହ ପଟ୍ଟାମୁଣ୍ଡାଇ ବ୍ଲକ ଓ ପୌରାଞ୍ଚଳର ବନ୍ୟା ସ୍ଥିତି ଦେଖିବା ସହିତ ଆବଶ୍ୟକ ସ୍ଥାନେ ବୋଟ ଓ ଗୋ ଖାଦ୍ୟ ବଣ୍ଟନ ସମେତ ସମସ୍ତ ପଦକ୍ଷେପ ନେବାକୁ ଜିଲ୍ଲା ପାଳ ନିର୍ଦ୍ଦେଶ ଦେବା ପରେ ପ୍ରଶାସନ ତତ୍ପର ହୋଇପଡିଛି। ପଟ୍ଟାମୁଣ୍ଡାଇ ବ୍ଲକ ଓ ପୌରାଞ୍ଚଳ ର ବନ୍ୟା ବିପନ୍ନ ଲୋକମାନେ ବ୍ରାହ୍ମଣୀ ନଦୀରେ ବାରମ୍ବାର ବନ୍ୟା ଯୋଗୁଁ ଦୁର୍ଦ୍ଦଶା ମଧ୍ୟରେ ରହିଥିବା ଅନୁଭବ କରି ବିପନ୍ନ ଲୋକମାନଙ୍କ ସମସ୍ତ ସହାୟତା ଯୋଗାଇ ଦେବା ପାଇଁ କେନ୍ଦ୍ରାପଡ଼ା ବିଧାୟକ ଗଣେଶ୍ୱର ବେହେରା ଓ ରାଜନଗର ବିଧାୟକ ଧ୍ରୁବ ସାହୁ ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କ ନିକଟରେ ଦାବୀ କରିଛନ୍ତି ।

## ସହକାରୀ ଯନ୍ତ୍ରୀଙ୍କ ବିରୋଧରେ ଜାତିଗତ ଆକ୍ଷେପ ଅଭିଯୋଗ

**କେନ୍ଦ୍ରାପଡା,୩୧।୭ (ସଂଚାର ବ୍ୟୁରୋ):** କେନ୍ଦ୍ରାପଡା ଗ୍ରାମୀଣ ଜଳ ଯୋଗାଣ ସଂସ୍ଥାର ସହକାରୀ ଯନ୍ତ୍ରୀଙ୍କ ବିରୋଧରେ ଟାଉନ ଥାନାରେ ଅଭିଯୋଗ ହୋଇଛି । ହିତାଧିକାରୀ ମହିଳା ମାନଙ୍କୁ ଅଶ୍ଳୀଳ ବ୍ୟବହାର, ଜାତିକୁ ନେଇ ଆକ୍ଷେପ ଓ ଟେଲାପେଲା କରିବା ଅଭିଯୋଗରେ କେନ୍ଦ୍ରାପଡା ସଦର ଥାନା ଅଧିନ ଦୁଗିଆଳ ଗ୍ରାମର ଲକ୍ଷ୍ମୀପ୍ରିୟା ସେଠୀ ସ୍ୱା-ଶରତ ସେଠୀ ଅଭିଯୋଗ କରିଛନ୍ତି । ଅଭିଯୋଗ ମୁତାବକ ଦୁଗିଆଳ ଗ୍ରାମରେ ଦୀର୍ଘଦିନ ରୁ ଲାଗି ରହିଥିବା ପାନୀୟ ଜଳ ସଙ୍କଟ ଦୂର କରିବା ପାଇଁ ନଳକୂପ କରିବାକୁ ମଞ୍ଜୁରି ହୋଇଥିଲେ ମଧ ଏହାକୁ ଦାୟିତ୍ୱରେ ଥିବା ସରକାରୀ ଯନ୍ତ୍ରୀ ବିଭୁତ ଦାସ ଅନ୍ୟତ୍ର ବସାଇବା ଓ କାଟି ଦେଇଥିବା ବିଷୟରେ ସେହି ଗ୍ରାମର ମହିଳା ମାନେ କାର୍ଯ୍ୟାଳୟକୁ ଯାଇଥିଲେ । ମାତ୍ର ସହକାରୀ ଯନ୍ତ୍ରୀ ଶ୍ରୀ ଦାସ ସଂପୃକ୍ତ ମହିଳା ମାନଙ୍କ ଅଭିଯୋଗ ସମାଧାନ କରିବା ପରିବର୍ତ୍ତେ ସେମାନଙ୍କୁ ଦୁର୍ବ୍ୟବହାର କରିବା ସହ ଜାତିଗତ ଆକ୍ଷେପ କରି କାର୍ଯ୍ୟାଳୟ ରୁ ଠେଲି ବାହାର କରି ଦେଇଥିଲେ ବୋଲି ଅଭିଯୋଗ ହୋଇଛି । ଥାନା କେଶ ନଂ ୧୫୩/୨୫ ରେ ଏକ ମାମଲା ରୁଜୁ ହେବା ସହ ଏସଡିପିଓ ଜ୍ୟୋତି ରଂଜନ ଗୌଡ ଅଭିଯୋଗ ଉପରେ ଘଟଣା ସ୍ଥଳକୁ ଯାଇ ତଦନ୍ତ କରିବା ସହ ଅଭିଯୋଗକାରୀ ମାନଙ୍କ ବୟାନ ରେକର୍ଡ କରିଥିବା ଜଣାପଡିଛି । ତେବେ ସରକାର ଜନ ସାଧାରଣଙ୍କୁ ଉତମ ବ୍ୟବହାର ଦେଖାଇବାକୁ ସରକାରୀ ବାବୁ ମାନଙ୍କୁ ନିର୍ଦ୍ଦେଶ ଦେଇଥିବା ବେଳେ ମହିଳା ମାନଙ୍କୁ ସହକାରୀ ଯନ୍ତ୍ରୀଙ୍କ ଏପରି ବ୍ୟବହାର ର ତୀବ୍ର ନିନ୍ଦା କରାଯାଇଛି । ମାମଲା ର ଗୁରୁତ୍ୱ ଉପଲବ୍ଧି କରି ପୋଲିସ କି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଛି ଏହାକୁ ନେଇ ସ୍ଥାନୀୟ ଅଂଚଳରେ ଉତ୍ସୁକତା ପ୍ରକାଶ ପାଇଛି ।

### ରାଜନଗରରେ ବନ୍ୟା ପରିସ୍ଥିତି ଅପରିବର୍ତ୍ତିତ

# ୪ ପଞ୍ଚାୟତ ଲୋକଙ୍କ ଦୁର୍ଦ୍ଦଶା କହିଲେ ନସରେ



**ରାଜନଗର,୩୧।୭ (ସଂଚାର ବ୍ୟୁରୋ):** ରାଜନଗର ବ୍ଲକରେ ବନ୍ୟା ପରିସ୍ଥିତି ଅପରିବର୍ତ୍ତିତ ରହିଛି। ବ୍ଲକର ୪ ପଞ୍ଚାୟତର ୨୦ରୁ ଅଧିକ ଗାଁର ହଜାର ହଜାର ଲୋକ ବ୍ରାହ୍ମଣୀରେ ଦ୍ୱିତୀୟ ବନ୍ୟା ଆସିବା ଯୋଗୁଁ ୪ ଦିନ ହେବ ବନ୍ୟା ଘେରରେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସେପଟେ ମାଳ ମାଳ ବଉଳା କୁମ୍ଭୀରଙ୍କ ଆତଙ୍କ ପାଣି ଘେରରେ ଥିବା ଲୋକଙ୍କ ଆଖିରୁ ନିଦ ହଜାଇ ଦେଇଛି। ତୁହାକୁ ତୁହା ବର୍ଷା ସେମାନଙ୍କ ଜୀବନ ଜୀବିକାକୁ ଅଧିକ ଦୁର୍ବିସହ କରିଦେଇଛି।

ରିଲିଫ ମିଳିବା ସାତ ସପନ ହୋଇଛି ଯାହାକୁ ନେଇ ବନ୍ୟା ପ୍ରଭାବିତ ଲୋକମାନଙ୍କ ମଧ୍ୟରେ ଅସନ୍ତୋଷ ଦେଖିବାକୁ ମିଳିଛି। ଆଜି ରାଜନଗର ବିଡ଼ିଓ ଅନିରୁଦ୍ଧ ବେହେରା ବିପନ୍ନ ନିକଟରେ ପହଁଚି ପଚାରି ବୁଝିବା ସହିତ ଡଙ୍ଗା ଯୋଗେଇ ଦେଇଛନ୍ତି। ବନ୍ୟାରେ ସଂତପଡା ଗ୍ରାମର ବିଶ୍ୱାଳ ସାହିର ୧୦ ପରିବାର ଓ ବାରିକ ସାହିର ୪ ପରିବାର ୧୫ ଦିନ ହେବ ପାଣି ଘେରରେ ଅଛନ୍ତି। ଅପର ପକ୍ଷରେ ବନ୍ୟା ବିପନ୍ନ ଲୋକମାନେ ବର୍ଷକର ଧାନ ଫସଲ ପାଇଁ ପକାଇଥିବା ତଳି ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି। ଯେଉଁ ପନିପରିବା ଚାଷ କରିଥିଲେ ତାହା ପାଣିରେ ପଚିଶଢ଼ି ନଷ୍ଟ ହୋଇଯାଇଛି। ତୁରନ୍ତ ବିପନ୍ନ ଲୋକଙ୍କ ପାଖରେ ଶିଶୁ ଖାଦ୍ୟ ସହିତ ପର୍ଯ୍ୟାପ୍ତ ପରିମାଣରେ ଗୋ ଖାଦ୍ୟ, ବିଶୁଦ୍ଧ ପାନୀୟ ଜଳ, ଶୁଖିଲା ଖାଦ୍ୟ ସାମଗ୍ରୀ ଯୋଗାଇ ଦେବାକୁ ବିଧାୟକ ଧ୍ରୁବ ସାହୁ ରାଜ୍ୟ ସରକାରଙ୍କ ନିକଟରେ ଦାବି କରିଛନ୍ତି।

## ଆଜିଠୁ ଖୋଲିବ ଭିତରକନିକା

**ରାଜନଗର,୩୧।୭ (ସଂଚାର ବ୍ୟୁରୋ):** ଆଜିଠୁ ଦେଶ ବିଦେଶର ପର୍ଯ୍ୟଟକଙ୍କ ପାଇଁ ଖୋଲୁଛି ବିଶ୍ୱ ପ୍ରସିଦ୍ଧ ଭିତରକନିକା ଜାତୀୟ ଉଦ୍ୟାନ ଉଦ୍ୟାନ। ବଉଳା ବଉଳା କୁମ୍ଭୀରଙ୍କ ପ୍ରଜନନ ଋତୁ ପାଇଁ ପ୍ରତିବର୍ଷ ମଇ ୧ରୁ ଜୁଲାଇ ୩୧ ଦୀର୍ଘ ୩ ମାସ ଧରି ଭିତରକନିକା ବନ୍ଦ ରହିଥାଏ। ଏହି ସମୟରେ ଦେଶ ବିଦେଶର ପର୍ଯ୍ୟଟକଙ୍କ ଭିତରକନିକାରେ ପ୍ରବେଶ ଉପରେ କଟକଣା ଥାଏ। ଆଜିଠାରୁ ଦେଶ ବିଦେଶର ପର୍ଯ୍ୟଟକଙ୍କ ପାଇଁ ଭିତରକନିକା ଜାତୀୟ ଉଦ୍ୟାନକୁ ଖୋଲାଯାଇଛି। ଏଥିପାଇଁ ବନବିଭାଗ ପକ୍ଷରୁ ସମସ୍ତ ପ୍ରସ୍ତୁତି ଶେଷ ହୋଇଛି। ପର୍ଯ୍ୟଟକମାନେ ଭିତରକନିକା ମଧକୁ ପ୍ରବେଶ କରିବାକୁ ହେଲେ ପରିଚୟପତ୍ରକୁ ବାଧ୍ୟତାମୂଳକ କରାଯାଇଛି। ପର୍ଯ୍ୟଟକମାନେ ଗୁପ୍ତି, ଚାନ୍ଦବାଲି, ଖୋଲା ଓ ଡାଙ୍ଗମାଳ ପ୍ରଭୃତି ୪ଟି ପ୍ରବେଶ ପଥ ଦେଇ ଭିତରକନିକା ମଧକୁ ପ୍ରବେଶ କରିପାରିବେ। ଚଳିତବର୍ଷ ଭିତରକନିକାକୁ ସମ୍ପୂର୍ଣ୍ଣ ଭାବେ ପଲିଥିନମୁକ୍ତ କରାଯାଇଛି ଓ ପର୍ଯ୍ୟଟକମାନେ ପଲିଥିନ ଓ ପ୍ଲାଷ୍ଟିକ ସାମଗ୍ରୀ ଜାତୀୟ ଉଦ୍ୟାନ ମଧକୁ ନଆଣିବା ପାଇଁ ବନବିଭାଗ ପକ୍ଷରୁ ନିବେଦନ କରାଯାଇଛି।

### ଓଳାଭର କଲେଜ ଗୃହ ନିର୍ମାଣରେ ଚଞ୍ଚକତା

## କାମ ଗୋଟିଏ ବିଲ୍ ଦୁଇ ଥର, ଭିଜିଲାନ୍ସ ତଦନ୍ତ ଦାବି



**ରାଜକନିକା,୩୧।୭ (ସଂଚାର ବ୍ୟୁରୋ):** ରାଜକନିକା ବ୍ଲକ ଅନ୍ତର୍ଗତ ଓଳାଭର କଲେଜର ଷ୍ଟାଫ୍ ରୁମ୍, କମନ୍ ରୁମ୍ ଆଉ ପାଇଖାନା ଘର ନିର୍ମାଣରେ ଚଞ୍ଚକତା କରାଯାଇ ଗୋଟିଏ କାମକୁ ଦୁଇ ଦୁଇ ଥର ବିଲ୍ ହୋଇ ଥିବାର ଅଭିଯୋଗ ହୋଇଛି।

ସୂଚନା ଅନୁଯାୟୀ ଫନି ବାତ୍ୟା ଫଣ୍ଡ ବାବଦେ ୨୦୨୨-୨୩ ମସିହାରେ ଓଳାଭର କଲେଜର କଂଷ୍ଟ୍ରକସନ କାମ କମନ ରୁମ୍, ଷ୍ଟାଫ୍ ରୁମ୍ ଆଉ ପାଇଖାନା ନିର୍ମାଣ ପାଇଁ ୯ ଲକ୍ଷ କରି ଦୁଇ ଥର ସମୁଦାୟ ୧୮ ଲକ୍ଷ ଟଙ୍କା ବ୍ୟୟରେ କାମ ହୋଇ ଥିବା ନେଇ ଫଳକରେ ସୂଚିତ ହୋଇଛି । ସେତେବେଳେ ବି ଏହି କାମରେ ବ୍ୟାପକ ଅନିୟମିତତା ସହିତ ନିମ୍ନମାନର କାମ ହେଉଥିବା ନେଇ ଅଭିଯୋଗ ହେଉଥିଲା। ହେଲେ ତାଜୁବ କଲା ଭଳି କଥା ହେଉଛି ଯେ ଏହି କାମଟି ଏଯାବତ୍ ଅସମ୍ପୂର୍ଣ୍ଣ ଥିବା ବେଳେ କିନ୍ତୁ କେସ୍ ନମ୍ବର ୨୦୭/୨୨-୨୩ରୁ ଜଣାପଡିଛି ଯେ ପୁଣି ୫ ଲକ୍ଷ ଟଙ୍କା ଏହି କାମ ନିମନ୍ତେ ଉଠାଣ ହୋଇଛି। ଯାହାକି ବିଶ୍ୱସ୍ତ ସୁତ୍ରରୁ ଜଣା ପଡିଛି। ଏମିତିକି

### ଫଲ୍ସ ବିଲ୍ କରି ଖାଇଗଲେ

କଲେଜର ଅଧକ୍ଷ ବି ଏ ସମ୍ପର୍କରେ ଜାଣି ନାହାନ୍ତି ବୋଲି ଜଣାପଡିଛି।

ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଏହି କାମର ଫଳକ କିନ୍ତୁ ୧୮ରେ ଲକ୍ଷ ଟଙ୍କାର ଥିବା ବେଳେ ପାଞ୍ଚ ଲକ୍ଷ ଟଙ୍କାର ଫଳକ ଏଡିଟିଙ୍ଗ୍ ହୋଇ କାଗଜ ପତ୍ରରେ ଥିବାର ଜଣାପଡିଛି। ଯାହାକି ଏଥିରେ ବ୍ୟାପକ ଚଞ୍ଚକତା ସହିତ ଗୋଟିଏ ବିଲଡିଂକୁ ଦୁଇ ଦୁଇ ଥର ବିଲ୍ ହୋଇଥିବାର ଅଭିଯୋଗ ହୋଇଛି । ତୁରନ୍ତ ଏଭଳି ଏକ ସମ୍ବେଦନଶୀଳ ପ୍ରସଙ୍ଗକୁ ନୂତନ ଭାବେ ଯୋଗଦେଇଥିବା ଜିଲ୍ଲାପାଳ ଅନୁଧ୍ୟାନ କରି ପଦକ୍ଷେପ ନେବାକୁ ଓଳାଭର ଅଞ୍ଚଳର ସଚେତନ ନାଗରିକ ଦାବି କରିଛନ୍ତି ।

### ଖବର ପ୍ରସାରଣ ପରେ ତତ୍ପର ହେଲା ପ୍ରଶାସନ

## ମଟରରେ ରାସ୍ତାରୁ କଢ଼ାଗଲା ପାଣି

**ମହାକାଳପଡ଼ା,୩୧।୭ (ସଂଚାର ବ୍ୟୁରୋ):** 'ସଂଚାର'ରେ ଘନଘନ ଖବର ପ୍ରକାଶ ପରେ ପ୍ରଶାସନ ତରଫରୁ ତ୍ୱରିତ ପଦକ୍ଷେପ ଗ୍ରହଣ କରାଯାଉଛି। ଗତକାଲି ଘଟଣା ସ୍ଥଳରେ



ମହାକାଳପଡ଼ା ତହସିଲଦାର ଶିବ ମଲ୍ଲିକ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିକି ଆସିବା ପରେ ଆଜି ରାସ୍ତାରେ ଜମି ରହିଥିବା ନର୍ଦ୍ଦମା ପାଣିକୁ ମଟର ଲଗାଇ ନିଷ୍କାସନ କରାଯାଇଛି।

ମହାକାଳପଡା ବ୍ଲକ ବାରଡାଙ୍ଗ ପଞ୍ଚାୟତ ଅନ୍ତର୍ଗତ ପାରେଶ୍ୱରପୁର ଗ୍ରାମର ଢଳେଇ ରାସ୍ତା ଉପରେ ଲହଡ଼ି ମାରୁଥିଲା ନର୍ଦ୍ଦମା ପାଣି। ଜଳନିଷ୍କାସନ ହୋଇ ନପାରିବାରୁ ପାଣି ଜମି ଲୋକେ ହନ୍ତସନ୍ତ ହେଉଥିଲେ। ଦୀର୍ଘ ୧୦ ବର୍ଷ ଧରି ଦୁଇ ପଟରେ ଜଳନିଷ୍କାସନ ପଥ ଅବରୋଧ ହୋଇ ରହିଥିଲା। କୁନି କୁନି ପିଲାମାନଙ୍କ ଠାରୁ ଆରମ୍ଭ କରି ଜନସାଧାରଣ ଏହି ନର୍ଦ୍ଦମା ପାଣିରେ ପଶି ଯାତାୟତ କରିବାକୁ ବାଧ ହେଉଥିଲେ। ତୁରନ୍ତ ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଇ ଜଳନିଷ୍କାସନ ପାଇଁ ବ୍ୟବସ୍ଥା କରିବାକୁ ଗ୍ରାମବାସୀ

### କରାଯିବ ଜଳ ନିଷ୍କାସନ ନାଳ

ଦାବି କରିବା ପରେ ଦୈନିକ ଖବରକାଗଜ 'ସଂଚାର'ରେ ତା ୨୯ ଜୁଲାଇରେ "ରାସ୍ତାରେ ଲହଡ଼ି ମାରୁଛି ନର୍ଦ୍ଦମା ପାଣି" ଶୀର୍ଷକ ଖବର ପ୍ରକାଶ ପାଇଥିଲା।

ଆଜି ସରପଞ୍ଚଙ୍କ ଉଦ୍ୟମରେ ଜମିଥିବା ନର୍ଦ୍ଦମା ପାଣି ମଟର ଯୋଗେ ନିଷ୍କାସନ କରାଯାଇଛି। ତୁରନ୍ତ ବିଭାଗ ତରଫରୁ ସେଠାରେ ଏକ ଜଳ ନିଷ୍କାସନ ନାଳ କାର୍ଯ୍ୟ କରାଯିବ ବୋଲି ମହାକାଳପଡ଼ା ବିଡ଼ିଓ ସୌମ୍ୟଶ୍ରୀ ପାଣିଗ୍ରାହୀ କହିଛନ୍ତି। ଅନ୍ୟପକ୍ଷରେ ସେଠାରେ ମାପଚୁପ ପରେ ଜବରଦଖଲ ଉଚ୍ଛେଦ ପାଇଁ ପ୍ରକ୍ରିୟା ଆରମ୍ଭ କରାଯିବ ବୋଲି ତହସିଲଦାର ସୂଚନା ଦେଇଛନ୍ତି।

## ସ୍କୁଲ ଜମି ଲିଜ ବାତିଲ ପାଇଁ ଜିଲ୍ଲାପାଳଙ୍କଠାରେ ଦାବି

**କେନ୍ଦ୍ରାପଡା,୩୧।୭ (ସଂଚାର ବ୍ୟୁରୋ):** କେନ୍ଦ୍ରାପଡା ତହସିଲ ଅଧିନରେ ଥିବା କପାଳେଶ୍ୱର ମୌଜାରେ ଥିବା କପାଳେଶ୍ୱର ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ସମ୍ପତିକୁ ଜଣେ ବ୍ୟକ୍ତିଗତ ଲୋକଙ୍କୁ ଲିଜ ଦେବା ନେଇ ଏକ ଅଭାବନୀୟ ଘଟଣା ଘଟିଥିବାରୁ ସ୍କୁଲର ଶତାଧିକ ଅଭିଭାବକ ଲିଜ ବାତିଲ କରିବା ପାଇଁ ଦାବି କରିଛନ୍ତି । ଦାବି ମୁତାବକ ସ୍କୁଲ ଜମିକୁ ଲିଜ ସୂତ୍ରରେ ଦେଇଥିବା ଘଟଣା ଜଣାପଡିବା ପରେ ଛାତ୍ରଛାତ୍ରୀ, ଅଭିଭାବକ ଓ ସ୍କୁଲର ଶିକ୍ଷକ ମାନଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି । କେନ୍ଦ୍ରାପଡା ବ୍ଲକ କପାଳେଶ୍ୱର ପଂଚାୟତ ରେ ଥିବା କପାଳେଶ୍ୱର ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ର ଜମି ପ୍ଲଟ ନଂ ୬୪୨ ଓ ୬୪୧ ପ୍ରାୟ ୫୦ ଡିସିମିଲ ଜମି ଉପରେ ଦୀର୍ଘ ବର୍ଷ ହେଲା ସ୍କୁଲ ଅବସ୍ଥାପିତ । ସ୍କୁଲ ପରିସର ରେ ଅଙ୍ଗନୱାଡି କେନ୍ଦ୍ର, ଶୌଚାଳୟ ଓ ଛାତ୍ରଛାତ୍ରୀ ମାନେ ଖେଳିବା ପାଇଁ ଆବଶ୍ୟକ ଜାଗା ରହିଛି । ଏହି ଜାଗାକୁ ସ୍ଥାନୀୟ ଅଂଚଳର ବାସନ୍ତୀ ସେଠୀ ନାମକ ଜଣେ ମହିଳା ପ୍ଲଟ ନଂ-୬୪୧, ଖାତା ନଂ-୫୫୫/୬୪୯ ରକବାରେ ଥିବା ଏ୦.୦୫୦ ଡି (ଘରବାରି) ମୌଜା-କପାଳେଶ୍ୱର ସମ୍ପତିକୁ ୨୦୧୨ ମସିହାରେ ବେଆଇନ ଭାବରେ ଲିଜ କେଶ ନଂ-୩୭/୨୦୧୩ ରେ ମକଦ୍ଦମା କରି ନିଜ ନାମରେ କରି ନେଇଛନ୍ତି । ଏବେ ଏହାକୁ ଦଖଲରେ ନେବାପାଇଁ ମାନ୍ୟବର ଉଚ୍ଚ ନ୍ୟାୟାଳୟ ର ଦ୍ୱାରସ୍ଥ ହେବାରୁ ଉଚ୍ଚ ନ୍ୟାୟାଳୟର ନିର୍ଦ୍ଦେଶ କ୍ରମେ ଜାଗା ଚିହ୍ନଟ କରିବାକୁ ଯାଇଥିବା କେନ୍ଦ୍ରାପଡା ତହସିଲ ର ଆରଆଇ, ଅମିନ ଘଟଣା ସ୍ଥଳରେ ପହଁଚିବା ପରେ ଘଟଣା ଜଣାପଡି ଥିଲା । ସ୍କୁଲର ଅଧାରୁ ଅଧିକ ସମ୍ପତି ଲିଜ ରେ ଯାଇଥିବା ଜଣାପଡିବା ପରେ ଏହି ସ୍କୁଲର ଭୂ-ସମ୍ପତିର ଲିଜକୁ ତୁରନ୍ତ ବାତିଲ କରିବା ପାଇଁ ସ୍କୁଲ ପରିଚାଳନା କମିଟି, ସ୍ଥାନୀୟ ଅଂଚଳର ବାସିନ୍ଦା ଓ ସ୍କୁଲର ଶିକ୍ଷକ, ଶିକ୍ଷୟିତ୍ରୀ ମାନେ ଜିଲ୍ଲପାଳଙ୍କ ଦ୍ୱାରସ୍ଥ ହୋଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଛନ୍ତି । ଏହ ଦାବିପତ୍ର ପ୍ରଦାନ ସମୟରେ ସରପଂଚଙ୍କ ପ୍ରତିନିଧି ଲୋହିତ କୁମାର ମହାନ୍ତି, ଗୁଲନଗର ସମାୟ ସମିତି ସଭାପତି ବିଷ୍ଣୁ ମହାପାତ୍ର, ହରି ନାରାୟଣ ମଲିକ, ବୈଷ୍ଣ ଚରଣ ବଳ, ହିଂମାଂଶୁ ବେହେରା, ରାକେଶ ରାୟ ସମେତ ଗ୍ରାମର ବହୁ ବିଶିଷ୍ଟ ବ୍ୟକ୍ତି ଉପସ୍ଥିତ ଥିଲେ । ତେବେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ରବିନ୍ଦ୍ର କୁମାର ମଲିକ ଘଟଣାର ସମାଧାନ କରିବା ନିମନ୍ତେ ପ୍ରତିଶୃତି ଦେଇଥିବା ଜଣାପଡିଛି ।

## ଯୋର ଜମି ଜବରଦଖଲ ଅଭିଯୋଗ

**ଡେରାବିଶ,୩୧।୭ (ସଂଚାର ବ୍ୟୁରୋ):** ଡେରାବିଶ ତହସିଲ ଅଧୀନରେ ଥିବା ଛୋଟି ପଂଚାୟତ ଅନ୍ତର୍ଗତ ଛୋଟି ଗ୍ରାମରେ ଏକ ଯୋର ଜମି ଜବରଦଖଲ ହୋଇଥିବା ନେଇ ତହସିଲରେ ଅଭିଯୋଗ ହୋଇଛି । ସ୍ଥାନୀୟ ଗ୍ରାମର ଭରତ ମଲ୍ଲିକ ଓ ବସନ୍ତ ମଲ୍ଲିକ ଯୋର ଜମିକୁ ଲଗାଇ ଘର ଓ ମାର୍କେଟ କମ୍ପ୍ଲେକ୍ସ ନିର୍ମାଣ

### ପାଣି ନିଷ୍କାସନ ବାଟ ବନ୍ଦ, ଚାଷୀ ମୁଣ୍ଡରେ ଚଡ଼କ

କରିଥିବା ଅଭିଯୋଗ ହୋଇଛି। ଏଥିସହିତ ବାଲି ପକାଇ ଯାତାୟାତ କରୁଥିବା ଅଭିଯୋଗ ହେଉଛି। ସରକାରୀ ଜମିକୁ ଜବରଦଖଲ କରିବା ସହ ଯୋର ଜମିକୁ ସମ୍ପୂର୍ଣ୍ଣ ଖାଇକରି ଦେଇଥିବାରୁ ଜଳ ନିଷ୍କାସନ ହୋଇପାରୁ ନ ଥିବା ଅଭିଯୋଗ ହୋଇଛି। ପାଣି ଯେଉଁ ଦିଗକୁ ନିଷ୍କାସନ ହେବାକଥା, ତା'ର ବିପରୀତ ଦିଗକୁ



ଛଡ଼ାଯାଉଛି। ଯାହା ଚାଷୀଙ୍କ ରୁଆ ଜମି ବୁଡ଼ିବାକୁ ଗଲାଣି। ଏହା ଦେଖି ଅବରୋଧ କରିଥିବା ଲୋକେ ରାତିରେ ମେସିନ ସାହାଯ୍ୟରେ ପ୍ରାୟ ୩୦୦ ଫୁଟ ପର୍ଯ୍ୟନ୍ତ ରାସ୍ତାକୁ ନାଳ ଖୋଳିଥିବା ଦେଖିବାକୁ ମିଳିଛି। ଫଳରେ ଯାତାୟାତରେ ସମସ୍ୟା ସୃଷ୍ଟି ହୋଇଛି ।

ଏ ସମ୍ପର୍କରେ ଡେରାବିଶ ତହସିଲଦାର ସରୋଜକାନ୍ତ ନାୟକଙ୍କୁ ପଚାରିବାରୁ ସେ କହିଛନ୍ତି, ଅଭିଯୋଗ ପାଇଛୁ। ଏହାର ତଥ୍ୟ ଛୋଟି ଆରାଇଙ୍କୁ ମଗାଯାଇଛି ଓ ଅବରୋଧ ହୋଇଥିଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଏ ବିଷୟରେ ଗ୍ରାମର ଅକ୍ଷୟ ଜେନା, ଜଗନ୍ତ ଜେନା, ରଞ୍ଜିତ ପରିଡ଼ା, ଦାମୋଦର ଜେନା, ନାଏବ ସରପଞ୍ଚ କାର୍ତିକ ରାଉତ, ନାରାୟଣ ବଳ ପ୍ରମୁଖ ଡେରାବିଶ ତହସିଲଦାର, ଉପଜିଲ୍ଲାପାଳ ଓ ଛୋଟି ଆରାଇଙ୍କୁ ଅଭିଯୋଗ କରିଥିବା ଜଣାପଡିଛି। ଏହାର ତଦନ୍ତ କରାଯାଇ ସରକାରୀ ଜମି ଜବରଦଖଲ କରିଥିବା ଦୋଷୀଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି।

## ଚାନ୍ଦୋଳ ବସ୍‌ଷ୍ଟାଣ୍ଡ ମାପଚୁପ ବେଳେ ବିରୋଧ, ୫ ଅଟକ

**ଡେରାବିଶ,୩୧।୭ (ସଂଚାର ବ୍ୟୁରୋ):** ଡେରାବିଶ ସଦର ଥାନା ଚାନ୍ଦୋଳ ଫାଣ୍ଡି ଅଧୀନସ୍ଥ ଚାନ୍ଦୋଳ ବଜାରରେ ବସଷ୍ଟାଣ୍ଡ ଓ ଶୌଚାଳୟ ଜମି ମାପଚୁପ ବେଳେ ନିକଟସ୍ଥ ଜମି ମାଲିକଙ୍କ ପରିବାର ଲୋକ ମାପଚୁପକୁ ବିରୋଧ କରିବାରୁ ୨ ଜଣ ସଦର ଥାନାରେ ଅଟକ ଥିବା ଜଣାଯାଇଛି। ଘଟଣାରୁ ପ୍ରକାଶ ଯେ, ଚାନ୍ଦୋଳ ବଜାର ବସ୍ ଷ୍ଟାଣ୍ଡ ଓ ଶୌଚାଳୟ ନିର୍ମାଣ ପାଇଁ ଚାନ୍ଦୋଳ ବଜାର କମିଟି ତରଫରୁ ଡେରାବିଶ ବିଡିଓଙ୍କୁ ଅନୁରୋଧ କରାଯାଇଥିଲା।



ବିଡିଓଙ୍କ ପରାମର୍ଶକ୍ରମେ ତହସିଲ ପକ୍ଷରୁ କେନ୍ଦ୍ରପଡ଼ା ସଦର ପୁଲିସ୍ ଉପସ୍ଥିତିରେ ପୁନଃ ମାପଚୁପ ହୋଇ ଖୁଣ୍ଟ ପୋତା ଚାଲିଥିଲା ବେଳେ କେତେକ ମହିଳା ଖୁଣ୍ଟ ଉପାଡ଼ି ଦେଇଥିଲେ । ଫଳରେ ସେଠାରେ ଗଣ୍ଡଗୋଳ ପରିସ୍ଥିତି ସୃଷ୍ଟି ହୋଇଥିଲା। ଏସ୍‌ଆଇ ପ୍ରତାପ ରଥଙ୍କ ସହଯୋଗରେ କେନ୍ଦ୍ରାପଡ଼ା ସଦର ପୁଲିସ ଏହି ପରିବାରର ୨ ଜଣ ପୁରୁଷଙ୍କ ସମେତ ୩ ଜଣ ମହିଳାଙ୍କୁ ନେଇ ଥାନାରେ ଅଟକ ରଖିଥିଲେ। ରାତିରେ ୩ ଜଣ ମହିଳାଙ୍କୁ ଛାଡ଼ି ଦେଇଥିବା ଜଣାଯାଇଛି। ତହସିଲ ପକ୍ଷରୁ ଲିଖିତ ଅଭିଯୋଗ ପରେ କାର୍ଯ୍ୟାନୁଷ୍ଠାନ ହେବ ବୋଲି ଚାନ୍ଦୋଳ ଫାଣ୍ଡି ଅଧିକାରୀ ଶ୍ରୀ ରଥ ସୂଚନା ଦେଇଛନ୍ତି।

## ବନ୍ୟାଞ୍ଚଳ ଲୋକଙ୍କ ଦୁଃଖ ବୁଝିଲେ କଂଗ୍ରେସ ବିଧାୟକ ଦଳ ନେତା



**କେନ୍ଦ୍ରାପଡ଼ା,୩୧।୭ (ସଂଚାର ବ୍ୟୁରୋ):** କେନ୍ଦ୍ରାପଡା ଜିଲ୍ଲାର ଆଳି ବ୍ଲକରେ ପ୍ରବାହିତ ବ୍ରାହ୍ମଣୀ,ଖରସ୍ରୋତା ଓ କାଣୀ ନଦୀରେ ବନ୍ୟା ଆସିବା ଫଳରେ ୧୭ଟି ପାୟତର ପ୍ରାୟ ୭୦ ହଜାରରୁ ଉର୍ଦ୍ଧ୍ୱ ଲୋକ ଏଥିରେ ପ୍ରଭାବିତ ହୋଇଛନ୍ତି। ପ୍ରଥମ ଓ ଦ୍ୱୀତିୟ ଥର ବନ୍ୟାରେ ଲୋକେ ନାହିଁନଥିବା ଦୁର୍ଦ୍ଦଶାର ସମ୍ମୁଖୀନ ହେଉଥିବା ବେଳେ ବିପନ୍ନଙ୍କ ପାଖରେ ସରକାରୀ ସହାୟତା ପହାଇବାରେ ପ୍ରଶାସନ ବିଫଳ ହୋଇଥିବା ଅଭିଯୋଗ କରି ଓଡ଼ିଶା ବିଧାନସଭାର କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ ଗୁରୁବାର ଆଳି ବ୍ଲକର ବନ୍ୟାଞ୍ଚଳ ପରିଦର୍ଶନ କରି ତୁରନ୍ତ ଜଳବନ୍ଦୀରେ ଥିବା ଲୋକମାନଙ୍କୁ ସହାୟତା ପ୍ରଦାନ କରିବା ପାଇଁ ଦାବି କରି ସରକାରଙ୍କ ଅବହେଳାକୁ ଦାୟୀ କରିଛନ୍ତି । ଶ୍ରୀ କାଡାମ ପଦନିପାଳ ପାୟତର ଦୈତାରୀପୁର ସହ ବିଭିନ୍ନ ଗ୍ରାମର ବନ୍ୟା ବିପନ୍ନମାନଙ୍କୁ ଭେଟି ସେମାନଙ୍କ ସମାସ୍ୟା ସମ୍ପର୍କରେ ପଚାରି ବୁଝିଥିଲେ । ଦୀର୍ଘ ୨୪ ଦିନ ଧରି ଆଳି ଧୋଇଆ ଅଳର ୧୦ ପାୟତ ସହ ଏକମାଣିଆ, ମାଣିକପାଟଣା ଓ ନରେନ୍ଦ୍ରପୁର ପ୍ରଭୃତି ୭ଟି ପଂଚାୟତ ଲୋକମାନେ ବନ୍ୟା ପାଣି ଘେରରେ ରହିଛନ୍ତି । ସେମାନେ ପିଇବା ପାଣି ଟୋପେ ପାଇବା ପାଇଁ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଛନ୍ତି । ଗୃହପାଳିତ ପଶୁଙ୍କ ଖାଦ୍ୟ ସମାସ୍ୟା ମଧ ଦେଖା ଦେଇଛି । ବିଭିନ୍ନ ସ୍ଥାନରେ ଯୋଗାଯୋଗ ବିଚ୍ଛିନ୍ନ ହୋଇଯାଇଛି । ବିଶେଷ କରି ଗରୀବ ଓ ଶ୍ରମିକ ଶ୍ରେଣୀର ଲୋକମାନେ କାମଧନ୍ଦା ଅଭାବରୁ ଘରେ ବସି ରହିଛନ୍ତି । ପରିବାରର ଗୁଜୁରାଣ ମଣ୍ଟାଇବା ସେମାନଙ୍କ ପକ୍ଷେ ସମ୍ଭବପର ହେଉନାହିଁ । ଅନେକଙ୍କ ଘରେ ବନ୍ୟାପାଣି ପଶିଯିବାରୁ ସେମାନଙ୍କ ଦୈନନ୍ଦିନ ଚଳଣିରେ ସମାସ୍ୟା ସୃଷ୍ଟି ହୋଇଛି। ଏପରି ଅବସ୍ଥାରେ ପ୍ରଶାସନ ସହାୟତା ପ୍ରଦାନ କରୁନଥିବା ବିପନ୍ନମାନେ ଶ୍ରୀ କାଡାମଙ୍କ ନିକଟରେ ଅଭିଯୋଗ କରିଥିଲେ । ବନ୍ୟାଞ୍ଚଳ ପରିଦର୍ଶନ ପରେ ଶ୍ରୀ କାଡାମଙ୍କ ନେତୃତ୍ୱରେ ଆସିଥିବା କଂଗ୍ରେସର ଏକ ଟିମ ଜିଲ୍ଲାପାଳ ରଘୁରାମ ଆର. ଆୟାରଙ୍କ ସହ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଆଲୋଚନା କରିଥିଲେ ।

## ବଳଦେବଜୀଉ ମନ୍ଦିର ଉନ୍ନତି ପାଇଁ ବଳଦେବ ସେନା ପକ୍ଷରୁ ଦାବିପତ୍ର

**କେନ୍ଦ୍ରାପଡ଼ା,୩୧।୭ (ସଂଚାର ବ୍ୟୁରୋ):** କେନ୍ଦ୍ରାପଡା ବଳଦେବ ସେନା ପକ୍ଷରୁ ନୂତନ ଜିଲ୍ଲାପାଳଙ୍କୁ ସ୍ୱାଗତ ଓ ସମ୍ବର୍ଦ୍ଧନା ପ୍ରଦାନ କରାଯିବା ସହ ଶ୍ରୀ ଶ୍ରୀ ସିଦ୍ଧ ବଳଦେବଜୀଉଙ୍କ ମନ୍ଦିର ଉନ୍ନତି ମୂଳକ କାର୍ଯ୍ୟ ଓ ମନ୍ଦିରରେ ଥିବା କିଛି ମୁଖ୍ୟ ସମସ୍ୟାର ସମାଧାନ ପାଇଁ ଦାବି ପତ୍ର ଦିଆଯାଇଛି । ସେନା ଅଭିଯୋଗ ମୁତାବକ ତୁଳସୀ କ୍ଷେତ୍ରର ଆରାଧ ଦେବତା ମହାପ୍ରଭୁ ଶ୍ରୀ ଶ୍ରୀ ସିଦ୍ଧ ବଳଦେବ ଜୀଉଙ୍କ ମନ୍ଦିର ପାରିପାର୍ଶ୍ୱିକ ଓ ଅନ୍ୟାନ୍ୟ ଉନ୍ନତି ମୂଳକ କାର୍ଯ୍ୟ ପାଇଁ ୨୦୧୯ ମସିହାରେ ତତ୍କାଳୀନ ସରକାର କରିଥିବା ପ୍ରକଳ୍ପର ସମ୍ପୂର୍ଣ୍ଣ କାର୍ଯ୍ୟ ସଠିକ୍ ଭାବେ ଶେଷ ହୋଇନାହିଁ ଏବଂ ସେହି ଯୋଜନା ମଧ୍ୟରେ ମନ୍ଦିର ସମ୍ମୁଖରୁ ଅଟ୍ଟାଳିକା ଓ ଜବର୍ ଦଖଲ ଉଚ୍ଛେଦ କରିବାକୁ ନିଷ୍ପତି ହୋଇଥିଲା କିନ୍ତୁ ଗତ ୬ ବର୍ଷ ହେଲା ପ୍ରଶାସନ କିମ୍ବା ରାଜ୍ୟ ସରକାରଙ୍କ ପକ୍ଷରୁ ଏହା ପାଇଁ କୌଣସି ପ୍ରକାର ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରାଯାଉନାହିଁ। ଏଥିପାଇଁ ରଥ ଦାଣ୍ଡ ଓ ମୁଖ୍ୟ ସଡ଼କରେ ଯାତାୟାତ କରିବାରେ ଲୋକେ ଅନେକପ୍ରକାର ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ତେଣୁ ଏହି ସମସ୍ୟା ଗୁଡ଼ିକର ତୁରନ୍ତ ସ୍ଥାୟୀ ସମାଧାନ ପାଇଁ ସେନାର ସଦସ୍ୟମାନେ ଜିଲ୍ଲାପାଳଙ୍କ ନିକଟରେ ଦାବି ଜଣାଇଛନ୍ତି । ଏହି ଦାବିପତ୍ର ପ୍ରଦାନ ସମୟରେ ସେନାର ସଭାପତି ପପୁନ୍ କୁମାର ସ୍ୱାଇଁ, ସମ୍ପାଦକ ଅମର କୁମାର ବାରିକ, ଉପଦେଷ୍ଟା ନିରଞ୍ଜନ ମେକାପ, ଆଶୁତୋଷ ପଣ୍ଡା, ଅନିଶ ସୁତାର, ଲଲାଟେନ୍ଦୁ ବେହେରା, ଆଲୋକ ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।

## ବିଜେପି ପକ୍ଷରୁ କୁଶପୁତ୍ତଳିକା ଦାହ



**ସାଲେପୁର,୩୧।୭ (ସଂଚାର ବ୍ୟୁରୋ):** ଆଜି ସାଲେପୁର ଠାରେ ଜିଲ୍ଲା ବିଜେପି ପକ୍ଷରୁ ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ଓ ଓଡ଼ିଶାର ବିରୋଧୀ ଦଳ ନେତା ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ କୁଶପୁତ୍ତଳିକା ଦାହ କରାଯାଇଛି। କଂଗ୍ରେସ ଓ ବିଜେପି ଦଳର ନେତା ଓ କର୍ମୀମାନେ ଏବେ ବଳାତ୍କାର ପାଇଁ ପ୍ରତିଯୋଗିତା ଚଳାଇଥିବାବେଳେ ରାଜ୍ୟରେ ଚାଲିଥିବା ମୋହନ ସରକାରଙ୍କୁ ମିଥ୍ୟାରୋପ ଲଗାଇ ବଦନାମ କରୁଛନ୍ତି। ତେଣୁ ଏହାର ପ୍ରତିବାଦରେ ଆଜି ଏହି କୁଶପୁତ୍ତଳିକା ଦାହ କରାଯାଇଥିଲା। ଜିଲ୍ଲା ଗ୍ରାମାଞ୍ଚଳ ବିଜେପି ସଭାପତି ରାମନାରାୟଣ ମହାନ୍ତିଙ୍କ ନେତୃତ୍ୱରେ ସାଲେପୁର ସାହେଶ୍ୱରୀ ମନ୍ଦିରରୁ ସାଲେପୁର ବଜାର ଦେଇ ଏକ ଶୋଭାଯାତ୍ରାରେ ଶତାଧିକ କର୍ମୀ ଓ ନେତା ସାମିଲ ହୋଇ ସାଲେପୁର ତହସିଲ ଗେଟ୍ ସମ୍ମୁଖରେ ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିରୋଧୀ ଦଳନେତା ନବୀନ ପଟ୍ଟନାୟକ ଏବଂ ପାର୍ଲ୍ୟାମେଣ୍ଟର ବିରୋଧୀ ଦଳ ନେତା ରାହୁଲ ଗାନ୍ଧିଙ୍କ କୁଶପୁତ୍ତଳିକା ଦାହ କରିଥିଲେ। ଏହିକାର୍ଯ୍ୟକ୍ରମରେ ସାଲେପୁର ଟାଙ୍ଗୀ ବିଜେପି ଦଳର ନେତା ଅରିନ୍ଦମ ରାୟଙ୍କ ସମେତ ବହୁ ବିଜେପି କର୍ମୀ ଓ ସମର୍ଥକ ଯୋଗଦେଇ ଏହି କୁଶପୁତ୍ତଳିକା ଦାହ କରିଥିଲେ।

ଶରଧାବାଲିରେ ଅଘଟଣ ମାମଲା

# ମୁଖ୍ୟମନ୍ତ୍ରୀଙ୍କୁ ତଦନ୍ତ ରିପୋର୍ଟ ଦେଲେ ଡିସି



**ଭୁବନେଶ୍ୱର,୩୧।୭ (ସଂଚାର ବ୍ୟୁରୋ):** ପୁରୀ ଶରଧାବାଲି ଦଳଚକଟା ଘଟଣାର ସରିଲା ତଦନ୍ତ। ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କୁ ତଦନ୍ତ ରିପୋର୍ଟ ଦେଲେ ଉନ୍ନୟନ କମିଶନର (ଡିସି) ଅନୁ ଗର୍ଗ। ଗତ ଜୁନ୍ ୨୯ ତାରିଖରେ ଶରଧାବାଲିରେ ଘଟିଥିବା ଦଳାଚକଟାଜନିତ ମୃତ୍ୟୁ ଘଟଣାର ତଦନ୍ତ କରି ମାସକ ମଧ୍ୟରେ ରିପୋର୍ଟ ଦେବାକୁ ନିର୍ଦ୍ଦେଶ ଦେଇଥିଲେ ମୁଖ୍ୟମନ୍ତ୍ରୀ। ଗତକାଲି ଏହି ଡେଡଲାଇନ ଶେଷ ହୋଇଛି। ସୂଚନା ମୁତାବକ, ରଥଯାତ୍ରା ସମୟରେ ଦଳାଚକଟାରେ ୩ ଜଣ ଶ୍ରଦ୍ଧାଳୁଙ୍କ ମୃତ୍ୟୁ ଘଟିଥିଲା। ଏହି ଘଟଣାରେ ସୁରକ୍ଷା ବ୍ୟବସ୍ଥା ବିଫଳ ହୋଇଥିବା ନେଇ ଅଭିଯୋଗ ଉଠିଥିଲା। ତେଣୁ ମୁଖ୍ୟମନ୍ତ୍ରୀ ଉନ୍ନୟନ କମିଶନର ଶ୍ରୀମତୀ ଗର୍ଗଙ୍କୁ ପୁଙ୍ଖାନୁପୁଙ୍ଖ ତଦନ୍ତ କରି ରିପୋର୍ଟ ଦେବା ସକାଶେ ଦାୟିତ୍ୱ ଦେଇଥିଲେ। ଉନ୍ନୟନ କମିଶନର ଏନେଇ ଘଟଣାସ୍ଥଳକୁ ଯାଇ ଦାୟିତ୍ୱରେ ଥିବା ଅଧିକାରୀଙ୍କ ସହ ଆଲୋଚନା କରିବା ସହ ଭୁବନେଶ୍ୱର ଓ ପୁରୀରେ ସାଧାରଣ ଲୋକଙ୍କଠାରୁ ମଧ୍ୟ ସତ୍ୟପାଠ ଗ୍ରହଣ କରିଥିଲେ।

'ସୁଭଦ୍ରା' ରାଜ୍ୟସ୍ତରୀୟ ପରିଚାଳନା ଓ ତଦାରଖ କମିଟି ବୈଠକ

# ହିତାଧିକାରୀଙ୍କ ଆର୍ଥିକ ସଶକ୍ତିକରଣକୁ ଗୁରୁତ୍ୱ

**ଭୁବନେଶ୍ୱର,୩୧।୭(ସଂଚାର ବ୍ୟୁରୋ):** ମୁଖ୍ୟ ଶାସନ ସଚିବ ମନୋଜ ଆହୁଜାଙ୍କ ଅଧ୍ୟକ୍ଷତାରେ 'ସୁଭଦ୍ରା' ରାଜ୍ୟସ୍ତରୀୟ ପରିଚାଳନା ଓ ତଦାରଖ କମିଟି ବୈଠକ ଆଜି ଲୋକସେବା ଭବନସ୍ଥିତ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ମୁଖ୍ୟ ଶାସନ ସଚିବ ଆହୁଜା ସୁଭଦ୍ରା ଯୋଜନାର ପ୍ରଭାବୀ କାର୍ଯ୍ୟକାରିତା ସମ୍ପର୍କରେ ସମୀକ୍ଷା ଓ ତଦାରଖ କରିବା ସହ ଯୋଜନାର ଆଗାମୀ କାର୍ଯ୍ୟାନ୍ୱୟନ ଉପରେ ସୁଚିନ୍ତିତ ପରାମର୍ଶ ଦେଇଥିଲେ। ସୁଭଦ୍ରା ହିତାଧିକାରୀମାନେ ସରକାରଙ୍କ ଅନ୍ୟ ବିଭିନ୍ନ ଯୋଜନାରୁ ଲାଭ ଉଠାଇ କିପରି ସାମଗ୍ରିକ ଆର୍ଥିକ ସଶକ୍ତିକରଣ ହୋଇପାରିବେ, ସେ ସମ୍ପର୍କରେ ଶ୍ରୀ ଆହୁଜା ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମରେ ମହିଳା ଓ ଶିଶୁ ବିକାଶ ନିର୍ଦ୍ଦେଶିକା ମୋନିଷା ବାନାର୍ଜୀ ସୁଭଦ୍ରା କାର୍ଯ୍ୟକାରିତା ସମ୍ବନ୍ଧରେ ବିସ୍ତୃତ ଉପସ୍ଥାପନ କରି ଯୋଜନାରେ ଅବଲମ୍ବନ କରାଯାଇଥିବା ଉତ୍ତମ ଅଭ୍ୟାସ ଓ ଅଭିନବତ୍ୱ ସମ୍ପର୍କରେ ଆଲୋଚନା କରିଥିଲେ।

**'କୁହ ସୁଭଦ୍ରା'ରେ ଦିନକୁ ୨୦ ହଜାର କଲ୍‌ର ଉତ୍ତର ଦିଆଯାଉଛି**

ଅଦ୍ୟାବଧି ସୁଭଦ୍ରାରେ ୧ କୋଟି ୯ ଲକ୍ଷ ୮୭ ହଜାର ୮୯୪ ଆବେଦନପତ୍ର ପ୍ରାପ୍ତ ହୋଇଛି। ସେଥି ମଧ୍ୟରୁ ୧ କୋଟି ୨ ଲକ୍ଷ ୮୦ ହଜାର ୯୨ ଜଣ ସୁଭଦ୍ରାର ପ୍ରଥମ କିସ୍ତି ପାଇଥିବା ବେଳେ ୧ କୋଟି ୯୬ ହଜାର ୩୦୭ ଜଣ ଦ୍ୱିତୀୟ କିସ୍ତି ପାଇଛନ୍ତି। ପରିବାରରେ ୪ଚକିଆ ଯାନ ଥିବା, ୨୧ ବୟସରୁ କମ ଓ ୬୦ ବୟସରୁ ଅଧିକ, ପରିବାର ରୋଜଗାର ୨.୫ ଲକ୍ଷରୁ ଅଧିକ, ସରକାରୀ ଚାକିରି କରିଥିବା ଅବା ପେନସନ ପାଉଥିବା ପରିବାର ଓ ଏହି ଭଳି ବିଭିନ୍ନ ୧୫ଟି କାରଣରୁ ୫ ଲକ୍ଷ ୮୨ ହଜାର ୮୦୦ ମହିଳା ସୁଭଦ୍ରା ସହାୟତାରୁ ବାଦ ପଡିଛନ୍ତି। ୨୦୨୫- ୨୬ ଆର୍ଥିକ ବର୍ଷରେ ୬୦ ବର୍ଷ ହୋଇଯାଇଥିବା ୯୩ ହଜାର ୭୯୨ ସୁଭଦ୍ରା ହିତାଧିକାରୀ ତୃତୀୟ କିସ୍ତିରୁ ବାଦ ପଡ଼ିଛନ୍ତି ବୋଲି ବିଭାଗୀୟ ନିର୍ଦ୍ଦେଶିକା ସୂଚନା ଦେଇଛନ୍ତି। ସେହିପରି ୬୦ ବର୍ଷରୁ ଉର୍ଦ୍ଧ୍ୱ ହିତାଧିକାରୀଙ୍କ ତାଲିକାକୁ ବାର୍ଦ୍ଧକ୍ୟ ଭତ୍ତାରେ ସାମିଲ କରିବା ପାଇଁ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗକୁ ପ୍ରଦାନ କରିବା ପାଇଁ ବୈଠକରେ ପ୍ରସ୍ତାବ ଦିଆଯାଇଛି। ଅପ୍ଟଆଉଟ ଚାହୁଁଥିବା ହିତାଧିକାରୀମାନେ ସମ୍ପୃକ୍ତ ସିଡିପିଓ କାର୍ଯ୍ୟାଳୟରେ ଥିବା ହେଲ୍ପଡେସ୍କରେ ଲଗ୍‌ଇନ କରି ଏହା କରିପାରିବେ। ଏଥିସହ ସୁଭଦ୍ରା ଯୋଜନା ସମ୍ବନ୍ଧୀୟ ଖର୍ଚ୍ଚ ବାବଦରେ ମଧ୍ୟ ବୈଠକରେ ଆଲୋଚନା ହୋଇଛି।



ମହିଳା ଓ ଶିଶୁ ବିକାଶ ବିଭାଗ, ଉଚ୍ଚଶିକ୍ଷା ବିଭାଗ ଓ ଆଇଆଇଏମ ସମ୍ବଲପୁରର ମିଳିତ ସହଭାଗିତାରେ ଆରମ୍ଭ ହୋଇଥିବା 'ସୁଭଦ୍ରା ସମୀକ୍ଷା' କାର୍ଯ୍ୟକ୍ରମ ସମ୍ବନ୍ଧରେ ମଧ୍ୟ ବୈଠକରେ ଆଲୋଚନା ହୋଇଛି। ଅଦ୍ୟାବଧି ମିଳିଥିବା ତଥ୍ୟର ମୂଲ୍ୟାୟନ ଅନୁଯାୟୀ, ବହୁ ସଂଖ୍ୟାରେ ହିତାଧିକାରୀ ସୁଭଦ୍ରା ସହାୟତାକୁ ଉଦ୍ୟମିତା କ୍ଷେତ୍ରରେ ବିନିଯୋଗ କରୁଥିବା କୁହାଯାଇଛି। ଅଭିଯୋଗ ଶୁଣାଣି ପ୍ରକ୍ରିୟାରେ ସୁଭଦ୍ରା ପୋର୍ଟାଲରେ ଏଯାବତ ୩ ଲକ୍ଷ ୫୧ ହଜାର ୪୯୨ ଅଭିଯୋଗ ମଧ୍ୟରୁ ୧ ଲକ୍ଷ ୮୩ ହଜାର ୬୮୧ ଅଭିଯୋଗର ସମାଧାନ ହୋଇପାରିଛି। କେବଳ ମହିଳାଙ୍କ ଦ୍ୱାରା ଚାଲୁଥିବା 'କୁହ ସୁଭଦ୍ରା' ଅଭିଯୋଗ ସମାଧାନ କେନ୍ଦ୍ରରେ ଏଯାବତ ଦିନକୁ ହାରାହାରି ୨୦ ହଜାରରୁ ଅଧିକ କଲ ଗ୍ରହଣ କରାଯାଇ ଉତ୍ତର ଦିଆଯାଇଥିବା ମହିଳା ଓ ଶିଶୁ ବିକାଶ ପ୍ରମୁଖ ଶାସନ ସଚିବ ଶୁଭା ଶର୍ମା କହିଛନ୍ତି।

# ବିଳମ୍ବରେ ଅଫିସ୍ ଆସିବାରୁ ୩୦ କର୍ମଚାରୀଙ୍କୁ କାରଣ ଦର୍ଶାଅ ନୋଟିସ






**କଟକ,୩୧।୭ (ସଂଚାର ବ୍ୟୁରୋ) :** ସିଏମସିର ନୂଆ କମିଶନରଙ୍କ କଡା ଆଭିମୁଖ୍ୟ। ୩୦ ଜଣ କର୍ମଚାରିଙ୍କୁ କାରଣ ଦର୍ଶାଅ ନୋଟିସ ଜାରି। ବିଳମ୍ବରେ କାର୍ଯ୍ୟାଳୟ ଆସିବା ହେତୁ ଜାରି ହେଲା ସୋ କଜ୍। କାହିଁକି ଦରମା କଟା ଯିବ ନାହିଁ ୨୪ ଘଣ୍ଟା ଭିତରେ ଜଣାଇବାକୁ ନୋଟିସରେ ଉଲ୍ଲେଖ। ସୋ କାଜ୍ ନୋଟିସ ଜାରି କଲେ ସିଏମସି କମିଶନର କିରଣଦୀପ କୌର ସାହୋତା। "ଆପଣମାନେ ଆଜି ସକାଳ ୧୦.୩୦ ରେ ସିଟରେ ଅନୁପସ୍ଥିତ ଥିବା ଦେଖିବାକୁ ମିଳିଛି । ଠିକ ସମୟରେ ଅଫିସରେ ଯୋଗ ଦେବାକୁ ବାରମ୍ବାର କହିବା ସତ୍ତ୍ୱେ ଆପଣମାନେ ଠିକ ସମୟରେ ଅଫିସ ଆସୁନାହାନ୍ତି । ଆପଣଙ୍କ ଅନୁପସ୍ଥିତି ଯୋଗୁ ଅଫିସ କାର୍ଯ୍ୟରେ ବାଧା ସୃଷ୍ଟି ହେଉଛି । ତେଣୁ ଆପଣମାନଙ୍କ ଦରମା କାହିଁକି ବନ୍ଦ କରା ନଯିବ ୨୯ ତାରିଖ ଚିଠି ଅନୁଯାଇ ଏହାର କାରଣ ଦର୍ଶାଇବେ। ଏହାର ବ୍ୟତିକ୍ରମ ହେଲେ ନୋଟିସ ପାଇବାର ୨୪ ଘଣ୍ଟା ମଧ୍ୟରେ କାରଣ ନ ଜଣାଇଲେ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ।

# ସାବଧାନ ! ଡେଲିଭରି ବୟ୍

- ଦ୍ରୁତ ଗତି ନେଇ ସତର୍କ କଲା ପରିବହନ ବିଭାଗ
- ଶୀଘ୍ର ଡେଲିଭରି ଚକ୍କରରେ ବାଜି ଲାଗୁଛି ଜୀବନ
- ସବୁ ହୋମ ଡେଲିଭରି ସଂସ୍ଥାକୁ ହେବ ନୋଟିସ




**ଭୁବନେଶ୍ୱର,୩୧।୭(ସଂଚାର ବ୍ୟୁରୋ):** ସମ୍ପ୍ରତି ଡେଲିଭରି ବୟ୍‌ମାନେ ତ୍ୱରିତ ବେଗରେ ସାମଗ୍ରୀ ଗ୍ରାହକଙ୍କ ନିକଟରେ ପହଞ୍ଚାଇବା ପାଇଁ ଦ୍ରୁତ ଗତିରେ ଗାଡ଼ି ଚଳାଉଛନ୍ତି। ସଡ଼କ ସୁରକ୍ଷା ଆଇନ ସମସ୍ତଙ୍କ ପାଇଁ ସମାନ। ଯିଏ ଦ୍ରୁତ ଗତିରେ ଯିବ ସିଏ ନିଶ୍ଚିତ ଭାବେ ଜରିମାନା ଦେବାକୁ ବାଧ୍ୟ। ସଡ଼କ ସୁରକ୍ଷା ଏବେ ଚିନ୍ତାର କାରଣ ପାଲଟିଛି। ସେଥିପାଇଁ ଡେଲିଭରି ବୟ୍‌ମାନଙ୍କ ସକାଶେ ବିଭିନ୍ନ ସାମଗ୍ରୀ ଗ୍ରାହକଙ୍କ ନିକଟରେ ପହଞ୍ଚାଇବା ସକାଶେ ସମୟ ସୀମା ନିର୍ଦ୍ଧାରଣ କରିବାର ଆବଶ୍ୟକତା ନାହିଁ। କାରଣ ପ୍ରତିଯୋଗିତା ମନୋବୃତ୍ତି ଅନ୍ୟ ପାଇଁ ବିପଦ। ଏହାକୁ ଦୃଷ୍ଟିରେ ରଖି କେନ୍ଦ୍ର ସରକାର ସବୁ ରାଜ୍ୟମାନଙ୍କୁ ଚିଠି ଲେଖିଛନ୍ତି। ଏହି ପ୍ରସଙ୍ଗରେ ରାଜ୍ୟ ସରକାର ମଧ୍ୟ ତତ୍ପରତା ପ୍ରକାଶ କରିଛନ୍ତି। ସମସ୍ତ ଡେଲିଭରି ସଂସ୍ଥାକୁ ଏଥିପ୍ରତି ଯତ୍ନବାନ ହେବା ପାଇଁ ତାଗିଦ୍ କରାଯାଇଛି। ଏଥିରେ ବ୍ୟତିକ୍ରମ ହେଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା କହିଛନ୍ତି।

ବ୍ଲିଙ୍କ୍‌ଇଟ, ସ୍ୱିଗି, ଜୋମାଟୋ, ଜିଓମାର୍ଟ ଭଳି ସଂସ୍ଥାର ତ୍ୱରିତ ଡେଲିଭରିକୁ ନେଇ ଚିନ୍ତାରେ ପଡ଼ିଛି ପରିବହନ ବିଭାଗ। ଅର୍ଡର ଦେବାର ଯଥେଷ୍ଟ କମ ସମୟ ଭିତରେ ଡେଲିଭରି କରାଯିବ ବୋଲି ସଂସ୍ଥାଗୁଡିକ ଗ୍ରାହକଙ୍କୁ ଦାବି କରୁଛନ୍ତି। କିନ୍ତୁ ଏହା ଟ୍ରାଫିକ୍ ବ୍ୟବସ୍ଥା ପ୍ରତି ଚ୍ୟାଲେଞ୍ଜ ସୃଷ୍ଟି କରୁଛି ବୋଲି ହୃଦ୍‌ବୋଧ କରିଛି ପରିବହନ ବିଭାଗ। ଅନେକ ସମୟରେ ଶୀଘ୍ର ଡେଲିଭରି ବାହାନାରେ ଡେଲିଭରି ବୟ୍‌ର ଜୀବନ ଚାଲିଯିବା ଭୟ ମଧ୍ୟ ରହିଛି। ତେଣୁ ଏହି ସଂସ୍ଥାର ମୁଖ୍ୟଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଖୁବଶୀଘ୍ର ଆଡଭାଇଜରୀ ଜାରି କରିବ ବିଭାଗ। ଏହିସବୁ ସଂସ୍ଥାର ଡେଲିଭରି ବୟ୍‌ଙ୍କୁ ସ୍ୱତନ୍ତ୍ର ତାଲିମ ସହ ସଚେତନ କରିବାକୁ ଶ୍ରମ ବିଭାଗକୁ ଚିଠି ଲେଖିଛି ପରିବହନ ବିଭାଗ। ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟରେ ଅଭିଯୋଗ ପରେ ଏନେଇ ସବୁ ରାଜ୍ୟ ସରକାରଙ୍କୁ ସଜାଗ କରିଛନ୍ତି କେନ୍ଦ୍ର ସରକାର।

# ବିଶ୍ୱସ୍ତରୀୟ ଶିକ୍ଷାନୁଷ୍ଠାନରେ ପାଢ଼ ପଢ଼ିବେ ୭ହଜାର ଛାତ୍ରଛାତ୍ରୀ



**ଭୁବନେଶ୍ୱର, ୩୧।୭ (ସଂଚାର ବ୍ୟୁରୋ) :** ରାଜ୍ୟ ସରକାରଙ୍କ ଉଚ୍ଚ ଶିକ୍ଷା ବିଭାଗ ଓ ଆଇଟି ବିଭାଗର ପଦକ୍ଷେପ। ବିଶ୍ୱସ୍ତରୀୟ ଶିକ୍ଷାନୁଷ୍ଠାନରେ ୫ ବର୍ଷ ମଧ୍ୟରେ ୭ହଜାର ଛାତ୍ରଛାତ୍ରୀଙ୍କୁ ଶିକ୍ଷା ପ୍ରଦାନ କରାଯିବ। ବିଲ୍ଡିଂ ଆନ୍ ଇଣ୍ଟିଗ୍ରେଟେଡ୍ ଗ୍ଲୋବାଲ୍ ଫାଇନାନ୍ସିଆଲ୍ ଟେକ୍ନୋଲୋଜି କାପାବିଲିଟି ହବ୍ ଇନ୍ ଓଡ଼ିଶା କାର୍ଯ୍ୟକ୍ରମ ଜରିଆରେ ଶିକ୍ଷାଦାନ କରାଯିବ। ସିଙ୍ଗାପୁରର ଜିଏଫ୍‌ଟିଏନ୍ ନାମକ ଶିକ୍ଷାନୁଷ୍ଠାନର ସହାୟତାରେ ଶିକ୍ଷା ଦିଆଯିବ। ଏହି ଶିକ୍ଷା ପାଇ ଓଡ଼ିଆ ଛାତ୍ରଛାତ୍ରୀମାନେ ବିଭିନ୍ନ ଆର୍ଥିକ କ୍ଷେତ୍ରରେ ନିଯୁକ୍ତି ପାଇପାରିବେ। ଏନେଇ ଆସନ୍ତା ମାସ ଅଗଷ୍ଟ ୫ତାରିଖ ରେ ପଞ୍ଜିକରଣ କାର୍ଯ୍ୟକ୍ରମ ଆରମ୍ଭ ହେବ। ୮ତାରିଖରେ ପରୀକ୍ଷା ହେବ। ୧୮ଅଗଷ୍ଟରେ ରେଜଲ୍ଟ ପ୍ରକାଶ ପାଇବ । ୩୦ଜିଲ୍ଲାର ୧୦୦ କଲେଜର ଛାତ୍ରଛାତ୍ରୀଙ୍କୁ ପରୀକ୍ଷା ପାଇଁ ସୁଯୋଗ ଦିଆଯିବ। ସେମାନଙ୍କ ମଧ୍ୟରେ ୩୭୫ପିଲାଙ୍କୁ ବଛାଯିବ। ଉଚ୍ଚ ଶିକ୍ଷା ବିଭାଗ ପକ୍ଷରୁ ଏହି ୩୭୫ ପିଲାଙ୍କୁ ମାଗଣାରେ ଶିକ୍ଷାଦାନ କରାଯିବ। ଡିସେମ୍ବର ୮ ରୁ ଜାନୁଆରୀ ୫ପର୍ଯ୍ୟନ୍ତ ଅନଲାଇନରେ ଶିକ୍ଷାଦାନ ହେବ। ଏ ବାବଦରେ ୮୨ ହଜାର ଟଙ୍କା ରାଜ୍ୟ ସରକାର ପ୍ରତି ପିଲା ପିଛା ଖର୍ଚ୍ଚ ବହନ କରିବେ। ନିଯୁକ୍ତି ପାଇଁ ଉଚ୍ଚ ଶିକ୍ଷା ବିଭାଗ ବିଭିନ୍ନ ସଂସ୍ଥା ସହ ବୁଝାମଣାପତ୍ର ସ୍ୱାକ୍ଷର କରିବ।

● ନୂତନ ସ୍କୁଲ କୋଠା ନିର୍ମାଣ ଦାବି

# ବିଡିଓଙ୍କୁ ଭେଟି ଅଭିଯୋଗ ଜଣାଇଲେ ଗ୍ରାମବାସୀ

**କୋକସରା,୩୧।୭(ସଂଚାର ବ୍ୟୁରୋ):** ଜରାଜୀର୍ଣ୍ଣ ଅବସ୍ଥାରେ କଳାହାଣ୍ଡି ଜିଲ୍ଲା କୋକସରା ବ୍ଲକ୍ ପୋଡ଼ାଗୁଡ଼ା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ। ଦୁର୍ବଳ ଛାତ ଘରେ ଅସୁରକ୍ଷିତ ଅବସ୍ଥାରେ ପାଠ ପଢ଼ୁଛନ୍ତି ଛୋଟ ପିଲା । ବିଦ୍ୟାଳୟକୁ ଛାତ୍ରଛାତ୍ରୀଙ୍କୁ ଛାଡ଼ିବାକୁ ସୁରକ୍ଷିତ ମଣୁ ନାହାନ୍ତି ଅଭିଭାବକ । କେତେବେଳେ ଯେ ଅଘଟଣ ଘଟିବ ତାହା କେହି କହି ପାରିବେ ନାହିଁ । ଏନେଇ ବିଦ୍ୟାଳୟ ପରିଚାଳନା କମିଟି ଏବଂ ଗ୍ରାମବାସୀମାନେ ଅନେକ ସମୟରେ ଜିଲ୍ଲା ପ୍ରଶାସନ ଏବଂ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ ନିକଟରେ ବାରମ୍ବାର ଅଭିଯୋଗ କରିଛନ୍ତି। ହେଲେ କୌଣସି ସୁଫଳ ମିଳିନାହିଁ । ପୂର୍ବରୁ ଅଭିଭାବକ ଓ ଗ୍ରାମବାସୀ ପ୍ରତିବାଦ କରି ସ୍କୁଲରେ ତାଲା ମାରି ପ୍ରତିବାଦ କରିଥିଲେ। ପୂର୍ବରୁ ବ୍ଲକ୍ ଶିକ୍ଷା ବିଭାଗ ଅଧିକାରୀ କେବଳ ପ୍ରତିଶ୍ରୁତି ଦେଇ କାମ ସାରିଦେଇଥିଲେ। ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ଅନ୍ଧାରକୁ ଠେଲି ହେଇଯାଉଥିବା ବେଳେ ଗୁରୁବାର ପୋଡ଼ାଗୁଡ଼ା ସଚେତନ ନାଗରିକ ଯୁବରାଜ ପ୍ରଧାନୀ, ନରହରି ସୁନା, କ୍ଷିତିରାମ ବାଗ, ରୋମାଞ୍ଚଳ ବାଗ, ଭରତ ବାଗ, ମହେଶ ନାଏକ, ଭୁଜବଳ ମାଝୀ, ଦେବିସିଂ ନାଏକ, ଖଗପତି ନାଏକ, କବିରାଜ ପାଣିଗ୍ରାହୀ, ଟିକେ ମାଝୀ, ଟଙ୍କଧର ନାଏକ ଓ ଅନ୍ୟ ଗ୍ରାମବାସୀମାନେ ଏକ ଲିଖିତ ଦାବିପତ୍ର କୋକସରା ବିଡିଓ ଡ଼. ହିମାଚଳ ମାଝୀଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରିଛନ୍ତି। ସ୍କୁଲ ନିର୍ମାଣ ନେଇ କୌଣସି ନିଷ୍ପତ୍ତି ନନେଲେ ଆଗାମୀ ସପ୍ତାହରୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ସ୍କୁଲରେ ତାଲା ପକାଇବାକୁ ଚେତାବନୀ ଦେଇଛନ୍ତି ।

● ଶିକ୍ଷକଙ୍କ ବଦଳି ପାଇଁ ସାଂସଦ ଓ ବିଧାୟକଙ୍କ ସୁପାରିସ୍ ପ୍ରସଙ୍ଗ

# ରାଜ୍ୟ ସରକାରଙ୍କଠାରୁ ଜବାବ ଲୋଡ଼ିଲେ ହାଇକୋର୍ଟ



**କଟକ,୩୧।୭(ସଂଚାର ବ୍ୟୁରୋ):** ସାଂସଦ ଓ ବିଧାୟକମାନେ ୧୫ ଜଣ ଲେଖାଏଁ ଶିକ୍ଷକଙ୍କ ବଦଳି ପାଇଁ ସୁପାରିସ୍ କରିବା ଭଳି ପ୍ରସଙ୍ଗରେ ରାଜ୍ୟ ସରକାରଙ୍କଠାରୁ ଜବାବ ଲୋଡ଼ିଛନ୍ତି ହାଇକୋର୍ଟ। ତେବେ ଆବେଦନକାରୀ ୨ ଜଣ ଶିକ୍ଷକଙ୍କ ବଦଳି ନିର୍ଦ୍ଦେଶ ଉପରେ ଅନ୍ତରୀଣ ରହିତାଦେଶ ଜାରି କରିଛନ୍ତି ହାଇକୋର୍ଟ। ଗତ ମେ' ୧୩ ତାରିଖରେ ସ୍କୁଲ ଓ ଗଣଶିକ୍ଷା ବିଭାଗ ଦ୍ୱାରା ପ୍ରକାଶିତ ବିଜ୍ଞପ୍ତିର ବୈଧତା ଉପରେ ମଧ୍ୟ କୋର୍ଟ ପ୍ରଶ୍ନ ଉଠାଇଛନ୍ତି। ନର୍ଲା ଅଞ୍ଚଳର ରଞ୍ଜନ କୁମାର ତ୍ରିପାଠୀଙ୍କ ସହ ଆଉ ଜଣେ ଶିକ୍ଷକ ଜନପ୍ରତିନିଧିଙ୍କ ସୁପାରିସ୍ କ୍ରମେ ଅନ୍ୟ ସ୍କୁଲକୁ ବଦଳି ହୋଇଥିଲେ। କିନ୍ତୁ ରାଜନୈତିକ ଉଦ୍ଦେଶ୍ୟ ରଖି ସେମାନଙ୍କୁ ବଦଳି କରାଯାଇଥିବାର ଅଭିଯୋଗ ଆଣି ଉଭୟ ଶିକ୍ଷକ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି। କୋର୍ଟ ସେମାନଙ୍କ ବଦଳି ଉପରେ ଅନ୍ତରୀଣ ରହିତାଦେଶ ଜାରି କରିଛନ୍ତି। ଏଥିସହ ରାଜ୍ୟ ସରକାରଙ୍କ ପକ୍ଷରୁ ଗତ ମେ' ୧୩ରେ ପ୍ରକାଶ କରାଯାଇଥିବା ବିଜ୍ଞପ୍ତି ଉପରେ ମଧ୍ୟ ପ୍ରଶ୍ନ ଉଠାଇଛନ୍ତି।

# ରୋଟାରୀ କ୍ଲବ ଅଫ୍ ଭୁବନେଶ୍ୱର ଟେମ୍ପଲ୍ ସିଟିର ଅଧିଷ୍ଠାନ ଉତ୍ସବ ଅନୁଷ୍ଠିତ




**ଭୁବନେଶ୍ୱର,୩୧।୭(ସଂଚାର ବ୍ୟୁରୋ):** ରୋଟାରୀ କ୍ଲବ ଅଫ୍ ଭୁବନେଶ୍ୱର ଟେମ୍ପଲ୍ ସିଟିର ତୃତୀୟ ଅଧିଷ୍ଠାନ ଉତ୍ସବ ଗତକାଲି ଅନୁଷ୍ଠିତ ହୋଇଛି। ଏଥିରେ ୨୦୨୫-୨୬ ରୋଟାରୀ ବର୍ଷ ପାଇଁ ନୂତନ ପଦାଧିକାରୀମାନେ ଆନୁଷ୍ଠାନିକ ଭାବେ ଦାୟିତ୍ୱ ଗ୍ରହଣ କରିବା ସହ ସମାଜ ପ୍ରତି ଉଲ୍ଲେଖନୀୟ ଅବଦାନ ପାଇଁ ବିଶିଷ୍ଟ ଡାକ୍ତର ଓ ଚାର୍ଟାର୍ଡ ଆକାଉଣ୍ଟାଣ୍ଟମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଭୁବନେଶ୍ୱରର ପ୍ରେସ କ୍ଲବ ଅଫ୍ ଓଡ଼ିଶାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ରୋଟାରୀ ଡିଷ୍ଟ୍ରିକ୍ଟ ଗଭର୍ଣ୍ଣର ରୋଟାରିଆନ ମନୋଜ କୁମାର ତ୍ରିପାଠୀ, ଇନର ହ୍ୱିଲ୍ ଜିଲ୍ଲା ୩୨୨ର ଅଧ୍ୟକ୍ଷା ମଧୁସ୍ମିତା ତ୍ରିପାଠୀ, ଏମ୍ସର ପୂର୍ବତନ ନିର୍ଦ୍ଦେଶକ ପଦ୍ମଶ୍ରୀ ଡକ୍ଟର ଅଶୋକ କୁମାର ମହାପାତ୍ର, ରୋଟାରୀର ଆସିଷ୍ଟାଣ୍ଟ ଗଭର୍ଣ୍ଣର ଡକ୍ଟର କେକେ ସେନାପତିଙ୍କ ସମେତ ବିଭିନ୍ନ କ୍ଲବର ରୋଟାରିଆନ୍ ଓ ଅନ୍ୟାନ୍ୟ ସମ୍ମାନିତ ବ୍ୟକ୍ତିମାନେ ଉପସ୍ଥିତ ଥିଲେ।

ଉତ୍ସବରେ କ୍ଲବ୍‌ର ବିଦାୟୀ ସଭାପତି ରୋଟାରିଆନ ବ୍ରିଗେଡିୟର ଡଃ. ପ୍ରଫୁଲ୍ଲ କୁମାର ସାହୁ ଓ ସମ୍ପାଦକ ରୋଟାରିଆନ ଇଂ ସୁରେନ୍ଦ୍ର କୁମାର ପଣ୍ଡାଙ୍କଠାରୁ ୨୦୨୫ -୨୬ ବର୍ଷ ପାଇଁ ସଭାପତି ଭାବେ ରୋଟାରିଆନ ପୁଲିନ କୁମାର ସାହୁ ଓ ସମ୍ପାଦକ ଭାବେ ରୋଟାରିଆନ ଡ. ସଞ୍ଜୟ କୁମାର ସାହୁ ଦାୟିତ୍ୱ ଗ୍ରହଣ କରିଥିଲେ। ବିଦାୟୀ ସଭାପତି ବ୍ରିଗେଡିୟର ଡକ୍ଟର ପ୍ରଫୁଲ୍ଲ କୁମାର ସାହୁ ଏବଂ ତାଙ୍କ ଟିମ୍‌କୁ ଗତ ବର୍ଷରେ ପ୍ରଭାବଶାଳୀ ନେତୃତ୍ୱ ଓ କ୍ଲବ୍‌ର ଉଲ୍ଲେଖନୀୟ ସେବା କାର୍ଯ୍ୟ ପାଇଁ ପ୍ରଶଂସା କରାଯାଇଛି। କ୍ଲବ୍‌ର ନୂତନ ସଭାପତି ରୋଟାରିଆନ ଶ୍ରୀ ସାହୁ ଏହି ଦାୟିତ୍ୱ ପାଇଁ କ୍ଲବର ସମସ୍ତ ସଦସ୍ୟଙ୍କୁ ଧନ୍ୟବାଦ ଦେଇଛନ୍ତି। ସମର୍ପଣ, ସେବା ଓ ସମାଜ କଲ୍ୟାଣ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ କାର୍ଯ୍ୟକ୍ରମରେ ୨୪ ଜଣ ଡାକ୍ତର ଓ ଦୁଇ ଜଣ ଚାର୍ଟାର୍ଡ ଆକାଉଣ୍ଟାଣ୍ଟଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ରୋଟାରୀ ଡିଷ୍ଟ୍ରିକ୍ଟ ଗଭର୍ଣ୍ଣର ରୋଟାରିଆନ ମନୋଜ କୁମାର ତ୍ରିପାଠୀ ଯୋଗଦେଇ ରୋଟାରିଆନ୍‌ମାନେ ଅଧିକରୁ ଅଧିକ ସେବାମୂଳକ କାର୍ଯ୍ୟକ୍ରମ ମାଧ୍ୟମରେ ସମାଜର ତଳ ସ୍ତରର ମଣିଷଙ୍କ ଉତ୍‌ଥାନ ପାଇଁ ପ୍ରଚେଷ୍ଟା କରିବା ସକାଶେ ପରାମର୍ଶ ଦେଇଛନ୍ତି। ବିଦାୟୀ ସଭାପତି ବ୍ରିଗେଡିୟର ଡକ୍ଟର ସାହୁ ୨୦୨୪-୨୫ ବର୍ଷରେ ତାଙ୍କ ନେତୃତ୍ୱରେ ହୋଇଥିବା ବିଭିନ୍ନ କାର୍ଯ୍ୟକଳାପ ଉପରେ ଆଲୋକପାତ କରିଥିବା ବେଳେ ବିଦାୟୀ ସଚିବ ରୋଟାରିଆନ ସୁରେନ୍ଦ୍ର କୁମାର ପଣ୍ଡା ୨୦୨୪-୨୫ ବର୍ଷ ପାଇଁ କ୍ଲବ୍‌ର ବାର୍ଷିକ ରିପୋର୍ଟ ଉପସ୍ଥାପନ କରିଥିଲେ।

ଉତ୍ସବରେ ଅତିଥିମାନଙ୍କ ଦ୍ୱାରା ପ୍ରେରଣାଦାୟୀ ଭାଷଣ ପ୍ରଦାନ କରାଯାଇଥିବା ବେଳେ କ୍ଲବର ସ୍ମରଣିକା 'ଧଉଳି' ଉନ୍ମୋଚିତ ହୋଇଛି। କ୍ଲବ୍‌ର କାର୍ଯ୍ୟନିର୍ବାହୀ ସମ୍ପାଦକ ରୋଟାରିଆନ ରମେଶ ଚନ୍ଦ୍ର ମହାନ୍ତିଙ୍କ ଧନ୍ୟବାଦ ପ୍ରସ୍ତାବ ଆଗତ କରିବା ପରେ କାର୍ଯ୍ୟକ୍ରମ ଉଦ୍‌ଯାପିତ ହୋଇଥିଲା। ରୋଟାରିଆନ ଶିବ ପ୍ରସାଦ ପଟ୍ଟନାୟକ କ୍ଲବ୍‌ର ସାର୍ଜେଣ୍ଟ ଭାବେ ଉପସ୍ଥିତି ପରିସଂଖ୍ୟାନ ଉପସ୍ଥାପନ କରିଥିଲେ।

# ସାଇବର ଅପରାଧ ୪ ବର୍ଷରେ ୯ ଗୁଣା



**ଭୁବନେଶ୍ୱର,୩୧।୭:** ଓଡିଶାରେ ସାଇବର ଅପରାଧ ହୁ ହୁ ହୋଇ ବଢିବାରେ ଲାଗିଛି। ଚାରିବର୍ଷ ମଧ୍ୟରେ ଏହା ପ୍ରାୟ ୯ଗୁଣ ବୃଦ୍ଧି ପାଇ ୫୩ହଜାରକୁ ଟପିଯାଇଛି। ସମଗ୍ର ଦେଶରେ ବି ଏହି ସମୟ ମଧ୍ୟରେ ସାଇବର ଅପରାଧ ଦ୍ରୁତ ଗତିରେ ବଢିବାରେ ଲାଗିଛି ।

ଦେଶରେ ସାଇବର ଅପରାଧ ସଂକ୍ରାନ୍ତରେ କେନ୍ଦ୍ର ଗୃହ ରାଷ୍ଟ୍ରମନ୍ତ୍ରୀ ବନ୍ଦି ସଞ୍ଜୟ କୁମାର ରାଜ୍ୟସଭାରେ ଦେଇଥିବା ଏକ ଉତ୍ତରରୁ ଏହା ଜଣାଯାଇଛି । ଏଥିରେ ଦର୍ଶାଯାଇଛି ଯେ ୨୦୨୧ ମସିହାରେ ଓଡିଶାରେ ୬୦୫୩ ଟି ସାଇବର ଅପରାଧ ରେକର୍ଡ ହୋଇଥିବାବେଳେ ୨୦୨୪ ମସିହାରେ ଏହା ୫୩ହଜାରକୁ ଅତିକ୍ରମ କରିଯାଇଛି । ଚଳିତବର୍ଷ ଜୁନ୍ ଶେଷସୁଦ୍ଧା ଏହି ସଂଖ୍ୟା ୨୮ହଜାରକୁ ଟପିଗଲାଣି ।

ସମଗ୍ର ଦେଶରେ ଏହି ଚାରିବର୍ଷ ମଧ୍ୟରେ ସାଇବର ଅପରାଧ ହାର ବି ହୁ ହୁ ହୋଇ ବଢିବାରେ ଲାଗିଛି । ୨୦୨୧ ମସିହାରେ ଦେଶରେ ୪ଲକ୍ଷ ୫୨ହଜାର ସାଇବର ଅପରାଧ ରେକର୍ଡ ହୋଇଥିବାବେଳେ ୨୦୨୪ରେ ଏହା ୨କୋଟି ୨୬ଲକ୍ଷକୁ ଟପିଯାଇଛି । ଚଳିତବର୍ଷ ଜୁନ୍ ଶେଷ ସୁଦ୍ଧା ଏହି ଅପରାଧ ସଂଖ୍ୟା ପ୍ରାୟ ଏକ କୋଟି ୨୫ ଲକ୍ଷ ହୋଇଗଲାଣି । ତେବେ ସାଇବର ଅପରାଧ କ୍ଷେତ୍ରରେ ସବୁଠାରୁ ଆଗରେ ରହିଛି ମହାରାଷ୍ଟ୍ର । ୨୦୨୪ରେ ଏଠାରେ ୩ଲକ୍ଷରୁ ଅଧିକ ସାଇବର ମାମଲା ପଞ୍ଜିକୃତ ହୋଇଛି । ଉତ୍ତରପ୍ରଦେଶରେ ମଧ୍ୟ ୩ଲକ୍ଷରୁ ଅଧିକ ସାଇବର ଅପରାଧ ଘଟିଛି। ମନ୍ତ୍ରୀ ଉଲ୍ଲେଖ କରିଛନ୍ତି ଯେ ଯେତେସଂଖ୍ୟକ ସାଇବର ଅପରାଧ ଘଟୁଛି ସେଥିରେ ସଂଖ୍ୟାଧିକ ରହୁଛି ଆର୍ଥିକ ଠକେଇ । ଏହାକୁ ରୋକିବାପାଇଁ ସରକାର ୨୦୨୧ ମସିହାରେ ସିଟିଜେନ୍ ଫାଇନାନସିଆଲ ସାଇବର ଫ୍ରଡ ରିପୋର୍ଟିଂ ଆଣ୍ଡ ମ୍ୟାନେଜମେଣ୍ଟ ସିଷ୍ଟମ ଆରମ୍ଭ କରିଛନ୍ତି । ଆର୍ଥିକ ଠକେଇର ଶିକାର ହେଉଥିବା ସାଧାରଣ ଲୋକେ ଏଥିରେ ଅଭିଯୋଗ କଲେ ସେମାନଙ୍କ ଠକେଇକୁ ରୋକାଯିବା ସହିତ ଠକେଇ ଟଙ୍କା ଫେରାଇ ଅଣାଯାଇ ପାରିବ । ବର୍ତ୍ତମାନ ସୁଦ୍ଧା ଏଥିରେ ହୋଇଥିବା ପାଖପାଖି ୧୮ଲକ୍ଷ ଅଭିଯୋଗ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ୫୪୮୯ କୋଟି ଟଙ୍କାକୁ ସୁରକ୍ଷିତ ରଖାଯାଇ ପାରିଛି । ଏଭଳି ଠକେଇ ରୋକିବାପାଇଁ ନିଶୁଳ୍କ ହେଲ୍ପଲାଇନ୍ ନମ୍ବର ୧୯୩୦ ଜାରି କରାଯାଇଛି । ଏହି ନମ୍ବରରେ ଫୋନ୍‌କରି ଯେକୌଣସି ଲୋକ ସାଇବର ଠକେଇ ସଂକ୍ରାନ୍ତରେ ଅଭିଯୋଗ କରିପାରିବ ।

ସେହିଭଳି ରାଜ୍ୟ ସରକାର ସାଇବର ଫ୍ରଡ୍ ମିଟିଗେସନ ସେଣ୍ଟର (ସିଏଫ୍‌ଏମ୍‌ସି) ଗଠନ କରାଯିବା ସହିତ ଏଥିରେ ପ୍ରମୁଖ ବ୍ୟାଙ୍କ୍, ଆର୍ଥିକ ଅନୁଷ୍ଠାନ, ପେମେଣ୍ଟ ଏଗ୍ରିଗେଟର, ଟେଲିକମ୍ ସେବା ପ୍ରଦାନକାରୀଙ୍କ ସହିତ ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳର ଆଇନ୍ ପ୍ରଣୟନକାରୀ ସଂସ୍ଥାମାନେ ମିଳିତ ଭାବେ କାର୍ଯ୍ୟ କରୁଛନ୍ତି । ଏହାଛଡା କେନ୍ଦ୍ର ସକରାର ୯.୪୨ଲକ୍ଷ ସିମ୍‌କାର୍ଡ ଅଚଳ କରିବା ସହିତ ୨,୬୩,୩୪୮ ଆଇଏମଇଆଇ ନମ୍ବରକୁ ମଧ୍ୟ ବାଜ୍ୟାପ୍ତ କରିଛନ୍ତି ।

ସାଇବର ଅପରାଧ ରୋକିବାପାଇଁ ପୁଲିସ୍ ଓ ଆଇନ୍ ଅଧିକାରୀମାନଙ୍କ ଦକ୍ଷତା ବିକାଶ କରାଯାଇଛି । ଏଥିପାଇଁ 'ସାଇଟ୍ରେନ୍' ପ୍ଲାଟଫର୍ମ ପ୍ରସ୍ତୁତ ହୋଇଥିବାବେଳେ ଏହା ଜରିଆରେ ଏକ ଲକ୍ଷରୁ ଅଧିକ ପୁଲିସ୍ ଅଧିକାରୀଙ୍କୁ ତାଲିମ ଦିଆଯିବା ସହିତ ପୋର୍ଟାଲ ଜରିଆରେ ୮୨ହଜାରରୁ ଅଧିକ ସାର୍ଟିଫିକେଟ ପ୍ରଦାନ କରାଯାଇଛି।(ତଥ୍ୟ)।

## ବିପୁଳ ପରିମାଣର କଫ୍ ସିରପ ଜବତ, ଜଣେ ଅଟକ




**କଟକ, ୩୧।୭ (ସଂଚାର ବ୍ୟୁରୋ) :** ଏକ କୋରିଅର ସଂସ୍ଥାରୁ ଜବତ ହେଲା ୬୦ ରୁ ଉର୍ଦ୍ଧ୍ୱ ପ୍ୟାକେଟରୁ ହଜାର ହଜାର ବେଆଇନ କଫ ସିରପ । ଏସ୍‌ଟିଏଫ୍ ଟିମ୍ , ଜିଲ୍ଲା ପ୍ରଶାସନ, ଡ୍ରଗ୍ସ କଣ୍ଟ୍ରୋଲରଙ୍କ ମିଳିତ ଉଦ୍ୟମରେ ଏହି ଚଢ଼ାଉ ଜାରି ରହିଛି। ଏହି ମାମଲାରେ ଜଣଙ୍କୁ ଅଟକ ରଖି ପଚରାଉଚରା କରୁଛି ଏସ୍‌ଟିଏଫ୍ ଟିମ୍। କୋରିଅର ଜରିଆରେ ଏହି କଫ ସିରପ୍ କାରବାର ହେଉଥିଲା। ତେବେ ଏହି କଫ ସିରପ କେଉଁଠୁ ଆସୁଥିଲା ଓ କେଉଁଠି ବିକ୍ରି ହେଉଥିଲା ତାହାର ଖୋଳତାଡ଼ ଜାରି ରଖିଛି ଏସ୍‌ଟିଏଫ୍।

● ଅଗଷ୍ଟ ୯ରେ ରାଜ୍ୟସ୍ତରୀୟ କ୍ରାନ୍ତି ଦିବସ ସମାରୋହ

## ଆଇନ ମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଅଭ୍ୟର୍ଥନା କମିଟି



**ଭୁବନେଶ୍ୱର, ୩୧।୭ (ସଂଚାର ବ୍ୟୁରୋ) :** ଭାରତର ସ୍ୱାଧୀନତା ଆନ୍ଦୋଳନରେ ଅଗଷ୍ଟ ବିପ୍ଳବର ଭୂମିକା ଉଲ୍ଲେଖନୀୟ । ୧୯୪୨ ଅଗଷ୍ଟ ୯ରେ ମହାତ୍ମା ଗାନ୍ଧୀ ଇଂରେଜ ଶାସନକୁ 'ଭାରତ ଛାଡ଼' ଆହ୍ୱାନ ଦେଇଥିଲେ। ଭାରତବର୍ଷର ହଜାର ହଜାର ନାଗରିକ ଏହି ଆହ୍ୱାନରେ ଆନ୍ଦୋଳନରେ ଝାସ ଦେଇ କାରାବରଣ କରିଥିଲେ ବା ଶହୀଦ ହୋଇଥିଲେ । ଭାରତ ଛାଡ଼ ଆନ୍ଦୋଳନର ସେହି ଦିବସକୁ କ୍ରାନ୍ତି ଦିବସ ଭାବେ ଦେଶ ପାଳନ କରିଆସୁଛି। ଆସନ୍ତା ଅଗଷ୍ଟ ୯ ତାରିଖରେ ରାଜ୍ୟ ସ୍ୱାଧୀନତା ସଂଗ୍ରାମୀ ସମିତି ପକ୍ଷରୁ ଭୁବନେଶ୍ୱର ଶହୀଦ ସ୍ମାରକୀ ସ୍ୱାଧୀନତା ସଂଗ୍ରାମୀ ସଦନଠାରେ ଅଗଷ୍ଟ କ୍ରାନ୍ତିର ରାଜ୍ୟସ୍ତରୀୟ ସମାରୋହ ଆୟୋଜିତ ହେବ। ଶହୀଦ ଏବଂ ଦିବଂଗତ ସ୍ୱାଧୀନତା ସଂଗ୍ରାମୀଙ୍କୁ ଶ୍ରଦ୍ଧାଞ୍ଜଳି ସହ ଅଗଷ୍ଟ ବିପ୍ଳବର ସ୍ମୃତିଚାରଣ କରାଯିବ । କାର୍ଯ୍ୟକ୍ରମରେ ଯୋଗଦେବା ଲାଗି ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ, ମନ୍ତ୍ରୀମଣ୍ଡଳର ସଦସ୍ୟ, ବିଭିନ୍ନ ରାଜନୈତିକ ଦଳର ନେତୃବୃନ୍ଦ, ବୁଦ୍ଧିଜୀବୀ ଓ ସମାଜର ସବୁ ବର୍ଗର ବ୍ୟକ୍ତିବିଶିଷ୍ଟଙ୍କୁ ନିମନ୍ତ୍ରଣ କରାଯାଇଛି। ଅଗଷ୍ଟ ୯ ପୂର୍ବାହ୍ନ ୯ଟା ୩୦ରେ ଜାତୀୟ ପତାକା ଉତ୍ତୋଳନ ପରେ ଶହୀଦ ସ୍ମାରକୀରେ ଶ୍ରଦ୍ଧାର୍ପଣ ଓ ରାମଧୂନ କରାଯିବ । ଏହି କାର୍ଯ୍ୟକ୍ରମରେ ଯୋଗ ଦେବାଲାଗି ସମସ୍ତ ଶହୀଦ ଓ ସ୍ୱାଧୀନତା ସଂଗ୍ରାମୀଙ୍କ ପରିବାର ସଦସ୍ୟଙ୍କୁ ରାଜ୍ୟ ସ୍ୱାଧୀନତା ସଂଗ୍ରାମୀ ସମିତି ପକ୍ଷରୁ ନିବେଦନ କରାଯାଇଛି । ଅଗଷ୍ଟ କ୍ରାନ୍ତିର ଏହି ରାଜ୍ୟସ୍ତରୀୟ ଉତ୍ସବରେ ଯୋଗଦେଇ ଅଗଷ୍ଟ ବିପ୍ଳବର ମହାନାୟକଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇବାକୁ ସ୍ୱାଧୀନତା ସଂଗ୍ରାମୀ ସମିତି ସଭାପତି ବିମ୍ବାଧର ମୁଦୁଲି ଓ ସାଂସଦ ଭର୍ତ୍ତୃହରି ମହତାବ ଅନୁରୋଧ କରିଛନ୍ତି । ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମ ଲାଗି ଗଠିତ ଅଭ୍ୟର୍ଥନା କମିଟିର ଅଧ୍ୟକ୍ଷ ଭାବେ ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଓ ଉପାଧ୍ୟକ୍ଷ ଭାବେ ବିଧାୟକ ବାବୁ ସିଂଙ୍କୁ ମନୋନୀତ କରାଯାଇଥିବାବେଳେ ଉପେନ୍ଦ୍ର ପାଢ଼ୀ, ବିରୂପାକ୍ଷ ତ୍ରିପାଠୀ, ଅଭୟ ବଡ଼ଜେନା ସଂଯୋଜକ ଅଛନ୍ତି।

ପ୍ରକୃତ ଧନ-ଆଜି ପର୍ଯ୍ୟନ୍ତ କେହି ପାର୍ଥିବ ଧନ ସଂସାରରୁ ନେଇ ଆଉ ପାରିନାହାଁନ୍ତି। ଯାହା ନେଇଛନ୍ତି ତାହା ସତ କର୍ମ ବା ପୁଣ୍ୟର ଫଳ। ଏହା ହିଁ ପ୍ରକୃତ ଧନ ଯାହା ଆର ପାରିରେ ସହାୟକ ହୋଇଥାଏ।

sanchar.live

ସମ୍ପାଦକୀୟ

SANCHAR ସଂଚାର

୪ ଶୁକ୍ରବାର ୧ ଅଗଷ୍ଟ ୨୦୨୫, ଭୁବନେଶ୍ୱର
Friday 1 August 2025, Bhubaneswar

# ସାଧୁତାର ମୁଖା ଖୋଲିଲା

ଆଇନ ଆଖିରେ ଅପରାଧୀଙ୍କୁ ଜେଲ, ଜୋରିମାନା ହେଉଛି। ଅନେକ ସମୟରେ ନିରପରାଧ ବ୍ୟକ୍ତି ମଧ୍ୟ ଦଣ୍ଡିତ ଏବଂ ଅପମାନିତ ହେଉଛନ୍ତି। କାରଣ ଚତୁର ବ୍ୟକ୍ତିମାନେ ଆଇନର ଗଳାବାଟ ଦେଇ ଖସିବା କୌଶଳ ଜାଣିଛନ୍ତି। ସେମାନେ ନିଜେ ତ ଖସି ଯାଉଛନ୍ତି, କିନ୍ତୁ ସେମାନଙ୍କ ପାଇଁ ନିରପରାଧ ବ୍ୟକ୍ତି ଦଣ୍ଡିତ ହେଉଛନ୍ତି। କିନ୍ତୁ ସବୁ ଦିନ ଚୋର ଘର ଅନ୍ଧାର ନଥାଏ। ଦିନେ ନା ଦିନେ ଚୋର ଧରାପଡ଼ିବ, ପ୍ରକୃତ ସତ୍ୟ ଉନ୍ମୋଚିତ ହେବ। ଏହା ହେଉଛି ପ୍ରକୃତିର ନିୟମ। ରାଜନୀତିରେ ମଧ୍ୟ ସମାନ ନିୟମ କାର୍ଯ୍ୟକାରୀ ହୋଇଥାଏ। ଦୀର୍ଘ ୪୦ ବର୍ଷ ପରେ କଂଗ୍ରେସ ନେତା ସଜ୍ଜନ କୁମାର ଦିଲ୍ଲୀ ଶିଖ ବିରୋଧୀ ଦଙ୍ଗାରେ ସମ୍ପୃକ୍ତି ଏବଂ ହତ୍ୟା, ଗୃହଦାହ, ଲୁଟ ଆଦି ଅଭିଯୋଗରେ ଦୋଷୀ ସାବ୍ୟସ୍ତ ହୋଇ ଆଜୀବନ ଜେଲ ଦଣ୍ଡରେ ଦଣ୍ଡିତ ହୋଇଛନ୍ତି। ବିଳମ୍ବରେ ହେଉ ପଛେ ନ୍ୟାୟ ମିଳିଲା। କଂଗ୍ରେସ ନେତାଙ୍କ ଅସଲ ଚେହେରା ପଦାରେ ପଡ଼ିଲା। ସମସ୍ତେ ଜାଣିଲେ ଯେ, ନିଜକୁ ଜନନେତା ବୋଲି ଦାବି କରୁଥିବା ବ୍ୟକ୍ତି ଜଣେ ହତ୍ୟାକାରୀ। ତାଙ୍କୁ ଆଜୀବନ ଜେଲ ବାସ୍ତବରେ ଖୁବ କମ ହୋଇଯାଇଛି। ତାଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ଉଚିତ। ଏଭଳି ଛଦ୍ମ ସ୍ୱଚ୍ଛତାର ସବୁଠାରୁ ବଡ଼ ଉଦାହରଣ ହେଲେ ଆମ ଆଦମୀ ପାର୍ଟି ନେତା ଅରବିନ୍ଦ କେଜରିୱାଲ। ଜନ ଲୋକପାଳ ବିଲ ଦାବିରେ ଆନ୍ଦୋଳନରେ ସାମିଲ ହୋଇ ଲୋକଲୋଚନକୁ ଆସିଥିବା ଅରବିନ୍ଦ କେଜରିୱାଲ ପ୍ରଥମେ ନିଜକୁ ଜଣେ ଜନସେବକ ବୋଲି ଦର୍ଶାଇଥିଲେ। କିନ୍ତୁ ପରେ ସେ ନିଜର ଅସଲ ଚେହେରା ଦେଖାଇଲେ। ତାଙ୍କ ଜନସେବା ଏବଂ ରାଜନୀତି କ୍ଷମତା ପାଇଁ ଉଦ୍ଦିଷ୍ଟ। ଏଥିପାଇଁ ସେ ନିଜର ଏକ ନୂଆ ରାଜନୈତିକ ଦଳ (ଆପ) ଗଠନ କରି ନିର୍ବାଚନ ଲଢ଼ିଲେ। ଏଥିରେ ସେ ସଫଳ ହେଲେ ମଧ୍ୟ। ଦୀର୍ଘ ୧୦ ବର୍ଷ ଧରି ତାଙ୍କ ଦଳ ଦିଲ୍ଲୀରେ ଶାସନ କ୍ଷମତା ଦଖଲ କରିଥିଲା। ଦିଲ୍ଲୀବାସୀ ତାଙ୍କୁ ନିରଙ୍କୁଶ ସମର୍ଥନ ପ୍ରଦାନ କରିଥିଲେ। କିନ୍ତୁ କ୍ଷମତାକୁ ଆସିବା ପରେ କେଜରିୱାଲଙ୍କ ଆଭିମୁଖ୍ୟରେ ପରିବର୍ତ୍ତନ ଆସିଲା। ମାଗଣା ବିଜୁଳି, ମହିଳାଙ୍କୁ ମାଗଣା ବସ ଯାତ୍ରା ଭଳି ଶସ୍ତା କାର୍ଯ୍ୟକ୍ରମ ମାଧ୍ୟମରେ ସେ କେବଳ ଭୋଟ ବ୍ୟାଙ୍କ ସୃଷ୍ଟିରେ ଲାଗିଲେ। କିନ୍ତୁ ଦିଲ୍ଲୀର ବିକାଶ ପାଇଁ ସେ କିଛି କଲେ ନାହିଁ। ୧୦ ବର୍ଷ କ୍ଷମତାରେ ରହିବା ସତ୍ତ୍ୱେ ଦିଲ୍ଲୀରେ ବାୟୁ ପ୍ରଦୂଷଣ ସମସ୍ୟା ଦୂର ହୋଇପାରିଲା ନାହିଁ। ଯମୁନାର ଜଳ ଅଧିକ ବିଷାକ୍ତ ହେଲା। ଦିଲ୍ଲୀରେ ଲୋକଙ୍କ ମୌଳିକ ସମସ୍ୟା ଦୂର ହୋଇପାରିଲା ନାହିଁ। ସବୁଠାରୁ ବଡ଼ କଥା ହେଲା ଲୋକେ ଅରବିନ୍ଦ କେଜରିୱାଲଙ୍କ ସାଧୁତା ଏବଂ ସ୍ୱଚ୍ଛତା ଉପରେ ଭରସା କରି ତାଙ୍କୁ ଭୋଟ ଦେଲେ। କଂଗ୍ରେସର ଦୁର୍ନୀତି ଏବଂ ଭ୍ରଷ୍ଟାଚାର ବିରୋଧରେ ଲୋକେ ଆମ ଆଦମୀ ପାର୍ଟିକୁ କ୍ଷମତାକୁ ଆଣିଲେ। କିନ୍ତୁ କେଜରିୱାଲ ଦିଲ୍ଲୀବାସୀଙ୍କୁ, ଦେଶବାସୀଙ୍କୁ ନିରାଶ କଲେ। ଲୋକଙ୍କୁ ଧୋକା ଦେଲେ। ଉତ୍ତମ ଶାସନ ପ୍ରଦାନ କରିବାରେ ସେ କେବଳ ବିଫଳ ହେଲେ ନାହିଁ, ଦୁର୍ନୀତିରେ ସମ୍ପୃକ୍ତ ହୋଇ ଜେଲ ଗଲେ।। ତେଣୁ ଗତ ବିଧାନସଭା ନିର୍ବାଚନରେ ଦିଲ୍ଲୀବାସୀ କେଜରିୱାଲଙ୍କ ଆମ ଆଦମୀ ପାର୍ଟିକୁ ପ୍ରତ୍ୟାଖ୍ୟାନ କଲେ। ଦିଲ୍ଲୀରେ ଦୀର୍ଘ ୨୭ ବର୍ଷ ପରେ ବିଜେପି କ୍ଷମତାକୁ ଫେରିଛି। ରେଖା ଗୁପ୍ତା ମୁଖ୍ୟମନ୍ତ୍ରୀ ହୋଇଛନ୍ତି। ବିଧାନସଭାର ପ୍ରଥମ ଅଧିବେଶନରେ ସିଏଜି ରିପୋର୍ଟ ଉପସ୍ଥାପନ କରାଯାଇଛି ଯାହାକୁ ପୂର୍ବତନ ଆପ ସରକାର ଚାପି ରଖିଥିଲେ। ସିଏଜି ରିପୋର୍ଟରେ କେଜରିୱାଲଙ୍କ ଦୁର୍ନୀତିର ପେଡ଼ି ଖୋଲିଛି। ଆପ ସରକାରଙ୍କ ସମୟରେ ଦିଲ୍ଲୀରେ ନୂଆ ମଦ ନୀତି କାର୍ଯ୍ୟକାରୀତାରେ କିପରି ଅନିୟମିତତା ହୋଇଥିଲା ସେ ସମ୍ପର୍କରେ ସିଏଜି ରିପୋର୍ଟରେ ତଥ୍ୟ ରହିଛି। ଏହି ରିପୋର୍ଟ ଅନୁଯାୟୀ ଦିଲ୍ଲୀର ତତ୍କାଳୀନ ସରକାରଙ୍କ ତ୍ରୁଟିପୂର୍ଣ୍ଣ ମଦ ନୀତି ହେତୁ ସରକାରଙ୍କ ୨ହଜାର କୋଟି ଟଙ୍କା କ୍ଷତି ହୋଇଛି। ସେହିପରି ତତ୍କାଳୀନ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜରିୱାଲଙ୍କ ସରକାରୀ ବାସଗୃହର ନବୀକରଣରେ ବ୍ୟାପକ ଅନିୟମିତତା ହୋଇଥିବା ଦର୍ଶାଯାଇଛି। ଏଥିରୁ ଅରବିନ୍ଦ କେଜରିୱାଲ ଏବଂ ତାଙ୍କ ଦଳର ଛଦ୍ମରୂପ ପଦାରେ ପଡ଼ିଯାଇଛି। ଭାରତବାସୀ ଆଶା କରିଥିଲେ ଯେ, ଅରବିନ୍ଦ କେଜରିୱାଲଙ୍କ ନେତୃତ୍ୱରେ ଆମ ଆଦମୀ ପାର୍ଟି ଜାତୀୟ ରାଜନୀତିରେ ଏକ ବିକଳ୍ପ ଶକ୍ତି ଭାବେ ଉଭା ହେବ। କିନ୍ତୁ ଦେଶବାସୀଙ୍କୁ କେଜରିୱାଲ ନିରାଶ କରିଛନ୍ତି। ସ୍ୱଚ୍ଛତା ଏବଂ ସାଧୁତାର କଥା କହୁଥିବା କେଜରିୱାଲ ବାସ୍ତବରେ ତାହା ନୁହଁନ୍ତି ଯାହା ସେ କହୁଛନ୍ତି। ତାଙ୍କ ଉପରେ ଦେଶବାସୀଙ୍କ ଆସ୍ଥା ଏବଂ ବିଶ୍ୱାସ ତୁଟି ଯାଇଛି। ସିଏଜି ଅରବିନ୍ଦ କେଜରିୱାଲଙ୍କ ଅସଲ ଚେହେରାକୁ ଉନ୍ମୋଚିତ କରିଛି। ସେ ଲୋକଙ୍କୁ ଧୋକା ଦେଇଛନ୍ତି। ଏହା ତାଙ୍କ ପାଇଁ ମହଙ୍ଗା ପଡ଼ିବ। ଏବେ ଦିଲ୍ଲୀରେ ଆପ କ୍ଷମତାଚ୍ୟୁତ ହୋଇଛି। ଆଗକୁ ପଞ୍ଜାବରେ ମଧ ଆପ କ୍ଷମତାଚ୍ୟୁତ ହେବ ଏଥିରେ ସନ୍ଦେହ ନାହିଁ। ଅରବିନ୍ଦ କେଜରିୱାଲଙ୍କ ବ୍ୟତିତ ଦଳରେ ଆଉ କେହି ଏଭଳି ବିକଳ୍ପ ନେତା ନାହାଁନ୍ତି ଯାହାଙ୍କୁ ଲୋକେ ବିଶ୍ୱାସ କରିପାରିବେ। ଆପ ଏଭଳି ଏକ ଦଳ ଯାହା ଜଣେ ନେତାଙ୍କ ନେତୃତ୍ୱ ଏବଂ ଭାବମୂର୍ତ୍ତୀ ଉପରେ ନିର୍ଭରଶୀଳ। କଂଗ୍ରେସ ଯେପରି କେବଳ ଗାନ୍ଧି ପରିବାର ଉପରେ ନିର୍ଭରଶିଳ, ଆପ ମଧ ଜଣେ ନେତାଙ୍କ ନିଜସ୍ୱ ସମ୍ପତ୍ତିରେ ପରିଣତ ହୋଇଛି। ଯଦି ଦଳକୁ ତିଷ୍ଠିବାକୁ ହେବ ତେବେ ଦଳରେ ନୂଆ ନେତୃତ୍ୱ ସୃଷ୍ଟି କରିବାକୁ ପଡ଼ିବ। କେଜରିୱାଲଙ୍କୁ ଯେଉଁମାନେ ସ୍ୱଚ୍ଛତାର ମୂର୍ତ୍ତୀମନ୍ତ ପ୍ରତୀକ ବୋଲି ବିଚାର କରୁଛନ୍ତି, ସେମାନେ ଲଜ୍ଜାରେ ମୁଣ୍ଡ ତଳକୁ କରିବା କଥା। ଅନେକ ଏବେ ବି କେଜରିୱାଲଙ୍କୁ ନିର୍ଦ୍ଦୋଷ ବୋଲି ବିଚାର କରୁଛନ୍ତି। ସେମାନେ ହେଉଛନ୍ତି ଅସଲ ଅନ୍ଧଭକ୍ତ। କିନ୍ତୁ ସେମାନେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସମର୍ଥକଙ୍କୁ ଅନ୍ଧଭକ୍ତ ବୋଲି କହୁଛନ୍ତି। ଏହା ହାସ୍ୟାସ୍ପଦ। ଦଳର ଜଣେ ନେତା ଦୁର୍ନୀତିଗ୍ରସ୍ତ ବୋଲି ପ୍ରମାଣିତ ହେଲେ ତାଙ୍କୁ ଦଳରୁ ବା ପଦପଦବୀରୁ ବହିଷ୍କାର କରାଯିବା ଉଚିତ। କିନ୍ତୁ କେଜରିୱାଲଙ୍କୁ କିଏ ବହିଷ୍କାର କରିବ? ଦଳଟାକୁ ସେ ନିଜ ବ୍ୟକ୍ତିଗତ କମ୍ପାନୀ କରିଛନ୍ତି। ଏହାକୁ ଏକ ରାଜନୈତିକ ଦଳ ବୋଲି କୁହାଯାଇଓପାରିବ ନାହିଁ। ଏବେ ଶୁଣାଯାଉଛି ଯେ, କେଜରିୱାଲଙ୍କୁ ଦଳର କିଛି ନେତା ପଞ୍ଜାବ ମୁଖ୍ୟମନ୍ତ୍ରୀ କରିବାକୁ ଯୋଜନା କରାଯାଉଛି। ସେହିପରି ସେ ପଞ୍ଜାବରୁ ରାଜ୍ୟସଭାକୁ ଯିବେ ବୋଲି ଚର୍ଚ୍ଚା ହେଉଛି। ଏହା ଆମ ଆଦମୀ ପାର୍ଟିର ଆଭ୍ୟନ୍ତରୀଣ ବ୍ୟାପାର। ଜଣେ ଅଭିଯୁକ୍ତ ଅଦାଲତରେ ଦୋଷୀ ସାବ୍ୟସ୍ତ ହୋଇ ନାହାଁନ୍ତି। ତେଣୁ ସେ ନିର୍ବାଚନ ଲଢ଼ିପାରିବେ ଏବଂ ସକ୍ରିୟ ରାଜନୀତିରେ ସାମିଲ ହୋଇପାରିବେ। କିନ୍ତୁ ନୈତିକତା ଦୃଷ୍ଟିରୁ ତାଙ୍କର ସଂସଦ ବା ବିଧାନସଭାକୁ ଯିବା ପୂର୍ବରୁ ନିଜକୁ ନିର୍ଦ୍ଦୋଷ ବୋଲି ପ୍ରମାଣିତ କରିବା ଉଚିତ। ନ୍ୟାୟାଳୟ ମଧ ତୁରନ୍ତ ଏହାର ଫଇସଲା କରିବା ଉଚିତ। ସମାଜରେ ଏଭଳି ଅନେକ ବିଶିଷ୍ଟ ବ୍ୟକ୍ତି ଅଛନ୍ତି, ଯେଉଁମାନେ ବଡ଼ ବଡ଼ ପଦପଦବୀରେ ରହି ଦୁର୍ନୀତିରେ ବୁଡ଼ି ରହିଛନ୍ତି। ସେମାନଙ୍କ ମଧ୍ୟରୁ କେତେକ ଦୁର୍ନୀତି କରି ଧରାପଡ଼ୁଛନ୍ତି। କିନ୍ତୁ ସେମାନଙ୍କ ସଂଖ୍ୟା ବହୁତ କମ। ଆଉ ଯେଉଁମାନେ ଭିଜିଲାନ୍ସ ଜାଲରେ ଧରାପଡ଼ୁଛନ୍ତି ସେମାନଙ୍କ ମଧ୍ୟରୁ ଖୁବ କମ ଅଦାଲତରେ ଦଣ୍ଡିତ ହେଉଛନ୍ତି। ଆଇନର ଫାଙ୍କରେ ଅନେକ ଜାଲରୁ ଖସି ଯାଉଛନ୍ତି। ଏହା ହେଉଛି ସାଧାରଣ ଜନତା ବା ସରକାରୀ କର୍ମଚାରୀଙ୍କ କଥା। କିନ୍ତୁ ଅନେକ ନେତା ମଧ ନିର୍ବାଚନ ବେଳେ ସ୍ୱଚ୍ଛତାର କଥା କହି ଜନ ସମର୍ଥନ ଲୋଡ଼ୁଛନ୍ତି। ଲୋକଙ୍କ ଆଗରେ ଦୁର୍ନୀତି ବିରୋଧରେ ବଡ଼ ବଡ଼ ଭାଷଣ ଦେଉଛନ୍ତି। ଶାସନ କ୍ଷମତାକୁ ଆସିଲେ ଦୁର୍ନୀତି ଲୋପ କରାଯିବ ବୋଲି ସେମାନେ ପ୍ରତିଶ୍ରୁତି ଦେଉଛନ୍ତି କିନ୍ତୁ ବାସ୍ତବରେ ଏହାର ବିପରୀତ କାମ କରୁଛନ୍ତି। ସେମାନଙ୍କ ଅସଲ ସ୍ୱରୂପ ପଦାରେ ପଡ଼ିବା ଉଚିତ। ସେମାନଙ୍କୁ ଜନତା ବିଶ୍ୱାସ କରିବା ଅନୁଚିତ। ଭାରତରେ ଜଣେ ଅଭିଯୁକ୍ତ ଯେ ପର୍ଯ୍ୟନ୍ତ କୋର୍ଟରେ ଦୋଷୀ ସାବ୍ୟସ୍ତ ନହୋଇଛନ୍ତି, ସେ ପର୍ଯ୍ୟନ୍ତ ତାଙ୍କୁ ନିର୍ଦ୍ଦୋଷ ବୋଲି ବିଚାର କରାଯାଇଥାଏ। କିନ୍ତୁ ଆମେରିକାରେ ଏହାର ବିପରୀତ। ଜଣେ ଅଭିଯୁକ୍ତ କୋର୍ଟରେ ନିର୍ଦ୍ଦୋଷ ପ୍ରମାଣିତ ନହେବା ପର୍ଯ୍ୟନ୍ତ ଦୋଷୀ ବୋଲି ବିବେଚିତ ହୋଇଥାଏ। ଭାରତରେ ମାନବାଧିକାର ସୁରକ୍ଷାକୁ ସର୍ବାଧିକ ଗୁରୁତ୍ୱ ଦିଆଯାଇଥାଏ। କିନ୍ତୁ ଅନେକ ଆଇନର ଏହି କୋହଳ ଆଭିମୁଖ୍ୟରୁ ଫାଇଦା ଉଠାନ୍ତି। ଆଇନରେ ଥିବା ଦୋଷ ଦୁର୍ବଳତା ଏବଂ ତଦନ୍ତକାରୀ ସଂସ୍ଥାର ଅପାରଗତାରୁ ସେମାନେ ଫାଇଦା ଉଠାନ୍ତି। କେଜରିୱାଲ ମଧ ତାହା କରୁଛନ୍ତି। ଏଥିପ୍ରତି ଦେଶବାସୀ ସତର୍କ ରହିବା ଉଚିତ। ସେ ଜଣେ ଭରସାଯୋଗ୍ୟ ନେତା ବୋଲି ଆଜି ପର୍ଯ୍ୟନ୍ତ ନିଜକୁ ପ୍ରମାଣିତ କରିପାରିନାହାଁନ୍ତି। ତାଙ୍କୁ ଜଣେ ଜାତୀୟ ନେତା ବା ରାଷ୍ଟ୍ରନୀତିଜ୍ଞ ବୋଲି ବିବେଚନା କରିବା ଅନୁଚିତ।

# ପହଲଗାମ ପାଇଁ ନୂଆ ଆହ୍ୱାନ



ସତୀଶ ବିଶ୍ୱାଳ

ପହଲଗାମର ବର୍ବରତା ପଛରେ ଥିବା ନରରାକ୍ଷାସ ରୂପୀ ଆତଙ୍କବାଦୀଙ୍କୁ ହତ୍ୟା କରାଯାଇ ଥିବାର ଦାବି କରାଯାଉଛି। ତାହା ପୁଣି ସଂସଦରେ ପେହଲଗାମ ପ୍ରସଙ୍ଗ ଆଲୋଚନା ଦିନ ଏଭଳି ସଫଳତା ମିଳୁଛି। ବିରୋଧୀ ଦଳର ଚାପରେ ଏଭଳି ସଫଳତା ମିଳିଛି କି ବୋଲି ସୃଷ୍ଟି ହେଉଥିବା ପ୍ରଶ୍ନ ଭିନ୍ନ ପ୍ରସଙ୍ଗ ହୋଇପାରେ। ସଂସଦରେ ପହେଲଗାମ ଆତଙ୍କବାଦୀ ପ୍ରସଙ୍ଗ ଆଲୋଚନାର ପରେ ଆମେରିକା ରାଷ୍ଟ୍ରପତିଙ୍କ ଭାରତ ପ୍ରତି ଥିବା ମନୋଭାବର ସ୍ପଷ୍ଟ ଚିତ୍ର ପ୍ରମାଣିତ ହୋଇଗଲା। ମିଛି ମିଛିକା ପ୍ରେମ, ଛଳନା କିମ୍ବା ଭୟରେ ଭଲ ପାଇବା ଉଭୟ ବ୍ୟକ୍ତି ଜୀବନ ଏବଂ ରାଷ୍ଟ୍ର ଜୀବନ ପାଇଁ କ୍ଷତିକାରକ। ଏତିକିରୁ ଆମେ କହି ପାରିବା ଗଣତାନ୍ତ୍ରିକ ବ୍ୟବସ୍ଥାରେ ଅନେକ ଶସମୟରେ ବିରୋଧୀ ଦଳର ସ୍ୱର ସରକାରକୁ ଭଲ ବାଟରୁ ଭଲ ବାଟକୁ ମାର୍ଗ ଦେଖାଇ ଥାଏ।

ବିରୋଧୀ ଦଳ ତଥା କଂଗ୍ରେସର ୨ ମାସର ଦାବି ପରେ ସରକାର ଦେଶର ଏହି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ଆଲୋଚନା ପାଇଁ ସମୟ ଦେଲେ। ବିରୋଧୀ କଂଗ୍ରେସର ଜୋରଦାର ଦାବି ପରେ ମୋଦୀ ସରକାର ପୁରା ୧୬ ଘଂଟା ଆଲୋଚନା ପାଇଁ ସମୟ ଦେବା ସୁସ୍ଥ ଗଣତାନ୍ତ୍ରିକ ପରମ୍ପରା। ଆମ ଦେଶ ଭିତରେ ପାକିସ୍ଥାନର ସନ୍ତ୍ରାସବାଦୀ ମାନେ ପ୍ରବେଶ କରି ଜଣେ ନେପାଳୀ ନାଗରିକଙ୍କ ସହ ୨୬ ଜଣ ହିନ୍ଦୁ ତଥା ଭାରତୀୟଙ୍କୁ ମାରି ଦେଲେ। ସେମାନଙ୍କ ଏଭଳି ଯୋଜନା ନେଇ ଦେଶ ପାଖରେ ଆଗରୁ କୌଣସି ସୂଚନା ନଥିଲା। ଏପରିକି ସନ୍ତ୍ରାସବାଦୀମାନେ ଏଭଳି ନାରକୀୟ କାଣ୍ଡ କରି ଦେଶକୁ ବଡ ଚ୍ୟାଲେଜ ଦେଇ କୁଆଡେ ଗଲେ ଏବଂ କେଉଁଠି ଅଛନ୍ତି ତାର ପାତ୍ତା ମଧ ମିଳୁନାହିଁ। କଂଗ୍ରେସ ନେତାଙ୍କ ଭାଷାରେ ଆତଙ୍କବାଦୀମାନେ ମାଟି ଫଟାଇ ପାତାଳକୁ ପଳାଇଲେ ନାଁ ଆକାଶ ଚିରି ସ୍ୱର୍ଗକୁ ପଳାଇଲେ ? ଏହା ସିଧା ସଳଖ ଆମ ଦେଶର ସୁରକ୍ଷା ଏଜେନ୍ସି ତଥା ଗୁଇନ୍ଦା ସଂସ୍ଥାର ବିଶ୍ୱସନୀୟତା ତଥା ପାରିବା ପଣିଆ ନେଇ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏହା ଦେଶର ଗୃହ ଏବଂ ପ୍ରତିରକ୍ଷା ମନ୍ତ୍ରଣାଳୟର ବିଫଳତାକୁ ସଂକେତ ଦେଉଥିବାର ବିରୋଧୀ ପକ୍ଷର ଅଭିଯୋଗକୁ ଅସ୍ୱୀକାର କରାଯାଇ ନପାରେ। ତେବେ କଂଗ୍ରେସ ସରକାର ସମୟରେ ଆହୁରି ଅଧିକ ଜଗନ୍ୟ ଆତଙ୍କବାଦୀ କାର୍ଯ୍ୟାକଳାପକୁ ଏ ଦେଶ ବରଦାସ୍ତ କରିଛି। ଏହାର ଅର୍ଥ ନୁହେଁ ଯେ, ବାରମ୍ବାର ଦେଶ ଏଭଳି ବର୍ବରତାର ଶୀକାର ହେବ।

ସଂସଦ ଚଳାଇବା ପାଇଁ ବିଧି ବ୍ୟବସ୍ଥା ରହିଛି। ଏହା ରାସ୍ତାଘାଟ, ଗାଁ ଦାଣ୍ଡ କିମ୍ବା ଖେଳ ପଡିଆ ନୁହେଁ ଯେ, ଏତେବଡ ଦେଶର ସର୍ବୋଚ୍ଚ ଗୃହରେ ଯିଏ ଯାହା ଚାହିଁବ ତାହା କରି ପାରିବ। ଅପରେସନ ସିନ୍ଦୁର ନେଇ ସରକାର ଆଲୋଚନା ପାଇଁ ପ୍ରତିଶୃତି ଦେଲେ। ଦେଶର ସର୍ବୋଚ୍ଚ ନେତା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଲୋଚନାରେ ଭାଗ ନେବା ପାଇଁ ପ୍ରସ୍ତୁତ ଥିଲେ। ଏହା ବିରୋଧୀ କଂଗ୍ରେସ ପାଇଁ ଗୋଟିଏ ଭଲ ସଂକେତ ଥିଲା। ଏହା ପୂର୍ବରୁ ପ୍ରଶ୍ନକାଳ ଆଲୋଚନାରେ କଂଗ୍ରେସ ତରଫରୁ ହଠାତ ହଟଗୋଳ କରାଗଲା। ଦେଶର ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ପ୍ରଶ୍ନକାଳ ସମୟରେ ଆଲୋଚନା ହୋଇଥାଏ। ଲୋକସଭାର ବାଚସ୍ପତି ବାରମ୍ବାର ସଂସଦ ଚଲାଇବାରେ କଂଗ୍ରେସ ସଭ୍ୟଙ୍କ ସହଯୋଗ ଲୋଡିଲେ। ହେଲେ ବିରୋଧୀ ପକ୍ଷ ଶୁଣିବା ଅବସ୍ଥାରେ ନଥିଲେ। ବାଚସ୍ପତି ବାରମ୍ବାର ଗୃହକାର୍ଯ୍ୟକୁ ମୁଲତବୀ ରଖିବା ଫଳରେ ଦେଶର ଗୁରୁତ୍ୱପୂର୍ଣ୍ଣ ସମୟ ନଷ୍ଟ ହେଉଥିଲା। ଏହି ଆଲୋଚନା ଶୁଣିବା ପାଇଁ ଦେଶବାସୀଙ୍କ ଉତ୍କଣ୍ଠା ରେ ପ୍ରତିବନ୍ଧକ ହେଉଥିଲା। ସଂସଦରେ କଣ ଚାଲିଛି ତାହା ଦେଶବାସୀ ଦେଖୁଛନ୍ତି ଏବଂ ବୁଝୁଛନ୍ତି। ବିରୋଧୀ ଦଳର ଏଭଳି ବିରୋଧ



କରିବାର ଢଙ୍ଗକୁ ଦେଶବାସୀ ସହଜରେ ଗ୍ରହଣ କରୁ ନାହାନ୍ତି। ଏହି ସମୟରେ ବରିଷ୍ଠ କଂଗ୍ରେସ ନେତା ପି ଚିଦାମ୍ବରମଙ୍କ ବୟାନ ପାଇଁ ପାକିସ୍ଥାନ ସପକ୍ଷରେ କଂଗ୍ରେସ ଠିଆ ହେଉଛି ବୋଲି ଦେଶର ଶାସକ ଦଳ ତରଫରୁ ଅଭିଯୋଗ ହେଉଛି। ଯଦିଓ ତାଙ୍କର ବୟାନକୁ ଉଦ୍ଦେଶ୍ୟ ମୂଳକ ଭାବେ ଭୁଲ ଢଙ୍ଗରେ ପ୍ରଦର୍ଶିତ କରାଯାଉଛି ବୋଲି ପି ଚିଦାମ୍ବରମ ବୟାନ ରଖିଛନ୍ତି।

ଅପରେସନ ସିନ୍ଦୁର ଭଳି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ଆଲୋଚନା ହେବାକୁ ଥିବା ବେଳେ ପୁନଶ୍ଚ କଂଗ୍ରେସ ତରଫରୁ ଏସ.ଆଇ.ଆର୍ ନେଇ ଆଲୋଚନା ପାଇଁ ଦାବି କରି ସଂସଦରେ ହୋ ହାଲ୍ଲା କରାଯିବା ଆବଶ୍ୟକ ନଥିଲା। ସର୍ବଦଳୀୟ କମିଟି ବୈଠକରେ ଅପରେସନ ସିନ୍ଦୂର ବିଷୟରେ ଆଲୋଚନା ପାଇଁ ସ୍ଥିର ହୋଇଥିଲା। ସେତେବେଳେ ମଧ ବିପକ୍ଷଙ୍କ ତରଫରୁ ଏସ.ଆଇ. ଆର ପ୍ରସଙ୍ଗରେ ଆଲୋଚନା ପାଇଁ ସର୍ବଦଳୀୟ ବୈଠକରେ କାହିଁକି ପ୍ରସ୍ତାବ ରଖାଗଲା ନାହିଁ ବୋଲି ବାଚସ୍ପତି ଓମ ବିର୍ଲା ପ୍ରଶ୍ନ ଉଠାଇଥିଲେ। ଏହାର ସନ୍ତୋଷ ଜନକ ଯୁକ୍ତିଯୁକ୍ତ ଉତ୍ତର ବିରୋଧୀଙ୍କ ପାଖରେ ନଥିଲା । ଶାସକ ଆଉ ପାଦେ ଆଗକୁ ଯାଇ ବିରୋଧୀ ଅପରେସନ ସିନ୍ଦୂର ନେଇ ଆଲୋଚନାକୁ ଟାଳି ଦେବା ପାଇଁ ଏସ.ଆଇ.ଆର ଆଲୋଚନାକୁ ବାହାନା କରୁଛନ୍ତି ବୋଲି କହିବାକୁ ବାଟ ପାଇଗଲେ। ଯେଉଁ ପ୍ରସଙ୍ଗ କଂଗ୍ରେସ ସପକ୍ଷରେ ଥିଲା ତାହା କଂଗ୍ରେସର ଭୁଲ ଗୋଟି ଚାଳନା ପାଇଁ ଏକପ୍ରକାର ଭିନ୍ନରୂପ ନେଉଥିଲା ।

କଂଗ୍ରେସ ବୁଝିବା ଦରକାର ଯେ, ଦେଶର ଲୋକଙ୍କ ମୁଡ ତଥା ମନୋଭାବ ବଦଳିବା ଭଳି ଲାଗୁଛି। ଏଥିପାଇଁ କଂଗ୍ରେସ ଲାଭବାନ ହେବ ବୋଲି ଆକଳନ ଆରମ୍ଭ ହୋଇଛି। ଦେଶକୁ ସ୍ୱାଧୀନତା କଂଗ୍ରେସ ଦେଇଛି। ଦେଶ ପାଇଁ ଅତୁଳନୀୟ ବଳୀଦାନ ଦେଇଥିବା କଂଗ୍ରେସ ଠାରୁ ଦେଶପ୍ରେମର ପରମ୍ପରା ଲୋକେ ଆଶା ରଖନ୍ତି। କଂଗ୍ରେସ ଏଭଳି ଆଚରଣ ଓ ଉଚ୍ଚାରଣ ନକରୁ ଯାହା ଫଳରେ 'ହିନ୍ଦୁ' କାର୍ଡ ପରି 'ଦେଶପ୍ରେମ'ର କାର୍ଡ ମଧ ବି.ଜେ.ପି ହାତକୁ ନଯାଉ। ପ୍ରଶ୍ନକାଳରେ ହଙ୍ଗାମା ଏବଂ ଏସ.ଆଇ.ଆର ପ୍ରସଙ୍ଗରେ ଆଲୋଚନା ଦାବି କରି ହଟ୍ଟଗୋଳ କରିବା ପୂର୍ବରୁ କଂଗ୍ରେସର ଷ୍ଟାଣ୍ଡ ଠିକ ଥିଲା। ପହେଲଗାମ ନେଇ ସଂସଦରେ ଆଲୋଚନା ହେଉ, ଦେଶ ସବୁକିଛି ଜାଣୁ ଏହା ଲୋକେ ଚାହୁଁଥିଲେ। ଏପରିକି ଯେଉଁ ଆତଙ୍କବାଦୀମାନେ ଦେଶର ନିରୀହ ନାଗରିକ ମାନଙ୍କୁ ହତ୍ୟା କଲେ ସେମାନଙ୍କ ବିଷୟରେ ସରକାର ପାଖରେ କଣ ତଥ୍ୟ ଅଛି, ତାହା ସଂସଦକୁ ଜଣାଯାଉ ବୋଲି ଦେଶବାସୀ ଚାହୁଁଥିଲେ। ହେଲେ ସଂସଦ ଆରମ୍ଭ ପୂର୍ବରୁ ସଂସଦୀୟ ମନ୍ତ୍ରୀ କିରଣ ରିଜ୍‌ଜୁଙ୍କ ବୟାନ ମଧ ଅତ୍ୟନ୍ତ ଆବେଗପୂର୍ଣ୍ଣ ଥିଲା। ସଂସଦୀୟ ମନ୍ତ୍ରୀ କଥାର ସାରାଂଶ ଥିଲା , ବିରୋଧୀ ଏମିତି କିଛି ନକରନ୍ତୁ, ଯାହା ଫଳରେ ପାକିସ୍ଥାନ ଉତ୍ସାହିତ ହେବ । ଏଭଳି ନିବେଦନକୁ ମଧ ଦେଶବାସୀ ଗ୍ରହଣ କରୁଥିଲେ।

ଦେଶ ପାଇଁ ଗୋଟିଏ ସଶକ୍ତ ବିରୋଧୀ ଦଳର ଆବଶ୍ୟକତା ରହିଛି। ହେଲେ ବିରୋଧୀ ଦଳ ଏଭଳି କିଛି କାମ ନକରୁ ଯାହାକି ବିରୋଧୀ ଦଳକୁ ଅଧିକ ଦୁର୍ବଳ କରିବ। ଏହାଦ୍‌ବାରା ଶାସକ ଅଧିକ ସଶକ୍ତ ଏବଂ ସେଚ୍ଛାଚାରୀ ହେବାର ଯଥେଷ୍ଟ ସମ୍ଭାବନା ରହିଛି। ଏଥିପାଇଁ ଦେଶର ମୁକ୍ତି ସଂଗ୍ରାମରେ ନେତୃତ୍ୱ ନେଉଥିବା କଂଗ୍ରେସ ଠାରୁ ଗଣତାନ୍ତ୍ରିକ ଓ ସଂସଦୀୟ ବ୍ୟବସ୍ଥାରେ ସେଭଳି ନୀତି, ନୈତିକତା ଓ ଦେଶପ୍ରେମ ଏ ଦେଶବାସୀ ଆଶା ରଖନ୍ତି। ତେବେ ଏହି ଆଲୋଚନା ପରେ ପହଲଗାମ ଆତଙ୍କବାଦୀ ନିହତ ହେବ ଏବଂ ଆମେରିକା ରାଷ୍ଟ୍ରପତିଙ୍କ ଆଭିମୁଖ୍ୟ ପୁଣି ଏକ ନୂଆ ବିତର୍କର ଝଡକୁ ଆହ୍ୱାନ କରୁଛି।

**ସ୍ତମ୍ଭକାର, ଭୁବନପୁର, ଗଡମଧୁପୁର, ଧର୍ମଶାଳା, ଯାଜପୁର**
**ମୋବାଇଲ୍: ୯୪୩୭୦୧୯୧୧୭**

# ନକଲି ଡିଗ୍ରୀ ଅସଲି ଖେଳ



ପ୍ରଣତି ଆଚାର୍ଯ୍ୟ ମିଶ୍ର

ଦେଶରେ ଅନେକ ସନ୍ଦିଗ୍ଧ ଶିକ୍ଷାନୁଷ୍ଠାନ ଡିଗ୍ରୀ ପ୍ରଦାନ କରୁଥିବା ଖବର ବାରମ୍ବାର ଆସୁଛି। ଯେତେବେଳେ ଏହି ଶିକ୍ଷାନୁଷ୍ଠାନଗୁଡ଼ିକର ନକଲି କାର୍ଯ୍ୟକଳାପ ସାମ୍ନାକୁ ଆସେ ସାଙ୍ଗେ ସାଙ୍ଗେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଏ। କିନ୍ତୁ କିଛି ସମୟ ପରେ ଏହି ପ୍ରତିଷ୍ଠାନଗୁଡ଼ିକ ପୁଣି ସକ୍ରିୟ ହୋଇଯାଆନ୍ତି। ସମ୍ପ୍ରତି ଉତ୍ତର ପ୍ରଦେଶର ସ୍ପେଶାଲ ଟାସ୍କ ଫୋର୍ସ ହାପୁଡ ମୋନାଡ ବିଶ୍ୱବିଦ୍ୟାଳୟରେ ଚାଲିଥିବା ନକଲି ଡିଗ୍ରୀ ଖେଳର ପର୍ଦ୍ଦାଫାସ କରିଛି। ମୋନାଡ ବିଶ୍ୱବିଦ୍ୟାଳୟରେ ଚଢାଉ ସମୟରେ ୧୩୭୨ ନକଲି ଡିଗ୍ରୀ, ୨୬୨ ପ୍ରୋଭିଜନାଲ୍ ଏବଂ ମାଇଗ୍ରେସନ୍ ସାର୍ଟିଫିକେଟ୍ ଏବଂ ଅନ୍ୟାନ୍ୟ ସାମଗ୍ରୀ ଜବତ କରିଛି। ତଦନ୍ତରୁ ଜଣାପଡିଛି ଯେ ଏହି ଗ୍ୟାଙ୍ଗ ବିଏ, ବିଏଡ୍, ବିଏ ଏଲ୍ ଏଲ୍ ବି , ଫାର୍ମାସି,ବି ଟେକ୍ ଭଳି ପାଠ୍ୟକ୍ରମର ନକଲି ଡିଗ୍ରୀ ତିଆରି ଏବଂ ବିକ୍ରୟ କରୁଥିଲା। ପ୍ରତି ଛାତ୍ର ପାଇଁ ୫୦୦୦୦ ରୁ ୪ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଆଦାୟ କରାଯାଉଥିଲା। ନକଲି ଡିଗ୍ରୀ ମାଧ୍ୟମରେ ଶିକ୍ଷାର ଉପହାସ ଅତ୍ୟନ୍ତ ଦୁର୍ଭାଗ୍ୟଜନକ। ଏପରି ନକଲି ବିଶ୍ୱବିଦ୍ୟାଳୟଗୁଡ଼ିକ ଛାତ୍ରଛାତ୍ରୀମାନଙ୍କୁ ଠକି ଚାଲିଛନ୍ତି । କିଛି ଦିନ ପୂର୍ବରୁ ୟୁ ଜିସି ସାରା ଦେଶରେ ଖୋଲାଯାଇଥିବା ଅନେକ ନକଲି ବିଶ୍ୱବିଦ୍ୟାଳୟର ଏକ ତାଲିକା ପ୍ରକାଶ କରି କହିଛନ୍ତି ଏହି ବିଶ୍ୱବିଦ୍ୟାଳୟଗୁଡ଼ିକର କୌଣସି ପ୍ରକାରର ଡିଗ୍ରୀ ପ୍ରଦାନ କରିବାର ଅଧିକାର ନାହିଁ। ଏହି ବିଶ୍ୱବିଦ୍ୟାଳୟଗୁଡ଼ିକ ସମ୍ପ୍ରତି ପ୍ରତିଷ୍ଠିତ ହୋଇନାହିଁ ବରଂ ବହୁ ବର୍ଷ ଧରି ଚାଲିଛି। ସଠିକ୍ ସୂଚନା ଅଭାବରୁ ହଜାର ହଜାର ଛାତ୍ରଛାତ୍ରୀ ଏହି ନକଲି ବିଶ୍ୱବିଦ୍ୟାଳୟର ଜାଲରେ ଫସି ଯାଆନ୍ତି। ପ୍ରଶ୍ନ ଉଠୁଛି ଏତେ ବର୍ଷ ଧରି ଚାଲିଥିବା ଏହି ନକଲି ବିଶ୍ୱବିଦ୍ୟାଳୟଗୁଡ଼ିକ ବିରୁଦ୍ଧରେ କାହିଁକି କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନାହିଁ? ଯଦି ପୂର୍ବରୁ ଏପରି ବିଶ୍ୱବିଦ୍ୟାଳୟଗୁଡ଼ିକ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ନିଆଯାଇଥାନ୍ତା ତେବେ ହଜାର ହଜାର ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ଅନ୍ଧକାର ହୋଇ ନଥାନ୍ତା । ପ୍ରକୃତରେ ଏପରି କ୍ଷେତ୍ରରେ ସମସ୍ତେ ନିଜ ଦାୟିତ୍ୱରୁ ମୁକ୍ତ ହେବାକୁ ଚାହାଁନ୍ତି। ଛାତ୍ରଛାତ୍ରୀମାନଙ୍କୁ ସୂଚନା ଦେବା ପାଇଁ ୟୁଜିସି ସମୟ ସମୟରେ ନିଜ ୱେବସାଇଟରେ ନକଲି ବିଶ୍ୱବିଦ୍ୟାଳୟଗୁଡ଼ିକର ତାଲିକା ପ୍ରଦାନ କରିଚାଲିଥାଏ। କିନ୍ତୁ ପ୍ରଶ୍ନ ଉଠେ ଯେତେବେଳେ ୟୁଜିସି ଏବଂ ସରକାର ନକଲି ବିଶ୍ୱବିଦ୍ୟାଳୟଗୁଡ଼ିକ ବିଷୟରେ ଅବଗତ ତେବେ ସେମାନଙ୍କ ପରିଚାଳକମାନଙ୍କୁ ଗିରଫ କରି କାହିଁକି ସେଗୁଡ଼ିକୁ ବନ୍ଦ କରାଯାଉନାହିଁ? ୟୁଜିସି ଏବଂ ସରକାର କେବଳ ନକଲି ବିଶ୍ୱବିଦ୍ୟାଳୟଗୁଡ଼ିକର ତାଲିକା ପ୍ରକାଶ କରି ନିଜ ଦାୟିତ୍ୱରୁ ମୁକୁଳିବା ପାଇଁ ଚେଷ୍ଟା କରୁଛନ୍ତି। ସୂଚନା ଥିବା ସତ୍ତ୍ୱେ ଏପରି ବିଶ୍ୱବିଦ୍ୟାଳୟଗୁଡ଼ିକୁ କାର୍ଯ୍ୟ କରିବାକୁ ଦେବା ଏବଂ ସେମାନଙ୍କର ପରିଚାଳକମାନଙ୍କ ବିରୁଦ୍ଧରେ କୌଣସି କାର୍ଯ୍ୟାନୁଷ୍ଠାନ ନ ନେବା ଏକ ଅପରାଧ।ଏହା ବିଡ଼ମ୍ବନାର ବିଷୟ ଯେ ଆଜି ପ୍ରତ୍ୟେକ ଗଳିରେ ଘରୋଇ ଶିକ୍ଷାନୁଷ୍ଠାନର ବନ୍ୟା ଦେଖାଯାଉଛି।ଏହି ଶିକ୍ଷାନୁଷ୍ଠାନଗୁଡ଼ିକ ମଧ୍ୟରୁ କିଛିର କାର୍ଯ୍ୟକଳାପ ସନ୍ଦେହଜନକ। ପ୍ରଶ୍ନ ହେଉଛି ଶିକ୍ଷାକୁ ବ୍ୟବସାୟ କରିବା ପାଇଁ କିଏ ଦାୟୀ? ଉଦାରୀକରଣ ଝଡ଼ ଶିକ୍ଷା କ୍ଷେତ୍ର ସହିତ ଅନ୍ୟାନ୍ୟ କ୍ଷେତ୍ରକୁ ମଧ ଘେରି ରହିଛି। ସରକାର ଶିକ୍ଷାର ଘରୋଇକରଣ କରିବାରେ ଗର୍ବ ଅନୁଭବ କରିଥିଲେ। ଏହି ନୀତି ଯୋଗୁଁ ଅନେକ ଶିଳ୍ପ ସଂସ୍ଥା ଶିକ୍ଷା କ୍ଷେତ୍ରକୁ ଡେଇଁ ପଡ଼ିଲେ। ସେମାନଙ୍କୁ ଦେଖି ଛୋଟ ବ୍ୟବସାୟୀମାନେ ମଧ ଏହି କ୍ଷେତ୍ର ପ୍ରତି ଆକର୍ଷିତ ହେବାରେ ଲାଗିଲେ। ଶିକ୍ଷାର ଘରୋଇକରଣ ଏକ ନୂତନ ପ୍ରକାରର ବ୍ୟବସାୟକୁ ଜନ୍ମ ଦେଲା ଯେଉଁଥିରେ ସମ୍ପୂର୍ଣ୍ଣ ଲାଭ ଥିଲା। ଏହା ଦୁର୍ଭାଗ୍ୟଜନକ ଯେ ଗୋଟିଏ ପରେ ଗୋଟିଏ ସରକାର ଏହି ନୀତିକୁ ଅନୁସରଣ କରି ଚାଲିଥିଲେ। ସମସ୍ତ ସରକାର ଘରୋଇ ବିଶ୍ୱବିଦ୍ୟାଳୟଗୁଡ଼ିକୁ ସ୍ୱୀକୃତି ଦେଇ ଚାଲିଥିଲେ। ସରକାର ବାରମ୍ବାର କହି ଚାଲିଥିଲେ ଯେ ଆମ ଦେଶର ପରିସ୍ଥିତିକୁ ଦୃଷ୍ଟିରେ ରଖି ଅଧିକ ବିଶ୍ୱବିଦ୍ୟାଳୟ ଖୋଲିବାର ଆବଶ୍ୟକତା ଅଛି। ଏହି ଶୀଘ୍ରତାରେ କେହି ଶିକ୍ଷାର ଗୁଣବତ୍ତା ପ୍ରତି ଧ୍ୟାନ ଦେଇ ନଥିଲେ। ଅନେକ ଥର ଏହି ବିସଙ୍ଗତିଗୁଡ଼ିକୁ ଜାଣିଶୁଣି ଅଣଦେଖା କରାଯାଏ। ସ୍ୱାଧୀନତା ପରେ ଶିକ୍ଷା ନୀତିର ଦୁର୍ବଳତା ଦୂର କରିବା ପାଇଁ ପ୍ରୟାସ କରାଯାଇଥିଲା କିନ୍ତୁ ଏହି ପ୍ରୟାସ ଯଥେଷ୍ଟ ପ୍ରମାଣିତ ହୋଇ ନଥିଲା। ଏହା ଦୁର୍ଭାଗ୍ୟଜନକ ଯେ ଆମର ନୀତି ନିର୍ଦ୍ଧାରକମାନେ ଶିକ୍ଷା ନୀତି ପରିବର୍ତ୍ତନ କରିବା ପାଇଁ ଶୀଘ୍ର ସେମାନଙ୍କର ବୁଦ୍ଧି ହରାଉଛନ୍ତି ଏବଂ ଏପରି କିଛି ନିଷ୍ପତ୍ତି ନେଉଛନ୍ତି ଯାହା ଶିକ୍ଷାର ପ୍ରକୃତ ଉଦ୍ଦେଶ୍ୟକୁ ଆଘାତ କରୁଛି। ପ୍ରଶ୍ନ ହେଉଛି ଆମର ମୁଖ୍ୟ ଉଦ୍ଦେଶ୍ୟ ଶିକ୍ଷା ନୀତି ପରିବର୍ତ୍ତନ କରିବା ନା ଏହି ପରିବର୍ତ୍ତନ ମାଧ୍ୟମରେ ଶିକ୍ଷାର ଦୁର୍ବଳତା ଦୂର କରିବା? ଏହି ଯୁଗରେ ଉଚ୍ଚଶିକ୍ଷାର ଅବସ୍ଥା କାହାଠାରୁ ଲୁଚି ନାହିଁ। ଯଦିଓ ଶିକ୍ଷା ନୀତିରେ ଅନେକ ପରିବର୍ତ୍ତନ ଆସିଛି କିନ୍ତୁ ବାସ୍ତବତା ହେଉଛି ଆମେ ଏବେ ବି ସେହି ସମାନ ପଥର ଯାତ୍ରୀ । ଆଜି ଅନେକ ଶିକ୍ଷକ ନବସୃଜନକୁ ପ୍ରୋତ୍ସାହିତ କରି ଉତ୍କୃଷ୍ଟ କାର୍ଯ୍ୟ କରୁଛନ୍ତି କିନ୍ତୁ ଏହା ମଧ ଏକ ତିକ୍ତ ସତ୍ୟ ଯେ ଆଜି ଶିକ୍ଷକଙ୍କ ଗୁରୁ ଭାବରେ ପ୍ରତିଷ୍ଠା ନିରନ୍ତର ହ୍ରାସ ପାଉଛି। ଶିକ୍ଷା ଜଗତରେ ଉପସ୍ଥିତ ଏହି ଅସଙ୍ଗତି ମଧ୍ୟରେ ନୂତନ ଶିକ୍ଷା ନୀତି ପୁଣି ଥରେ ଘରୋଇ ଶିକ୍ଷାନୁଷ୍ଠାନଗୁଡ଼ିକୁ ଅନେକ ଦିଗରେ ଉନ୍ନତି କରିବାର ସୁଯୋଗ ଦେଇଛି। ଏବେ ସରକାର ଘରୋଇକରଣର ଆବରଣ ତଳେ ବୃଦ୍ଧି ପାଇଥିବା ସନ୍ଦିଗ୍ଧ ବିଶ୍ୱବିଦ୍ୟାଳୟ ଏବଂ ଅନ୍ୟାନ୍ୟ ଶିକ୍ଷାନୁଷ୍ଠାନଗୁଡ଼ିକର କାର୍ଯ୍ୟକଳାପ ପ୍ରତି ଗମ୍ଭୀରତାର ସହିତ ଧ୍ୟାନ ଦେବାର ସମୟ ଆସିଛି ଯାହା ଦ୍ୱାରା ହଜାର ହଜାର ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ଅନ୍ଧକାରମୟ ହେବାରୁ ରକ୍ଷା ପାଇବ ।

**ନୟାଗଡ଼, ମୋବାଇଲ୍: ୯୪୩୭୬୪୨୯୪୭**

# ପ୍ରସଙ୍ଗ: ଡିଜିଟାଲ ହେବ ଜାତି ଜନଗଣନା



ଗୋପାଳ ମହାପାତ୍ର

ବିଶ୍ୱର ସର୍ବାଧିକ ଜନସଂଖ୍ୟା ବିଶିଷ୍ଟ ଦେଶ ଭାରତରେ ଏବେ ଜନଗଣନା ପାଇଁ ଅଧିସୂଚନା ଜାରୀ କରାଯାଇଛି। ଏହି ଜନଗଣନା ୨୦୨୧ରେ ହେବାକୁ ଥିଲା କିନ୍ତୁ କରୋନା ମହାମାରୀ କାରଣରୁ ସ୍ଥଗିତ ରହିଥିଲା। କଂଗ୍ରେସ ସମେତ ସବୁ ବିରୋଧି ଦଳମାନେ ଜାତିଗତ ଜନଗଣନା ପାଇଁ ଦାବି କରୁଥିଲେ। ପରିଶେଷରେ ମୋଦୀ ସରକାର ମଧ ଜାତିଗତ ଜନଗଣନା ପାଇଁ ନିଷ୍ପତ୍ତି ନେଲେ। ଫଳତଃ ଜାତିଗତ ଜନଗଣନାକୁ ନେଇ ଯେଉଁ ରାଜନୀତି ଚାଲିଥିଲା ତାହା ସମାପ୍ତ ହୋଇଛି। ସବୁ ବର୍ଗର ପ୍ରମୁଖ ଜାତିମାନଙ୍କ ସହ ଉପଜାତି ବାବଦରେ ଗଣନା ବେଳେ ଜଣାପଡ଼ିବ। ସେତେବେଳେ ଜାତିଗତ ଜନଗଣନା ଠିକ କି ନୁହେଁ ବୋଲି କୁହାଯାଇପାରିବ। ଇ-ବଜାର, ଇ-ଆବେଦନ୍, ଇ-ରେଳ ଓ ଇ-ନେଣଦେଣ ପରେ ଏବେ ଇ-ଜନଗଣନା ଅର୍ଥାତ୍ ଡିଜିଟାଲ ଗଣତି ହେବ। ଏହି ଗଣନାରେ ଜାତିର ଗଣତି ମଧ ହେବ। ଡିଜିଟାଲ ଜନଗଣନାରେ ଜନ୍ମ ଓ ମୃତ୍ୟୁ ବାବଦରେ ତଥ୍ୟ ମଧ ରହିବ। ଏଣୁ ପ୍ରତି ଜନ୍ମ ପରେ ଡିଜିଟାଲ ଜନଗଣନା ମନକୁ ମନ ହୋଇଯିବ ଏବଂ ମୃତ୍ୟୁ ପରେ ଡିଜିଟାଲ ଡାଟାରୁ ମୃତକଙ୍କ ନାମ ମନକୁ ମନ କଟିଯିବ। ଜନଗଣନା ରେଜିଷ୍ଟରରେ ପିଲା/ଶିଶୁର ଜନ୍ମ, ମାତା/ପିତା, ଜାତି ଏବଂ ଜନ୍ମ ସ୍ଥାନ ସମେତ ୧୬ଟି ଭାଷାରେ ୩୬ଟି ପ୍ରଶ୍ନର ଉତ୍ତର ମଧ ଦରଜ ହୋଇଯିବ। ଶିଶୁ/ପିଲାକୁ ୧୮ବର୍ଷ ହେଲେ ଭୋଟର ତାଲିକାରେ ତାର ନାମ ପଞ୍ଜିକୃତ କରିବା ପାଇଁ ମଧ ଡିଜିଟାଲ ମାଧ୍ୟମରେ ନିର୍ବାଚନ କମିଶନଙ୍କ ପାଖକୁ ଚାଲିଯିବ। ଫଳତଃ ତାକୁ ଭୋଟର ପରିଚୟପତ୍ର ମିଳିଯିବ ଏବଂ ଭୋଟର ତାଲିକାରେ ସ୍ୱତଃପୁର୍ତ୍ତ ଭାବେ ତାର ନାମ ଯୋଡି ହୋଇଯିବ। ଯେତେବେଳେ କୌଣସି ଭୋଟରର ମୃତ୍ୟୁ ହୋଇଯିବ ସେତେବେଳେ ଭୋଟର ତାଲିକାରୁ ତାର ନାମ ମନକୁ ମନ କଟିଯିବ। ଏହିପରି ଜନଗଣନାର ତଥ୍ୟ ବା ଡ଼ାଟା ସବୁବେଳେ ଅପଟୁଡେଟ ରହିବ।

ଏହି ଡିଜିଟାଲ ଜନଗଣନା (ରାଷ୍ଟ୍ରୀୟ ଜନସଂଖ୍ୟା ରେଜିଷ୍ଟାର) ପ୍ରକ୍ରିୟାରେ ପାଖାପାଖି ୧୨ ହଜାର କୋଟି ଟଙ୍କା ବ୍ୟୟ ହେବ। ଡିଜିଟାଲ ଜନଗଣନା ଦେଶରେ କରାଯିବ ବୋଲି ୨୦୨୧ ମସିହା ଫେବୃୟାରୀ ମାସ ୧ ତାରିଖରେ କେନ୍ଦ୍ର ସରକାରଙ୍କ ପକ୍ଷରୁ ଘୋଷଣା କରାଯାଇଥିଲା। ସେତେବେଳେ ମଧ ବର୍ତ୍ତମାନର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ଅର୍ଥବନ୍ତ୍ରୀ ଥିଲେ ଓ ସେ ଡିଜିଟାଲ ଜନଗଣନା କରାଯିବ ବୋଲି ଘୋଷଣା କରିଥିଲେ। ଡିଜିଟାଲ ଜନଗଣନାରେ ନାଗରିକମାନେ ସାମିଲହେବା ପାଇଁ ଏକ ଉତ୍ତମ ଅନଲାଇନ୍ ସୁବିଧା ପାଇ ପାରିବେ। କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରାଳୟ ପକ୍ଷରୁ ଭାରତୀୟ ନାଗରିକ ମାନଙ୍କୁ ଅନଲାଇନ୍ ସ୍ୱ-ଗଣନାର ଅଧିକାର ଦେବା ପାଇଁ ପୁର୍ବର ନିୟମରେ ପରିବର୍ତ୍ତନ କରାଯାଇଛି। ଜନଗଣନା (ସଂଶୋଧନ) ୨୦୨୨ ଅନୁସାରେ ପରମ୍ପରାଗତ ପ୍ରକ୍ରିୟାରେ ସରକାରୀ କର୍ମଚାରୀମାନେ ଘରକୁ ଯାଇ ଜନଗଣନା କରିବେ କିନ୍ତୁ ଏବେ ନାଗରିକ ସ୍ୱ-ଗଣନା ମଧ୍ୟମରେ ମଧ ଅନୁସୂଚୀ ପ୍ରାରୁପ (ଜନଗଣନା ଆବେଦନପତ୍ର) ପୁରଣ କରିପାରିବେ। ଏଇଥିପାଇଁ ସଂଶୋଧନ କରାଯାଇ ପୂର୍ବ ନିୟମରେ ଇଲେକ୍ଟ୍ରୋନିକ ଫର୍ମ ଶବ୍ଦ ଯୋଡ଼ାଯାଇଛି। ଏ ସମ୍ପର୍କରେ ସୂଚନା ଏବଂ ପ୍ରାଦ୍ୟୋଗୀକି ଆଇନ୍ ୨୦୦୦ର ଧାରା ୨ର ଉପଧାରା (୧)ର ଖଣ୍ଡ "ଆର"ରେ କୁହାଯାଇଛି। ଏହି ଆଇନ୍ ଅନୁସାରେ ଗଣମାଧ୍ୟମ, ମ୍ୟାଗ୍ନେଟିକ୍, କମ୍ପ୍ୟୁଟର ଜନିତ ମାଇକ୍ରୋଚିପ ବା ଏହିଭଳି ଅନ୍ୟ ଉପକରଣରେ ପ୍ରସ୍ତୁତ କରି ପଠାଯିବା ଅଥବା ସଂଗୃହୀତ ହୋଇଥିବା ତଥ୍ୟକୁ ଇଲେକ୍ଟ୍ରୋନିକ ଫର୍ମରେ ଦିଆଯାଇଥିବା ସୂଚନା ବୋଲି ଗ୍ରହଣ କରାଯିବ। ଏପରିକି ନାଗରିକ ଏଣ୍ଡ୍ରଏଡ଼ ମୋବାଇଲ ଫୋନ ମାଧ୍ୟମରେ ନିଜ ସମ୍ପର୍କରେ ସମସ୍ତ ତଥ୍ୟ ଜନଗଣନା ଫର୍ମରେ ପୁରଣ କରିପାରିବେ। ଏହି ଅନ୍‌ଲାଇନ ଆବେଦନ ପାଇଁ ଅନୁମତି ଦିଆଯାଇଥିଲେ ମଧ ସରକାରୀ କର୍ମଚାରୀ ଘରକୁ ଘର ବୁଲି ଜନଗଣନା କରିବେ। ଗଣନାର ଏହି ବିକେନ୍ଦ୍ରୀକରଣ କାରଣରୁ ପ୍ରତି ୧୦ ବର୍ଷପରେ ଜନଗଣନା ପାଇଁ ଯେଉଁ ପରମ୍ପରା ଥିଲା ତାର ସମାପ୍ତି ଘଟିବ। ଅନ୍ୟପକ୍ଷରେ ପ୍ରତିମାସରେ ଦେଶର ସବୁ ପଞ୍ଚାୟତ ସ୍ତରରୁ ଜନ୍ମ-ମୃତ୍ୟୁ ସମ୍ପର୍କୀତ ତଥ୍ୟ ସଠିକ୍ ମିଳିଯିବ।



ଜନଗଣନାର ନିରନ୍ତରତା ଜରୁରୀ। ଭାରତରେ ତଥା ବିଶ୍ୱ ସ୍ତରରେ ଜନସଂଖ୍ୟା ବୃଦ୍ଧି ଏକ ବିସ୍ଫୋଟକ ସ୍ତରକୁ ଆସିଯାଇଛି। ଜାତିସଂଘର ତଥ୍ୟ ଅନୁସାରେ ସାରା ବିଶ୍ୱର ଜନସଂଖ୍ୟା ୭୦୦କୋଟିରୁ ଅଧିକ ହେଲାଣି। ଉନବିଂଶ ଶତାବ୍ଦିରେ ଦୃତଗତିରେ ଜନସଂଖ୍ୟା ବୃଦ୍ଧି ହୋଇଛି। ତଥ୍ୟ ଅନୁସାରେ ଅଷ୍ଟାଦଶ ଶତାବ୍ଦି ଶେଷ ବେଳକୁ ବିଶ୍ୱର ଜନସଂଖ୍ୟା ଏକ ଅରବରୁ କମ୍ ଥିଲା। ପ୍ରତି ୧୦ ବର୍ଷରେ କରାଯାଉଥିବା ଜନଗଣନା ପାଇଁ ପାଖାପାଖି ୩୪ଲକ୍ଷ କର୍ମଚାରୀଙ୍କୁ ଏହି ଦାୟିତ୍ୱ ଦିଆଯାଉଥିଲା। ଗାଁ ଠାରୁ ସହର ପର୍ଯ୍ୟନ୍ତରେ ଘର ଘର ବୁଲି ଜନଗଣନା କରିବା ଏମାନଙ୍କ ପାଇଁ ମଧ କଷ୍ଟକର ହେଉଥିଲା। କିନ୍ତୁ ଏବେ ସ୍ୱ-ଆବେଦନ ପାଇଁ ସରକାରଙ୍କ ଘୋଷଣା ପରେ ଅନେକ ନାଗରିକ ଘରେ ବସି ମଧ ଅନଲାଇନ୍‌ରେ ନିଜର ଏଣ୍ଡ୍ରଏଡ୍ ଫୋନ ମାଧ୍ୟମରେ ଜନଗଣନା ପ୍ରକ୍ରିୟାରେ ସାମିଲ ହୋଇପାରିବେ। ସର୍ବୋପରି ଡିଜିଟାଲ କରାଯାଉଥିଠିବା କାରଣରୁ ଜନସଂଖ୍ୟା ବାବଦରେ ସଠିକ୍ ତଥ୍ୟ ପାଇଁ ଆଉ ୧୦ ବର୍ଷ ଅପେକ୍ଷା କରିବାକୁ ପଡ଼ିବ ନାହିଁ। ଅପଡେଟ ସୂଚନା ସବୁବେଳେ ଅନ୍‌ଲାଇନ୍‌ରେ ଉପଲବ୍ଧ ହେବ।

**ରାମଚନ୍ଦ୍ରପୁର, ରଣପୁର, ମୋବାଇଲ୍: ୯୪୩୮୪୮୫୦୯୪**

## ଖୁବ୍‌ଶୀଘ୍ର ଉପରାଷ୍ଟ୍ରପତି ନିର୍ବାଚନ ଲାଗି ହେବ ତାରିଖ ଘୋଷଣା

**ନୂଆଦିଲ୍ଲୀ,୩୧।୭:** ଆସନ୍ତା ସପ୍ତାହରେ ଆସିପାରେ ଉପରାଷ୍ଟ୍ରପତି ନିର୍ବାଚନ ତାରିଖ। ଏନେଇ ନିର୍ବାଚନ କମିଶନ ପ୍ରକ୍ରିୟା ଆରମ୍ଭ କରିଦେଇଛନ୍ତି। ନିର୍ବାଚନ କମିଶନ ଗୁରୁବାର ଇଲେକ୍ଟୋରାଲ କଲେଜ ଚୂଡ଼ାନ୍ତ କରିଛନ୍ତି। ଅର୍ଥାତ୍ ଉପରାଷ୍ଟ୍ରପତି ନିର୍ବାଚନରେ ଭୋଟ ଦେବା ପାଇଁ ସାଂସଦଙ୍କ ତାଲିକା ପ୍ରସ୍ତୁତ କରାଯାଇଛି। କମିଶନଙ୍କ ସୂଚନା ଅନୁଯାୟୀ, ଲୋକସଭା ଏବଂ ରାଜ୍ୟସଭାର ନିର୍ବାଚିତ ଏବଂ ମନୋନୀତ ସାଂସଦ ଏଥିରେ ଭୋଟ ଦେବେ। ନିର୍ବାଚନ କମିଶନଙ୍କ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ଉପରାଷ୍ଟ୍ରପତି ନିର୍ବାଚନ ତାରିଖ ଆସନ୍ତା ସପ୍ତାହରେ ଘୋଷଣା କରାଯିବ। କମିଶନ ଏକ ବିଜ୍ଞପ୍ତି ଜାରି କରି ନାମାଙ୍କନ ଏବଂ ନିର୍ବାଚନର ତାରିଖ ଘୋଷଣା କରିବେ। ପୂର୍ବରୁ କମିଶନ ରାଜ୍ୟସଭାର ମହାସଚିବଙ୍କୁ ନିର୍ବାଚନ ଅଧିକାରୀ ଭାବେ ନିଯୁକ୍ତ କରିଛନ୍ତି। ସୂଚନା ଯୋଗ୍ୟ, ଜୁଲାଇ ୨୧ରେ ମୌସୁମୀ ଅଧିବେଶନର ପ୍ରଥମ ଦିନରେ ଉପରାଷ୍ଟ୍ରପତି ଜଗଦୀପ ଧନଖଡ଼ ଇସ୍ତଫା ଦେଇଥିଲେ।

## ବୁଧବାର ଓ ଗୁରୁବାର ଲ' ଇଣ୍ଟର୍ଣ୍ଣଙ୍କୁ ସୁପ୍ରିମକୋର୍ଟରେ ପ୍ରବେଶ ଅନୁମତି



**ନୂଆଦିଲ୍ଲୀ,୩୧।୭:** ସୋମବାର, ମଙ୍ଗଳବାର ଏବଂ ଶୁକ୍ରବାର ଲ'ଇଣ୍ଟର୍ଣ୍ଣ (ଆଇନ ପ୍ରାକ୍ଟିସ୍ କରୁଥିବା ଛାତ୍ର) ଙ୍କୁ କୋର୍ଟରେ ପ୍ରବେଶ କରିବା ନିଷେଧ। ସୁପ୍ରିମକୋର୍ଟ ବାର୍ ଆସୋସିଏସନ୍ (ଏସ୍‌ସିବିଏ) ର ଅନୁରୋଧ ପରେ ଏଭଳି ଏକ ସୂଚନା ଦେଇଛନ୍ତି ସୁପ୍ରିମକୋର୍ଟ କରିଛନ୍ତି।ଏହି ତିନି ଦିନ ମିସଲାନିୟସ୍ ଡେ ରହିଥାଏ, ଅର୍ଥାତ୍ ବହୁତ ମାମଲା ବିଚାରାଧୀନ ରହିଥାଏ। ଏହି କାରଣରୁ ସୁପ୍ରିମକୋର୍ଟର ଆସିଷ୍ଟାଣ୍ଟ ରେଜିଷ୍ଟ୍ରାର ବାରର ଅନୁରୋଧ ଉପରେ ଏହି ନିର୍ଦ୍ଦେଶ ଜାରି କରିଛନ୍ତି। ତେବେ ଲ' ଇଣ୍ଟର୍ଣ୍ଣଙ୍କୁ ବୁଧବାର ଏବଂ ଗୁରୁବାର କୋର୍ଟକୁ ଆସିବାକୁ ଅନୁମତି ଦିଆଯିବ, ଯାହା ନିୟମିତ ଶୁଣାଣିର ଦିନ। ଏସ୍‌ସିବିଏ ଜୁଲାଇ ୨୩ ରେ ଏକ ଚିଠି ଲେଖି ବିଶେଷକରି ବରିଷ୍ଠ ଓକିଲମାନେ ଉଠାଇଥିବା ଚିନ୍ତା ପ୍ରତି ସୁପ୍ରିମକୋର୍ଟଙ୍କ ଦୃଷ୍ଟି ଆକର୍ଷଣ କରିଥିଲା। କୋର୍ଟ ରୁମ୍, କରିଡର, ଲାଇବ୍ରେରୀ ଏବଂ ଓ୍ୱେଟିଂ ଏରିଆରେ ଇଣ୍ଟର୍ନଙ୍କ ଉପସ୍ଥିତି ସମ୍ପର୍କିତ ଥିଲା। ଏହି କାରଣଗୁଡ଼ିକ ଯୋଗୁଁ, ଅଧିକ ଭିଡ଼ ଦେଖାଯାଇଛି। ସୁପ୍ରିମକୋର୍ଟ ଏସ୍‌ସିବିଏର ଚିନ୍ତାକୁ ଧ୍ୟାନରେ ରଖି ଏହି ନିଷ୍ପତ୍ତି ନେଇଛନ୍ତି। ନିର୍ଦ୍ଦେଶ ଅନୁସାରେ, ଏବେ ଲ' ଇଣ୍ଟର୍ଣ୍ଣଙ୍କୁ ସୋମବାର, ମଙ୍ଗଳବାର ଓ ଶୁକ୍ରବାର ପ୍ରବେଶ କରିବାକୁ ଦିଆଯିବନି। ତାଙ୍କୁ କେବଳ ବୁଧବାର ଓ ଗୁରୁବାର ହିଁ ଏଣ୍ଟ୍ରି କରିବାର ଅନୁମତି ଦିଆଯିବ।

## ଏବେ ପ୍ରତି ଶନିବାର ବନ୍ଦ ରହିବ ବ୍ୟାଙ୍କ!




**ନୂଆଦିଲ୍ଲୀ,୩୧।୭:** ଭାରତୀୟ ବ୍ୟାଙ୍କର୍ସ ଆସୋସିଏସନ (ଆଇବିଏ) ପକ୍ଷରୁ ପ୍ରତି ଶନିବାର ବ୍ୟାଙ୍କ ଛୁଟି ଘୋଷଣା କରିବା ପାଇଁ ଦିଆଯାଇଥିବା ପ୍ରସ୍ତାବ ଉପରେ ସରକାର ସ୍ପଷ୍ଟ ଉତ୍ତର ଦେଇଛନ୍ତି। ୨୮ ଜୁଲାଇ ୨୦୨୫ରେ ଲୋକ ସଭାରେ ଅର୍ଥ ମନ୍ତ୍ରଣାଳୟ ଜଣାଇଛି ଯେ ଏହି ପ୍ରସ୍ତାବ ବିଚାରାଧୀନ ରହିଛି। ବର୍ତ୍ତମାନ ସରକାରୀ ବ୍ୟାଙ୍କ (ପିଏସ୍‌ବିଏସ୍) ମାସର କେବଳ ଦ୍ୱିତୀୟ ଓ ଚତୁର୍ଥ ଶନିବାରକୁ ଛୁଟି ଦେଉଛନ୍ତି। କର୍ମଚାରୀମାନେ ଅନ୍ୟ ଶନିବାରଗୁଡ଼ିକରେ ମଧ୍ୟ ଛୁଟି ପାଇବାକୁ ଅପେକ୍ଷା କରିଛନ୍ତି। ଅଲ୍ ଇଣ୍ଡିଆ ବ୍ୟାଙ୍କ ଅଫିସର୍ସ କନ୍‌ଫେଡେରେଶନ (ଏଆଇବିଓସି) ପ୍ରତି ଶନିବାର ବ୍ୟାଙ୍କ ଛୁଟି ଘୋଷଣା କରିବା ପାଇଁ ପ୍ରସ୍ତାବ ଦେଇଛି। ସେମାନଙ୍କ ମତରେ ଏହା ଦ୍ୱାରା ଉତ୍ପାଦନଶୀଳତା, ବୃଦ୍ଧି, କାର୍ଯ୍ୟଦକ୍ଷତା ଏବଂ ନୈତିକ କାର୍ଯ୍ୟକ୍ଷେତ୍ରକୁ ପ୍ରୋତ୍ସାହନ ମିଳିବ। କଂଗ୍ରେସ ଏମ୍‌ପି କେସି ଭେନୁଗୋପାଳ ଆଇବିଏର ୫-ଦିନିଆ ବ୍ୟାଙ୍କିଙ୍ଗ ସପ୍ତାହ ପ୍ରସ୍ତାବ, ଏହାର କାର୍ଯ୍ୟକାରୀ ଯୋଜନା, କର୍ମଚାରୀଙ୍କ ଅଭାବ ଏବଂ ଅନ୍ୟାନ୍ୟ ମୁଦ୍ଦା ଉପରେ ସରକାରଙ୍କୁ ଅନେକ ପ୍ରଶ୍ନ ପଚାରିଛନ୍ତି।

# ପାକିସ୍ତାନକୁ ୪୪୦ ଭୋଲ୍ଟ ଝଟ୍‌କା ଦେଲା ଭାରତ







**ନୂଆଦିଲ୍ଲୀ/ଇସଲାମାବାଦ,୩୧।୭:** ଭାରତ ପୁଣି ଥରେ ପାକିସ୍ତାନକୁ ଏକ ବଡ଼ ଝଟକା ଦେଇଛି। କେନ୍ଦ୍ର ସରକାର ଜମ୍ମୁ ଓ କଶ୍ମୀରର ରାମବନ ଜିଲାରେ ଚେନାବ ନଦୀ ଉପରେ ୧୮୫୬ ମେଗାୱାଟ ସାୱ୍ଲକୋଟ ଜଳ ପ୍ରକଳ୍ପକୁ ମଞ୍ଜୁରୀ ଦେଇଛି। ଭାରତ ପୂର୍ବରୁ ସିନ୍ଧୁ ଜଳ ଚୁକ୍ତିନାମାକୁ ସ୍ଥଗିତ ରଖିଥିଲା ଏବଂ ବର୍ତ୍ତମାନ ଏହା ଜଳ ପ୍ରକଳ୍ପକୁ ସବୁଜ ସଙ୍କେତ ଦେଇଛି, ଏହା ଶହବାଜ ସରିଫ ଏବଂ ପାକିସ୍ତାନର ସମସ୍ୟାକୁ ଆହୁରି ବୃଦ୍ଧି କରିବ। ଏହି ପ୍ରକଳ୍ପ ପ୍ରଥମେ ୧୯୬୦ ଦଶକରେ ବିଚାର କରାଯାଇଥିଲା, କିନ୍ତୁ ଏପର୍ଯ୍ୟନ୍ତ ଏହା ସଫଳ ହୋଇନାହିଁ। ଗଣମାଧ୍ୟମର ଏକ ରିପୋର୍ଟ ଅନୁଯାୟୀ, ସାୱ୍ଲକୋଟ ଜଳ ପ୍ରକଳ୍ପ ପାଇଁ ଏକ ଟେଣ୍ଡର ଜାରି କରାଯାଇଛି। ଏହି ପ୍ରକଳ୍ପ ବାଗଲିହାର ଏବଂ ସଲାଲ ଜଳ ପ୍ରକଳ୍ପ ମଧ୍ୟରେ ନିର୍ମାଣ କରାଯିବ। ଏହା ଅଧୀନରେ, ୧୯୨.୫ ମିଟର ଉଚ୍ଚ ଏକ ବନ୍ଧ ନିର୍ମାଣ କରାଯିବ, ଯେଉଁଥିରେ ନଦୀ ଜଳର ଦିଗ ତିନୋଟି ସୁଡ଼ଙ୍ଗ ମାଧ୍ୟମରେ ପରିବର୍ତ୍ତନ କରାଯିବ। ଏହି ସୁଡ଼ଙ୍ଗଗୁଡ଼ିକର ଲମ୍ବ ୯୬୫ ମିଟର, ୧୧୩୦ ମିଟର ଏବଂ ୧୨୮୦ ମିଟର ହେବ। ଭାରତ ପ୍ରକଳ୍ପ ଉପରେ କାମ ଆରମ୍ଭ କରିବା ମାତ୍ରେ ପାକିସ୍ତାନକୁ ସୂଚାଇ ଦେଇଛି ଯେ ବର୍ତ୍ତମାନ ଏହାକୁ କୌଣସି ପ୍ରକାରର ଛାଡ ମିଳିବ ନାହିଁ। ପହଲଗାମରେ ଆତଙ୍କବାଦୀ ଆକ୍ରମଣ ପରେ ସରକାର ସିନ୍ଧୁ ଜଳ ଚୁକ୍ତିନାମାକୁ ସ୍ଥଗିତ ରଖିବାକୁ ନିଷ୍ପତ୍ତି ନେଇଥିଲେ। ପାକିସ୍ତାନ କହିଥିଲା ଯେ ଯଦି ଭାରତ ଏହା କରେ, ତେବେ ଏହା ଯୁଦ୍ଧ ଆରମ୍ଭ କରିବା ଭଳି ହେବ, କିନ୍ତୁ ଭାରତ ଏବେ ଆଉ ଏକ ପଦକ୍ଷେପ ନେଇଛି। ଭାରତର ଜଳ ପ୍ରକଳ୍ପ ଯୋଗୁ ପାକିସ୍ତାନରେ ଜଳ ପ୍ରବାହ ପ୍ରଭାବିତ ହୋଇପାରେ। ଆଉ ଏକ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଯେ ଭାରତର ଏହି ଜଳ ପ୍ରକଳ୍ପ ଆଞ୍ଚଳିକ ବିକାଶରେ ବହୁତ ସାହାଯ୍ୟ କରିବ। ଏହି ପ୍ରକଳ୍ପ ଜମ୍ମୁରୁ ପ୍ରାୟ ୧୨୦ କିଲୋମିଟର ଏବଂ ଶ୍ରୀନଗରରୁ ପ୍ରାୟ ୧୩୦ କିଲୋମିଟର ଦୂରରେ ଅବସ୍ଥିତ। ଏହା ଭାରତର ଜଳ ରଣନୀତିରେ ନୂତନ ଜୀବନ ଦେଇପାରିବ।

ସୂଚନାଯୋଗ୍ୟ, ସାୱ୍ଲକୋଟରେ ୧୮୫୬ ମେଗାୱାଟ ପ୍ରକଳ୍ପ ସହିତ ଜମ୍ମୁ-କଶ୍ମୀରରେ ମୋଟ ଛଅଟି ପ୍ରକଳ୍ପ ଶେଷ ହେବା ପରେ ୧୦,୦୦୦ମେଗାୱାଟ ପର୍ଯ୍ୟନ୍ତ ବିଦ୍ୟୁତ ଉତ୍ପାଦନ ହେବ। ଏହା ସହିତ, ସମତଳ ଅଞ୍ଚଳରେ ଜଳସେଚନ ଏବଂ ଘରୋଇ ବ୍ୟବହାର ପାଇଁ ଅଧିକ ପାଣି ଉପଲବ୍ଧ ହେବ।

# ୧୭୦ ଘଣ୍ଟା ଭାରତନାଟ୍ୟମ୍ ନୃତ୍ୟ କରି ବିଶ୍ୱ ରେକର୍ଡ



**ମାଙ୍ଗାଲୁରୁ, ୩୧।୭:** କର୍ନାଟକର ମାଙ୍ଗାଲୋରସ୍ଥିତ ସେଣ୍ଟ ଆଲୋୟସିଅସ୍ ୟୁନିଭର୍ସିଟିର ଛାତ୍ରୀ ରେମୋନା ଏଭେଟ ପେରେରା ୧୭୦ ଘଣ୍ଟା ପର୍ଯ୍ୟନ୍ତ ଭାରତନାଟ୍ୟମ୍ ନୃତ୍ୟ ପ୍ରଦର୍ଶନ କରି ବିଶ୍ୱ ରେକର୍ଡ ସ୍ଥାପନ କରିଛନ୍ତି। ଗୋଲ୍ଡେନ ବୁକ୍ ଅଫ୍ ଓ୍ୱାଲର୍ଡ ରେକଡର୍ସରେ ତାଙ୍କ ନାମ ସ୍ଥାନ ପାଇଛି। ଏହାସହ ସର୍ବାଧିକ ସମୟ ପର୍ଯ୍ୟନ୍ତ ନିରନ୍ତର ଭାବେ କୌଣସି ଶାସ୍ତ୍ରୀୟ ଭାରତୀୟ ନୃତ୍ୟ ପ୍ରଦର୍ଶନ କରିବାରେ ରେମୋନା ପ୍ରଥମ ବ୍ୟକ୍ତି ହୋଇପାରିଛନ୍ତି। ବିଏ ଶେଷ ବର୍ଷର ଛାତ୍ରୀ ରେମୋନା ଜୁଲାଇ ୨୧ ପୂର୍ବାହ୍ନ ୧୦ଟାରେ ସେଣ୍ଟ ଆଲୋୟସିଅସ୍ ୟୁନିଭର୍ସିଟିର ରୋବର୍ଟ ସେକ୍ୟୁରା ହଲ୍‌ରେ ଭାରତନାଟ୍ୟମ୍ ନୃତ୍ୟ ପ୍ରଦର୍ଶନ କରିବା ଆରମ୍ଭ କରିଥିଲେ। ଜୁଲାଇ ୨୮ ମଧ୍ୟାହ୍ନ ୧୨ଟାରେ ସେ ତାଙ୍କ ଅନବରତ ନୃତ୍ୟ ପ୍ରଦର୍ଶନକୁ ସମାପ୍ତ କରି ବିଶ୍ୱ ରେକର୍ଡ ହାସଲ କରିଥିଲେ। ଏହାପରେ ବିଶ୍ୱବିଦ୍ୟାଳୟରେ ଅନୁଷ୍ଠିତ ଏକ କାର୍ଯ୍ୟକ୍ରମରେ ଗୋଲ୍ଡେନ ବୁକ୍ ଅଫ୍ ଓ୍ୱାଲର୍ଡ ରେକଡର୍ସର ଭାରତ ପ୍ରତିନିଧି ମନୀଷ ବିଷ୍ଣୋଇ ରେମୋନାଙ୍କୁ ବିଶ୍ୱ ରେକର୍ଡର ପ୍ରମାଣପତ୍ର ପ୍ରଦାନ କରିଥିଲେ। ସେଣ୍ଟ ଆଲୋୟସିଅସ୍ ୟୁନିଭର୍ସିଟିସ୍ଥିତ ରଙ୍ଗା ଅଧ୍ୟୟନ କେନ୍ଦ୍ରର ନିର୍ଦ୍ଦେଶକ କ୍ରିଷ୍ଟୋଫର ଡିସୁଜା କହିଛନ୍ତି, ରେମୋନା ନିଜ ମାରାଥନ ନୃତ୍ୟ ସମୟରେ ପ୍ରତି ୩ ଘଣ୍ଟାରେ ମାତ୍ର ୧୫ ମିନିଟ ପାଇଁ ଏକ ଛୋଟ ବିରତି ନେଉଥିଲେ। ଏହି ସମୟରେ ସେ କଦଳୀ, ପଇଡ ପାଣି, ଦହି, ନରମ ରନ୍ଧାଭାତ ଖାଉଥିଲେ। ବିଶ୍ୱବିଦ୍ୟାଳୟରେ ରେମୋନାଙ୍କ ଅନବରତ ନୃତ୍ୟ ପ୍ରଦର୍ଶନକୁ ଦୃଷ୍ଟିରେ ରଖି ଡାକ୍ତରୀ ଦଳ ଏବଂ ଆମ୍ବୁଲାନ୍ସ କର୍ମଚାରୀ ଉପସ୍ଥିତ ଥିଲେ। ରେମୋନାଙ୍କର ଏହି ସଫଳତାକୁ ନେଇ ସୋସିଆଲ ମିଡିଆରେ ଅନେକ ୟୁଜର୍ସ ଆଶ୍ଚର୍ଯ୍ୟ ପ୍ରକଟ କରିଛନ୍ତି। ରେମୋନା ମାତ୍ର ୩ ବର୍ଷ ବୟସରୁ ପ୍ରସିଦ୍ଧ ଗୁରୁ ଶ୍ରୀବିଦ୍ୟା ମୁରଲୀଧରଙ୍କଠାରୁ ଭାରତନାଟ୍ୟମ୍ ନୃତ୍ୟର ପ୍ରଶିକ୍ଷଣ ନେବା ଆରମ୍ଭ କରିଥିଲେ। ଏହି ବିଶ୍ୱ ରେକର୍ଡ ପାଇଁ ସେ ନିଜ ପାଠ୍ୟକ୍ରମ ସହ ଦୈନିକ ୫ରୁ ୬ ଘଣ୍ଟା ଭାରତନାଟ୍ୟମ୍ ନୃତ୍ୟର ଅଭ୍ୟାସ କରୁଥିଲେ। ରେମୋନାଙ୍କ ନୃତ୍ୟ ପ୍ରଦର୍ଶନ ସ୍ଥଳରେ ତାଙ୍କ ସହପାଠୀ, ଅଧ୍ୟାପିକା ଏବଂ ଅଧ୍ୟାପକ, ପରିବାର ଲୋକେ ରହି ତାଙ୍କ ଉତ୍ସାହ ବଢ଼ାଉଥିଲେ।

## ୟୁଜିସି ହେବ ଏଚ୍‌ଇସିଆଇ !



**ନୂଆଦିଲ୍ଲୀ, ୩୧।୭:** ବିଶ୍ୱଗୁରୁ' ଭାବେ ଭାରତ ନିଜକୁ ପୁନଃସ୍ଥାପିତ କରିବା ପାଇଁ, ଉଚ୍ଚଶିକ୍ଷାରେ ଅତ୍ୟାବଶ୍ୟକ ଗତିଶୀଳ ସଂସ୍କାର ଜରୁରୀ। ପ୍ରକୃତରେ ସ୍ୱୟଂଶାସିତ ଉଚ୍ଚଶିକ୍ଷା ପ୍ରତିଷ୍ଠାନଗୁଡ଼ିକୁ ସମୟ ସହିତ ତାଳଦେଇ ସେମାନଙ୍କର ଗୁଣାତ୍ମକ ମାନକୁ ବୃଦ୍ଧି କରିବା ତଥା ବୈଧ କରିବା ଉଚିତ। ଆଜିର ଦୁନିଆରେ ଯେଉଁଠି ଦକ୍ଷତା ଏବଂ ପ୍ରତିଯୋଗିତାକୁ ଡିଗ୍ରୀ ଅପେକ୍ଷା ଅଧିକ ମୂଲ୍ୟ ଦିଆଯାଇଛି, ତାହାକୁ ଦୃଷ୍ଟିରେ ରଖି କିଛି ଆଇଆଇଟି ମଧ୍ୟ ବିଏସ୍‌ସି ଏବଂ ବିଏ ଡିଗ୍ରୀ ପ୍ରଦାନ କରୁଛନ୍ତି। ଅନେକ ପ୍ରତିଷ୍ଠାନ ବର୍ତ୍ତମାନ ଗୋଟିଏ ଛାତ ତଳେ ସମସ୍ତ ପ୍ରକାରର ଡିଗ୍ରୀ କାର୍ଯ୍ୟକ୍ରମ ପ୍ରଦାନ କରନ୍ତି। ଆଜିର ଦିନରେ କିଛି ପ୍ରତିଷ୍ଠାନ ବିଟେକ୍, ଏମ୍‌ଟେକ୍, ବିଇଡ଼ି, ଏମ୍‌ଇଡି, ଏମ୍‌ବିଏ, ବିଏ, ଏମ୍‌ଏ, ବିଏସ୍‌ସି, ଏମ୍‌ଏସ୍‌ସି , ଏମ୍‌କମ୍, ବିକମ୍, ଏଲ୍‌ଏଲ୍‌ବି, ଏବଂ ଏଲ୍‌ଏଲ୍‌ଏମ୍ ଇତ୍ୟାଦି କାର୍ଯ୍ୟକ୍ରମ ପ୍ରଦାନ କରୁଛନ୍ତି। ଆମର ବର୍ତ୍ତମାନର ଉଚ୍ଚଶିକ୍ଷା ନିୟାମକ ଢାଞ୍ଚା, ୟୁଜିସି (ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ), ଏଆଇସିଟିଇ (ଅଲ୍ ଇଣ୍ଡିଆ କାଉନସିଲ୍ ଫର୍ ଟେକ୍ନିକାଲ୍ ଏଜୁକେସନ୍) ଏବଂ ଏନ୍‌ସିଟିଇ (ନ୍ୟାସନାଲ୍ କାଉନସିଲ୍ ଫର୍ ଟେକ୍ନିକାଲ୍ ଏଜୁକେସନ୍) ଭଳି ଏକାଧିକ ସଂସ୍ଥାକୁ ନେଇ ଗଠିତ, ଗୋଟିଏ ପ୍ରତିଷ୍ଠାନ ମଧ୍ୟରେ ବିଭିନ୍ନ ପାଠ୍ୟକ୍ରମ ଆବଶ୍ୟକତାକୁ ତଦାରଖ କରେ। ସମାଜ ଗୁଣାତ୍ମକ ମାନ ଏବଂ ମାନ୍ୟତା ପ୍ରଣାଳୀର ଗୁରୁତ୍ୱକୁ ସ୍ୱୀକାର କରିଛି। ଏହି ଉଦୀୟମାନ ଆବଶ୍ୟକତାଗୁଡ଼ିକୁ ଦୃଷ୍ଟିରେ ରଖି, ଆମର ନିୟାମକ ବ୍ୟବସ୍ଥାଗୁଡ଼ିକର ପୁନଃମୂଲ୍ୟାୟନ କରିବାର ଆବଶ୍ୟକତା ଅନୁଭବ କରାଯାଇଛି। ବର୍ତ୍ତମାନର ଚ୍ୟାଲେଞ୍ଜଗୁଡ଼ିକୁ ପୂରଣ କରିବା ପାଇଁ ବିଦ୍ୟମାନ ନିୟାମକ ବ୍ୟବସ୍ଥା ପର୍ଯ୍ୟାପ୍ତ ନୁହେଁ ବୋଲି ସ୍ୱୀକାର କରିବା ସହ ଜାତୀୟ ଶିକ୍ଷା ନୀତି (ଏନ୍‌ଇପି) ୨୦୨୦ ଆଇନ ମାଧ୍ୟମରେ ସମସ୍ତ ପ୍ରକାରର ଉଚ୍ଚଶିକ୍ଷାକୁ ଏକ ନିୟାମକ ଢାଞ୍ଚା ଅଧୀନରେ ଆଣିବାକୁ ପ୍ରସ୍ତାବ ଦେଇଥିଲା।

## ବେଙ୍ଗାଲୁରୁ କମ୍ପାନୀରୁ ୩୭୯ କୋଟି ଚୋରି, ଇଞ୍ଜିନିୟର ଗିରଫ



**ବେଙ୍ଗାଲୁରୁ,୩୧।୭:** କ୍ରିପ୍ଟୋ ଟ୍ରେଡିଂ ପ୍ଲାଟଫର୍ମ କଏନ୍ ଡିସିଏକ୍ସ କ୍ରିପ୍ଟୋକରେନ୍ସି ଚୋରି ମାମଲା ସାମ୍ନାକୁ ଆସିଛି। କୋଟି କୋଟି ଟଙ୍କାର ଚୋରି ହୋଇଛି। କମ୍ପାନୀରୁ ୩୭୯ କୋଟି ଟଙ୍କା ଚୋରି ହେବା ପରେ ଜଣାପଡିଥିଲା । ପୋଲିସ ନିକଟରେ ଅଭିଯୋଗ ହେବା ପରେ ବେଙ୍ଗାଲୁରୁ ପୋଲିସ କମ୍ପାନୀର ଜଣେ ସଫ୍ଟୱେୟାର ଇଂଜିନିୟରକୁ ଗିରଫ କରିଛି । ପୋଲିସ କହିବା ମୁତାବକ, ହ୍ୟାକର୍ସ ଇଂଜିନିୟର ଜଣକ ଲଗଇନ କ୍ରେଡେନ୍ସିଆଲକୁ ବ୍ୟବହାର କରି ଚୋରି କରିଛି । କମ୍ପାନୀର ଆକାଉଣ୍ଟକୁ ହ୍ୟାକ୍ କରି ପାଖାପାଖି ୩୭୯ କୋଟି ଟଙ୍କା ଚୋରି କରିନେଇଥିବା ଜଣାପଡିଛି। ବେଙ୍ଗାଲୁରୁ ପୋଲିସ ଯେଉଁ ଇଂଜିନିୟରଙ୍କୁ ଗିରଫ କରିଛି, ତାଙ୍କ ନାମ ରାହୁଲ ଅଗ୍ରୱାଲ। ୩୦ ବର୍ଷୀୟ ଯୁବକ ବେଙ୍ଗାଲୁରୁର କାରମେଲରାମ ଅଞ୍ଚଳରେ ରହୁଥିଲେ । ଉତ୍ତରାଖଣ୍ଡ ହରିଦ୍ୱାରର ମୂଳବାସିନ୍ଦା ରାହୁଲ। ପୋଲିସ କହିବା ଅନୁସାରେ, ନେବିଲୋ ଟେକ୍ନୋଲୋଜି କଏନ୍‌ଡିସିଏକ୍ସ କମ୍ପାନୀ ଚଳାଉଥିଲା। ଚୋରି ଜାଣିବା ପରେ କଏନଡିସିଏକ୍ସ ଅଭିଯୋଗ ଦାୟର କରିଥିଲା। ନେବିଲୋ ଉପାଧ୍ୟକ୍ଷ ହରଦୀପ ସିଂ ପୋଲିସକୁ କହିଛନ୍ତି, ରାହୁଲ କମ୍ପାନୀର ସ୍ଥାୟୀ କର୍ମଚାରୀ ରହିଥିଲେ । ଅଫିସ କାମ ପାଇଁ ତାଙ୍କୁ ଏକ ଲାପଟପ ଦିଆଯାଇଥିଲା। ୧୯ ଜୁଲାଇ ରାତିରେ ୨.୩୭ରେ ଜଣେ ଅଜ୍ଞାତ ବ୍ୟକ୍ତି ସିଷ୍ଟମକୁ ହ୍ୟାକ୍ କରି ଟଙ୍କା ଟ୍ରାନ୍ସଫର କରିଥିବା ଜଣାପଡିଛି । ତେବେ ଏହି ମାମଲାରେ ରାହୁଲ ସାମିଲ ରହିଛନ୍ତି କି ନାହିଁ, ତାହା ଜଣାପଡିନାହିଁ। କିନ୍ତୁ ତାଙ୍କୁ ସନ୍ଦେହ ଆଧାରରେ ଅଟକ ରଖାଯାଇଛି । କମ୍ପାନୀର ଅନ୍ୟ କର୍ମଚାରୀଙ୍କୁ ପଚରାଉଚରା କରୁଛି ପୋଲିସ ।

### ମାଲେଗାଓଁ ବିସ୍ଫୋରଣ ମାମଲା

## ୧୭ ବର୍ଷ ପରେ ସମସ୍ତ ଅଭିଯୁକ୍ତ ନିର୍ଦ୍ଦୋଷରେ ଖଲାସ



**ନୂଆଦିଲ୍ଲୀ,୩୧।୭:** ମାଲେଗାଓଁ ବିସ୍ଫୋରଣ ମାମଲାରେ ସାଧ୍ୱୀ ପ୍ରଜ୍ଞା ସିଂହ, ଲେଫ୍ଟନାଣ୍ଟ କର୍ଣ୍ଣେଲ ପୁରୋହିତଙ୍କ ସମେତ ସମସ୍ତ ଅଭିଯୁକ୍ତଙ୍କୁ ଏନଆଇଏ କୋର୍ଟ ନିର୍ଦ୍ଦୋଷରେ ଖଲାସ କରିଛନ୍ତି। ୨୦୦୮ ସେପ୍ଟେମ୍ବର ୨୯ ତାରିଖରେ ନାସିକର ମାଲେଗାଓଁ ସହରରେ ଏକ ମସଜିଦ ନିକଟରେ ଏକ ମୋଟରସାଇକେଲରେ ବନ୍ଧା ହୋଇଥିବା ଏକ ବିସ୍ଫୋରକ ଉପକରଣ ବିସ୍ଫୋରଣ ହେବାରୁ ୬ ଜଣଙ୍କର ମୃତ୍ୟୁ ହୋଇଥିଲା ଏବଂ ଅନେକ ଆହତ ହୋଇଥିଲେ। ପୂର୍ବରୁ, ଏନଆଇଏ ସ୍ୱତନ୍ତ୍ର ବିଚାରପତି ଏକେ ଲାହୋଟି ସମସ୍ତ ଅଭିଯୁକ୍ତଙ୍କୁ କୋର୍ଟରେ ହାଜର ହେବାକୁ କହିଥିଲେ। ଯେତେବେଳେ ୨୦୦୮ ମାଲେଗାଓଁ ବିସ୍ଫୋରଣ ମାମଲାରେ ସ୍ୱତନ୍ତ୍ର ଏନଆଇଏ ବିଚାରପତି ଏକେ ଲାହୋଟିଙ୍କ କୋର୍ଟ ରାୟ ଶୁଣାଇଲେ, ସେତେବେଳେ ପୂର୍ବତନ ଭାଜପା ଏମପି ପ୍ରଜ୍ଞା ସିଂହ ଠାକୁର ଏବଂ ଲେଫ୍ଟନାଣ୍ଟ କର୍ଣ୍ଣେଲ ପ୍ରସାଦ ପୁରୋହିତଙ୍କ ସମେତ ସମସ୍ତ ସାତ ଅଭିଯୁକ୍ତ ଉପସ୍ଥିତ ଥିଲେ। ଏହି ମାମଲାରେ ପୂର୍ବତନ ଭାଜପା ଏମପି ପ୍ରଜ୍ଞା ଠାକୁର ଏବଂ ଲେଫ୍ଟନାଣ୍ଟ କର୍ଣ୍ଣେଲ ପ୍ରସାଦ ପୁରୋହିତଙ୍କ ସମେତ ଆଠ ଜଣଙ୍କୁ ଅଭିଯୁକ୍ତ କରାଯାଇଥିଲା। ସୁପ୍ରିମକୋର୍ଟ ଅଭିଯୁକ୍ତମାନଙ୍କ ମଧ୍ୟରୁ ଜଣେ ସମୀର କୁଲକର୍ଣ୍ଣିଙ୍କ ବିରୋଧରେ ମାମଲା ଉପରେ ସ୍ଥଗିତ ରଖିଛନ୍ତି। ଆଜିର ନିଷ୍ପତ୍ତିରେ, ପ୍ରଜ୍ଞା ଠାକୁର ଏବଂ କର୍ଣ୍ଣେଲ ପ୍ରସାଦ ପୁରୋହିତଙ୍କ ବ୍ୟତୀତ, ମେଜର ରମେଶ ଉପାଧ୍ୟାୟ, ଅଜୟ ରାହିରକର, ସୁଧାକର ଦ୍ୱିବେଦୀ ଏବଂ ସୁଧାକର ଚତୁର୍ବେଦୀଙ୍କୁ ଏନ୍‌ଆଇଏ କୋର୍ଟ ଦୋଷମୁକ୍ତ କରିଛନ୍ତି। ସମସ୍ତଙ୍କ ବିରୁଦ୍ଧରେ ବେଆଇନ କାର୍ଯ୍ୟକଳାପ ନିବାରଣ ଆଇନ ଏବଂ ଭାରତୀୟ ଦଣ୍ଡ ସଂହିତାର ବ୍ୟବସ୍ଥା ଅନୁଯାୟୀ ବିଚାର କରାଯାଉଥିଲା।

### ନକଲି ଆଧାର-ଭୋଟର କାର୍ଡ ଠାବ

## ବାଂଲାଦେଶୀ ମଡେଲ ଗିରଫ

**କୋଲକାତା,୩୧।୭:** ପଶ୍ଚିମବଙ୍ଗରେ ଜଣେ ବାଂଲାଦେଶୀ ମଡେଲଙ୍କୁ ଗିରଫ କରିଛି ପୁଲିସ । ୨୮ ବର୍ଷୀୟା ମଡେଲଙ୍କ ପାଖରୁ ନକଲି ଭାରତୀୟ ଆଧାର ଏବଂ ଭୋଟର କାର୍ଡ ଜବତ ହୋଇଛି । ସେ ଜଣେ ଏୟାରହୋଷ୍ଟେସରୁ ମଡେଲ ହୋଇଥିଲେ ଏବଂ ଗତ ୬ ବର୍ଷ ଧରି କୋଲକାତାରେ ରହୁଥିଲେ। ପାର୍କ ଷ୍ଟ୍ରିଟ୍ ପୁଲିସ ତାଙ୍କ ବିରୋଧରେ ଏକ ମାମଲା ରୁଜୁ କରିଛି । ମଡେଲଙ୍କ ବିରୋଧରେ ବିଏନସି ଧାରା ୩୩୬(୩), ୩୩୮, ୩୪୧, ୬୧(୨) ଅନୁଯାୟୀ ମାମଲା ହୋଇଛି । ଅଭିଯୁକ୍ତ ମଡେଲଙ୍କ ନାଁ ଶାନ୍ତା ପାଉଲ୍ ଏବଂ ତାଙ୍କ ବୟସ ୨୮ ବର୍ଷ । ସେ ବିକ୍ରମଗଡ଼ର ୬/ଏରେ ଦ୍ୱିତୀୟ ମହଲାରେ ଭଡା ନେଇ ରହୁଥିଲେ । ପୁଲିସ ତାଙ୍କୁ ଗୁରୁବାର ଭୋର ପ୍ରାୟ ୪:୦୭ ସମୟରେ ଗିରଫ କରିଛି । ପୁଲିସର ତଲାସି ସମୟରେ ତାଙ୍କ ନାମରେ ଜାରି ହୋଇଥିବା ଅନେକ ବାଂଲାଦେଶୀ ପାସପୋର୍ଟ, ରିଜେଣ୍ଟ ଏୟାରୱେଜ୍ (ବାଂଲାଦେଶ) କର୍ମଚାରୀ କାର୍ଡ, ଢାକା ମାଧ୍ୟମିକ ଶିକ୍ଷା ପ୍ରବେଶ ପତ୍ର, ଭାରତୀୟ ଆଧାର କାର୍ଡ, ଭାରତୀୟ ଭୋଟର କାର୍ଡ, ବିଭିନ୍ନ ଠିକଣାର ରାସନ କାର୍ଡ ମିଳିଛି । ଏହି ସବୁ ନକଲି କାଗଜପତ୍ର ଜବତ କରିଛି ପୁଲିସ । ସେ କିପରି ନକଲି ଆଧାର-ଭୋଟର କାର୍ଡ ପାଇଲେ ? ତାଙ୍କୁ ଏହି ସବୁ ନକଲି ପ୍ରମାଣପତ୍ର ଦେଇଥିଲା କିଏ ? ଏନେଇ ପୁଲିସ ଛାନଭିନ କରୁଛି । ଅଭିଯୁକ୍ତ ବାଂଲାଦେଶୀ ମଡେଲ ଆପ୍ ଆଧାରିତ କ୍ୟାବ୍ ବ୍ୟବସାୟ ଆରମ୍ଭ କରିବାକୁ ଚେଷ୍ଟା କରୁଥିଲେ । ଏହା ପରେ ସେ ପୁଲିସ ହାତରେ ଧରା ପଡ଼ିଛନ୍ତି । ପୁଲିସ ସୂତ୍ର ଅନୁଯାୟୀ, ସେ



୨୦୨୩ ମସିହାରୁ ଯାଦବପୁରର ବିଜୟଗଡ଼ରେ ଏକ ଫ୍ଲାଟରେ ଭଡ଼ାରେ ରହୁଥିଲେ । ଏହା ବ୍ୟତୀତ ସେ ନିଜ ଭିନ୍ନ ଭିନ୍ନ ଠିକଣାରେ ଘର ଭଡ଼ାରେ ନେଇଥିଲେ । ପୂର୍ବରୁ ଶାନ୍ତାଙ୍କ ବିରୋଧରେ ଅନ୍ୟ ଏକ ଥାନାରେ ଠକେଇ ଅଭିଯୋଗ ହୋଇଥିଲା। ସୂଚନା ଅନୁଯାୟୀ, ସେ ବାଂଲାଦେଶର ଦୁଇଟି ପ୍ରସିଦ୍ଧ କମ୍ପାନୀର ମଡେଲ ମଧ୍ୟ ଥିଲେ। ସେ ଅନେକ ସୌନ୍ଦର୍ଯ୍ୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ଗିରଫ ମହିଳାଙ୍କ ପାଖରୁ ଅନେକ ବାଂଲାଦେଶୀ ପାସପୋର୍ଟ ଉଦ୍ଧାର କରାଯାଇଛି । ତାଙ୍କ ପାଖରୁ ଏକ ବାଂଲାଦେଶ ମାଧ୍ୟମିକ ସ୍କୁଲର ପ୍ରମାଣପତ୍ର ମଧ୍ୟ ରହିଛି। ଏକ ଏୟାରଲାଇନ୍ସ ପରିଚୟପତ୍ର ମଧ୍ୟ ଅଛି। ପୁଲିସ ଲାଲବଜାରରେ ଥିବା ୟୁଆଇଡ଼ିଏଆଇ ଅଫିସ ଯାଇ ଅଧିକାରୀଙ୍କ ସହିତ ଯୋଗାଯୋଗ କରିଛି । ଶାନ୍ତାଙ୍କ ଫ୍ଲାଟରୁ ମିଳିଥିବା ଭୋଟର କାର୍ଡ ବୈଧ କି ନାହିଁ ଏବଂ କେଉଁ ଡକ୍ୟୁମେଣ୍ଟ ଆଧାରରେ ସେ ଭୋଟର କାର୍ଡ ପାଇଛନ୍ତି ତାହା ଜାଣିବା ପାଇଁ ଲାଲବଜାର ନିର୍ବାଚନ କମିଶନଙ୍କ ସହିତ ମଧ୍ୟ ଯୋଗାଯୋଗ କରିଛି ପୁଲିସ ।

# ପାରାଙ୍କୁ ଖାଇବାକୁ ଦେବା ଉପରେ ଅଙ୍କୁଶ

**ମୁମ୍ବାଇ,୩୧।୭:** ବମ୍ବେ ହାଇକୋର୍ଟ ସାର୍ବଜନୀନ ସ୍ଥାନରେ ପାରାଙ୍କୁ ଖାଇବାକୁ ଦେବା ଉପରେ ନିଷେଧାଦେଶ ଜାରି କରିଛନ୍ତି। ଏହି ନିଷ୍ପତ୍ତି ସମ୍ପର୍କରେ କୋର୍ଟ କହିଛନ୍ତି ଯେ, ଏପରି କରିବା ଦ୍ୱାରା ସାଧାରଣ ଅସୁବିଧା ହୁଏ ଏବଂ ଏହା ଜନସ୍ୱାସ୍ଥ୍ୟ ପାଇଁ ବିପଦ ସୃଷ୍ଟି କରେ। ଏହା ସହିତ କୋର୍ଟ ସାର୍ବଜନୀନ ସ୍ଥାନରେ ପାରାଙ୍କୁ ଖାଇବାକୁ ଦେଉଥିବା ଲୋକଙ୍କ ବିରୋଧରେ ମାମଲା ରୁଜୁ କରିବାକୁ ପୌର ନିଗମକୁ ନିର୍ଦ୍ଦେଶ ଦେଇଛନ୍ତି।

କୋର୍ଟ ପୂର୍ବରୁ ପାରାଙ୍କ ଘର ଭାଙ୍ଗିବାକୁ ନିଷେଧ କରିଥିଲେ, କିନ୍ତୁ ଖାଇବା ପାଇଁ ଦେବା ଉପରେ କୌଣସି କଟକଣା ଲଗାଇ ନ ଥିଲେ। ଏବେ କୋର୍ଟ ପାରାଙ୍କୁ ଖାଇବାକୁ ଦେବା ଉପରେ କଟକଣା ଲଗାଇଛନ୍ତି। କୋର୍ଟଙ୍କ ଏହି ନିର୍ଦ୍ଦେଶକୁ ଅବମାନନା କରୁଥିବା ଲୋକଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କୋର୍ଟ ଚେତାବନୀ ଦେଇଛନ୍ତି। କୋର୍ଟ କହିଛନ୍ତି, ପାରା ପଲକୁ ଖାଇବାକୁ ଦେବା ଏକ ସାର୍ବଜନୀନ ଅସୁବିଧା। ଏହା ଲୋକଙ୍କ ସ୍ୱାସ୍ଥ୍ୟ ପାଇଁ ମଧ୍ୟ ବିପଦ ସୃଷ୍ଟି କରେ। ଏହା କରିବା ଦ୍ୱାରା ଲୋକଙ୍କୁ ଅନେକ ପ୍ରକାରର ରୋଗର ମଧ୍ୟ ସମ୍ମୁଖୀନ ହେବାକୁ ପଡ଼େ। ରାୟ ଦେବା ସମୟରେ କୋର୍ଟ ମୁମ୍ବାଇ ମ୍ୟୁନିସିପାଲ କର୍ପୋରେଶନକୁ ଏପରି କାର୍ଯ୍ୟକଳାପରେ ସମ୍ପୃକ୍ତ ଲୋକଙ୍କ ବିରୋଧରେ ମାମଲା ଦାୟର କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ପ୍ରାଣୀ ପ୍ରେମୀଙ୍କ ଏକ ଗ୍ରୁପ୍ ଦ୍ୱାରା ଦାୟର କରାଯାଇଥିବା ଏକ ଆବେଦନ ଉପରେ ବିଚାରପତି ଜି.ଏସ. କୁଲକର୍ଣ୍ଣି ଏବଂ ବିଚାରପତି ଆରିଫ୍ ଡାକ୍ତରଙ୍କ ଖଣ୍ଡପୀଠ ଏହି ରାୟ ଦେଇଛନ୍ତି। ମାମଲାର ଶୁଣାଣି ସମୟରେ କୋର୍ଟ କହିଛନ୍ତି, ଏହି ପ୍ରସଙ୍ଗ ସାର୍ବଜନୀନ ସ୍ୱାସ୍ଥ୍ୟ ସହିତ ଜଡ଼ିତ ଏବଂ ସମସ୍ତ ବୟସର ଲୋକଙ୍କ ସ୍ୱାସ୍ଥ୍ୟ ପାଇଁ ଏକ ଗମ୍ଭୀର ଏବଂ ସମ୍ଭାବ୍ୟ ବିପଦ। କୋର୍ଟ ବୁଧବାର କହିଥିଲେ ଯେ, ଅନୁମତି ନ ପାଇବା ସତ୍ତ୍ୱେ, ଲୋକମାନେ ଏହି ପାରା ଘରଗୁଡ଼ିକରେ ପାରା ଖାଇବା ଜାରି ରଖିଛନ୍ତି। ଖଣ୍ଡପୀଠ କହିଛନ୍ତି, ଆଇନର ଘୋର ଅବମାନନାର ପରିସ୍ଥିତି ସୃଷ୍ଟି ହେବା ସହିତ ଏହି ପରିସ୍ଥିତି ଏବେ ଆହୁରି ଜଟିଳ ହୋଇଯାଇଛି। କାରଣ ଆମର ପୂର୍ବ ନିର୍ଦ୍ଦେଶରେ, ପାରା ଖାଇବା ଏବଂ ସଂଗ୍ରହକୁ ସମର୍ଥନ କରୁଥିବା ଆବେଦନଗୁଡ଼ିକୁ ଖାରଜ କରାଯାଇଥିଲା। ବର୍ତ୍ତମାନ ପୌର ଅଧିକାରୀମାନଙ୍କୁ ଏହି ସମ୍ପର୍କରେ ସେମାନଙ୍କର କର୍ତ୍ତବ୍ୟ ପାଳନ କରିବାରୁ ବାରଣ କରାଯାଉଛି। ନିର୍ଦ୍ଦେଶ ଅବମାନନା କରି ପାରା ଖାଇବାକୁ ଦେଉଥିବା ଲୋକଙ୍କୁ ଦଣ୍ଡ ଦେବାକୁ ବିଏମ୍‌ସିକୁ ନିର୍ଦ୍ଦେଶ ଦେଇଛନ୍ତି ହାଇକୋର୍ଟ।




## ଦୁଇ ପିଲାଙ୍କୁ ଜୀବନ୍ତ ଜାଳିଦେଲେ ଦୁର୍ବୃତ୍ତ



**ପାଟନା,୩୧।୭:** ପୁଣି ନୃଶଂସତାର ସୀମା ଲଂଘିଲା ମାନବିକତା । ଦୁଇଟି ପିଲାଙ୍କ ଦେହରେ ନିଆଁ ଲଗାଇ ଜୀବନ୍ତ ଜାଳିଦେଲେ। ଘରେ କେହି ନଥିବା ବେଳେ ଦୁର୍ବୃତ୍ତ ଘଟାଇଲେ ଏହି ଲୋମଟାଙ୍କୁରା ଅପରାଧ । ବିହାରର ରାଜଧାନୀ ପାଟନାରୁ ଏପରି ଦୁଃଖଦ ଖବର ସାମ୍ନାକୁ ଆସିଛି। ପୋଲିସ ଘଟଣାସ୍ଥଳରେ ପହଞ୍ଚି ପ୍ରାଥମିକ ତଦନ୍ତ ଆରମ୍ଭ କରିଛି । ମୃତ ପିଲା ଦୁଇଜଣଙ୍କ ପରିଚୟ ମିଳିଛି ସେମାନେ ହେଲେ ୧୦ ବର୍ଷିୟ ଅଞ୍ଜଲି ଓ ୧୫ ବର୍ଷିୟ ଅଂଶ। ମୃତ ପିଲା ଦୁଇଜଣ ଜାନୀପୁର ଅଞ୍ଚଳର ଶୋଭା ଦେବୀ ଓ ଲଲନ କୁମାର ଗୁପ୍ତାଙ୍କ ସନ୍ତାନ ଥିଲେ। ଶୋଭା ଦେବୀ ଅଖିଳ ଭାରତୀୟ ଆୟୁର୍ବିଜ୍ଞାନ ସଂସ୍ଥା ବା ଏମ୍ସରେ ନର୍ସ ଭାବେ କାର୍ଯ୍ୟ କରନ୍ତି। ସେହିପରି ଲଲନ କୁମାର ଯାଦବ ଇଲେକ୍ସନ କମିଶନରେ କାର୍ଯ୍ୟ କରନ୍ତି । ଯାନୀପୁର ଥାନା ପୋଲିସ ସହିତ ଘଟଣାସ୍ଥଳରେ ଫୋରେନ୍ସିକ ଦଳ ଏବଂ ଡଗ୍ ସ୍କ୍ୱାର୍ଡ ମଧ୍ୟ ପହଞ୍ଚିଛି । ଏହି ମାମଲାର ଗମ୍ଭୀର ଭାବେ ଯାଞ୍ଚ କରାଯାଉଛି। ମାତ୍ର ଏହି ଘଟଣା ପଛରେ କାହାର ହାତ ରହିଛି ତାହା ଏପର୍ଯ୍ୟନ୍ତ ସ୍ପଷ୍ଟ ହୋଇପାରିନାହିଁ । ଯାନୀପୁର ଥାନା ପୋଲିସ ସବ୍ ଇନ୍ସପେକ୍ଟର କହିଛନ୍ତି, ଘରୁ ଗୋଟିଏ ଝିଅ ଏବଂ ଗୋଟିଏ ପୁଅର ମୃତଦେହ ଉଦ୍ଧାର କରାଯାଇଛି। ଘଟଣାର ସବୁ ଦିଗକୁ ଯାଞ୍ଚ କରାଯାଉଛି । ମୃତଦେହ ବ୍ୟବଚ୍ଛେଦ ପାଇଁ ମୃତଦେହକୁ ହସ୍ପିଟାଲ ପଠାଯିବ। ଅନ୍ୟ ପଟେ ମତ ପ୍ରକାଶ ପାଉଛି ଯେ, ଯେବେ ଦୁଇ ଶିଶୁ ସ୍କୁଲରୁ ଆସି ଘରେ ଶୋଇଥିଲେ ସେହି ସମୟରେ କେହି ଆସି ନିଆଁ ଲଗାଇଦେଇଛି। ମାତ୍ର ମୃତକଙ୍କ ପିତା ଲଲନ କୁମାର କହିଛନ୍ତି, ଦୁଇ ପିଲାଙ୍କୁ ପ୍ରଥମେ ହତ୍ୟା କରାଯାଇଛି ତା ପରେ ଘରେ ଦୁର୍ବୃତ୍ତ ନିଆଁ ଲଗାଇଦେଇଛି।

# ଓଭାଲ୍ ଟେଷ୍ଟ: ନାୟର୍‌ଙ୍କ ଅପରାଜିତ ଅର୍ଦ୍ଧଶତକ, ଭାରତ ୨୦୪/୬



**ଓଭାଲ୍,୩୧।୭:** ଆଜିଠାରୁ ଭାରତ ଓ ଇଂଲଣ୍ଡ ମଧ୍ୟରେ ସିରିଜ୍‌ର ପଞ୍ଚମ ତଥା ଅନ୍ତିମ ଟେଷ୍ଟ୍ ଆରମ୍ଭ ହୋଇଛି। ପ୍ରଥମ ଦିନରେ ପ୍ରଥମେ ବ୍ୟାଟିଂ ସୁଯୋଗ ପାଇଥିବା ଭ୍ରମଣକାରୀ ଭାରତ ରିପୋର୍ଟ ଲେଖାଯିବା ପର୍ଯ୍ୟନ୍ତ ୬୪ ଓଭର୍‌ରେ ୬ ୱିକେଟ୍ ବିନିମୟରେ ୨୦୪ ରନ୍ କରିଛି। ଦଳ ପକ୍ଷରୁ କରୁନ୍ ନାୟର୍ ଏକମାତ୍ର ବ୍ୟାଟ୍ସମ୍ୟାନ୍ ଭାବେ ଅର୍ଦ୍ଧଶତକ ପୂରଣ କରି ବ୍ୟାଟିଂ ଜାରି ରଖିଥିବା ବେଳେ ତାଙ୍କୁ ସହଯୋଗ କରୁଛନ୍ତି ଚତୁର୍ଥ ଟେଷ୍ଟ୍‌ରେ କ୍ୟାରିଅର୍‌ର ପ୍ରଥମ ଶତକ ଅର୍ଜନ କରିଥିବା ୱାଶିଂଟନ୍ ସୁନ୍ଦର। ନାୟର୍ ୫୨ ରନ୍ ଓ ସୁନ୍ଦର ୧୯ ରନ୍ କରି ଖେଳୁଛନ୍ତି।

ଟସ୍ ଜିତି ଇଂଲଣ୍ଡ ଅଧିନାୟକ ଓଲି ପୋପ୍ ପ୍ରଥମେ ବୋଲିଂ କରିବାକୁ ନିଷ୍ପତ୍ତି ନେବା ଫଳରେ ଭାରତ ବ୍ୟାଟିଂ ସୁଯୋଗ ପାଇଛି। ତେବେ ଦୁଇ ଓପନରଙ୍କ ମଧ୍ୟରୁ ପୁଣିଥରେ ଯଶସ୍ୱୀ ଜୈସ୍ୱାଲ୍ ନିରାଶ କରିଛନ୍ତି। ସେ ମାତ୍ର ୨ ରନ୍‌ରେ ଆଉଟ୍ ହେବା ଫଳରେ ଭାରତ ୧୦ ରନ୍‌ରେ ପ୍ରଥମ ୱିକେଟ୍ ହରାଇଥିଲା। ଏହି ସମୟରେ ଅନ୍ୟତମ ଓପନର ଲୋକେଶ ରାହୁଲ୍ ଓ ସାଇ ସୁଦର୍ଶନ ୨୮ ରନ୍ ଯୋଡ଼ି ସ୍ଥିତି ସୁଧାରିବାକୁ ଉଦ୍ୟମ କରିଥିଲେ। କିନ୍ତୁ ୧୪ ରନ୍ କରି ରାହୁଲ୍ ଆଉଟ୍ ହେବା ଫଳରେ ଭାରତ ଦ୍ୱିତୀୟ ୱିକେଟ୍ ହରାଇଥିଲା। ତେବେ ଅଧିନାୟକ ଶୁବମାନ ଗିଲ୍ ଓ ସାଇ ସୁଦର୍ଶନ ଦଳୀୟ ସ୍କୋର୍‌କୁ ୮୩ରେ ପହଞ୍ଚାଇବା ପରେ ଗିଲ୍ ୨୧ ରନ୍‌ରେ ଆଉଟ୍ ହୋଇଥିଲେ। ପରେ ସୁଦର୍ଶନ ୩୮, ରବୀନ୍ଦ୍ର ଜାଡେଜା ୯ ଓ ସିରିଜ୍‌ରେ ପ୍ରଥମ ମ୍ୟାଚ୍ ଖେଳିବାର ସୁଯୋଗ ପାଇଥିବା ୱିକେଟ୍‌କିପର୍-ବ୍ୟାଟ୍ସମ୍ୟାନ୍ ଧ୍ରୁବ ଜୁରେଲ୍ ୧୯ ରନ୍ କରି ଆଉଟ୍ ହୋଇଥିଲେ। ଇଂଲଣ୍ଡ ପକ୍ଷରୁ ଗସ୍ ଆଟକିନ୍‌ସନ୍ ଓ ଜୋଶ୍ ଟଙ୍ଗ୍ ୨ଟି ଲେଖାଏଁ ଏବଂ କ୍ରିସ୍ ଓକ୍ସ ଗୋଟିଏ ୱିକେଟ୍ ନେଇଥିବା ବେଳେ ଗିଲ୍ ରନ୍‌ଆଉଟ୍ ହୋଇଛନ୍ତି। ସୂଚନାଯୋଗ୍ୟ ଯେ ସିରିଜ୍‌ରେ ଘରୋଇ ଇଂଲଣ୍ଡ ୨-୧ରେ ଆଗୁଆ ରହିଛି।



# ଆଣ୍ଡ୍ରିଆଙ୍କ ସହ ନିର୍ବନ୍ଧକୁ ଭେନସଙ୍କ ସ୍ୱୀକାର

ନୂଆଦିଲ୍ଲୀ, ୩୧।୭: ପ୍ରାୟ ୧୬ ମାସ ପରେ ପ୍ରତିଯୋଗିତା ମୂଳକ ଟେନିସ୍‌କୁ ଫେରିଥିବା ଭେନସ୍ ୱିଲିୟମ୍ସ ପ୍ରଶଂସକଙ୍କ ପାଇଁ ହୃଦୟସ୍ପର୍ଶୀ ଘୋଷଣା କରିଛନ୍ତି। ୱାସିଂଟନ୍ ଓପନ୍‌ର ପ୍ରଥମ ରାଉଣ୍ଡ ଏକକ ମ୍ୟାଚ୍ ବିଜୟ ପରେ ଏହି ଆମେରିକୀୟ ଟେନିସ୍ ତାରକା ଇଟାଲୀୟ ମଡେଲ୍ ତଥା ଅଭିନେତା ଆଣ୍ଡ୍ରିଆ ପ୍ରୀତ୍‌ଙ୍କ ସହ ନିର୍ବନ୍ଧକୁ ସ୍ୱୀକାର କରିଛନ୍ତି। କିଛି ଦିନ ଭେନସ୍ ଓ ଆଣ୍ଡ୍ରିଆ ଏକ ବିଳାସପୂର୍ଣ୍ଣ ପାଣି ଜାହାଜରେ ସମୟ କଟାଉଥିବା ଦେଖିବାକୁ ମିଳିଥିଲେ। ଏହା ପରେ ଇଟାଲିର ରୋମ୍‌ଠାରେ ଅଭ୍ୟାସ କରୁଥିଲା ବେଳେ ଭେନସ୍ ଏକ ଆକର୍ଷଣୀୟ ନିର୍ବନ୍ଧ ମୁଦି ପିନ୍ଧିଥିଲେ। ଫଳରେ ଉଭୟ ଆଗାମୀ ଦିନରେ ହାତକୁ ଦିହାତ ହେବାକୁ ଯାଉଥିବା ନେଇ ଆମେରିକୀୟ ଗଣମାଧମରେ ଚର୍ଚ୍ଚା ହୋଇଥିଲା। ଏହାକୁ ନେଇ ଉଭୟ କିନ୍ତୁ କେବେ ମୁହଁ ଖୋଲି ନଥିଲେ। ଭେନସ୍ ୱାସିଟନ୍ ଓପନ୍ ବିଜୟ ପରେ ଏହାର ଶ୍ରେୟ ଭାବି ପତିଙ୍କୁ ଦେଇ ନିର୍ବନ୍ଧ ଚର୍ଚ୍ଚା ଉପରେ ବିରାମ ଲଗାଇଛନ୍ତି। ସେ କହିଛନ୍ତି 'ମୋତେ ଉତ୍ସାହିତ କରିବାକୁ ମୋ ଭାବି ପତି ଏଠାରେ ଉପସ୍ଥିତ ଅଛନ୍ତି। ପ୍ରୀତ୍ ପୂର୍ବରୁ କେବେ ମୋ ଖେଳ ଦେଖିନାହାନ୍ତି। ତାଙ୍କର ଉପସ୍ଥିତି ମୋତେ ଭଲ କରିବାକୁ ପ୍ରେରିତ କରିଥିଲା''। ୩୭ ବର୍ଷୀୟ ଆଣ୍ଡ୍ରିଆ ଡେନ୍‌ମାର୍କରେ ଜନ୍ମ ହୋଇଥିଲା ବେଳେ ଇଟାଲିରେ ବଢ଼ିଥିଲେ। ସେ ହିଟ୍ ଧାରାବାହିକ 'ଏ ପ୍ରଫେସର'ରେ ଅଭିନୟ କରିଥିଲେ। ଉଭୟଙ୍କ ପ୍ରେମ ଗତବର୍ଷ ଗ୍ରୀଷ୍ମ ଋତୁରେ ଆରମ୍ଭ ହୋଇଥିଲା।

# ୧୦ ବର୍ଷ ପରେ ଚାମ୍ପିଅନ୍ସ ଲିଗ୍ ଫେରିବା ସମ୍ଭାବନା

ଦୁବାଇ, ୩୧।୭: ପ୍ରାୟ ୧୦ ବର୍ଷ ପରେ ଚାମ୍ପିଅନ୍ସ ଲିଗ୍ ଟ୍ୱେଣ୍ଟି-୨୦ (ସିଏଲ୍‌ଟି୨୦) ପ୍ରତିଯୋଗିତା ଫେରିବାକୁ ଯାଉଛି। ସିଙ୍ଗାପୁରରେ ଅନୁଷ୍ଠିତ ଅନ୍ତର୍ଜାତୀୟ କ୍ରିକେଟ୍ ପରିଷଦ ବାର୍ଷିକ ବୈଠକରେ ଏ ନେଇ ଆଲୋଚନା ହୋଇଛି। ବିଭିନ୍ନ ଦେଶର ଘରୋଇ ଟ୍ୱେଣ୍ଟି-୨୦ ଲିଗ୍‌ର ଦଳଗୁଡ଼ିକୁ ନେଇ ଏହି ପ୍ରତିଯୋଗିତା ୨୦୨୬ ସେପ୍ଟେମ୍ବରରେ କରିବାକୁ ଆଇସିସି ଯୋଜନା କରୁଛି। ଏଥିଲାଗି ଟେଷ୍ଟ୍ ଖେଳୁଥିବା ମୁଖ୍ୟ ଦେଶର ଫ୍ରାଞ୍ଚାଇଜ୍ ସହ ଆଲୋଚନା କରିବ। ଚାମ୍ପିଅନ୍ସ ଲିଗ୍ ୨୦୦୯ରୁ ୨୦୧୪ ପର୍ଯ୍ୟନ୍ତ ଚାଲିଥିଲା। ବିଭିନ୍ନ କାରଣରୁ ୨୦୧୫ରୁ ଏହା ବନ୍ଦ ରହିଛି। ପ୍ରମୁଖ ଟେଷ୍ଟ୍ ଖେଳୁଥିବା ଦେଶ ସହ ୟୁଏଇ, ୟୁଏସ୍‌ଏ, ନେପାଳ ଓ କାନାଡ଼ାରେ ମଧ ଫ୍ରାଞ୍ଚାଇଜ୍ ବିଶିଷ୍ଟ ଟ୍ୱେଣ୍ଟି-୨୦ ଲିଗ୍ ଖେଳାଯାଉଛି। ପ୍ରାୟ ୧୧ ଦେଶରେ ବଡ଼ବଡ଼ ଟ୍ୱେଣ୍ଟି-୨୦ ଲିଗ୍ ଆୟୋଜିତ ହେଉଛି।

# ପ୍ରିକ୍ୱାର୍ଟରରେ ଲକ୍ଷ୍ୟ, ଆୟୁଷ ଓ ତରୁଣ

**ମକାଉ ଓପନ୍**

ମକାଉ, ୩୧।୭: ଭାରତର ଲକ୍ଷ୍ୟ ସେନ୍, ଆୟୁଷ ସେଟ୍ଟର ଓ ତରୁଣ ମନୋପଲ୍ଲୀ ସହଜ ବିଜୟ ସହ ଚଳିତ ମକାଉ ଓପନ୍ ସୁପର ୩୦୦ ବ୍ୟାଡ୍‌ମିଣ୍ଟନ୍ ପ୍ରତିଯୋଗିତାର ପ୍ରିକ୍ୱାର୍ଟରଫାଇନାଲ୍‌ରେ ପହଞ୍ଚିଛନ୍ତି। ରାଜ୍ୟଗୋଷ୍ଠୀ କ୍ରୀଡ଼ା ବିଜେତା ଲକ୍ଷ୍ୟ ୨୧-୮, ୨୧-୧୪ରେ କୋରିଆର ଜିଓନ ହିଓକ୍‌ଙ୍କୁ, ୟୁଏସ୍ ଓପନ୍ ବିଜେତା ଆୟୁଷ ୨୧-୧୦, ୨୧-୧୧ରେ ଚାଇନିଜ୍ ତାଇପେର ହୁଆଙ୍ଗ ୟୁ କାଇଙ୍କୁ ଏବଂ ତରୁଣ ୨୧-୧୯, ୨୧-୧୩ରେ ନିଜ ଦେଶର ମନରାଜ ସିଂହଙ୍କୁ ହରାଇଛନ୍ତି। ପୁରୁଷ ଯୁଗଳରେ ପୃଥ୍ୱୀ ରୟ ଓ କେ ସାଇ ପ୍ରତୀକ ୨୧-୧୮, ୨୧-୧୯ରେ ଦିଙ୍ଗ୍‌କୁ ସିଂହ କୋନ୍ଥୌଜାମ ଓ ଅମନ ମହମ୍ମଦଙ୍କୁ ହରାଇଛନ୍ତି। ମିଶ୍ରିତ ଯୁଗଳରେ ଧ୍ରୁବ କପିଳ ତନିଶ କ୍ରାଷ୍ଟୋ ୨୧-୧୦, ୨୧-୧୫ରେ ଥାଇଲାଣ୍ଡର ରାଚାପୋଲ ମାକାସାସିଥ୍ରନ ଓ ନାତାମନ ଲାଇସୁଆନ୍‌ଙ୍କୁ ହରାଇ ପରବର୍ତ୍ତୀ ରାଉଣ୍ଡରେ ପହଞ୍ଚିଚନ୍ତି। ତେବେ ମହିଳା ଏକକରେ ଉନ୍ନତି ହୁଡ଼ା ୨୧-୧୬, ୧୯-୨୧, ୧୭-୨୧ରେ ଡେନ୍‌ମାର୍କର ଜୁଲି ଡୱାଲ ଜାକୋବସେନ୍‌ଙ୍କଠୁ, ଅର୍କଶୀ କାଶ୍ୟପ ୧୪-୨୧, ୧୬-୨୧ରେ ଜାପାନ ନୋଜୋମି ଓକୁହାରାଙ୍କଠୁ ଏବଂ ତସନିମ ମିର୍ ୬-୨୧, ୧୪-୨୧ରେ ଚୀନ୍‌ର ଚେନ୍ ୟୁ ଫେଇଙ୍କଠୁ ହାରି ବିଦାୟ ନେଇଛନ୍ତି।

**ଜାତୀୟ ସନ୍ତରଣ**

# ଓଡ଼ିଶା ଦଳରେ କିସ୍‌ରୁ ୨୬



**ଭୁବନେଶ୍ୱର, ୩୧।୭ (ସଂଚାର ବ୍ୟୁରୋ):** କର୍ଣ୍ଣାଟକରେ ଆୟୋଜିତ ହେବାକୁଥିବା ୪୧ତମ ଉପକନିଷ୍ଠ ଓ ୫୧ତମ କନିଷ୍ଠ ଜାତୀୟ ସନ୍ତରଣ ପ୍ରତିଯୋଗିତା ଲାଗି ଓଡ଼ିଶା ଦଳ ଘୋଷିତ ହୋଇଛି। ୨୮ (୧୪ ଲେଖାଏଁ ବାଳକ ଓ ବାଳିକା) ଜଣିଆ ଦଳରେ କେବଳ କିସ୍‌ର ୨୬ (୧୨ ପୁଅ, ୧୪ ଝିଅ) ଜଣ ରହିଛନ୍ତି। ଏହି ଖେଳାଳିମାନେ ପ୍ରଶିକ୍ଷକ ଦୀପଙ୍କର ଦାସଙ୍କ ତତ୍ତ୍ୱାବଧାନରେ ପ୍ରଶିକ୍ଷଣ ନେଉଛନ୍ତି। ଏହି ସଫଳତା ଲାଗି କିଟ୍, କିସ୍ ଓ କିମ୍ସର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଖେଳାଳିମାନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

# ପାକିସ୍ତାନ ବିପକ୍ଷ ସେମି ବର୍ଜନ କରିବ ଭାରତ

**ବିଶ୍ୱ ଲିଜେଣ୍ଡସ ଲିଗ୍**

ବର୍ମିଂହାମ୍, ୩୧।୭: ପାକିସ୍ତାନ ବିପକ୍ଷ ବିଶ୍ୱ ଲିଜେଣ୍ଡସ ଲିଗ୍ କ୍ରିକେଟ୍ ପ୍ରତିଯୋଗିତାର ସେମିଫାଇନାଲ୍ ଖେଳିବାକୁ ଭାରତ ରୋକ୍‌ଠୋକ୍ ମନା କରି ଦେଇଛି। ପହଲଗାମ ଆକ୍ରମଣ ପରେ ଉଭୟ ଦେଶ ମଧରେ ସଂପ୍ରତି ଭଲ ଚାଲିନି। ତେଣୁ ଦେଶର ସ୍ୱାର୍ଥ ଦୃଷ୍ଟିରୁ ଭାରତୀୟ ଲିଜେଣ୍ଡସ କ୍ରିକେଟ୍ ଦଳ ଗୁରୁବାର ବର୍ମିଂହାମ୍‌ରେ ଖେଳାଯିବାକୁ ଥିବା ସେମିଫାଇନାଲ୍‌କୁ ବର୍ଜନ କରିଛି। ଭାରତୀୟ ଦଳରେ ଥିବା କିଂବଦନ୍ତି ଶିଖର ଧାୱନ, ଇର୍ଫାନ ପଠାନ, ହରଭଜନ ସିଂହ, ଯୁବରାଜ ସିଂହ, ସୁରେଶ ରାଇନାଙ୍କ ସହ ଅନ୍ୟ ଖେଳାଳିମାନେ ପାକିସ୍ତାନ ବିପକ୍ଷରେ ଖେଳିବାକୁ ମନାକରି ଦେଇଛନ୍ତି। ସେମିଫାଇନାଲ୍ ପୂର୍ବରୁ ଭାରତୀୟ ଦଳ ସମାନ କାରଣ ଯୋଗୁଁ ଏହି ପ୍ରତିଯୋଗିତାର ଗ୍ରୁପ୍ ଷ୍ଟେଜ୍‌ରେ ମଧ ପାକିସ୍ତାନ ବିପକ୍ଷରେ ଖେଳି ନଥିଲା।

ଅନ୍ୟପକ୍ଷରେ ଏହି ଲିଗ୍‌ର ମୁଖ୍ୟ ପ୍ରାୟୋଜକ 'ଇଜିମାଇଟ୍ରିପ୍' ମଧ ଦେଶ ପ୍ରଥମ ବୋଲି କହି ଏହି ମ୍ୟାଚ୍‌ରୁ ଓହରିଯାଇଛି। ଏହାର ସହ ପ୍ରତିଷ୍ଠାତା ନିଶାନ୍ତ ପିଟ୍ଟି ସାମାଜିକ ଗଣମାଧମ 'ଏକ୍ସ'ରେ ଲେଖିଛନ୍ତି ଯେ ''ବିଶ୍ୱ ଲିଜେଣ୍ଡସ ଲିଗ୍‌ରେ ଭାରତୀୟ ଦଳର ଚମତ୍କାର ପ୍ରଦର୍ଶନକୁ ପ୍ରଶଂସା କରୁଛୁ। ତୁମେମାନେ ଦେଶ ପାଇଁ ଗୌରବ ଆଣିଛ। ଆଗାମୀ ପାକିସ୍ତାନ ବିପକ୍ଷ ସେମିଫାଇନାଲ୍ କେବଳ ଆଉ ଗୋଟିଏ ମ୍ୟାଚ୍ ନୁହେଁ, ଆତଙ୍କବାଦ ଓ କ୍ରିକେଟ୍ କେବେ ବି ଗୋଟିଏ ହାତରେ ରହିବନି। 'ଇଜିମାଇଟ୍ରିପ୍' ଭାରତ ସହ ରହିଛି। ଆତଙ୍କବାଦଙ୍କୁ ପ୍ରୋତ୍ସାହିତ କରୁଥିବା ଦେଶକୁ ଆମେ ସମର୍ଥନ କରିପାରିବୁନି। ଭାରତ-ପାକିସ୍ତାନ ସେମିଫାଇନାଲ୍‌ରେ 'ଇଜିମାଇଟ୍ରିପ୍' ଜଡ଼ିତ ରହିବନି। କିଛି କଥା ଖେଳ ଅପେକ୍ଷା ବଡ଼। ଦେଶ ପ୍ରଥମେ, ବ୍ୟବସାୟ ପରେ''। ସୂଚନାଯୋଗ୍ୟ, ଶେଷ ଗ୍ରୁପ୍ ମ୍ୟାଚ୍‌ରେ ୱେଷ୍ଟଇଣ୍ଡିଜ୍‌କୁ ହରାଇ ଭାରତ ସେମିଫାଇନାଲ୍ ସ୍ଥାନ ପକ୍କା କରିଥିଲା। ପାକିସ୍ତାନ ବିପକ୍ଷରେ ସେମିଫାଇନାଲ୍ ଖେଳିବାକୁ ଭାରତ ମନା କରିବା ପରେ ଏହାକୁ ନେଇ ଆୟୋଜକ ପକ୍ଷରୁ ଏପର୍ଯ୍ୟନ୍ତ କୌଣସି ସୂଚନା ଦିଆଯାଇନି।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ପ୍ରଧାନମନ୍ତ୍ରୀଙ୍କ...

୭.୫ କୋଟି ଚାରା ରୋପଣର ଲକ୍ଷ୍ୟ ରଖାଯାଇଛି ଓ ଏଥଇସହ କେବଳ ଗୋଟିଏ ଦିନରେ ୭୫ ଲକ୍ଷ ଚାରା ରୋପଣ କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ପରାମର୍ଶ ଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଜଙ୍ଗଲ ବିଭାଗ ଏବଂ କୃଷି ଓ କୃଷକ ସଶକ୍ତିକରଣ ବିଭାଗର ଏଥିରେ ପ୍ରମୁଖ ଦାୟିତ୍ୱ ରହିଥିଲେ ମଧ୍ୟ ଏହି ପ୍ରକ୍ରିୟାକୁ ଆହୁରି ବ୍ୟାପକ କରିବା ପାଇଁ ଅଭିଯାନରେ ବିଭିନ୍ନ ସରକାରୀ ବିଭାଗ ସହ ପିଏସୟୁ, ଏନ୍‌ଜିଓ ସଂସ୍ଥା, ବିଭିନ୍ନ ଯୁବ ସଂଘ, ସ୍ୱେଚ୍ଛାସେବୀ ଅନୁଷ୍ଠାନମାନଙ୍କୁ ଅଧିକରୁ ଅଧିକ ସାମିଲ କରାଯିବାର ଆବଶ୍ୟକତା ରହିଛି । ପଞ୍ଚାୟତ ପ୍ରତିଷ୍ଠାନ, ସ୍କୁଲ, କଲେଜ, ସ୍ୱୟଂ ସହାୟିକା ଗୋଷ୍ଠୀ ଆଦିଙ୍କର ଏଥିରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଏଥିପାଇଁ ବ୍ୟାପକ ପ୍ରଚାର ପ୍ରସାର କାର୍ଯ୍ୟକ୍ରମ କରିବା ପାଇଁ ସୂଚନା ଓ ଲୋକସମ୍ପର୍କ ବିଭାଗକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ଏହି କାର୍ଯ୍ୟକ୍ରମର ପ୍ରଚାର ପ୍ରସାର ଅତ୍ୟନ୍ତ ପ୍ରଭାବୀ ଢଙ୍ଗରେ ହେବା ଉଚିତ। ପ୍ରଚାର ପ୍ରସାର କେବଳ ଏକ କାର୍ଯ୍ୟକ୍ରମର ନୁହେଁ, ଏହା ପରିବେଶ ସୁରକ୍ଷା ପାଇଁ ଏକ ଜନଆନ୍ଦୋଳନ ହେବା ଉଚିତ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଏଥିସହ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ କେବଳ ଗଛ ଲଗାଇଦେଲେ ହେବନାହିଁ, ଏହି ଗଛକୁ କିଭଳି ଉତ୍ତମ ଭବିଷ୍ୟତ ମିଳିବ, ତା'ର ମଧ୍ୟ ଦାୟିତ୍ୱ ନେବା ଆବଶ୍ୟକ। ଚାରା ରୋପଣ ପରେ ଏହାର ରକ୍ଷଣାବେକ୍ଷଣ ଓ ଯତ୍ନ ପାଇଁ ପ୍ରତ୍ୟେକ ସରକାରୀ କର୍ମଚାରୀ ଓ ଜନସାଧାରଣ ଦାୟିତ୍ୱବାନ ହେବା ଆବଶ୍ୟକ। ଗୋଷ୍ଠୀ-ଜଙ୍ଗଲ, ଗ୍ରାମ୍ୟ ଜଙ୍ଗଲ, ପଥପାର୍ଶ୍ୱ ଚାରା ରୋପଣ ଓ ବ୍ୟକ୍ତିଗତ ଚାରା ରୋପଣ ପାଇଁ ନିମ୍ବ, କରଞ୍ଜ, ତେନ୍ତୁଳି, ଫାସୀ, ଅର୍ଜୁନ, ହରିଡ଼ା, ବାହାଡ଼ା, ପଣସ, ତାଳ, ପିଜୁଳି, କୃଷ୍ଣଚୂଡ଼ା, ପିପଳ, ବରବଛା, ଅଶୋକ, ଜାମୁ, କଦମ୍ବ, ଅଁଳା, ଦେବଦାରୁ, ସୁନାରୀ, କରଞ୍ଜ, ଚାକୁଣ୍ଡା ଆଦି ଗଛ ଚୟନ କରାଯାଇପାରିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଏଥିସହ ଚାରା ରୋପଣର ଫଟୋ ଓ ଡାଟା 'ମେରି ଲାଇଫ' ପୋର୍ଟାଲରେ ଅପଲୋଡ କରାଯିବା ପାଇଁ ମଧ୍ୟ ମୁଖ୍ୟମନ୍ତ୍ରୀ ପରାପର୍ଶ ଦେଇଛନ୍ତି। ଚାରା ରୋପଣ କାର୍ଯ୍ୟକ୍ରମରେ ଗ୍ରାମାଞ୍ଚଳରେ ପଞ୍ଚାୟତ ଅଧିକାରୀମାନେ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ସହ ଏହାର ତଦାରଖ କରିବେ। ଭଲ ପ୍ରଦର୍ଶନ କ୍ଷେତ୍ରରେ ବ୍ୟକ୍ତିଗତ ଓ ଗୋଷ୍ଠୀଗତ ସ୍ତରରେ ପୁରସ୍କାର ବ୍ୟବସ୍ଥା କରାଯିବା ପାଇଁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି। ଏଥିସହ ଯେଉଁ ଅଞ୍ଚଳରେ ଯେଉଁ ଫଳ ଭଲ ଉତ୍ପାଦନ ହେଉଛି, ଉକ୍ତ ସ୍ଥାନରେ ସେହି ପ୍ରକାର ଚାରା ଯୋଗାଇ ଦେବାକୁ ମୁଖ୍ୟମନ୍ତ୍ରୀ କହିଛନ୍ତି। ବୈଠକରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ଉନ୍ନୟନ କମିଶନର ଅନୁ ଗର୍ଗ, ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ, ସୂଚନା ଓ ଲୋକସମ୍ପର୍କ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା, ମୁଖ୍ୟମନ୍ତ୍ରୀଙ୍କ ପ୍ରମୁଖ ଶାସନ ସଚିବ ଶାଶ୍ୱତ ମିଶ୍ର, ପ୍ରଧାନ ମୁଖ୍ୟ ବନ ସଂରକ୍ଷକ ତଥା ଜଙ୍ଗଲ ବାହିନୀ ମୁଖ୍ୟ ସୁରେଶ ପନ୍ଥ, ପ୍ରଧାନମୁଖ୍ୟ ବନ ସଂରକ୍ଷକ (ବନ୍ୟପ୍ରାଣୀ) ପିକେ ଝା, ମହିଳା ଓ ଶିଶୁ ବିକାଶ ବିଭାଗ ପ୍ରମୁଖ ଶାସନ ସଚିବ ଶୁଭା ଶର୍ମା, ପଞ୍ଚାୟତି ରାଜ ଓ ପାନୀୟ ଜଳ ବିଭାଗର କମିଶନର ତଥା ଶାସନ ସଚିବ ଏସଏନ ଗିରୀଶ, ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ କମିଶନର ତଥା ଶାସନ ସଚିବ ଶାଳିନୀ ପଣ୍ଡିତ, ସୂଚନା ଓ ଲୋକସମ୍ପର୍କ ବିଭାଗ ନିର୍ଦ୍ଦେଶକ ଅନୁଜ ଦାସ ପଟ୍ଟନାୟକ ଉପସ୍ଥିତ ଥିଲେ।

## 'ସି-ବକ୍ସ'...

ଆଇସିସିର ବିବରଣୀ ଅପଲୋଡ୍ କରିବା ବାଧ୍ୟତାମୂଳକ ବୋଲି କୁହାଯାଇଛି। ସେହିପରି ଏହି କାର୍ଯ୍ୟ ପାଇଁ ଆଞ୍ଚଳିକ ଶିକ୍ଷା ନିର୍ଦ୍ଦେଶକମାନଙ୍କୁ ସେମାନଙ୍କ ନିଜ ନିଜ ଅଞ୍ଚଳରେ ନୋଡାଲ ଅଫିସର ଭାବେ ନିଯୁକ୍ତ କରାଯାଇଛି। ଏହି ନୋଡାଲ ଅଫିସରମାନଙ୍କ ବିବରଣୀ ମଧ୍ୟ ସି-ବକ୍ସ ପୋର୍ଟାଲରେ ଅପଲୋଡ୍ କରାଯାଇଛି। ଶିକ୍ଷାନୁଷ୍ଠାନଠାରୁ ଆରମ୍ଭ କରି କର୍ମକ୍ଷେତ୍ର ଯାଏଁ ସବୁଠି ମହିଳାମାନେ ନିର୍ଯାତିତ ହେଉଛନ୍ତି। ମହିଳାଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ଆଞ୍ଚଳିକ ଶିକ୍ଷା ନିର୍ଦ୍ଦେଶକମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି ଯେ ସେମାନେ ନିଜ ଅଧିକାର ଅଧୀନରେ ଥିବା ଶିକ୍ଷାନୁଷ୍ଠାନଗୁଡ଼ିକର ଆଇସିସି ବିବରଣୀ ଓ ଅନ୍ୟାନ୍ୟ ସମ୍ପୃକ୍ତ ତଥ୍ୟ ଆସନ୍ତାକାଲି ସୁଦ୍ଧା ସି-ବକ୍ସ ଅପଲୋଡ୍ କରିବେ। ଅନ୍ୟପକ୍ଷରେ ମହାବିଦ୍ୟାଳୟରେ ଆଇସିସି ଗଠନ ଉପରେ ସରକାର ଗୁରୁତ୍ୱ ଦେଉଥିବା ବେଳେ ଯେଉଁଠି ଏହି କମିଟି ଗଠନ ନ ହେବ, ସେଠାକାର କର୍ତ୍ତୃପକ୍ଷଙ୍କ ଦରମା ବନ୍ଦ ହେବ। ତେଣୁ ସବୁ ମହାବିଦ୍ୟାଳୟରେ ମାସେ ଭିତରେ ଆଇସିସି ଗଠନ ସୁନିଶ୍ଚିତ କରିବା ସକାଶେ ସରକାର ଲକ୍ଷ୍ୟ ରଖିଛନ୍ତି। ରାଜ୍ୟରେ ଆଇସିସିର ସ୍ଥିତି ନେଇ ଆଜି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ ଯେଉଁମାନେ ଭୁଲ ଓ କୌଣସି ଉଦ୍ଦେଶ୍ୟନେଇ ଅଭିଯୋଗ କରୁଛନ୍ତି, ସେମାନଙ୍କ ବିରୋଧରେ ପୋଶ୍ ଆଇନ ଅନୁସାରେ କାର୍ଯ୍ୟାନୁଷ୍ଠାନ ହେବ। ତେଣୁ ପୋଶ୍ ଆଇନ ବାବଦରେ ଲୋକସେବା ଭବନଠାରୁ ଆରମ୍ଭ ହୋଇଥିବା ସଚେତନ କାର୍ଯ୍ୟକ୍ରମ ଆଗାମୀ ଦିନରେ ବ୍ଲକ୍ ସ୍ତରରେ ହେବ ବୋଲି ଶ୍ରୀମତୀ ପରିଡ଼ା କହିଛନ୍ତି। ସୂଚନାଯୋଗ୍ୟ ଯେ ବାଲେଶ୍ୱର ଏଫଏମ କଲେଜ ଛାତ୍ରୀଙ୍କ ଆତ୍ମାହୁତି ଘଟଣା ପରେ ସରକାର ଆଇସିସି ଗଠନ ଉପରେ ବିଶେଷ ଭାବେ ଗୁରୁତ୍ୱ ଦେଉଛନ୍ତି। ଏପରି ଆଭିମୁଖ୍ୟକୁ ମଧ୍ୟ ବିଭିନ୍ନ ମହଲରେ ସ୍ୱାଗତ କରାଯାଇଛି। ଏହାଦ୍ୱାରା ଶିକ୍ଷାନୁଷ୍ଠାନଗୁଡ଼ିକରେ ମହିଳା କର୍ମଚାରୀ ଓ ଛାତ୍ରୀମାନଙ୍କ ପାଇଁ ଏକ ସୁରକ୍ଷିତ ବାତାବରଣ ସୃଷ୍ଟି ହୋଇପାରିବ ବୋଲି ଆଶା କରାଯାଉଛି।

## ୩ ଜଣଙ୍କୁ...

ଗୁରୁତର ଭାବେ ଆହତ ହୋଇଥିଲେ। ତାଙ୍କୁ ନିକଟସ୍ଥ ହିନ୍ଦୋଳ ମେଡିକାଲ୍‌ରେ ଭର୍ତ୍ତି କରାଯାଇଥିଲେ ମଧ୍ୟ ପରେ ସେଠାରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ତେବେ ଦନ୍ତାଟି ଏପରି ଅଘଟଣ ଘଟାଇବା ପରେ ସ୍ଥାନୀୟ ଲୋକେ ତାକୁ ଜଗି ରହିବା ସହ ତୁରନ୍ତ ବନ ବିଭାଗକୁ ଫୋନ୍ କରିଥିଲେ। କିନ୍ତୁ ବନ ବିଭାଗର କୌଣସି ଅଧିକାରୀ ଫୋନ୍ ନ ଉଠାଇବାରୁ ସ୍ଥାନୀୟ ଲୋକେ ଏଥିରେ କ୍ରୋଧାନ୍ୱିତ ହୋଇ ୩ଟିଯାକ ମୃତଦେହ ଧରି ସାତମାଇଲ୍ ଛକରେ ଅନୁଗୁଳ-ଭୁବନେଶ୍ୱର ରାସ୍ତା ଅବରୋଧ କରିଥିଲେ। ତୁରନ୍ତ ମୃତକଙ୍କ ପରିବାରକୁ କ୍ଷତିପୂରଣ ଯୋଗାଇଦେବା ସହ ଜନପଦକୁ ହାତୀମାନଙ୍କ ଆଗମନ ରୋକିବା ସକାଶେ ସୌରଚାଳିତ ତାରବାଡ଼ ବ୍ୟବସ୍ଥା କରିବା ସକାଶେ ରାସ୍ତା ଅବରୋଧକାରୀମାନେ ଦାବି କରିଥିଲେ। ଦୀର୍ଘ ୧ ଘଣ୍ଟା ଧରି ରାସ୍ତାରୋକ ହେବା ଫଳରେ ରାସ୍ତାର ଉଭୟ ପାର୍ଶ୍ୱରେ ଶତାଧିକ ଗାଡ଼ି ଅଟକିରହିଥିଲା। ଖବର ପାଇ ସ୍ଥାନୀୟ ପ୍ରଶାସନ ଘଟଣାସ୍ଥଳରେ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାସୁଝା କରିବା ପରେ ରାସ୍ତାରୋକ ହଟିଥିବା ଜଣାପଡ଼ିଛି। ଏହି ଘଟଣା ନେଇ କାର୍ଯ୍ୟାନୁଷ୍ଠାନ ହୋଇଥିବା ସମ୍ପର୍କରେ ଫରେଷ୍ଟର୍ ତଥା ରାସୋଳ ଫରେଷ୍ଟ୍ ବିଟ୍ ଦାୟିତ୍ୱରେ ଥିବା ଲୁସିସ୍ମିତା ସିଂହ ସୂଚନା ଦେଇଛନ୍ତି। ହିନ୍ଦୋଳ ରେଞ୍ଜର୍ ଗୌତମ ପ୍ରଧାନଙ୍କୁ କର୍ତ୍ତବ୍ୟରେ ଅବହେଳା କରିଥିବା ଦର୍ଶାଇ ନିଲମ୍ବିତ କରାଯାଇଛି। ଏହାଛଡ଼ା ଢେଙ୍କାନାଳ ଡିଏଫ୍‌ଓ ରାସୋଳ ଫରେଷ୍ଟର୍ ଓ ଫରେଷ୍ଟ୍ ଗାର୍ଡଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି। ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନର ସମ୍ମୁଖୀନ ହୋଇଥିବା ଦୁଇ ବନ କର୍ମଚାରୀଙ୍କୁ ଉକ୍ତ ଦନ୍ତାକୁ ଜନପଦଠାରୁ ଜଙ୍ଗଲ ଭିତରକୁ ତଡ଼ିବା ସକାଶେ ନିର୍ଦ୍ଦେଶ ଦିଆଯାଇଥିଲେ ମଧ୍ୟ ସେମାନେ ନିଜ କର୍ତ୍ତବ୍ୟ ଠିକ୍ ଭାବେ ପାଳନ କରିନଥିବାରୁ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି ବୋଲି ଶ୍ରୀମତୀ ସିଂହ କହିଛନ୍ତି। ସେହିପରି ରାଜ୍ୟ ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆ ଏହି ଘଟଣାରେ ଗଭୀର ଦୁଃଖ ପ୍ରକାଶ କରିଛନ୍ତି।

## ଓଡ଼ିଶା...

ନିଯୁକ୍ତି/ସ୍ୱନିଯୁକ୍ତି ସୁଯୋଗ ବୃଦ୍ଧି କରିବ। ଏହି ପ୍ରକଳ୍ପଗୁଡ଼ିକ ପ୍ରଧାନମନ୍ତ୍ରୀ-ଗତି ଶକ୍ତି ଜାତୀୟ ମାଷ୍ଟର ପ୍ଲାନ ଆଧାରରେ ଯୋଜନା କରାଯାଇଛି। ପିଏମ ଗତିଶକ୍ତି ଯୋଜନାରେ ସମନ୍ୱିତ ଯୋଜନା ଓ ଅଂଶୀଦାରମାନଙ୍କ ପରାମର୍ଶ ମାଧ୍ୟମରେ ବହୁମୁଖୀ ଯୋଗାଯୋଗ ଓ ଲଜିଷ୍ଟିକ୍ ଦକ୍ଷତା ବୃଦ୍ଧି ଉପରେ ଧ୍ୟାନ ଦିଆଯାଇଛି। ଏହି ପ୍ରକଳ୍ପଗୁଡ଼ିକ ଯାତ୍ରୀ, ସାମଗ୍ରୀ ଓ ସେବାର ପରିବହନ ପାଇଁ ସୁଗମ ଯୋଗାଯୋଗ ପ୍ରଦାନ କରିବ। ମହାରାଷ୍ଟ୍ର, ମଧ୍ୟପ୍ରଦେଶ, ପଶ୍ଚିମବଙ୍ଗ, ବିହାର, ଓଡ଼ିଶା ଏବଂ ଝାଡ଼ଖଣ୍ଡର ୧୩ଟି ଜିଲ୍ଲାକୁ ସାମିଲ କରିଥିବା ୪ ପ୍ରକଳ୍ପ ଭାରତୀୟ ରେଳବାଇର ବର୍ତ୍ତମାନର ନେଟୱାର୍କରେ ପ୍ରାୟ ୫୭୪ କିମିର ନୂଆ ଲାଇନ୍ ଯୋଡ଼ିବ। ପ୍ରସ୍ତାବିତ ରେଳ ଲାଇନ୍ ଦୋହରୀକରଣ ପ୍ରକଳ୍ପ ପ୍ରାୟ ୪୩.୬୦ ଲକ୍ଷ ଜନସଂଖ୍ୟା ବିଶିଷ୍ଟ ପ୍ରାୟ ୨,୩୦୯ ଗ୍ରାମକୁ ଯୋଗାଯୋଗରେ ଉନ୍ନତି ଆଣିବ ବୋଲି କୁହାଯାଉଛି।

## ଶୀତଳଭଣ୍ଡାରରେ...

ଆଇକାର୍ଡରେ ଚିପ୍ କିମ୍ବା ସ୍ୱତନ୍ତ୍ର ଭାବେ ସ୍ୱୟଂକ୍ରିୟ ଚିହ୍ନଟ ବ୍ୟବସ୍ଥା ନ ଥିବାରୁ ସୁରକ୍ଷାକର୍ମୀମାନେ ଅସଲି ଓ ନକଲି କାର୍ଡକୁ ସହଜରେ ଚିହ୍ନଟ କରିପାରୁନାହାନ୍ତି। ସୁରକ୍ଷାକର୍ମୀମାନେ ୪ଟି ଫାଟକରେ ସଜାଗ ରହିଲେ ମଧ୍ୟ ବେକରେ ଫିତା ପକାଇ ବାହାର ଲୋକ ସହଜରେ ଗଳିଯାଉଛନ୍ତି। ତେଣୁ ଦୀର୍ଘଦିନରୁ ଶୀତଳଭଣ୍ଡାରରେ ଥିବା ହାଇଟେକ ସୁରକ୍ଷା ବ୍ୟବସ୍ଥାକୁ ତୁରନ୍ତ କାର୍ଯ୍ୟକାରୀ କରିବା ସକାଶେ ମତ ପ୍ରକାଶ ପାଉଛି।ଉଲ୍ଲେଖନୀୟ ଯେ ସଚିବାଳୟ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରିବା ପାଇଁ ଦୀର୍ଘଦିନ ତଳେ ଆଇଟି ବିଭାଗ ସ୍ୱତନ୍ତ୍ର ପ୍ରସ୍ତାବ ଦେଇଥିଲା। ପ୍ରତ୍ୟେକ କର୍ମଚାରୀଙ୍କ ଆଇକାର୍ଡରେ ଗୋଟିଏ ଚିପ୍ ଲାଗିବ ଏବଂ ଏଥିରେ କର୍ମଚାରୀଙ୍କ ଫଟୋ ସହ ସମସ୍ତ ବିବରଣୀ ରହିବ। ପ୍ରତ୍ୟେକ ଫାଟକରେ ୱାଇଫାଇ ସଂଯୁକ୍ତ ସ୍କ୍ରିନ୍ ବ୍ୟବସ୍ଥା ରହିବ ଓ ଏହା କର୍ମଚାରୀଙ୍କ କାର୍ଡ ସହ ସଂଯୁକ୍ତ ହେବ। କର୍ମଚାରୀମାନେ ଫାଟକରେ ପ୍ରବେଶ କରିବା ମାତ୍ରେ ସେମାନଙ୍କ ଫଟୋ ଓ ସମସ୍ତ ତଥ୍ୟ ସ୍କ୍ରିନ୍ ଉପରେ ଦେଖିବାକୁ ମିଳିବ। ଏହାଦ୍ୱାରା କେବଳ କର୍ମଚାରୀଙ୍କୁ ଚିହ୍ନଟ କରିବା ସହଜ ହେବନାହିଁ, କର୍ମଚାରୀମାନେ କେତେବେଳେ ଲୋକସେବା ଭବନକୁ ପ୍ରବେଶ କରୁଛନ୍ତି ଓ କେତେବେଳେ ଛାଡୁଛନ୍ତି, ତା'ର ବିବରଣୀ ମଧ୍ୟ ରହିବ। ଏବେ ସଚିବାଳୟରେ ଅନୁପ୍ରବେଶ କରି ଲୋକେ ଧରାପଡ଼ିବା ପରେ ପୁଣିଥରେ ପ୍ରଶାସନର ସର୍ବୋଚ୍ଚ ମନ୍ଦିରର ସୁରକ୍ଷାକୁ ନେଇ ପ୍ରଶ୍ନ ଉଠିଛି। କେବଳ ଲୋକସେବା ଭବନ ନୁହେଁ, ଏହା ନିକଟରେ ଥିବା ରାଜୀବ ଭବନ, ବିଭାଗୀୟ ନିର୍ଦ୍ଦେଶାଳୟ, ଖାରବେଳ ଭବନ, ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟ ଆଦିରେ ମଧ୍ୟ ହାଇଟେକ ସୁରକ୍ଷା ବ୍ୟବସ୍ଥା କାର୍ଯ୍ୟକାରୀ କରିବା ସକାଶେ ମତ ପ୍ରକାଶ ପାଉଛି।

## ଦେଶ ହିତରେ...

ହୋଇଛି। ଭାରତର ଘରୋଇ ଶିଳ୍ପକୁ ସୁରକ୍ଷା ଦେବା ସକାଶେ ସରକାର ସମସ୍ତ ପଦକ୍ଷେପ ନେବେ। ବିଶ୍ୱ ବିକାଶରେ ଭାରତର ଅବଦାନ ୧୬ ପ୍ରତିଶତ ରହିଥିବା ବେଳେ କୌଣସି ପ୍ରକାର ଚୁକ୍ତିରେ ସର୍ବପ୍ରଥମେ ଜାତୀୟ ସ୍ୱାର୍ଥକୁ ସୁରକ୍ଷା ଦେବା କେନ୍ଦ୍ର ସରକାରଙ୍କ ପ୍ରାଥମିକତା। ସେହିପରି କେନ୍ଦ୍ର ସରକାର କୃଷକ, ଶ୍ରମିକ, ଶିଳ୍ପୋଦ୍ୟୋଗୀ, ଏମ୍‌ଏସ୍‌ଏମ୍‌ଇ ଓ ଅନ୍ୟାନ୍ୟ ବିଭିନ୍ନ ଶିଳ୍ପର ଉନ୍ନତି ପାଇଁ ସର୍ବଦା ପଦକ୍ଷେପ ନେଉଛନ୍ତି। ତେଣୁ ଆଗାମୀ ୨୦୪୭ ସୁଦ୍ଧା ଭାରତ ଏକ ବିକଶିତ ଦେଶରେ ପରିଣତ ହେବ ବୋଲି ଆମେ ନିଶ୍ଚିତ। ତେଣୁ ଜାତୀୟ ସ୍ୱାର୍ଥକୁ ଆଗକୁ ବଢ଼ାଇବା ସକାଶେ କେନ୍ଦ୍ର ସରକାର ଯଥାସମ୍ଭବ ପଦକ୍ଷେପ ନେବେ ବୋଲି ଶ୍ରୀ ଗୋୟଲ୍ କହିଛନ୍ତି। ସୂଚନାଯୋଗ୍ୟ ଯେ ଟ୍ରମ୍ପ୍ ଆସନ୍ତାକାଲିଠାରୁ ଭାରତ ଉପରେ ୨୫ ପ୍ରତିଶତ ଶୁଳ୍କ ଲାଗୁ କରିବା ନେଇ ଘୋଷଣା କରିଛନ୍ତି। ସେ ଋଷିଆରୁ ଅଶୋଧିତ ତୈଳ ଓ ସାମରିକ ଉପକରଣ କିଣିବା ପାଇଁ ଭାରତ ଉପରେ ଜରିମାନା ମଧ୍ୟ ଘୋଷଣା କରିଛନ୍ତି। ଆମେରିକାର ଏପରି ଘୋଷଣାକୁ ଭାରତ ଉପରେ ରଣନୈତିକ ଚାପ ଭାବେ ବିବେଚନା କରାଯାଉଛି।

## ଫାଟିଲା...

ଋଷିଆର ଆକାଡେମୀ ଅଫ ସାଇନ୍ସେସର ଭୂତାତ୍ତ୍ୱିକ ସର୍ଭେ ଅନୁସାରେ, ଜ୍ୱାଳାମୁଖୀ ଉପରେ ଶକ୍ତିଶାଳୀ ଆଲୋକ ଓ ବିସ୍ଫୋରଣ ଶବ୍ଦ ଉତ୍ପନ୍ନ ହେଉଛି। ଏହି ଜ୍ୱାଳାମୁଖୀରୁ ନିର୍ଗତ ପାଉଁଶ ତିନି କିଲୋମିଟର ଉଚ୍ଚତା ପର୍ଯ୍ୟନ୍ତ ପହଞ୍ଚୁଛି । ଏହା ୫୮ କିଲୋମିଟର ଦୂରତା ପର୍ଯ୍ୟନ୍ତ ପୂର୍ବ ଦିଗରେ ବ୍ୟାପିଛି । ୧୭୦୦ ମସିହା ପରେ ଏହି ଜ୍ୱାଳାମୁଖୀରେ ୫୦ରୁ ଅଧିକ ଥର ବିସ୍ଫୋରଣ ହୋଇଛି । ଶେଷ ବିସ୍ଫୋରଣ ୨୦୨୩ ମସିହାରେ ହୋଇଥିଲା ।

## ଦିଲ୍ଲୀରେ...

ଯେଉଁଥିପାଇଁ ବିଭିନ୍ନ ପ୍ରତିକୂଳ ପରିସ୍ଥିତି ମଧ୍ୟରେ ବି ତାଙ୍କର ଗ୍ରହଣୀୟତା ଓ ଲୋକପ୍ରିୟତା ବଢ଼ିଛି। ରାଜନୈତିକ ସମୀକ୍ଷକମାନେ ବି ଏହାକୁ ଅସ୍ୱୀକାର ପାରିପାରୁନାହାଁନ୍ତି। କିନ୍ତୁ ବୋଧହୁଏ ନବୀନ ପଟ୍ଟନାୟକ ତାଙ୍କ ସରକାର ଅମଳରେ ଘଟିଥିବା ପରୀ, ପିହୁ, ମମିତା ମହେର, ମାହାଙ୍ଗା ଡବର ମର୍ଡର, କଳିଙ୍ଗନଗର ଗୁଳିକାଣ୍ଡ, ଢିଙ୍କିଆରେ ପୁଲିସର ବର୍ବରତା, ଟିକିରି ଶିକ୍ଷୟିତ୍ରୀଙ୍କ ମୃତ୍ୟୁ ଏମିତି ମାଳ ମାଳ ଘଟଣାକୁ ଭୁଲିଯାଇଛନ୍ତି। ଆଉ ସବୁଠୁ ବଡ଼ କଥା ହେଲା, ଏସବୁ ଘଟଣାରେ ସେ ସମୟର ମନ୍ତ୍ରୀ, ବିଧାୟକ ଓ ସାଂସଦଙ୍କ ସମ୍ପୃକ୍ତି ନେଇ ଅଭିଯୋଗ ହୋଇଥିଲା। ହେଲେ ନବୀନ କାହା ବିରୋଧରେ କାର୍ଯ୍ୟାନୁଷ୍ଠାନ ନେଲେନି। ନିଜ ଦଳର ମନ୍ତ୍ରୀ, ବିଧାୟକ, ସାଂସଦଙ୍କୁ ବଞ୍ଚାଇବାକୁ ନବୀନ ସମସ୍ତଙ୍କୁ କ୍ଲିନଚିଟ ଦେଇ ଅନ୍ୟ ମୁଣ୍ଡରେ ଦୋଷ ଲଦିଦେଲେ। ବର୍ତ୍ତମାନର ବିଜେପି ସରକାରରେ କିନ୍ତୁ ଏବେ ପର୍ଯ୍ୟନ୍ତ ଆସିଥିବା ଘଟଣାରେ କୌଣସି ମନ୍ତ୍ରୀଙ୍କ ସମ୍ପୃକ୍ତି ଅଭିଯୋଗ ଆସିନି। ତେଣୁ ନବୀନ ଅନ୍ୟକୁ ଅଙ୍ଗୁଳି ନିର୍ଦ୍ଦେଶ କରିବା ପୂର୍ବରୁ ଟିକେ ନିଜ ବିବେକକୁ ପଚାରନ୍ତୁ ବୋଲି ସମୀକ୍ଷକମାନେ ପରାମର୍ଶ ଦେଇଛନ୍ତି।

## ଗଞ୍ଜେଇ ଚୋରା ଚାଲାଣ ମାମଲାରେ ଅଭିଯୁକ୍ତ ନିର୍ଦ୍ଦୋଷରେ ଖଲାସ

**ବ୍ରହ୍ମପୁର,୩୧।୭ (ସଂଚାର ବ୍ୟୁରୋ):** ଏକ ଗଞ୍ଜେଇ ଚୋରା ଚାଲାଣ ମାମଲାର ଶୁଣାଣି କରି ଗଞ୍ଜାମ ଜିଲ୍ଲା ଦୌରା ବିଚାରପତି ଡ଼.ଭାଗ୍ୟଲକ୍ଷ୍ମୀ ରଥ ଅଭିଯୁକ୍ତ ସନ୍ତୋଷ ବିଶୋଇଙ୍କୁ ପ୍ରମାଣ ଅଭାବରୁ ନିର୍ଦ୍ଦୋଷ ରେ ଖଲାସ କରିଛନ୍ତି । ସୂଚନା ଅନୁଯାୟୀ, ଗତ ୨୦୨୪ ଅଗଷ୍ଟ ୧୮ ତାରିଖରେ ଜିଲ୍ଲା ଅବକାରୀ ଭ୍ରାମ୍ୟମାଣ ବିଭାଗ କେ. ନୂଆଗାଁ ଥାନା ଅନ୍ତର୍ଗତ ପାତ୍ରପଡା ଗ୍ରାମ ଆଡକୁ ଯାଉଥିବା ସମୟରେ ଅଭିଯୁକ୍ତ ସନ୍ତୋଷ ବିଶୋଇ ଏକ ଜରିବେଗ ଧରି ଯାଉଥିବା ସନ୍ଦେହ କରି ତାକୁ ଧରି ପଚରା ଉଚରା କରିଥିଲେ। ସନ୍ତୋଷ ପାଖରୁ ୮ କିଲୋ ଗଞ୍ଜେଇ ସାକ୍ଷୀ ମାନଙ୍କ ଉପସ୍ଥିତିରେ ଜବତ କରାଯାଇଥିଲା। ତାଙ୍କ ବିରୋଧରେ ଏନ.ଡି.ପି.ଏସ୍ ୧୯୮୫ର ଧାରା ୨୦(ବି )(ii)(ବି ) (ଥାନା ପି. ଆର. ନଂ୧୦୬/୨୪,୨(ଏ)ସିସି-୪୬/୨୪ପ୍ରକାରେ ଗିରଫ କରି ଅଦାଲତକୁ ବିଚାରଣା ପାଇଁ ପଠାଯାଇଥିଲା। ଏହି ମାମଲାରେ ମୋଟ ୩ ଜଣ ସାକ୍ଷୀଙ୍କ ବିଚାରଣା ହୋଇଥିଲା। ସରକାରୀ ଓକିଲ ରଜତ ଦାସ ମାମଲା ପରିଚାଳନା କରୁଥିବା ବେଳେ ଅଭିଯୁକ୍ତ ପକ୍ଷରୁ ଆଇନଜୀବୀ ମନୋଜ ପଟ୍ଟନାୟକ ଓ ତାଙ୍କ କନିଷ୍ଠ ସହଯୋଗୀ ଚନ୍ଦ୍ରଗୁପ୍ତ ପଟ୍ଟନାୟକ ଓ ନଦିଆ ଚାନ୍ଦ ବିଶ୍ୱାଳ ସହଯୋଗ କରିଥିଲେ।

## ଜିଲ୍ଲା ଆଇନ ସେବା ପ୍ରାଧିକରଣଙ୍କ ପ୍ରୟାସରେ ମୁକୁଳିଲେ ଆଜୀବନ ବନ୍ଦୀ



**ନବରଙ୍ଗପୁର, ୩୧।୭ (ସଂଚାର ବ୍ୟୁରୋ):** ଆଜୀବନ ବନ୍ଦୀ ଦୁଲୁ ହରିଜନ ବୟସ ୭୪ ବର୍ଷ ନବରଙ୍ଗପୁର ଉପ କାରାଗାର ଦୀର୍ଘ ୧୮ ବର୍ଷ କାଳ ଆଜୀବନ ବନ୍ଦୀ ଭାବରେ ଜୀବନ ଅତିବାହିତ କରୁଥିଲେ । ଉପ କାରାଗାର ନବରଙ୍ଗପୁର ପରିଦର୍ଶନ ସମୟରେ ଏହି ବିଷୟ ସଚିବ ଜିଲ୍ଲା ଆଇନ ସେବା ପ୍ରାଧିକରଣ, ନବରଙ୍ଗପୁରଙ୍କ ଗୋଚରକୁ ଆସିଥିଲା । ଏ ସମ୍ପର୍କରେ ଅଧକ୍ଷ ଜିଲ୍ଲା ଆଇନ ସେବା ପ୍ରାଧିକରଣ, ନବରଙ୍ଗପୁର ଅଧକ୍ଷ ତଥା ଜିଲ୍ଲା ଦୌରାଜର୍ଜ ସୁବ୍ରତ ମହାନ୍ତିଙ୍କ ସହ ଆଲୋଚନା ପରେ ଅଧକ୍ଷଙ୍କ ନିର୍ଦ୍ଦେଶ କ୍ରମେ ଉକ୍ତ ବନ୍ଦୀଙ୍କ ସମୟ ପୂର୍ବରୁ ମୁକ୍ତି ନିମନ୍ତେ ଉପକାରାଗାର ନିର୍ଦ୍ଦେଶକ, ଭୁବନେଶ୍ୱରଙ୍କୁ ଦୃଷ୍ଟି ଆକର୍ଷଣ କରାଯାଇ ରାଜ୍ୟ ଦଣ୍ଡ ସମୀକ୍ଷା ବୋର୍ଡ ବୈଠକରେ ଦୁଲୁ ହରିଜନ ନାମଙ୍କୁ ମଞ୍ଜୁର କରିବା ନିମନ୍ତେ ପତ୍ରାଳାପ କରଯାଇଥିଲା। ଛୟାଳିଶି ତମ ରାଜ୍ୟ ଦଣ୍ଡ ସମୀକ୍ଷା ବୋର୍ଡରେ ତା୧୭/୦୫/୨୦୨୫ ରିଖ ବୈଠକରେ, ବନ୍ଦୀଙ୍କ ସମୟ ପୂର୍ବରୁ ମୁକ୍ତି ନିମନ୍ତେ ଆଲୋଚନା କରଯାଇ ସର୍ବସମତି କ୍ରମେ ଶ୍ରୀ ହରିଜନକୁ ମୁକ୍ତି କରିବା ପାଇଁ ଆଦେଶ ମଞ୍ଜୁର ହୋଇଥିଲା। ଗତ ତାରିଖ ୧୯/୦୭/୨୦୨୫ ସରକାରଙ୍କ ଉପ-ସଚିବ, ଆଇନ ବିଭାଗ, ଓଡିଶା ବନ୍ଦୀ ଭାବେ ଜୀବନ କଟୁଥିବା ଦୁଲୁ ହରିଜନକୁ ମୁକ୍ତ ନିମନ୍ତେ ଆଦେଶ ପ୍ରଦାନ କରିଥିଲେ । ତଦନୁଯାଇ ଦୁଲୁ ହରିଜନକୁ ତାଙ୍କ ଘରେ ନେଇ ଛଡା ଯାଇଥିଲା କିନ୍ତୁ ତାଙ୍କ ସମ୍ପର୍କୀୟ ମନା କରିବାରୁ ନିର୍ମଳ ଆକାଶ ବୃଦ୍ଧାଶ୍ରମରେ, ତେନ୍ତୁଳିଖୁଣ୍ଟିରେ ଅସ୍ଥାୟି ରୂପେ ଥଇଥାନ କରାଯାଇଥିଲା । ପରେ ସଚିବ ଜିଲ୍ଲା ଆଇନ ସେବା ପ୍ରାଧିକରଣ, ନବରଙ୍ଗପୁର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଦୁଲୁ ହରିଜନକୁ ସମ୍ପର୍କୀୟ ପରିବାର ବର୍ଗଙ୍କ ଦାୟିତ୍ୱରେ ଛଡ଼ାଯାଇଥିଲା ।

## ନିୟମ ମାନୁନାହାନ୍ତି ପେଟ୍ରୋଲ ପମ୍ପ

### ସୁରକ୍ଷା ବ୍ୟବସ୍ଥା ଢିଲା, ବୋତଲ ଓ ଜାରରେ ମିଳୁଛି ତେଲ



**କାକଟପୁର/ଅସ୍ତରଙ୍ଗ,୩୧।୭ (ସଂଚାର ବ୍ୟୁରୋ):** ନିୟମ ମାନୁନାହାନ୍ତି ପେଟ୍ରୋଲ ପମ୍ପ ମାଲିକ ଓ କର୍ମଚାରୀ। ପମ୍ପରେ ଗ୍ରାହକଙ୍କୁ ମିଳୁନି ମୌଳିକ ସୁବିଧା। ବେଧଡକ ଭାବେ ଖୁଚୁରା ବିକ୍ରି ହେଉଛି ପେଟ୍ରୋଲ ଓ ଡିଜେଲ। ପେଟ୍ରୋଲ ପମ୍ପରେ ରହୁନି ସୁରକ୍ଷା ବ୍ୟବସ୍ଥା। ରୀତିମତ କରାଯାଉନି ଯାଞ୍ଚ। ଯାହା ଫଳରେ ଅସାଧୁ ବ୍ୟବସାୟୀଙ୍କ ସଂଖ୍ୟା ବୃଦ୍ଧି ପାଉଛି, ଅପରାଧ ବି ବଢୁଛି।

ପେଟ୍ରୋଲ କିମ୍ବା ଡିଜେଲ ଖୋଲାରେ ବିକ୍ରିଲାଗି ନିୟମ ନାହିଁ। ଅଧିକ ଦୁଇ ପଇସା ଲାଭ ପାଇଁ ଖୋଲାରେ ବିକ୍ରି କରୁଛନ୍ତି ପେଟ୍ରୋଲ ପମ୍ପ ମାଲିକ। ପୁରୀ ଜିଲ୍ଲା ଅସ୍ତରଙ୍ଗ ଓ କାକଟପୁର ଅଞ୍ଚଳରେ ଥିବା ପେଟ୍ରୋଲ ପମ୍ପ ଗୁଡିକରେ ଦୈନିକ ଶହ ଶହ ଲିଟର ପେଟ୍ରୋଲ ଓ ଡିଜେଲ ଖୋଲାରେ ବିକ୍ରି ହେଉଛି। ଏହି ଅଞ୍ଚଳରେ ଅସାଧୁ ବ୍ୟବସାୟୀଙ୍କ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି। ପେଟ୍ରୋଲ ପମ୍ପ ପାଇଁ ସ୍ୱତନ୍ତ୍ର ନିୟମ ରହିଛି। ସବୁ ନିୟମକୁ ପଛରେ ପକାଇ ପେଟ୍ରୋଲ ପମ୍ପ ଚାଲିଛି। ପ୍ରେସର, ପିଇବା ପାଣି ଓ ଅଗ୍ନି ନିର୍ବାପକ ବ୍ୟବସ୍ଥା ରଖିବା ବାଧ୍ୟତାମୂଳକ। କିଛି ପେଟ୍ରୋଲ ପମ୍ପରେ ନାହିଁ ମାଗଣା ପ୍ରେସର ସୁବିଧା। ଗ୍ରାହକଙ୍କୁ ମିଳୁନି ଅନେକ ସମୟରେ ବିଶୁଦ୍ଧ ପାଣି। ଅଗ୍ନି ନିର୍ବାପକ ବ୍ୟବସ୍ଥା ନାହିଁ। ଯେଉଁଠି ଅଛି ନିଆଁ ଲାଗିଲେ ନିୟନ୍ତ୍ରଣ କରିବା ଲାଗି ତାହା ପର୍ଯ୍ୟାପ୍ତ ନୁହେଁ, ଏହା ସହ ନିଆଁ ଲିଭାଇବା ପାଇଁ ତାଲିମ୍ ପ୍ରାପ୍ତ କର୍ମଚାରୀ ମଧ ନାହିଁ। ନିୟମକୁ ଆଖି ଠାର ନ୍ୟାୟରେ ଅଗ୍ନି ନିର୍ବାପକ ବ୍ୟବସ୍ଥା କରାଯାଇଛି। ବାଲି ଭରା ବାଲ୍ଟି ରଖିବା ଜରୁରୀ। ହେଲେ ପେଟ୍ରୋଲ ପମ୍ପରେ ଏହା ଦେଖିବାକୁ ମିଳୁନି। ଅଗ୍ନି ନିର୍ବାପକ ବିଭାଗ କିମ୍ବା ପେଟ୍ରୋଲିୟମ ବିଭାଗ ପକ୍ଷରୁ କୌଣସି ପଦକ୍ଷେପ ନିଆନଯିବା ସାଧାରଣ ଲୋକଙ୍କୁ ଅସୁରକ୍ଷିତ କରିଛି। ତୁରନ୍ତ ଉଚ୍ଚ ସ୍ତରୀୟ ବିଭାଗୀୟ ଅଧିକାରୀ ଯାଞ୍ଚ କରିବାକୁ ବୁଦ୍ଧିଜୀବୀ ମହଲରେ ଦାବୀ ହୋଇଛି।

## ଗାନ୍ଧୀ ନଗର ମୁଖ୍ୟ ରାସ୍ତା ମରଣଯନ୍ତା

# ଖାଲଖମା ଯୋଗୁଁ ବଢୁଛି ଦୁର୍ଘଟଣା

**ବ୍ରହ୍ମପୁର,୩୧।୭ (ସଂଚାର ବ୍ୟୁରୋ):** ରେଶମ ସହରର ରାସ୍ତା ଗୁଡ଼ିକର ଅବସ୍ଥା ଅତ୍ୟନ୍ତ ଶୋଚନୀୟ। ପ୍ରତି ବର୍ଷ ମରାମତି ପାଇଁ ମହାନଗର ନିଗମ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛି କିନ୍ତୁ ସୁଫଳ ମିଳୁନି। ସାହି ଗଳି ରାସ୍ତା ଦୂରର କଥା, ପ୍ରମୁଖ ରାସ୍ତା ଗୁଡ଼ିକର ଅବସ୍ଥା ମଧ ଅତ୍ୟନ୍ତ କଦର୍ଯ୍ୟ ଅବସ୍ଥାରେ ରହିଛି। ସହରର ଏକ ପ୍ରମୁଖ ଅଂଚଳ କୁହାଯାଉଥିବା ଗାନ୍ଧୀ ନଗର ମୁଖ୍ୟ ରାସ୍ତା ସାରା ଖାଲଖମା। ଶତାଧିକ ଖାଲ ଯୋଗୁଁ ଗାଡି ଚାଳକ ସମେତ ଚାଲି ଚାଲି ଯାଉଥିବା ଲୋକେ ବି ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବର୍ଷା ହେଲେ କଥା ସରିଲା। ଖାଲରେ ପାଣି ଜମୁଥିବାରୁ ରାସ୍ତା ସଠିକ୍ ଭାବେ ଜଣାପଡୁନି। ସେଥିରେ ପୁଣି ଗତ କିଛି ଦିନ ବର୍ଷା ମାଡ଼ରେ ରାସ୍ତା ଆହୁରି ଶୋଚନୀୟ ହୋଇପଡ଼ିଛି। ଖାଲ ଗୁଡ଼ିକ ଆଁ କଲାଣି।

କଂଗ୍ରେସ ଅଫିସ୍ ଛକରୁ ଗାନ୍ଧୀ ନଗର ଛକକୁ ସଂଯୋଗ କରୁଥିବା ରାସ୍ତାର ଅବସ୍ଥା ନ କହିବା ଭଲ। ରାସ୍ତା ମଝିରେ ବିରାଟ ବିରାଟ ଗର୍ତ୍ତ ସୃଷ୍ଟି ହୋଇଛି। ଗାଡ଼ି ଚାଳକମାନେ କେଉଁଠି ଖାଲ, କେଉଁଠି ଭଲ ରାସ୍ତା ଜାଣିପାରୁ ନାହାନ୍ତି। ଫଳରେ ବାଇକ୍ ଚାଳକ ଅଜାଣତରେ ଖାଲରେ ପଡ଼ି ଗୁରୁତର ଆହତ ହେଉଛନ୍ତି। ପ୍ରତିଦିନ ୨ରୁ ୩ ଜଣ ଆହତ ହେଉଥିବା ଦେଖିବାକୁ ମିଳୁଛି। ଏହି ରାସ୍ତା ଉପରେ ଅଧିକାଂଶ ସହରବାସୀ ନିର୍ଭର କରୁଛନ୍ତି। ବିଶେଷକରି ଗାନ୍ଧୀନଗର, ହାଉସିଂବୋର୍ଡ, ଧର୍ମନଗର, ପ୍ରେମନଗର ଆଦି ଅଞ୍ଚଳ ପାଇଁ ଏହି ରାସ୍ତା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ସେହିଭଳି ଷ୍ଟେସନ ଯିବାକୁ ହେଲେ ଏହି ରାସ୍ତା ଦେଇ ବିଜିପୁର ହୋଇ ସହରବାସୀ ଯିବାଆସିବା କରୁଛନ୍ତି। ରାସ୍ତାର ଉଭୟ କଡ଼ରେ ଅନେକ ଶିକ୍ଷାନୁଷ୍ଠାନ ରହିଛି। ଅନେକ ବ୍ୟବସାୟିକ ପ୍ରତିଷ୍ଠାନ ମଧ ରହିଛି। ଏଣୁ କଦର୍ଯ୍ୟ ରାସ୍ତା ଯୋଗୁ ସମସ୍ତେ ହଇରାଣ ହେଉଛନ୍ତି।

କିଛି ଦିନ ପୂର୍ବରୁ ଏହି ରାସ୍ତାରେ ଖାଲ ଗୁଡ଼ିକରେ କଂକ୍ରିଟ ପକା ଯାଇଥିଲା। ଏହାର କିଛି ମାସ ବିତି ନାହିଁ। ରାସ୍ତାର ଅବସ୍ଥା ପୁଣି ସମାନ। ଅସଂଖ୍ୟ ଖାଲ ସାଙ୍ଗକୁ ରାସ୍ତା ଉଚ୍ଚନୀଚା ହୋଇଥିବାରୁ ବର୍ଷାରେ ବାଇକ୍ ଚକ ଖସି ଦୁର୍ଘଟଣା ଘଟୁଛି। କେବଳ ଏହି ଗୋଟିଏ ରାସ୍ତା ନୁହଁ, ସହରର ଅଧିକାଂଶ ରାସ୍ତାର ଅବସ୍ଥା ସମାନ। ବର୍ଷା ପରେ ଅନେକ ରାସ୍ତା ଦବି ଯାଇଛି। ଏପରିକି ବର୍ଷା ହେଲେ ସେଠାରେ ପାଣି ଜମି ରହୁଛି। ଏ ଦିଗରେ ପ୍ରଶାସନ ପଦକ୍ଷେପ ଗ୍ରହଣ କରିବା ସହ ରାସ୍ତା ଗୁଡ଼ିକର ତୁରନ୍ତ ମରାମତି କରିବାକୁ ସହରବାସୀ ଦାବି କରିଛନ୍ତି। ସହରର ମୁଖ୍ୟ ରାସ୍ତା ମଧ୍ୟରୁ କିଛି ରାସ୍ତାର ରକ୍ଷଣାବେକ୍ଷଣ ପୂର୍ତ୍ତ ବିଭାଗ କରୁଛି। ଅଧିକାଂଶ ରାସ୍ତା ବିଏମ୍ସି ଅଧୀନରେ ରହିଛି। ପ୍ରତିବର୍ଷ ଦୁର୍ଗାପୂଜା ଏବଂ ମାର୍ଚ୍ଚ ମାସରେ ମରାମତି ନାମରେ ଲକ୍ଷାଧିକ ଟଙ୍କା ବ୍ୟୟ କରାଯାଉଛି। ହେଲେ ଏବେ ଏହି ସବୁ ରାସ୍ତା ଅବସ୍ଥା ଶୋଚନୀୟ ହୋଇପଡ଼ିଛି। ଦୀର୍ଘ ବର୍ଷ ହେଲା ସହରରେ ଏହି ସମସ୍ୟା ଜାରି ରହିଛି।



## ହିଞ୍ଜିଳିରେ ପରିବା ଦର ଆକାଶଛୁଆଁ, ଖାଉଟି ହନ୍ତସନ୍ତ



**ହିଞ୍ଜିଳିକାଟୁ, ୩୧।୭ (ସଂଚାର ବ୍ୟୁରୋ):** ବାପରେ କି ରେଟ୍ ? ପରିବା ଆଉ ଖାଇ ହେବନି। ଦର ଶୁଣିଲେ ଡର ଲାଗୁଛି। ଆକାଶ ଛୁଆଁ ପରିବାର ଦର, କିଣିବ କଣ ଦର ଶୁଣିଲେ ଲାଗୁଛି ଡର। ବଜାରରେ ଯେଉଁ ପରିବାରେ ଆପଣ ହାତ ମାରିବେ ତାର ଭାଉ ଅଧିକ। ଲଗାଣ ବର୍ଷା ଏବଂ ଷ୍ଟିୟରିଂ ଛାଡ ଆନ୍ଦୋଳନ ପାଇଁ ପରିବହନ କିଛି ମାତ୍ରାରେ ପ୍ରଭାବିତ ହୋଇଥିବାରୁ ପରିବାର ଦର ବୃଦ୍ଧି ହୋଇଥିବା କୁହାଯାଉଥିବା ବେଳେ ବଜାରରେ ପରିବା ଦର ବଢିଛି। ଖାଉଟି ପରିବା କିଣିବାକୁ ହନ୍ତସନ୍ତ ହେଉଛନ୍ତି। ଏହି ଦର ଯଦି ଏମିତି ରୁହେ ତେବେ ଶ୍ରାବଣ ମାସରେ ଲୋକଙ୍କ ପାଇଁ ପରିବା ଖାଇବା ମୁସକିଲ୍ ହୋଇପଡ଼ିବ।

ତେବେ ହିଞ୍ଜିଳିକାଟୁରେ କିଲୋ ପ୍ରତି ଆଳୁ-୨୦ ଟଙ୍କା, ଟମାଟୋ - ୬୦ ଟଙ୍କା, ବାଇଗଣ-୬୦, ଭେଣ୍ଡି-୪୦, ବିନସ୍- ୧୨୦ ଟଙ୍କା, କଲରା-୫୦ଟଙ୍କା, ଗାଜର ୮୦ ଟଙ୍କା, ଫୁଲକୋବି ୮୦ଟଙ୍କା, ଜହ୍ନି ୪୦, ଝୁଡୁଙ୍ଗ ୫୦, ପୋଟଳ ୫୦, ବିଲାତି ୪୦, କାଙ୍କଡ ୮୦, ବନ୍ଧାକୋବି ୪୦ ରହିଛି। ଯାହାକୁ ନେଇ ଗ୍ରାହକଙ୍କ ଭିତରେ ଅଶାନ୍ତି ଦେଖିବାକୁ ମିଳୁଛି। ୫୦୦ଟଙ୍କାରେ ବି ବ୍ୟାଗ ଅଧା ହେଉନି। ଆବଶ୍ୟକ ଅନୁସାରେ ପରିବା ମିଳୁ ନ ଥିବାବେଳେ ଦର ବଢ଼ିବାରେ ଲାଗିଛି। ସେପଟେ ବ୍ୟବସାୟୀଙ୍କ କହିବା କଥା, ବାହାର ରାଜ୍ୟ ଉପରେ ନିର୍ଭର କରିବାକୁ ପଡୁଥିବାରୁ ଦର ଅଧିକ ରହିଛି। ଅନ୍ୟପଟେ ହିଂଜିଳି ପରିବା ଝୁଡ଼ି ରୂପେ ପରିଚିତ ଥିଲେ ବି ବାହାର ଅଞ୍ଚଳକୁ ରପ୍ତାନୀ ହେଉଥିବାରୁ ଦର ବଢ଼ିବା କଥା ସ୍ଥାନୀୟ ଲୋକେ କହିଛନ୍ତି।

## ପୂର୍ବ ଶତ୍ରୁତାକୁ ନେଇ ଯୁବକଙ୍କୁ ମରଣାନ୍ତକ ଆକ୍ରମଣ

● ଗୁରୁତର ଅବସ୍ଥାରେ ମେଡିକାଲରେ ଭର୍ତ୍ତି

**କାକଟପୁର/ଅସ୍ତରଙ୍ଗ,୩୧।୭ (ସଂଚାର ବ୍ୟୁରୋ):** ପୂର୍ବ ଶତ୍ରୁତାରୁ ଯୁବକଙ୍କୁ ମରଣାନ୍ତକ ଆକ୍ରମଣ। ଗୁରୁତର ଅବସ୍ଥାରେ ଚିକିତ୍ସାଧିନ ଯୁବକ। ମୁଖ୍ୟ ଅଭିଯୁକ୍ତ ଅଟକ ବୋଲି ଥାନା ଅଧିକାରୀଙ୍କ ସୂଚନା। ପୁରୀ ଜିଲ୍ଲା କାକଟପୁର ଥାନା ଅନ୍ତର୍ଗତ ଲତାହରଣ ପଂଚାୟତ ଅଧୀନ ଲତାହରଣ ଗ୍ରାମର ସତ୍ୟପ୍ରିୟ ବେହେରାଙ୍କ ଶହ ସେହି ଗ୍ରାମର ତୁଷାର ମଲ୍ଲିକଙ୍କ ମଧରେ କୌଣସି ଏକ କାରଣକୁ ନେଇ ପୂର୍ବରୁ ବଚସା ହୋଇଥିଲା। ଯାହା ଫଳରେ ସେ ଧମକ ଦେଇଥିଲେ। କିନ୍ତୁ ବୁଧବାର ଅପରାହ୍ନ ୫ଘଟିକା ସମୟରେ ସତ୍ୟପ୍ରିୟ ବେହେରା ଲତାହରଣ ହାଟରୁ ଘରକୁ ଫେରିବା ସମୟରେ ଏକୁଟିଆ ସୁଯୋଗ ନେଇ ତୁଷାର ମଲ୍ଲିକ ଓ ମାନସ ଗୋଛାୟତ ଜୀବନରୁ ମାରିଦେବାର ଉଦ୍ୟମ ରଖି କଟୁରୀରେ ସତ୍ୟପ୍ରିୟ ବେହେରାଙ୍କ ପଛ ମୁଣ୍ଡକୁ ହାଣିଦେଇଥିଲେ। ଘଟଣା ସ୍ଥଳରେ ପ୍ରବଳ ରକ୍ତସ୍ରାବ ହେବାରୁ ଲୋକଙ୍କ ସହାୟତାରେ କାକଟପୁର ମେଡିକାଲକୁ ଆସିଥିଲେ। ଗୁରୁତର ଅବସ୍ଥାରେ ଥିବା ସତ୍ୟପ୍ରିୟ ଭୁବନେଶ୍ୱର ଏକ ମେଡିକାଲ ଚିକିତ୍ସିତ ହେଉଛନ୍ତି। ଏ ନେଇ ସତ୍ୟପ୍ରିୟଙ୍କ ଭଉଣୀ ସୁଚିସ୍ମିତା ବେହେରା କାକଟପୁର ଥାନାରେ ଅଭିଯୋଗ ଦେବା ପରେ କାକଟପୁର ଥାନା କେଶ ନମ୍ବର ୧୮୫/୨୫ମାମଲା ରୁଜୁ କରିବା ସହ ମୁଖ୍ୟ ଅଭିଯୁକ୍ତକୁ ଥାନାରେ ଅଟକ ରଖି ପୁଲିସ ତଦନ୍ତ କରୁଛି ବୋଲି କାକଟପୁର ଥାନା ଅଧିକାରୀ ଉମେଶ କୁମାର ସାହୁ ସୂଚନା ଦେଇଛନ୍ତି।




## ଗଞ୍ଜାମ ଓକିଲ ସଂଘ ପରିସରରେ ସ୍ୱାସ୍ଥ୍ୟ ଶିବିର

**ବ୍ରହ୍ମପୁର, ୩୧।୭ (ସଂଚାର ବ୍ୟୁରୋ):** ଗଞ୍ଜାମ ଓକିଲ ସଂଘ ପରିସରରେ ଏକ ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଓକିଲ ସଂଘ ସଭାପତି ମନୋଜ ପଟ୍ଟନାୟକଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଶିବିରରେ ଶତାଧିକ ଆଇନଜୀବୀ ଯୋଗଦେଇ ନିଜ ସ୍ୱାସ୍ଥ୍ୟ ପରୀକ୍ଷା କରାଇବା ସହ ପରାମର୍ଶ ଗ୍ରହଣ କରିଥିଲେ। ସନ ଆଣ୍ଡ ନିଲ ଫାଉଣ୍ଡେସନ, ଶଙ୍କର ଚକ୍ଷୁ ଚିକିତ୍ସାଳୟ ଓ ନାଓମି ହଲଥ୍ କେୟାର ସହଯୋଗରେ ଏହି ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଥିଲା। ଆଇନଜୀବୀଙ୍କ ମାଗଣାରେ ଚକ୍ଷୁ ପରୀକ୍ଷା ଓ ପରାମର୍ଶ, ରକ୍ତଚାପ, ମଧୁମେହ, ଇସିଜି, ପିଏମଟି ପରୀକ୍ଷା କରାଯାଇଥିଲା। ସଂଘର ସମ୍ପାଦକ ଟି. ଭେଙ୍କେଟ ରାଓ, ଉପସଭାପତି ଟି.କେ ରେଡ୍ଡି, ଯୁଗ୍ମ ସମ୍ପାଦକ ଅସିତ କୁମାର ସାବତ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।



## ସବୁଜ ସେନାର ଚାରା ରୋପଣ

**ନାଉଗାଁ,୩୧।୭ (ସଂଚାର ବ୍ୟୁରୋ):** ସବୁଜ ସେନାର ଚାରା ରୋପଣ କାର୍ଯ୍ୟକ୍ରମ ପୁରୁଣା ଭଟଣା ରୁ ଧୂଆଁପଦା ପ୍ରସ୍ତାବିତ ନୂତନ ରାସ୍ତା କଡ଼ରେ ସଫଳତା ସହ ଶୁଭାରମ୍ଭ ହୋଇଛି। ଏଥିରେ ଭଗବାନ ଦାସ ବକୁଳ ବନ ର ଅଂଶବିଶେଷ ଛଅ ଫୁଟିଆ ବଉଳ ଚାରା ନଅଟି ଓ ଯାଜପୁର ପାହାଡିଆ ଅଞ୍ଚଳରୁ ଆସିଥିବା ଧରଣୀ ଚାରା ଆଠଟି ରୋପଣ ହୋଇ 'ବେଲବଣ ଗାଦୀ ବ୍ରହ୍ମ ସବୁଜ ପଥ' ନାମ କରଣ ହୋଇଛି। ଆଗକୁ ରାସ୍ତା ବଢିବା ସହ ଦୁଇ ପାର୍ଶ୍ୱରେ ଚାରା ରୋପଣ ଜାରି ରହିବ। ଫଳରେ ଗହୀର ମଝିରେ ଧୁ ଧୁ ଖରାରେ କାର୍ଯ୍ୟ ରତ ଚାଷିମାନଙ୍କୁ ସବୁଜ ଛତା ପରି ଏହା କାମ ଦେବ। ଏହି ମହତ କାର୍ଯ୍ୟ ରେ ମୁଖ୍ୟ ଅତିଥି ରୂପେ ବରିଷ୍ଠ ପ୍ରାଣୀଧନ ନିରୀକ୍ଷକ ଶ୍ରୀ ଅଜୟ କୁମାର ପୃଷ୍ଟି, ସମ୍ମାନିତ ଅତିଥି ଭାବେ ବଛାଳୋ ସମିତି ସଭ୍ୟ ଶ୍ରୀ ଚନ୍ଦନ କୁମାର ଲେଙ୍କା ଓ ବାବା ଲଳିତ କୁମାର ପରିଡ଼ା ଯୋଗଦେଇଥିଲେ।ସହଯୋଗ କରିଥିଲେ ମଙ୍ଗୁଳି ମହାନ୍ତି, ଦିଲ୍ଲିପ ବରାଳ, ସ୍ମୃତି ରଞ୍ଜନ ସ୍ୱାଇଁ, ଅତିଶ ଜେନା, ଶ୍ରୀ ସୁଜିତ୍ ବରାଳ, ଲିଟୁ ଜେନା(ଗୋ), ଲିଟୁ ଜେନା (ଭ), ମିହିର ଜେନା, ଶ୍ରୀ ହୃଷୀକେଶ ଲେଙ୍କା, ଶ୍ରୀମତୀ ରାନୀ ଜେନା, ଶ୍ରୀ ଉମେଶ ବରାଳ ଓ ଶ୍ରୀ ବିଭୁତି ତ୍ରିପାଠୀ।



## ବିପଦର ବନ୍ଧୁ ସତ୍ୟବ୍ରତ ଓ ବିଜୟ

### ରକ୍ତଦାନ ସହ ମାନସିକ ବିକୃତଙ୍କ ସାହାରା

### ବିନା ଆଶାରେ ଯୋଗାଉଛନ୍ତି ନିରନ୍ତର ସେବା




**କାକଟପୁର/ଅସ୍ତରଙ୍ଗ,୩୧।୭ (ସଂଚାର ବ୍ୟୁରୋ):** ଯେତେବେଳେ ଗରିବ, ଅସହାୟ ଓ ନିରାଶ୍ରୟ ପାଖରେ କେହି ପହଂଚିନ୍ତି ନାହିଁ ସେଠାରେ ପହଂଚି ଯାଆନ୍ତି ଏହି ପରୋପକାରୀ ମଣିଷ ଜଣକ ସତ୍ୟବ୍ରତ, ସାଥିରେ ଅନେକ ସମୟରେ ଥାଆନ୍ତି ସହଯୋଗୀ ବିଜୟ।

ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ଅସ୍ତରଙ୍ଗ ଅଞ୍ଚଳର ସତ୍ୟବ୍ରତ ଲେଙ୍କା, ପେଷାରେ ଜଣେ ବ୍ୟବସାୟୀ। ସହଯୋଗୀ ବିଜୟ ବେହେରା ପେଷାରେ ଜଣେ ପ୍ରତିଷ୍ଠିତ ଖବର କାଗଜର ଖବରଦାତା କିନ୍ତୁ ସେ ଜଣେ ଗୋପାଳକ ଭାବେ ପରିଚିତ। ଏହି ଦୁଇ ବନ୍ଧୁ ପରୋପକାରୀ ଭାବେ ବେଶ ଜଣାଶୁଣା। କରୋନା କାଳରେ ଲକଡାଉନ ଓ ସଟଡାଉନ ଯୋଗୁଁ ବହୁ ଶ୍ରମିକ କାମ ହରାଇଲେ। ବହୁ ଦିନ ମଜୁରିଆ, ଖଟିଖିଆ ଓ ଗରିବ ଲୋକ ମାନଙ୍କୁ ସହାୟତାର ହାତ ବଢ଼ାଇଲେ। ଆଉ ସେଇଦିନ ଠାରୁ ସତ୍ୟବ୍ରତ ସହଯୋଗ ଆରମ୍ଭ କଲେ। ଅନ୍ୟ ପଟେ ବିଜୟ ନିଜ ସ୍ୱଳ୍ପ ରୋଜଗାରରୁ ଅସହାୟ ଓ ମାନସିକ ବିକୃତଙ୍କୁ ସହାୟତା ହାତ ବଢ଼ାଇଥିଲେ। କ୍ରମେ ସତ୍ୟବ୍ରତ ଓ ବିଜୟ ବନ୍ଧୁତ୍ୱ ହେତୁ ଅସ୍ତରଙ୍ଗ ଅଂଚଳରେ ଥିବା ଅନେକ ମାନସିକ ବିକାରଗ୍ରସ୍ତ ପୁରୁଷ ଓ ମହିଳା ଏକ ଆଶ୍ରମରେ ଖୁସିରେ ଜୀବନ ଯାପନ କରୁଛନ୍ତି।

ଆବଶ୍ୟକ ପଡିଲେ ବରିଷ୍ଠ ଖବରଦାତା ବିଜୟ ବେହେରା ଲୋକଙ୍କ ସମସ୍ୟାକୁ ନେଇ ପ୍ରଶାସନ ଦୁଆର ପହଞ୍ଚାଇଥାନ୍ତି। ଭିନ୍ନକ୍ଷମ ହେଉ କି ବେସାହାରା ସମସ୍ତ ଦୁଃଖରେ ନିଜକୁ ସାମିଲ କରି ସତ୍ୟବ୍ରତ ଲେଙ୍କା ଓ ବିଜୟ ବେହେରା ବନିଯାଇଛନ୍ତି ବେସାହାରାଙ୍କ ସାଥୀ।



ନିଜର ନିଃସ୍ୱାର୍ଥପର ସେବା ପାଇଁ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛନ୍ତି ସତ୍ୟବ୍ରତ ତାଙ୍କ ସହଯୋଗୀ ବିଜୟ। ଏଭଳି ବିରଳ ବ୍ୟକ୍ତିତ୍ୱ ନିଶ୍ଚିତ ଭାବେ ଅନ୍ୟ ମାନଙ୍କ ପାଇଁ ପ୍ରେରଣାଦାୟି।

# ଉଦୟକଣୀରୁ ଶୁଭୁନାହିଁ ସାହାନାଇ

### ଦୁର୍ଦ୍ଦଶା ଭୋଗୁଛନ୍ତି ଲୋକେ

### ରାଜ୍ୟ ସରକାର ଓ ପ୍ରଶାସନର ନଜର ପଡ଼ିବ କେବେ ?



**କାକଟପୁର/ଅସ୍ତରଙ୍ଗ,୩୧।୭ (ସଂଚାର ବ୍ୟୁରୋ):** ବାଜା, ଶଙ୍ଖ, ତୁରୀ, ମହୁରୀ ସବୁ ଯେମିତି ନିସ୍ତେଜ ଯାଇଛି। ଦୁଆର କାନ୍ଥରେ ଲେଖା ଯାଉଥିବା ମଙ୍ଗଳ ଆଲେଖ୍ୟ ବି ଯେମିତି ଲିଭିଗଲାଣି। କାରଣ କିଛି ବର୍ଷ ହେବ ଗାଁରେ ଆଉ ସାହାନାଇ ବାଜୁନି। ଆଉ ଏ ସବୁ ବିପତ୍ତି ଘୋଟି ଆସିଛି ଜଳବାୟୁ ପରିବର୍ତ୍ତନର ପରିଣାମ ସ୍ୱରୂପ। ଜଳବାୟୁ ପରିବର୍ତ୍ତନ ପ୍ରଭାବ ଯେ ସାମାଜିକ ଜୀବନକୁ ପ୍ରଭାବିତ କରୁଛି ତାହାର ଜ୍ୱଳନ୍ତ ଉଦାହରଣ ଦେଖିବାକୁ ମିଳିଛି ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ଶିଶୁଅ ପଂଚାୟତ ଉଦୟକଣି ଗାଁରେ।

ଗୋଟିଏ ପାଖେ ସମୁଦ୍ର। ଆର ପାଖେ ଚାଷ ଜମିକୁ ଘେରି ଉଦୟକଣି ଗାଁ। ଏହି ଗାଁରେ ବସବାସ କରନ୍ତି ୩୦ ଗୋଟି ପରିବାର। ସାରା ଓଡିଶାକୁ ଛାରଖାର କରିଦେଇଥିବା ୧୯୯୯ମହାବାତ୍ୟା ତାଣ୍ଡବର ସାକ୍ଷୀ ସାଜିଥିଲା ଉଦୟକଣି ଗାଁ। ବଙ୍ଗୋପସାଗରରେ ଦେଖା ଦେଉଥିବା ଜଳବାୟୁ ପରିବର୍ତ୍ତନର ପ୍ରଭାବ, ଘନ ଘନ ଲଘୁଚାପର ଅସ୍ଥିରତା କେବଳ ସ୍ଥାନୀୟ ଚାଷଜମିକୁ ପ୍ରଭାବିତ କରିନି ବରଂ ସ୍ଥାନୀୟ ଅଂଚଳରେ ଭୂତଳ ଜଳରେ ଲବଣତା ବି ବୃଦ୍ଧି ପାଇଛି। ଯାହାକି ଲୋକଙ୍କ କୃଷି ଉତ୍ପାଦନ, ଜମିର ଗୁଣବତ୍ତା, ଜୀବନ ଜୀବିକା ସହ ବିବାହ ଭଳି ସାମାଜିକ ଚଳଣିକୁ ବି ପ୍ରଭାବିତ କରିଛି। ଉଦୟକଣି ଗ୍ରାମର ଅକ୍ଷୟ କୁମାର ମଲ୍ଲିକ କୁହନ୍ତି, ଯେତେବେଳେ ସ୍ଥାନୀୟ ଅଞ୍ଚଳର ମୃତ୍ତିକା ଲବଣାଂସର ମାତ୍ରା ବୃଦ୍ଧି ପାଇଲା ସେତେବେଳେ ଆମର ଫସଲ ବି ନଷ୍ଟ ହୋଇଗଲା। ଧୀରେ ଧୀରେ ଏହା ଭୂତଳ ଜଳକୁ ପ୍ରଭାବିତ୍ତ କଲା। ଆଉ ଏବେ ପରିସ୍ଥିତି ଏମିତି ହୋଇଛି କି ଆମର ପୁଅ ମାନଙ୍କୁ ବିବାହ କରିବା ପାଇଁ କଷ୍ଟକର ହୋଇପଡିଛି। କାରଣ ବାହାର ଗାଁର ଲୋକ ବିଭିନ୍ନ ସମସ୍ୟା ପାଇଁ ରାଜି ହେଉନାହାନ୍ତି। ଝିଅ ବାହା ଦେବାକୁ ଆଗ୍ରହ ଦେଖାଉ ନାହାନ୍ତି।

ଗାଁର ଅନ୍ୟ ଜଣେ ମଙ୍ଗୁ କାଣ୍ଡି କୁହନ୍ତି କେବଳ ବିବାହ ନୁହେଁ ଏବେ ଆମ ଅଞ୍ଚଳର ମାଟିର ଗୁଣବତ୍ତା ଏପରିକି ପିଇବା ପାଣି ବି ଅଯୋଗ୍ୟ ହୋଇଗଲାଣି। ଯାହାକି ଜଳବାହିତ ରୋଗର କାରଣ ସାଜିଛି।




ଗାଁର ବୁଧେଶ୍ୱର ନାମକ ବ୍ୟକ୍ତି କୁହନ୍ତି ଚାଷ ଜମି ପାଇଁ ଏବେ ସିନା ଗାଁରେ ପଡ଼ି ରହିଛୁ, ହେଲେ ଅମଳ ଆଉ ହେଉନି। ପୀଢ଼ି ପରେ ପୀଢ଼ି ଧରି ଆମେ ଚାଷ କରୁଥିଲୁ। ହେଲେ ଜମିରେ ସବୁ ଉଚ୍ଚ ଜୁଆର ପାଣି ପଶି ଯାଉଛି କେତେବେଳେ ମରୁଡି ଭଳି ହୋଇଯାଉଛି। ତେଣୁ ପିଲା ମାନଙ୍କୁ ଦୂରକୁ ପଠାଇ ଦେବା ଛଡା ଆମ ପାଖରେ ଆଉ କିଛି ବିକଳ୍ପ ନାହିଁ। ସ୍ଥାନୀୟ ଲୋକେ ଦାବୀ କରିଛନ୍ତି ରାଜ୍ୟ ସରକାର ଏହାକୁ ଦୃଷ୍ଟି ଦେଇ ବିଭିନ୍ନ ସମସ୍ୟା ଦୂରୀଭୂତ ପାଇଁ ସୁବନ୍ଦୋବସ୍ତ କରିବାକୁ।

## ନାବାଳିକା ଅସଦାଚରଣ ମାମଲା, ଅଭିଯୁକ୍ତ ଗିରଫ

**ବ୍ରହ୍ମପୁର,୩୧।୭ (ସଂଚାର ବ୍ୟୁରୋ):** ଜୈନୀକା ନାବାଳିକାଙ୍କ ପିଛା କରି କମେଣ୍ଟ କରିବା ଓ ତାଙ୍କ ସାଇକେଲ ପଞ୍ଚର୍ କରିବାକୁ ଉଦ୍ୟମ କରିବା ଅଭିଯୋଗରେ ଗୋଷାଣୀନୁଆଗାଁ ଥାନା ପୁଲିସ ଜଣେ ଅଭିଯୁକ୍ତକୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତ ଜଣକ ସନ୍ୟାସୀ ପ୍ରଧାନ ଓରଫ ସନିଆ(୫୧) ବୋଲି ଏସଆଇ ଗୌରବ ରଞ୍ଜନ ଦାଶ ସୂଚନା ଦେଇଛନ୍ତି । ସୂଚନାଯୋଗ୍ୟ ଯେ,ଗୋଷାଣୀନୁଆଗାଁ ଥାନା ଅଞ୍ଚଳର ୧୫ବର୍ଷର ନାବାଳିକା ନୃତ୍ୟ ଶିଖିବାକୁ ଯାଉଥିବା ବେଳେ ଅଭିଯୁକ୍ତ ସନ୍ୟାସୀ ପ୍ରଧାନ ସମ୍ପୃକ୍ତ ନାବାଳିକାଙ୍କ ପିଛା କରିବା ସହ କମେଣ୍ଟ କରୁଥିଲା। ଦୀର୍ଘ ୬ ମାସ ଧରି ସେ ଏଭଳି କରି ଆସୁଥିଲା। ଏପରି କି ସାଇକେଲ ପଞ୍ଚର୍ କରିବାକୁ ଉଦ୍ୟମ କରିଥିଲା। ଏ ନେଇ ନାବାଳିକାଙ୍କ ଘର ଲୋକେ ପଚାରିବାରୁ ଅଭିଯୁକ୍ତ ସନ୍ୟାସୀ ସେମାନଙ୍କୁ ଗାଳି ଗୁଲଜ କରିଥିଲେ। ଏହାସହ ଏକାଧିକ ଥର ଅଭିଯୁକ୍ତ ସନ୍ୟାସୀ ନାବାଳିକାଙ୍କ ଘରର କବାଡ଼ ବଡାଉଥିଲା। ଏ ସମସ୍ତ ଘଟଣାକୁ ନେଇ ୩୦ ତାରିଖରେ ନାବାଳିକାଙ୍କ ବାପା ଥାନାରେ ଅଭିଯୋଗ କରିବା ପରେ ପୁଲିସ ଏକ ମାମଲା ରୁଜୁ କରି ଅଭିଯୁକ୍ତକୁ ଗିରଫ କରି କୋର୍ଟ ଚାଲାଣ କରିଛି।

**AFFIDAVIT**

By virtue of an affidavit sworn before Executive Magistate/Notary Public, Bhubaneswar, dated 31.07.2025.

I, Nazia Khan, Permanent resident of At-Raja Nagar, P.O.-Motijharan, P.S./Dist-Sambalpur, Odisha, Pin768001, currently residing At-Flat No.104, Phulawari Apartment, Meherpalli, Jharapada, P.S. Laxmisagar, Bhubaneswar, Dist- Khurdha, Pin-751006, declare that I have changed my name from Nazia Bano (Old Name) to Nazia Khan (New Name).

Henceforth, I shall be known as Nazia Khan for all purposes.

Nazia Khan

ଗୃହ ନିର୍ମାଣ ବିଭାଗ ପ୍ରମୁଖ ସଚିବଙ୍କ ଜଗତସିଂହପୁର ଗସ୍ତ

# ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟକ୍ରମର ସମୀକ୍ଷା



ଭୁବନେଶ୍ୱର,୩୧।୭(ସଂଚାର ବ୍ୟୁରୋ): ଗୃହ ନିର୍ମାଣ ଓ ନଗର ଉନ୍ନୟନ ଏବଂ ଗଣିଜ ଓ ପରିବହନ ବିଭାଗ ପ୍ରମୁଖ ଶାସନ ସଚିବ ଉଷା ପାଢ଼ୀ ଜଗତସିଂହପୁର ଜିଲ୍ଲାର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା କରିଛନ୍ତି। କୌଣସି କାର୍ଯ୍ୟକ୍ରମର ସଫଳ ରୂପାୟନ ନିମନ୍ତେ ସଠିକ୍ ଯୋଜନା, ନୂତନ ତଥା ଉନ୍ନତ ଚିନ୍ତାଧାରାର ବିଶ୍ଳେଷଣ ଏବଂ ସର୍ବୋପରି ପ୍ରତ୍ୟେକ ସ୍ତରର କାର୍ଯ୍ୟକର୍ତ୍ତାଙ୍କ ମଧ୍ୟରେ ସଠିକ୍ ସମନ୍ୱୟର ଆବଶ୍ୟକ ଉପରେ ସେ ଗୁରୁତ୍ୱ ଦେଇଛନ୍ତି।

ଶ୍ରୀମତୀ ପାଢ଼ୀ ଦୁଇ ଦିନ ପାଇଁ ଜିଲ୍ଲା ଗସ୍ତରେ ଯାଇ ବିଭିନ୍ନ ପଞ୍ଚାୟତ, ପୌରାଞ୍ଚଳ ତଥା ଅନୁଷ୍ଠାନ ପରିଦର୍ଶନ କରିବା ସହ ହିତାଧିକାରୀ ଓ ସାଧାରଣ ଲୋକଙ୍କ ବିଭିନ୍ନ ସମସ୍ୟା ଶୁଣିବା ସହ ସେ ସମ୍ପର୍କରେ ବିଭାଗୀୟ ଅଧିକାରୀମାନଙ୍କ ନିକଟରୁ ପଚାରି ବୁଝିଥିଲେ। ପ୍ରଥମେ ଏଲଡିଏମ, ବ୍ୟାଙ୍କକୁ ମହିଳା ଉଦ୍ୟୋଗୀମାନଙ୍କୁ ସୁବିଧାରେ ଋଣ ଯୋଗାଣ ପାଇଁ ସେ ପରାମର୍ଶ ଦେଇଥିଲେ। ଏସଏଚଜି ବ୍ୟତୀତ ବ୍ୟକ୍ତିଗତ ଭାବେ ଯେଉଁମାନେ ଖୁବ୍ ଭଲ କାମ କରୁଛନ୍ତି, ସେପରି ମହିଳାମାନଙ୍କୁ ନିଜସ୍ୱ ଅନୁଷ୍ଠାନ ଗଢ଼ିବା ପାଇଁ ବିଭିନ୍ନ ଯୋଜନା ମାଧ୍ୟମରେ ଋଣ, ସବସିଡି ଆଦି ଯୋଗାଇଦେବା ପାଇଁ ଶ୍ରୀମତୀ ପାଢ଼ୀ ପରାମର୍ଶ ଦେଇଥିଲେ। ଏହିପରି ମହିଳାମାନଙ୍କୁ ଚିହ୍ନଟ କରି ଗୋପାଳନ, ମତ୍ସ୍ୟଚାଷ, ପରିବା ଚାଷ ଆଦି ଲାଭଜନକ ବ୍ୟବସାୟ ପ୍ରତିଷ୍ଠାନ ନିମନ୍ତେ ସହାୟତା ଯୋଗାଇବା ପାଇଁ ଡିପିସି ମିଶନ ଶକ୍ତି, ଡିପିଏମ ଓ ଏଲ୍‌ଏମ୍‌ଙ୍କୁ ସେ ପରାମର୍ଶ ଦେଇଥିଲେ। ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଗୃହ ଯୋଗାଇବା, ଅମୃତ ମିଶନ, ପାନୀୟ ଜଳ ଯୋଗାଣ ସମସ୍ୟା ଓ ନିରାକରଣ, କୃଷି, ଉଦ୍ୟାନ କୃଷି, ଶିକ୍ଷା, ସ୍ୱାସ୍ଥ୍ୟ, ଶକ୍ତି ବିଭାଗ, ସାମାଜିକ ସୁରକ୍ଷା, ଏସସିଏସଟି ଉନ୍ନତିକରଣ ଉପରେ ମଧ୍ୟ ବିଶଦ ଆଲୋଚନା ହୋଇଥିଲା। ଜିଲ୍ଲାରେ ଉପଲବ୍ଧ ସରକାରୀ ଜମିର ସଦୁପଯୋଗ କରି ବହୁତଳ କୋଠା ତିଆରି ସହ ରାଜସ୍ୱ ଆଦାୟ ତଥା ରୋଜଗାର ସୃଷ୍ଟି ପାଇଁ ଅଭିନବ ଉପାୟ ଅବଲମ୍ବନ କରିବାକୁ ଉପଦେଶ ଦେଇଥିଲେ। ଶିକ୍ଷା କ୍ଷେତ୍ରରେ ଜିଲ୍ଲାର ଉତ୍ତମ ପ୍ରଦର୍ଶନକୁ ପ୍ରଶଂସା କରିବା ସହ ଆଗାମୀ ଦିନରେ ଆହୁରି ଉନ୍ନତି କରିବା ପାଇଁ ଯୋଜନାବଦ୍ଧ ଭାବେ କାର୍ଯ୍ୟ କରିବାକୁ ଶ୍ରୀମତୀ ପାଢ଼ୀ ପରାମର୍ଶ ଦେଇଥିଲେ। ପୌର ଅଞ୍ଚଳର ଆବଶ୍ୟକତାକୁ ବୁଝି ଉପଯୁକ୍ତ ପଦକ୍ଷେପ ନେବା ସହ ସମସ୍ୟାର ସମାଧାନ କରିବା ପାଇଁ ଦୁଇ ପୌର ପରିଷଦର ନିର୍ବାହୀ ଅଧିକାରୀଙ୍କୁ ଉପଦେଶ ଦେଇଥିଲେ। ଜିଲ୍ଲାପାଳ ଜେ ସୋନାଲ ଜିଲ୍ଲାର ବିଭିନ୍ନ ସମସ୍ୟା ସମ୍ପର୍କରେ ଶ୍ରୀମତୀ ପାଢ଼ୀଙ୍କୁ ଅବଗତ କରାଇବା ସହ ଉନ୍ନତିମୂଳକ କାର୍ଯ୍ୟର ରୂପରେଖ ସମ୍ପର୍କରେ ସୂଚନା ଦେଇଥିଲେ। ସମସ୍ତ ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା କରି ନୂତନ ପଦକ୍ଷେପ ଗ୍ରହଣ ସହ ସରକାରଙ୍କ ଯୋଜନାକୁ ଲୋକଙ୍କ ନିକଟରେ ପହଞ୍ଚାଇବାକୁ ପ୍ରମୁଖ ସଚିବ ଜିଲ୍ଲାପାଳଙ୍କୁ ପରାମର୍ଶ ଦେଇଥିଲେ। ଏହି ସମୀକ୍ଷା ବୈଠକରେ ଅତିରିକ୍ତ ଜିଲ୍ଲାପାଳ ଜ୍ୟୋତି ଶଙ୍କର ରାୟ, ସମ୍ବିତ କୁମାର ରାଉତ, ନିରଞ୍ଜନ ବେହେରା, ଜିଲ୍ଲା ପରିଷଦ ମୁଖ୍ୟ ବିକାଶ ତଥା ନିର୍ବାହୀ ଅଧିକାରୀ ରବି ନାରାୟଣ ଜେଠୀଙ୍କ ସମେତ ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀ, କ୍ଷେତ୍ରୀୟ ଅଧିକାରୀ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

● ଅଭାବନୀୟ ଘଟଣା

## ଯନ୍ତ୍ରୀଙ୍କୁ ପରିସ୍ରା ପିଆଇଦେଲେ ପିଅନ!



ଗଜପତି,୩୧।୭(ସଂଚାର ବ୍ୟୁରୋ): ପାଣି ବଦଳରେ ଯନ୍ତ୍ରୀଙ୍କୁ ପରିସ୍ରା ପିଆଇ ଦେଲେ ପିଅନ। ଏଭଳି ଏକ ଅଭିଯୋଗ ଆସିଛି ଗଜପତି ଜିଲ୍ଲା ଆର୍. ଉଦୟଗିରିସ୍ଥିତ ଆରଡବ୍ଲ୍ୟୁଏସଏସ ବିଭାଗରୁ। ଗତ ୨୨ ତାରିଖରେ ଯନ୍ତ୍ରୀ ସଚିନ ଗୌଡ଼ ଆର. ଉଦୟଗିରିରେ ଯନ୍ତ୍ରୀ ଭାବେ କାର୍ଯ୍ୟରେ ଯୋଗ ଦେଇଥିଲେ। ପରଦିନ ଅର୍ଥାତ୍ ୨୩ ତାରିଖ ରାତିରେ ଖାଇବା ପରେ ସେ ତାଙ୍କ କାର୍ଯ୍ୟାଳୟରେ କାର୍ଯ୍ୟରତ ପିଅନ ଶିବ ନାରାୟଣ ନାୟକଙ୍କୁ ପିଇବା ପାଇଁ ପାଣି ମାଗିଥିଲେ। କିନ୍ତୁ ସମ୍ପୃକ୍ତ ପିଅନ ଜଣଙ୍କ ତାଙ୍କୁ ପାଣି ବଦଳରେ ଷ୍ଟିଲ ବୋତଲରେ ପରିସ୍ରା ଦେଇଥିଲେ। କିନ୍ତୁ ପାଣି ଭାବି ଯନ୍ତ୍ରୀ ଶ୍ରୀ ଗୌଡ଼ ଓ ଆଉ ଦୁଇ ଜଣ କର୍ମଚାରୀ ଉକ୍ତ ବୋତଲ ପାଣିକୁ ପିଇଥିଲେ। ତେବେ ସେମାନଙ୍କର ସନ୍ଦେହ ହେବାରୁ ବୋତଲ ପାଣିକୁ ସେମାନେ ପରୀକ୍ଷାଗାରକୁ ପଠାଇଥିଲେ। ପରୀକ୍ଷାରେ ଉକ୍ତ ପାଣିରେ ୭.୦ ପରିମାଣର ଆମୋନିଆ ଥିବାରୁ ସେଥିରେ ପରିସ୍ରା ମିଶିଥିବା ସନ୍ଦେହ ହୋଇଥିଲା। ତେବେ ଅଧିକ ପରୀକ୍ଷା ପାଇଁ ଉକ୍ତ ପାଣିକୁ ପାରଳାଖେମୁଣ୍ଡି ଲ୍ୟାବକୁ ପଠାଯାଇଛି। ଉକ୍ତ ପାଣି ପିଇ ଯନ୍ତ୍ରୀ ଶ୍ରୀ ଗୌଡ଼ ଅସୁସ୍ଥ ହୋଇ ଚିକିତ୍ସାଧୀନ ଅଛନ୍ତି। ତେବେ ଏହି ଘଟଣାର ତଦନ୍ତ କରି ଦୋଷୀ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରି ସେ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଏଥିସହ ଓଡ଼ିଶା ପାନୀୟ ଜଳ ନିର୍ଦ୍ଦେଶକଙ୍କ ସମେତ ଜାତୀୟ ମାନବାଧିକର କମିଶନଙ୍କ ନିକଟରେ ଅଭିଯୋଗ କରାଯାଇଛି।



## ଓଟିଇଟି ପ୍ରଶ୍ନପତ୍ର ଲିକ୍ ଘଟଣା
## କଠୋର କାର୍ଯ୍ୟାନୁଷ୍ଠାନ ହେବ: ମନ୍ତ୍ରୀ

ଭୁବନେଶ୍ୱର,୩୧।୭(ସଂଚାର ବ୍ୟୁରୋ): ରାଜ୍ୟରେ ଓଟିଇଟି ପ୍ରଶ୍ନପତ୍ର ଲିକ୍ ଘଟଣାରେ ଗତକରି ୬ ଜଣଙ୍କୁ ଗିରଫ କରାଯାଇଥିବା ବେଳେ ସେମାନଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ହେବ। ଏହା କହିଛନ୍ତି ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ। ଆଜି ଏ ନେଇ ମନ୍ତ୍ରୀ ଶ୍ରୀ ଗଣ୍ଡ କହିଛନ୍ତି ଯେ ଏବେ ଏହି ମାମଲାର ତଦନ୍ତ ଚାଲିଛି। ଏହି ମାମଲାରେ କ୍ରାଇମବ୍ରାଞ୍ଚ୍ ଯେଉଁମାନଙ୍କୁ ଗିରଫ କରିଛି, ସେମାନେ ଶିକ୍ଷକ ହୁଅନ୍ତୁ କି ଯେକୌଣସି ସ୍ତରର ଅଧିକାରୀ ହୁଅନ୍ତୁ, ନିଶ୍ଚିତ ଭାବେ କାର୍ଯ୍ୟାନୁଷ୍ଠାନର ସମ୍ମୁଖୀନ ହେବେ ବୋଲି ମନ୍ତ୍ରୀ କହିଛନ୍ତି। ଏଥିସହ ଆଗାମୀ ଦିନରେ କିଭଳି ସ୍ୱଚ୍ଛତାର ସହ ପରୀକ୍ଷା କରାଯାଇପାରିବ, ତା' ଉପରେ ଗୁରୁତ୍ୱ ଦିଆଯାଉଛି। ଏଥିସହ ଆଲୋଚନା କରି ଖୁବ୍‌ଶୀଘ୍ର ପରୀକ୍ଷା ତାରିଖ ନେଇ ବିଜ୍ଞପ୍ତି ପ୍ରକାଶ କରାଯିବ ବୋଲି ମଧ୍ୟ ମନ୍ତ୍ରୀ କହିଛନ୍ତି। ଏହି ଘଟଣାରେ କ୍ରାଇମବ୍ରାଞ୍ଚ ଗୁରୁବାର ଆଉ ୩ ଜଣଙ୍କୁ ଉଠାଇ ଆଣି ପଚରାଉଚରା କରୁଛି। ଏମାନଙ୍କ ମଧ୍ୟରୁ କଳାହାଣ୍ଡିର ଜଣେ ହୋଇଥିବା ବେଳେ ଅନ୍ୟ ଦୁଇ ଜଣ କୋରାପୁଟର।

## ଟ୍ରକ୍‌ରୁ ଚାଳକଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

କଳିଙ୍ଗନଗର,୩୧।୭(ସଂଚାର ବ୍ୟୁରୋ): ଆଜି ସକାଳୁ ଯାଜପୁର ଜିଲ୍ଲା କଳିଙ୍ଗନଗର ଶିଳ୍ପାଞ୍ଚଳସ୍ଥିତ ରୋହିତ ଫେରୋ ଟେକ କାରଖାନା ନିକଟସ୍ଥ ରାସ୍ତାରେ ଏକ ଟ୍ରକରୁ ଜଣେ ଯୁବକଙ୍କ ମୃତଦେହ ମିଳିଛି। ଉକ୍ତ ମୃତଦେହ ଦାନଗଦି ବ୍ଲକ ଟୋଲକାନି ନିବାସୀ ବିଷ୍ଣୁଚରଣ ସାହୁଙ୍କ ସାନ ପୁଅ ନିଖିଲ (୩୨) ଓରଫ ବାପିଙ୍କର ବୋଲି ଜଣାପଡ଼ିଛି। ସେ ପେସାରେ ଜଣେ ଟ୍ରକ୍ ଚାଳକ ହୋଇଥିବା ବେଳେ ଗତକାଲି ରାତିରେ ଉକ୍ତ ଟ୍ରକ୍‌ରେ ମାଲ ବୋଝେଇ କରି କଳିଙ୍ଗନଗର ଶିଳ୍ପାଞ୍ଚଳର କୌଣସି ଏକ କାରଖାନାକୁ ଆସିଥିବା ଅନୁମାନ କରାଯାଉଛି। ତେବେ ଆଜି ସକାଳେ ଟ୍ରକ୍‌ର ଗୋଟିଏ କବାଟରୁ ସେ ରଶି ଲଗାଇ ଆତ୍ମହତ୍ୟା କରିଥିବା ଦେଖି ସ୍ଥାନୀୟ ଲୋକେ ପରିବାର ଲୋକଙ୍କୁ ଜଣାଇଥିଲେ। ମୃତ ନିଖିଲ ବିବାହିତ ହୋଇଥିବା ବେଳେ ତାଙ୍କର ଗୋଟିଏ ପୁଅ ଅଛି। ତେବେ ତାଙ୍କ ଆତ୍ମହତ୍ୟାର କାରଣ ନେଇ କିଛି ବି ସ୍ପଷ୍ଟ ସୂଚନା ମିଳିପାରିନାହିଁ। କିନ୍ତୁ ପରିବାର ଲୋକେ ଏହାକୁ ଆତ୍ମହତ୍ୟା ନୁହେଁ, ବରଂ ନିଖିଲଙ୍କୁ କେହି ହତ୍ୟା କରି ଆତ୍ମହତ୍ୟା ରୂପ ଦେବାକୁ ଉଦ୍ୟମ କରିଥିବା ଅଭିଯୋଗ କରିଛନ୍ତି। ଖବର ପାଇ ଯଖପୁରା ପୁଲିସ ମୃତଦେହକୁ ଉଦ୍ଧାର କରି ବ୍ୟବଚ୍ଛେଦ ସକାଶେ ଦାନଗଦି ସ୍ୱାସ୍ଥ୍ୟ କେନ୍ଦ୍ରକୁ ପଠାଇଛି। ଏଥିସହ ୯/୨୫ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

## ୨୧୩ ଗ୍ରାମ୍ ବ୍ରାଉନ୍‌ସୁଗର୍ ସହ ୮.୩ ଲକ୍ଷ ଜବତ, ୨୧ ଗିରଫ



ଆନନ୍ଦପୁର,୩୧।୭(ସଂଚାର ବ୍ୟୁରୋ): କେନ୍ଦୁଝର ପୁଲିସକୁ ବଡ଼ ସଫଳତା ମିଳିଛି। ୨୧୩ ଗ୍ରାମ ବ୍ରାଉନସୁଗର ସହ ୮ ଲକ୍ଷ ୩୦ ହଜାର ଟଙ୍କା ଓ ୧୨ ମୋବାଇଲ ଜବତ ହୋଇଛି। ଏଥିସହ ଏହି ମାମଲାରେ ୨୧ ଜଣଙ୍କୁ ଗିରଫ କରାଯାଇଛି। କେନ୍ଦୁଝର ଏସ୍‌ପିଙ୍କ ନିର୍ଦ୍ଦେଶ କ୍ରମେ ସ୍ପେଶାଲ ସ୍କ୍ୱାଡ୍ ପକ୍ଷରୁ ୨ ଦିନ ଧରି ଆନନ୍ଦପୁର ଉପଖଣ୍ଡ ଘଷିପୁରା, ଆନନ୍ଦପୁର, ରାମଚନ୍ଦ୍ରପୁର ଓ ନନ୍ଦିପଦା ଥାନାଞ୍ଚଳରେ ଚଢ଼ାଉ କରାଯାଇଥିଲା। ବ୍ରାଉନସୁଗର କାରବାର କରୁଥିବା ଅଭିଯୋଗରେ ବିଭିନ୍ନ ଥାନାଞ୍ଚଳରୁ ୨୧ ଜଣ ଅଭିଯୁକ୍ତଙ୍କୁ ଗିରଫ କରବା ସହ ସେମାନଙ୍କଠାରୁ ୨୧୩ ଗ୍ରାମ ବ୍ରାଉନସୁଗର, ନଗଦ ୮ ଲକ୍ଷ ୩୦ ହଜାର ଟଙ୍କା ସହ ୧୨ଟି ମୋବାଇଲ ଜବତ କରିଥିବା ନେଇ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି କେନ୍ଦୁଝରର ଅତିରିକ୍ତ ଏସ୍‌ପି ପ୍ରତ୍ୟୁଷ ମହାପାତ୍ର। ବିଭିନ୍ନ ସମୟରେ ଆନନ୍ଦପୁର ଉପଖଣ୍ଡରେ ବ୍ରାଉନସୁଗର କାରବାର ନେଇ ଅଭିଯୋଗ ହୋଇଆସୁଥିଲା। ଅଭିଯୋଗ ଆଧାରରେ ଶାଳପଡ଼ା ହାଟପଡ଼ିଆ, ଶାଳବଣି ଛକ ଆଦି ସ୍ଥାନରେ ଏହି କାରବାର ହେଉଥିବା ପୁଲିସ ସୂଚନା ଦେଇଛି। ଏହି କାରବାରରେ ଆହୁରି ଅନେକ ବ୍ୟକ୍ତି ସମ୍ପୃକ୍ତ ଥିବା ବେଳେ ସେମାନଙ୍କୁ ଗିରଫ କରିବା ସାକଶେ ବିଭିନ୍ନ ସ୍ଥାନରେ ଚଢ଼ାଉ ଜାରି ରହିବ ବୋଲି ଶ୍ରୀ ମହାପାତ୍ର ସୂଚନା ଦେଇଛନ୍ତି।

## ମିଳୁନାହିଁ ଜଏନିଂ ଅର୍ଡର, ବିଇଓଙ୍କ ଆତ୍ମହତ୍ୟା ଧମକ




ବଲାଙ୍ଗୀର,୩୧।୭ (ସଂଚାର ବ୍ୟୁରୋ): ଜଏନିଂ ଅର୍ଡର ମିଳୁନଥିବାରୁ ବଲାଙ୍ଗୀର ଡିଇଓ ଅଫିସରେ ପହଞ୍ଚି ଜଣେ ବିଇଓ ଆତ୍ମହତ୍ୟା ଧମକ ଦେଇଛନ୍ତି। ବିଇଓ ରଞ୍ଜିତ ଭୋଇ ଗତ ତିନି ମାସ ହେଲା ବଦଳି ହୋଇଆସିଥିଲେ ମଧ୍ୟ କାର୍ଯ୍ୟରେ ଯୋଗଦେବା ସକାଶେ ତାଙ୍କୁ ବଲାଙ୍ଗୀର ଡିଇଓ ନିର୍ଦ୍ଦେଶ ଦେଇନାହାନ୍ତି। ଦେବଗଡ଼ ଜିଲାରୁ ଶ୍ରୀ ଭୋଇଙ୍କୁ ବଲାଙ୍ଗୀର ଜିଲ୍ଲାର ବେଲପଡା ବ୍ଲକ ବିଇଓ ଭାବେ ବଦଳି କରାଯାଇଛି। ତେବେ ଗତ ୩ ମାସ ହେଲା ସେ ଡିଇଓ ଅଫିସକୁ ଆସୁଥିଲେ ହେଁ ତାଙ୍କୁ କାର୍ଯ୍ୟରେ ଯୋଗ ଦେବା ସକାଶେ ଡିଇଓ ଚାହୁଁନଥିବା ଅଭିଯୋଗ କରିଛନ୍ତି। ବଦଳି ହେବାର ୩ ମାସ ବିତି ଯାଇଥିଲେ ବି ଏଯାଏ ବେଲପଡାରେ ଯୋଗଦେବା ପାଇଁ ତାଙ୍କୁ ଜଏନିଂ ଅର୍ଡର ଦେଇନାହାନ୍ତି ଡିଇଓ। ବେଲପଡ଼ା ବ୍ଲକର ବିଇଓ ଦାୟିତ୍ୱରେ ଥିବା ଅଭିନ୍ନ ମିଶ୍ର ନିଜ ଜାଗା ଛାଡ଼ିବାକୁ ନାରାଜ ଥିବା ବେଳେ ଅନ୍ୟ ପଟେ ତିନି ମାସ ହେଲା ଶ୍ରୀ ଭୋଇ ଦରମା ପାଇନଥିବା ଅଭିଯୋଗ କରିଛନ୍ତି। ଏପରି ପକ୍ଷପାତ ନୀତିରେ ଅତିଷ୍ଠହୋଇ ଶ୍ରୀ ଭୋଇ ଆଜି ଆଦିବାସୀ ସଂଘ ସଭାପତି ସତ୍ୟ ଭୋଇଙ୍କ ସହ ଡିଇଓ ଅଫିସରେ ପହଞ୍ଚି ତାଙ୍କ ସମସ୍ୟାର ସମାଧାନ କରାନଗଲେ ସେ ଆଗାମୀ ଦିନରେ ଆତ୍ମହତ୍ୟା କରିବେ ବୋଲି ଧମକ ଦେଇଛନ୍ତି ।

● ବଣାଇ ଉପଖଣ୍ଡ ଚିକିତ୍ସାଳୟରେ ସାଙ୍ଘାତିକ ତ୍ରୁଟି

## ଶିଶୁକୁ ଦେଇଦେଲେ କୁକୁରକାମୁଡ଼ା ଇଞ୍ଜେକସନ୍



ବଣାଇ,୩୧।୭(ସଂଚାର ବ୍ୟୁରୋ): ଭଗବାନ ଭରସାରେ ବଣାଇ ଉପଖଣ୍ଡ ଚିକିତ୍ସାଳୟ। ଜନୈକ ୪ ବର୍ଷର ଶିଶୁକୁ ଚିକିତ୍ସାଳୟରେ ଭୁଲବଶତଃ କୁକୁରକାମୁଡା ଇଞ୍ଜେକସନ୍ ଦେବା ଭଳି ଅଭାବନୀୟ ଘଟଣା ଦେଖିବାକୁ ମିଳିଛି। ଶିଶୁଟିର ଦେହହାତ କୁଣ୍ଡେଇ ହେଉଥିବାରୁ ତାକୁ ପରିବାର ଲୋକେ ହସ୍ପିଟାଲକୁ ନେଇଥିଲେ। କିନ୍ତୁ ସେଠାରେ ଡାକ୍ତର ଭୁଲ୍‌ବଶତଃ ଇଞ୍ଜେକସନ ଦେଇଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି। ମିଳିଥିବା ସୂଚନା ମୁତାବକ, ଗତ ୨୯ ତାରିଖରେ ସୁନ୍ଦରଗଡ଼ ଜିଲ୍ଲା ବଣାଇର ଚିନ୍ମୟୀ ଜେନାଙ୍କ ୪ ବର୍ଷର ଶିଶୁ କନ୍ୟା ଉପରେ କୌଣସି ଏକ ପୋକ ଚଢ଼ିଯାଇଥିଲା। ଫଳରେ ଶିଶୁଟିର ଶରୀର ଭୀଷଣ କୁଣ୍ଡେଇ ହୋଇଥିଲା। ପରିବାର ଲୋକ ତୁରନ୍ତ ତାକୁ ଉପଖଣ୍ଡ ଚିକିତ୍ସାଳୟକୁ ନେଇଯାଇଥିଲେ। ହେଲେ ସେଠାରେ ଡାକ୍ତର ଲିକୁନ ମହାପାତ୍ର ଶିଶୁଟିକୁ କୁକୁର କାମୁଡା ଇଞ୍ଜେକସନ୍ ଦେଇଥିଲେ। ଏ ନେଇ ପରିବାର ଲୋକେ ଅଭିଯୋଗ କରିବା ପର ଗତକାଲି ଶିଶୁଟିର ମା' ଚିନ୍ମୟୀଙ୍କୁ ଡାକି ସମ୍ପୃକ୍ତ ଡାକ୍ତର କ୍ଷମା ମାଗିଥିଲେ। ଏଥିସହ ସେ ଉକ୍ତ ପ୍ରେସକ୍ରିପସନ ଚିରିଦେଇ ଅନ୍ୟ ଏକ ପ୍ରେସକ୍ରିପସନ ଲେଖିଥିଲେ। ଅନ୍ୟପକ୍ଷରେ ଏହି ଇଞ୍ଜେକ୍‌ସନ୍ ଦିଆଯିବା ପରେ ଉକ୍ତ ଶିଶୁକନ୍ୟାର ସ୍ୱାସ୍ଥ୍ୟାବସ୍ଥା ଗୁରୁତର ଥିବାରୁ ତାକୁ ରାଉରକେଲାକୁ ସ୍ଥାନାନ୍ତର କରାଯାଇଛି।

## ୩୮ ବସ୍ତିବାସିନ୍ଦାଙ୍କୁ ବିଡିଏର ଘର ଆବଣ୍ଟନ



ଭୁବନେଶ୍ୱର,୩୧।୭(ସଂଚାର ବ୍ୟୁରୋ): ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ (ବିଡିଏ) ପକ୍ଷରୁ ବସ୍ତି ଉଚ୍ଛେଦ ଓ ପୁନର୍ବାସ ଯୋଜନାରେ ଆଜି ସହରର ବସ୍ତିବାସିନ୍ଦାଙ୍କୁ ଘର ଆବଣ୍ଟନ କରାଯାଇଛି। ବିଡିଏ କାର୍ଯ୍ୟାଳୟରେ ଅନୁଷ୍ଠିତ ଏକ ସ୍ୱତନ୍ତ୍ର ବୈଠକରେ ସୁଲଭ ମୂଲ୍ୟରେ ଆବାସ ଯୋଜନା (ଏଏଚ୍‌ୱାଇ) ଓ ଇନ୍-ସିଟୁ ସ୍ଲମ୍ ରିଡେଭେଲପ୍‌ମେଣ୍ଟ(ଆଇଏସ୍‌ଏସ୍‌ଆର୍) ଯୋଜନାରେ ୩୮ ଜଣ ହିତାଧିକାରୀଙ୍କୁ ଘର ଆବଣ୍ଟନ କରାଯାଇଛି। ଲଟେରି ଜରିଆରେ ହିତାଧିକାରୀମାନଙ୍କୁ ଚୟନ କରାଯାଇ ଏହି ଘର ପ୍ରଦାନ କରାଯାଇଛି। ଲଟେରିରୁ ହିତାଧିକାରୀଙ୍କ ଯେଉଁ ଘର ନମ୍ବର ଉଠିଥିଲା, ସେମାନଙ୍କୁ ସେହି ଘର ଯୋଗାଇ ଦିଆଯାଇଛି। ୨୪ ଜଣ ହିତାଧିକାରୀଙ୍କୁ ସୁବୁଦ୍ଧିପୁରସ୍ଥିତ ବରୁଣେଇ ଏନ୍‌କ୍ଲେଭ୍ (ଏଏଚ୍‌ୱାଇ)ରେ ଘର ମିଳିଥିବା ବେଳେ ୯ ଜଣଙ୍କୁ କେଶରୀ ରେସିଡେନ୍ସି (ଶାନ୍ତିନଗର ଆବାସ ଯୋଜନା) ଓ ୫ ଜଣଙ୍କୁ ଚନ୍ଦ୍ରଶେଖରପୁରସ୍ଥିତ ନୀଳମାଧବ ଆବାସ ଯୋଜନାରେ ନିର୍ମିତ ଘର ମିଳିଛି। ସେହିପରି ସୁଲଭ ମୂଲ୍ୟରେ ଆବାସ ଯୋଜନା (ଏଏଚ୍‌ୱାଇ) ଅଧୀନରେ ଘର ପାଇବା ପାଇଁ ପ୍ରତ୍ୟେକ ହିତାଧିକାରୀଙ୍କୁ ଦେଢ଼ ଲକ୍ଷ ଟଙ୍କା ଜମା କରିବାକୁ ପଡ଼ିବ। ଏନେଇ ବିଡିଏ ଉପାଧ୍ୟକ୍ଷ ଡା. ନାୟକ କହିଛନ୍ତି ଯେ ଏଏଚ୍‌ୱାଇ ଓ ଆଇଏସ୍‌ଏସ୍‌ଆର୍ ଯୋଜନାର ମୁଖ୍ୟ ଲକ୍ଷ୍ୟ ହେଉଛି ଗରିବ, ଅସହାୟଙ୍କୁ ନିରାପଦ ଓ ସମ୍ମାନପୂର୍ଣ୍ଣ ଘର ଯୋଗାଇଦେବା। ବାସସ୍ଥାନ ସହ ଆବଶ୍ୟକ ଭିତ୍ତିଭୂମି ଓ ସେବା ସହ ଉନ୍ନତ ଜୀବନଯାପନର ମାନ ସୁନିଶ୍ଚିତ କରିବା ବିଡିଏର ଲକ୍ଷ୍ୟ ବୋଲି ଡା. ନାୟକ କହିଛନ୍ତି ।

## ଏନ୍‌ଏଚ୍‌ଆଇଡିସିଏଲ୍‌କୁ ଆସାମ ମୁଖ୍ୟମନ୍ତ୍ରୀଙ୍କ ପ୍ରଶଂସା



ଗୌହାଟୀ,୩୧।୭: ରାଜ୍ୟରେ ସଡ଼କ ଭିତ୍ତିଭୂମି ବିକାଶକୁ ତ୍ୱରାନ୍ୱିତ କରିବା ଲାଗି ଜାତୀୟ ରାଜପଥ ଓଭିତ୍ତିଭୂମି ବିକାଶ ନିଗମ ଲିମିଟେଡ (ଏନ୍‌ଏଚ୍‌ଆଇଡିସିଏଲ୍) ଓ ଏହାର ପରିଚାଳନା ନିର୍ଦ୍ଦେଶକ ଡ. କ୍ରିଷନ କୁମାରଙ୍କ ପ୍ରତିବଦ୍ଧତାକୁ ଆସାମ ମୁଖ୍ୟମନ୍ତ୍ରୀ ଡ. ହିମନ୍ତ ବିଶ୍ୱଶର୍ମା ପ୍ରଶଂସା କରିଛନ୍ତି। ଏକ ବୈଠକରେ ଡ. କୁମାର ମୁଖ୍ୟ ପ୍ରକଳ୍ପର ଅଗ୍ରଗତି ବିଷୟରେ ମୁଖ୍ୟମନ୍ତ୍ରୀଙ୍କୁ ସୂଚନା ଦେଇଥିଲେ। ମୁଖ୍ୟମନ୍ତ୍ରୀ ଶ୍ରୀ ବିଶ୍ୱଶର୍ମା ଅନେକ ଥର ଏନ୍‌ଏଚ୍‌ଆଇଡିସିଏଲ୍‌ର ସକ୍ରିୟ ଆଭିମୁଖ୍ୟରେ ସନ୍ତୋଷ ବ୍ୟକ୍ତ କରିଛନ୍ତି। ଏହା ପୂର୍ବରୁ ଗତ ଏପ୍ରିଲ୍ ୭ରେ ନୂଆଦିଲ୍ଲୀରେ ଅନୁଷ୍ଠିତ ଏକ ବୈଠକରେ ମୁଖ୍ୟମନ୍ତ୍ରୀ ଆସାମରେ ଏନଏଚ୍‌ଆଇଡିସିଏଲ୍ ଅଧୀନରେ ଚାଲିଥିବା ରାଜପଥ ପ୍ରକଳ୍ପ ସମ୍ପର୍କରେ ଡ. କୁମାରଙ୍କ ସହ ଆଲୋଚନା କରିଥିଲେ। ସେତେବେଳେ ଆସାମର ଧୁବ୍ରି ଓ ମେଘାଳୟର ଫୁଲବାରୀକୁ ସଂଯୋଗ କରୁଥିବା ବ୍ରହ୍ମପୁତ୍ର ଉପରେ ୧୯.୨୮ କିମି ଲମ୍ବ ୪-ଲେନ୍ ସେତୁ ସମେତ ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପକୁ ତ୍ୱରାନ୍ୱିତ କରିବାକୁ ମୁଖ୍ୟମନ୍ତ୍ରୀ ଡକ୍ଟର ବିଶ୍ୱଶର୍ମା ସ୍ୱତନ୍ତ୍ର ଭାବେ ଡକ୍ଟର କୁମାରଙ୍କୁ ଅନୁରୋଧ କରିଥିଲେ। ୨୫ ହଜାର କୋଟିର ଗୌହାଟୀ-ସିଲଚର ଏକ୍ସପ୍ରେସ୍ ୱେ, ନୁମାଲିଗଡ଼-ଗୋହପୁର ପାଣି ତଳେ ସୁଡ଼ଙ୍ଗ ନିର୍ମାଣ ଓ ବୈହାଟା ଚାରିଆଲିଠାରୁ ତେଜପୁର ଓଗୋହପୁରରୁ କୁଲାଜନ ପର୍ଯ୍ୟନ୍ତ ଜାତୀୟ ରାଜପଥ ନେଟୱାର୍କର ସମ୍ପ୍ରସାରଣ। ଉକ୍ତ ବୈଠକ ପରେ ମୁଖ୍ୟମନ୍ତ୍ରୀ ଡକ୍ଟର ବିଶ୍ୱଶର୍ମା ଡିସେମ୍ବର ୩୧ ସୁଦ୍ଧା ଜାତୀୟ ରାଜପଥର ଜୋରହାଟ-ଦିବ୍ରୁଗଡ଼ ସେକ୍ସନକୁ ସମ୍ପୂର୍ଣ୍ଣ କରିବା ପାଇଁ ସର୍ବସାଧାରଣରେ ପ୍ରକାଶ କରିଥିଲେ, ଯାହା ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ। ଏହାବ୍ୟତୀତ ଗତବର୍ଷ ଅଗଷ୍ଟ ୨୨ରେ ଏକ ବୈଠକରେ ମଧ୍ୟ ସେ ଡକ୍ଟର କୁମାରଙ୍କ ଉଦ୍ୟମକୁ ପ୍ରଶଂସା କରିଥିଲେ। ସେ ଏହା ଜାଣି ବିଶେଷ ଖୁସି ହୋଇଥିଲେ ଯେ ଡକ୍ଟର କୁମାର ସୀମାନ୍ତବର୍ତ୍ତୀ ରାଜ୍ୟରେ ଜାତୀୟ ରାଜପଥ ବିକାଶ ଉପରେ ନିରନ୍ତର ନଜର ରଖିଛନ୍ତି ଏବଂ ବିଳାସିପାରା-ଗୌହାଟୀ କରିଡର, ଜୋଗିଘୋପା ସେତୁ ପ୍ରକଳ୍ପ, ଏମ୍. ଏମ୍. ଏଲ୍. ପି. ଏବଂ ଅନ୍ୟାନ୍ୟ ଭିତ୍ତିଭୂମି ପଦକ୍ଷେପ ମଧ୍ୟରେ ଚାଲିଥିବା ପ୍ରକଳ୍ପଗୁଡ଼ିକର ବ୍ୟକ୍ତିଗତ ଭାବେ ଯାଞ୍ଚ କରିଛନ୍ତି।

## ବାଇକ୍‌ରେ ବିକଟାଳ ଶବ୍ଦ ପାଇଁ ୨ ଅଟକ



ଦାରିଙ୍ଗବାଡ଼ି,୩୧।୭(ସଂଚାର ବ୍ୟୁରୋ): ଏକ ବାଇକ୍‌ରେ ୩ ଜଣ ଯୁବକ ଘୂରି ବୁଲିବା ସମୟରେ ଷ୍ଟଣ୍ଟ୍ ଦେଖାଇବା ସହ ବିକଟାଳ ଶବ୍ଦ କରିଥିବାରୁ ସେମାନଙ୍କୁ ସ୍ଥାନୀୟ ପୁଲିସ୍ ଥାନାରେ ଅଟକ ରଖିଥିବା ଜଣାପଡ଼ିଛି। ବିକଟାଳ ଶବ୍ଦ ଯୋଗୁଁ ପରିବେଶ ପ୍ରଦୂଷଣ ହେଉଥିବା ଦର୍ଶାଇ ପୁଲିସ ସେମାନଙ୍କୁ ରାଜପଥରେ ଅଟକାଇ ଥାନାକୁ ନେଇଛି। ଅବଶ୍ୟ ପୁଲିସ୍‌କୁ ଚକ୍‌ମା ଦେଇ ସେମାନଙ୍କ ମଧ୍ୟରୁ ଜଣେ ଯୁବକ ଖସି ପଳାଇଯିବାରେ ସକ୍ଷମ ହୋଇଛି। କିନ୍ତୁ ପୁଲିସ୍ ଅନ୍ୟ ଦୁଇ ଜଣଙ୍କୁ ଅଟକ ରଖି ପଚରାଉଚରା ଚଳାଇଛି। ଏଥିସହ ପୁଲିସ୍ ସେମାନେ ବ୍ୟବହାର କରିଥିବା ପଲସର୍‌କୁ ମଧ୍ୟ ଜବତ କରିଛି। ଏଭଳି ଏକ ଘଟଣା କନ୍ଧମାଳ ଜିଲ୍ଲା ଦାରିଙ୍ଗବାଡ଼ି ଥାନା ସିମନବାଡ଼ି ଅଞ୍ଚଳରେ ଘଟିଛି। ମିଳିଥିବା ସୂଚନାନୁସାରେ, ଆଜି ମଧ୍ୟାହ୍ନ ସମୟରେ ଉକ୍ତ ୩ ଜଣ ଯୁବକ ଏକ କଳା-ନୀଳ ରଙ୍ଗର ପଲସରରେ ସିମନବାଡ଼ି ବଜାର ସହ ରାଇକିଆ ରୋଡ୍, ୫୯ ନଂ ଜାତୀୟ ରାଜପଥରେ ଦ୍ରୁତ ଗତିରେ ଗାଡ଼ି ଚଳାଇବା ସହ ଷ୍ଟଣ୍ଟ ଦେଖାଉଥିଲେ। ସେହିପରି ଉକ୍ତ ବାଇକ୍‌ର ସାଇଲେନ୍ସର୍‌କୁ ବାହାର କରି ଉକ୍ତ ଯୁବକମାନେ ଅତି କର୍କଶ ଶବ୍ଦ ସୃଷ୍ଟି କରୁଥିବା ଏକ ସାଇଲେନ୍ସ ଲଗାଇଥିଲେ। ଫଳରେ ଉକ୍ତ ବାଇକ୍ ଏକ୍ସିଲେଟର୍ ମୋଡ଼ିଲେ ବିକଟାଳ ଶବ୍ଦ ବାହାରୁଥିଲା, ଯାହା ସ୍ଥାନୀୟ ଅଞ୍ଚଳର ଲୋକଙ୍କୁ ବ୍ୟତିବ୍ୟସ୍ତ କରିପକାଉଥିଲା। ଏହି ଯୁବକମାନେ ଗତ କିଛି ଦିନ ହେଲା ସ୍ଥାନୀୟ ଅଞ୍ଚଳରେ ଏପରି ବେପରୁଆ ଗାଡ଼ି ଚଳାଇଆସୁଥିବାରୁ ଏଥିରେ ସ୍ଥାନୀୟ ଲୋକେ ଅସ୍ତବ୍ୟସ୍ତ ହୋଇପଡ଼ିଥିଲେ। ତେବେ ଆଜି ଉକ୍ତ ୩ ଯୁବକ ଏପରି ଉତ୍ପାତ କରୁଥିବା ସମୟରେ ପୁଲିସ୍‌ର ପାଟ୍ରୋଲିଂ ଟିମ୍ ହାବୁଡ଼ରେ ପଡ଼ିଯାଇଥିଲେ। ପୁଲିସ୍ ସେମାନଙ୍କ ମଧ୍ୟରୁ ୨ ଜଣଙ୍କୁ କାବୁ କରି ପଚରାଉଚରା କରି ଉକ୍ତ ବାଇକ୍‌ର ମାଲିକଙ୍କୁ ଠାବ କରିବା ସକାଶେ ଉଦ୍ୟମ କରୁଥିବା ସବ୍‌ଇନ୍ସପେକ୍ଟର ଜୟନ୍ତ କୁମାର ସେଠୀ କହିଛନ୍ତି। ସେ ଓ ଏଏସ୍‌ଆଇ ଅର୍ଜୁନ ଶବର ପାଟ୍ରୋଲିଂ କରୁଥିବା ସମୟରେ ବାଇକ୍ ଚାଳକ ଓ ଅନ୍ୟ ଜଣଙ୍କୁ ଧରାପଡ଼ିଥିବା ସୂଚନା ଦେଇଛନ୍ତି।

● ଓଏଏସ୍‌ଙ୍କ ବିରୋଧରେ ଥାନାରେ ଏତଲା

## ସ୍ତ୍ରୀ ଓ ନବଜାତ ଶିଶୁ ପ୍ରତି ନିଷ୍ଠୁରତା ଅଭିଯୋଗ

ଭୁବନେଶ୍ୱର,୩୧।୭(ସଂଚାର ବ୍ୟୁରୋ): ଜନୈକ ଓଏଏସ୍ ଅଫିସର୍‌ଙ୍କ ବିରୋଧରେ ଥାନାରେ ଅଭିଯୋଗ ହୋଇଛି। ଓସ୍‌ତମାରେ କାର୍ଯ୍ୟରତ ଡିଜିଏମ୍ ସାର୍ଥକ ସୌରଭ ମହାପାତ୍ରଙ୍କ ନାଁରେ ପତ୍ନୀ ଥାନାରେ ଅଭିଯୋଗ କରିଛନ୍ତି। ପତ୍ନୀ ଅର୍ଚ୍ଚନା ଦାସ ସ୍ୱାମୀଙ୍କ ବିରୋଧରେ ତାଙ୍କୁ ଓ ତାଙ୍କ ନବଜାତ ଶିଶୁ ପ୍ରତି ନିଷ୍ଠୁର ଆଚରଣ ପ୍ରଦର୍ଶନ କରିଥିବା ଅଭିଯୋଗ ଆଣିଛନ୍ତି। ସ୍ୱାମୀଙ୍କ ସହ ସେ ଶାଶୂ ଓ ନଣନ୍ଦଙ୍କ ନାଁରେ ମଧ୍ୟ ନିର୍ଯାତନା ଅଭିଯୋଗ ଆଣିଛନ୍ତି। ସ୍ତ୍ରୀ ଓ ନବଜାତ ଶିଶୁ ପ୍ରତି ନିଷ୍ଠୁରତା, ଦାୟିତ୍ୱହୀନତା, ଇଚ୍ଛାକୃତ ଭାବେ ପରିତ୍ୟାଗ କରିବା ଓ ମାନସିକ ନିର୍ଯାତନା ଦେବା ଅଭିଯୋଗ ହୋଇଛି। ପତ୍ନୀ ଅର୍ଚ୍ଚନା ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗରେ ସହକାରୀ ନିର୍ବାହୀ ଯନ୍ତ୍ରୀ ଭାବେ କାର୍ଯ୍ୟ କରୁଛନ୍ତି। ଉଭୟ ଅର୍ଚ୍ଚନା ଓ ସୌରଭଙ୍କ ଘର ଭୁବନେଶ୍ୱରରେ ବୋଲି ଜଣାପଡ଼ିଛି। ଅର୍ଚ୍ଚନାଙ୍କ ଅଭିଯୋଗ ଅନୁସାରେ, ପରିବାର ଲୋକଙ୍କ ସହମତିରେ ସେମାନଙ୍କର ବାହାଘର ହୋଇଥିଲା। କିନ୍ତୁ ବାହାଘରର କିଛି ମାସ ପରେ ତାଙ୍କୁ ଶାଶୂଘର ଲୋକେ ନିର୍ଯାତନା ଦେଇଆସୁଥିଲେ। ଏପରିକି ହସ୍ପିଟାଲ ବେଡ୍‌ରେ ନବଜାତ ଶିଶୁ ଓ ତାଙ୍କୁ ଛାଡ଼ି ଚାଲିଯାଇଥିଲେ ସ୍ୱାମୀ ସାର୍ଥକ। ହସ୍ପିଟାଲ୍‌ରେ ଥିବା ସମୟରେ ତାଙ୍କୁ ଅଚାନକ ସୌରଭ ଛାଡ଼ି ପଳାଇଯିବାରୁ ଅର୍ଚ୍ଚନା ନିଜେ ହସ୍ପିଟାଲରୁ ଡିସଚାର୍ଜ ହୋଇଥିଲେ। ଶିଶୁକୁ ୩ ମାସ ହୋଇଯାଇଥିଲେ ବି ତାକୁ କିମ୍ବା ପତ୍ନୀଙ୍କୁ ଦେଖା କରୁ ନ ଥିବା ସହ କୌଣସି ସହଯୋଗ କରୁନଥିବା ଅର୍ଚ୍ଚନା ଥାନାରେ ଅଭିଯୋଗ କରିଛନ୍ତି।

# ଅନ୍ତ୍ୟୋଦୟ ଯୋଜନାର ପ୍ରଥମ ହିତାଧିକାରୀଙ୍କ ଗୃହକାର୍ଯ୍ୟ ସମ୍ପୂର୍ଣ୍ଣ




ଭୁବନେଶ୍ୱର,୩୧।୭(ସଂଚାର ବ୍ୟୁରୋ): ଭବାନୀପାଟଣା ବ୍ଲକ୍‌ର ବୋରଡ଼ା ଗ୍ରାମପଞ୍ଚାୟତ ଅନ୍ତର୍ଗତ ଫପସୀ ଗ୍ରାମର ଦିଗମ୍ବର ଠେଲା ଜଣେ ଶତପ୍ରତିଶତ ଦୃଷ୍ଟିବାଧିତ ଦିବ୍ୟାଙ୍ଗ ହୋଇଥିବା ବେଳେ ଇତିମଧ୍ୟରେ ତାଙ୍କର ଅନ୍ତ୍ୟୋଦୟ ଗୃହ ନିର୍ମାଣ କାର୍ଯ୍ୟ ଶେଷ ହୋଇଛି। ୪ ମାସ ତଳେ ଅର୍ଥାତ୍ ଗତ ମାର୍ଚ୍ଚ ୩୦ ତାରିଖରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରିସିଗାଁଠାରେ ଅନ୍ତ୍ୟୋଦୟ ଗୃହ ଯୋଜନାର ଲୋକାର୍ପଣ ଉତ୍ସବରେ ଦିଗମ୍ବରଙ୍କୁ କାର୍ଯ୍ୟାଦେଶ ପ୍ରଦାନ କରିଥିଲେ। ଯୋଜନାରେ ସେ ପ୍ରଥମ ହିତାଧିକାରୀ ଭାବେ ଏହି କାର୍ଯ୍ୟାଦେଶ ପାଇଥିଲେ। ପତ୍ନୀଙ୍କ ସହ ଦିଗମ୍ବର ଏକ ଛୋଟ ତେଜରାତି ଦୋକାନ ମାଧ୍ୟମରେ ତାଙ୍କର ଜୀବିକା ନିର୍ବାହ କରନ୍ତି। ପତ୍ନୀ ଓ ପରିବାର ସଦସ୍ୟଙ୍କ ସହଯୋଗରେ ମାତ୍ର ୪ ମାସ ମଧ୍ୟରେ ଦିଗମ୍ବର ନୂଆ ଘର ନିର୍ମାଣ କାମ ଶେଷ କରିଛନ୍ତି। ଅନ୍ତ୍ୟୋଦୟ ଗୃହ ଯୋଜନା ମାଧ୍ୟମରେ ସରକାର ସମାଜର ଅନ୍ତିମ ସୋପାନର ଲୋକଙ୍କ ନିକଟରେ ସମସ୍ତ ସରକାରୀ ସେବା ପହଞ୍ଚାଇପାରିବାରେ ସକ୍ଷମ ହୋଇଥିବା ବେଳେ ଦିଗମ୍ବର ଏହାର ଜ୍ୱଳନ୍ତ ଉଦାହରଣ।

### ମାର୍ଚ୍ଚ ୩୦ରେ ଦିବ୍ୟାଙ୍ଗ ଦିଗମ୍ବରଙ୍କୁ ମୁଖ୍ୟମନ୍ତ୍ରୀ ଦେଇଥିଲେ କାର୍ଯ୍ୟାଦେଶ

ସୂଚନାଯୋଗ୍ୟ ଯେ ରାଜ୍ୟବାସୀଙ୍କ ଆବଶ୍ୟକତାକୁ ହୃଦୟଙ୍ଗମ କରି ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ପକ୍ଷରୁ କାର୍ଯ୍ୟକାରୀ ହୋଇଥିବା ଅନ୍ତ୍ୟୋଦୟ ଗୃହ ଯୋଜନାରେ ହିତାଧିକାରୀ ତାଲିକାକୁ ଆହୁରି ସମାବେଶୀ କରିବା ସକାଶେ ବିଭିନ୍ନ ଦିବ୍ୟାଙ୍ଗ ବର୍ଗର ଗୃହହୀନ କିମ୍ବା କଚ୍ଚା ଘରେ ବାସ କରୁଥିବା ପରିବାରକୁ ସାମିଲ୍ କରିବାର ବ୍ୟବସ୍ଥା ରହିଛି। ଏହା ମଧ୍ୟରେ ପ୍ରାକୃତିକ କିମ୍ବା ମନୁଷ୍ୟକୃତ ବିପର୍ଯ୍ୟୟରେ ଅଥବା ହାତୀ ଉପଦ୍ରବରେ ସମ୍ପୂର୍ଣ୍ଣ/ଭୀଷଣ ଭାବେ ପ୍ରଭାବିତ ହୋଇଥିବା ପରିବାର, ସରକାରୀ ପ୍ରକଳ୍ପ ସ୍ଥାନାନ୍ତରଣ ଆବଶ୍ୟକ କରୁଥିବା ସଂରକ୍ଷିତ ଅଞ୍ଚଳରେ ବସବାସ କରୁଥିବା ପରିବାର, ମୁଖ୍ୟ ଉପାର୍ଜନକାରୀ ଅତି କମ୍‌ରେ ୪୦ ପ୍ରତିଶତ ଶାରୀରିକ ଭିନ୍ନକ୍ଷମ ଥିବା ପରିବାର, ନାବାଳକ ସନ୍ତାନ ଥିବା ବିଧବା ମହିଳା, ପରିବାରର ମୁଖ୍ୟ ଗୁରୁତର ରୋଗରେ ଆକ୍ରାନ୍ତ ଥିବା ପରିବାର, କୁଷ୍ଠରୋଗରୁ ମୁକ୍ତ, ମୁକ୍ତ ଗୋତି ଶ୍ରମିକ, ଶହୀଦ ପରିବାର, ଜାତୀୟ ପୁରସ୍କାରପ୍ରାପ୍ତ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରର କ୍ରୀଡ଼ାବିତ୍, ଜଙ୍ଗଲ ଅଧିକାର ଆଇନ ହିତାଧିକାରୀ, ତୁରନ୍ତ ଗୃହ ଆବଶ୍ୟକ କରୁଥିବା ପରିବାର ଆଦି ରହିଛନ୍ତି। ନୂତନ ଗୃହ ମଞ୍ଜୁର ସହ ଅନ୍ତ୍ୟୋଦୟ ଗୃହ ଯୋଜନା, ପ୍ରଧାନମନ୍ତ୍ରୀ ଆବାସ ଯୋଜନା (ଗ୍ରାମୀଣ), ପ୍ରଧାନମନ୍ତ୍ରୀ ଜନଜାତି ଆଦିବାସୀ ନ୍ୟାୟ ମହାଭିଯାନ ଓ ଅନ୍ୟାନ୍ୟ ସରକାରୀ ଗ୍ରାମୀଣ ଗୃହ ନିର୍ମାଣ ଯୋଜନାର ହିତାଧିକାରୀ, ଯେଉଁମାନେ ପ୍ରଥମ କିସ୍ତି ପାଇବାର ୪ ମାସ ଓ ୬ ମାସ ମଧ୍ୟରେ ଗୃହ ନିର୍ମାଣ କାର୍ଯ୍ୟ ସମାପ୍ତ କରୁଛନ୍ତି, ସେମାନଙ୍କୁ ଯଥାକ୍ରମେ ୨୦ ହଜାର ଓ ୧୦ ହଜାର ଟଙ୍କାର ପ୍ରୋତ୍ସାହନ ରାଶି ପ୍ରଦାନ ବ୍ୟବସ୍ଥା ରହିଛି। ବାସଗୃହ ମଣିଷର ମୌଳିକ ଆବଶ୍ୟକତା ହୋଇଥିବା ବେଳେ ଯୋଗ୍ୟ ହିତାଧିକାରୀଙ୍କୁ ଏହା ଯୋଗାଇବା ପାଇଁ କେନ୍ଦ୍ର ଓ ରାଜ୍ୟ ସରକାର ଅନେକ ଯୋଜନା କାର୍ଯ୍ୟକାରୀ କରିଛନ୍ତି। ମାତ୍ର ଉକ୍ତ ଯୋଜନାଗୁଡ଼ିକ ଅନୁସାରେ ଯୋଗ୍ୟ ହିତାଧିକାରୀଙ୍କ ତାଲିକାକୁ ଆହୁରି ସମାବେଶୀ କରି ସରକାରୀ ସେବା ଯୋଗାଇବା ପାଇଁ ସରକାରଙ୍କ ଅନ୍ତ୍ୟୋଦୟ ଗୃହ ଯୋଜନା ବିଶେଷ ସହାୟକ ହେଉଛି ବୋଲି ପଞ୍ଚାୟତିରାଜ ମନ୍ତ୍ରୀ ରବି ନାରାୟଣ ନାଏକ ପ୍ରକାଶ କରିଛନ୍ତି।

ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ Published by Sri Rudra Pratap Das at Plot No.312, Flat No.003,Green High Appartment, Kharvel Nagar, Bhubaneswar, Dist-Khorda-751001 and Owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar-751012 and printed by Sri Sudhir Kumar Panda at Nijukti Khabar Prakashan, TS 3/191, Mancheswar Industrial Estate, Bhubaneswar-751010, Dist-Khurda (Odisha) Ph. No. 8093008776
Editor: Himanshu Bhusan Kar
ସମ୍ପାଦକ: ହିମାଂଶୁ ଭୂଷଣ କର




# ପ୍ରଭାବିତ ହେବ ଫାର୍ମା, ବୟନ ରପ୍ତାନି



ନୂଆଦିଲ୍ଲୀ, ୩୧।୭: ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଭାରତ ଉପରେ ୨୫ ପ୍ରତିଶତ ଶୁଳ୍କ (ଟାରିଫ୍) ଲଗାଇଥିବାରୁ ଆମେରିକାକୁ ଜିନିଷ ପଠାଉଥିବା ରପ୍ତାନିକାରୀମାନଙ୍କ କାବରାର ପ୍ରଭାବିତ ହେବା ଆଶଙ୍କା କରାଯାଉଛି। ଶୁଳ୍କ ବଢ଼ିଥିବାରୁ ଭାରତୀୟ ଜିନିଷ ରପ୍ତାନି କରିବାକୁ ଅନେକ ଆହ୍ୱାନ ଦେଖାଦେବ। ବିଶେଷ କରି ଫାର୍ମା, ବୟନ, ଅଟୋ ଯନ୍ତ୍ରାଂଶ କ୍ଷେତ୍ରଅଧିକ ପ୍ରଭାବିତ ହେବ ବୋଲି ବିଶେଷଜ୍ଞମାନେ କହିଛନ୍ତି।

ବିଶେଷଜ୍ଞମାନେ କହିଛନ୍ତି ଯେ ଆମେରିକାକୁ ଜିନିଷ ପଠାଉଥିବା ଭିଏତ୍‌ନାମ, ଇଣ୍ଡୋନେସିଆର ରପ୍ତାନିକାରୀମାନଙ୍କ ସହ ଭାରତୀୟ ରପ୍ତାନିକାରୀମାନେ ପ୍ରତିଦ୍ୱନ୍ଦ୍ୱିତା କରିବା କଷ୍ଟକର ହେବ। ଔଷଧ ଓ ଅନ୍ୟାନ୍ୟ ଫାର୍ମା ସାମଗ୍ରୀ, ଅଟୋ ଯନ୍ତ୍ରାଂଶ, ସୁନା ଓ ଇଲେକ୍ଟ୍ରୋନିକ୍ସ ସାମଗ୍ରୀ ରପ୍ତାନି କରିବା ସହଜ ହେବ ନାହିଁ। ତେବେ କିଛି ବିଶେଷଜ୍ଞ କହିଛନ୍ତି ଯେ ଦୁଇ ଦେଶ ଭିତରେ ଦ୍ୱିପାକ୍ଷିକ କାରବାର ଏତେ ଅଧିକ ନ ଥିବାରୁ ଏହି ଶୁଳ୍କ ଭାରତକୁ ମାତ୍ରାଧିକ ପ୍ରଭାବିତ କରିପାରିବ ନାହିଁ। ବଜାର ବିଶେଷଜ୍ଞ ସୁନିଲ ସୁବ୍ରମଣ୍ୟମ କହିଛନ୍ତି ଯେ ଆମେରିକା ପକ୍ଷରୁ ଭିଏତନାମ୍ ଉପରେ ୨୦ ଓ ଇଣ୍ଡୋନେସିଆ ଉପରେ ୧୯ ପ୍ରତିଶତ ଟିକସ ଲଗାଯାଇଛି। ଏହି ଦୁଇ ଦେଶ ତୁଳନାରେ ଭାରତ ଉପରେ ଅଧିକ ଟିକସ ଲଗାଯାଇଛି। ତେଣୁ ଭାରତୀୟ ନିର୍ମାତାମାନଙ୍କୁ ଜାପାନ ଓ କୋରିଆର ରପ୍ତାନିକାରୀଙ୍କ ସହ ସିଧାସଳଖ ପ୍ରତିଦ୍ୱନ୍ଦ୍ୱିତା କରିବାକୁ ପଡ଼ିବ, ଯାହା ସହଜ ନୁହେଁ।

## ଟ୍ରମ୍ପଙ୍କ ୨୫% ଶୁଳ୍କ

ଜାପାନ ଓ କୋରିଆ ଉପରେ ଆମେରିକା ୨୫% ଶୁଳ୍କ ଲଗାଇଛି। ତେବେ ଆଲୋଚନା ଜରିଆରେ ଭାରତ ଏହି ଶୁଳ୍କ କମ୍ କରିପାରିବ ବୋଲି ସେ କହିଛନ୍ତି। କାରଣ ପୂର୍ବରୁ ଚୀନ୍ ଓ ଜାପାନ ସହ ସେଭଳି ଘଟିଛି। ଭାରତୀୟ ରପ୍ତାନିକାରୀ ସଂଗଠନ ମହାସଂଘ (ଏଫ୍‌ଆଇଇଓ)ର ପୂର୍ବତନ ସଭାପତି ଶରଦ କୁମାର ସରାଫ କହିଛନ୍ତି ଯେ ଟ୍ରମ୍ପଙ୍କୁ ପ୍ରଥମ ଶୁଳ୍କ ସମ୍ପର୍କରେ ସ୍ପଷ୍ଟ ଚିତ୍ର ଦେବାକୁ ହେବ। ଫଳରେ ରପ୍ତାନିକାରୀମାନେ ସେହି ଅନୁସାରେ ରଣନୀତି ପ୍ରସ୍ତୁତ କରିପାରିବେ। ଭାରତ ଉପରେ ଯେଉଁ ଅତିରିକ୍ତ ଜରିମାନା ଲଗାଯାଇଛି, ତାହାର ଚିତ୍ର ସ୍ପଷ୍ଟ ନାହିଁ। ଭାରତ ପାଇଁ ଶୁଳ୍କ ବଡ଼ ସମସ୍ୟା ନୁହେଁ। ସବୁଠୁ ବଡ଼ ସମସ୍ୟା ହେଉଛି, ଏହା ଯେଉଁ ଦେଶଗୁଡ଼ିକ ସହ ରପ୍ତାନି ବଜାରରେ ପ୍ରତିଦ୍ୱନ୍ଦ୍ୱିତା କରୁଛି, ସେମାନଙ୍କ ଉପରେ ଆମେରିକା କେତେ ଶୁଳ୍କ ଲଗାଉଛି। ଯଦି ଭାରତ ଉପରେ ଶୁଳ୍କ ଅଧିକ ରହିବ, ତେବେ ତାହା ହେବ ପ୍ରକୃତ ସମସ୍ୟା ବୋଲି ସେ କହିଛନ୍ତି।

୨୦୨୪ରେ ଭାରତ ଓ ଆମେରିକା ମଧ୍ୟରେ ଦ୍ୱିପାକ୍ଷିକ ବାଣିଜ୍ୟ କାରବାର ପରିମାଣ ୧୨୯୨୦ କୋଟି ଡଲାର ଥିଲା। ଆମେରିକାକୁ ଭାରତ ୮୭୪୦ କୋଟି ଡଲାରର ଜିନିଷ ପଠାଇଥିଲା। ଆମେରିକା କିନ୍ତୁ ତା'ଠାରୁ କମ୍ ୪୧୮୦ କୋଟି ଡଲାରର ଜିନିଷ ଭାରତକୁ ପଠାଇଥିଲା। ଭାରତ ସରକାରଙ୍କ ଚଢ଼ା ଶୁଳ୍କ ଲାଗି ଆମେରିକୀୟ କମ୍ପାନିଗୁଡ଼ିକ ବ୍ୟବସାୟ ପ୍ରତିଦ୍ୱନ୍ଦ୍ୱିତାରେ ତିଷ୍ଠି ପାରୁନଥିବା ଟ୍ରମ୍ପ ଅଭିଯୋଗ କରିଛନ୍ତି।

## ଆଜିର ସୁନା ଦର



ଆଜି ଭାରତୀୟ ବଜାରରେ ୨୪ କ୍ୟାରେଟ ସୁନା ୧,୦୦,୦୩୦ ଟଙ୍କା ରହିଛି। ସେହିପରି ୨୨ କ୍ୟାରେଟ ସୁନା ଦର ୯୧ ,୭୦୦ ଟଙ୍କା ଛୁଇଛି। ସେହିପରି ରାଜଧାନୀ ଭୁବନେଶ୍ୱରରେ ୨୪ କ୍ୟାରେଟ୍ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୧,୦୦,୦୩୦ ଟଙ୍କା ରହିଥିବା ବେଳେ ୨୨ କ୍ୟାରେଟ୍ ସୁନାର ମୂଲ୍ୟ ହଜାର ୭୦୦ ଟଙ୍କାକୁ ପହଞ୍ଚିଛି। ସେହିପରି ମୁମ୍ବାଇରେ ୨୪ କ୍ୟାରେଟ୍ ମୂଲ୍ୟ ୧,୦୦,୦୩୦ ଟଙ୍କା ଓ ୨୨ କ୍ୟାରେଟ୍ ମୂଲ୍ୟ ୯୧ ହଜାର ୭୦୦ ଟଙ୍କା ରହିଛି। ନୂଆଦିଲ୍ଲୀରେ ୨୪ କ୍ୟାରେଟ୍ ୧,୦୦,୦୩୦ ଟଙ୍କା ଓ ୨୨ କ୍ୟାରେଟ୍ ୯୧, ୭୦୦ ଟଙ୍କା ରହିଛି। ଦକ୍ଷିଣ ଭାରତର ପ୍ରମୁଖ ସହର ଚେନ୍ନାଇରେ ୨୪ କ୍ୟାରେଟ ମୂଲ୍ୟ ୧,୦୦,୦୩୦ ଟଙ୍କା ଥିବା ବେଳେ ୨୨ କ୍ୟାରେଟ ମୂଲ୍ୟ ୯୧ ହଜାର ,୭୦୦ ଟଙ୍କା ରହିଛି। ପୂର୍ବ ଭାରତର ପ୍ରମୁଖ ସହର କୋଲକାତାରେ ଯଥାକ୍ରମେ ୧,୦୦,୦୩୦ ଓ ୯୧ ,୭୦୦ ଟଙ୍କା ରହିଛି। ଅନ୍ୟପଟେ ରୁପା ମୂଲ୍ୟ କିଲୋ ପିଛା ୧, ୧୫ ,୦୦୦ ଟଙ୍କା ହୋଇଛି।

# ଟ୍ରମ୍ପ୍ ଟାରିଫ ପରେ ଷ୍ଟକ୍ ମାର୍କେଟ୍‌ରେ ହାହାକାର

ନୂଆଦିଲ୍ଲୀ, ୩୧।୭: ଟ୍ରମ୍ପଙ୍କ ଟାରିଫ 'ବୋମା' ପରେ ଷ୍ଟକ୍ ମାର୍କେଟରେ ଏକ ବଡ଼ ହ୍ରାସ। ବୁଧବାର ଡୋନାଲ୍ଡ ଟ୍ରମ୍ପ ଭାରତ ଉପରେ ୨୫ ପ୍ରତିଶତ ଶୁଳ୍କ ଏବଂ ଅତିରିକ୍ତ ଜରିମାନା ଘୋଷଣା କରିଥିଲେ। ଏହାର ପ୍ରଭାବ ଆଜି ଭାରତୀୟ ବଜାରରେ ଦେଖାଯାଉଛି। ନିଫ୍ଟି ୨୦୦ ପଏଣ୍ଟରୁ ଅଧିକ ହ୍ରାସ ପରେ ଖୋଲିଥିଲା। ସେନସେକ୍ସ ୭୫୦ ପଏଣ୍ଟରୁ ଅଧିକ ହ୍ରାସ ପାଇଥିଲା। ବ୍ୟାଙ୍କିଂଙ୍କ୍ ୩୦୦ ପଏଣ୍ଟ, ଆଇଟି ୨୧୫ ପଏଣ୍ଟ ଏବଂ ଏଫଏମସିଜି ୩୦୦ ପଏଣ୍ଟରୁ ଅଧିକ ହ୍ରାସରେ କାରବାର କରିଥିଲା। ଟ୍ରମ୍ପ୍ ଟାରିଫ୍ ଦ୍ୱାରା ଆଇଟି, ଫାର୍ମା, ପିଏସୟୁ ବ୍ୟାଙ୍କ, ନିଫ୍ଟି ରିଅଲ୍ଟି ଏବଂ ଉପଭୋକ୍ତା କ୍ଷେତ୍ରକୁ ବଡ଼ ଧକ୍କା ଲାଗିଛି। ତେଲ ଏବଂ ଗ୍ୟାସ୍ କ୍ଷେତ୍ରରେ ସବୁଠାରୁ ବଡ଼ ହ୍ରାସ ଦେଖାଯାଉଛି। ନିଫ୍ଟି ତୈଳ ଏବଂ ଗ୍ୟାସ୍ କ୍ଷେତ୍ରରେ ୧.୫ ପ୍ରତିଶତ ହ୍ରାସ ପାଇଛି। ଏହା ପରେ, ଆଇଟି ଏବଂ ଫାର୍ମା କ୍ଷେତ୍ରଗୁଡ଼ିକ ୧ ପ୍ରତିଶତ ହ୍ରାସ ପାଇଛି। ରାତି ୯.୨୦ ସୁଦ୍ଧା, ବିଏସଇ ସେନସେକ୍ସ ୫୦୦ ପଏଣ୍ଟ ହ୍ରାସ ପାଇ ୮୧ ହଜାରରେ ପହଞ୍ଚିଥିଲା। ନିଫ୍ଟି ୧୬୦ ପଏଣ୍ଟ ହ୍ରାସ ପାଇ ୨୪୬୮୮ ରେ କାରବାର କରିଥିଲା। ବିଏସଇର ଶୀର୍ଷ ୩୦ଟି କମ୍ପାନୀ ମଧ୍ୟରୁ ୨୬ଟି କମ୍ପାନୀର ସେୟାର ହ୍ରାସ ପାଇଥିଲା। ଏଥିରେ ଟାଟା ମୋଟର୍ସ, ରିଲାଏନ୍ସ, ଏମ୍ ଆଣ୍ଡ୍ ଏମ୍ ଏବଂ ଭାରତୀ ଏୟାରଟେଲ୍ ଭଳି କମ୍ପାନୀର ସେୟାର ପ୍ରାୟ ୨ ପ୍ରତିଶତ ହ୍ରାସ ପାଇଥିଲା। ସେହି ସମୟରେ ୪ଟି କମ୍ପାନୀର ସେୟାର ବୃଦ୍ଧି ପାଇଥିଲା। ଏଥିରେ ଜମାଟୋ ମଧ ରହିଛି। ପ୍ରାରମ୍ଭିକ କାରବାର ସମୟରେ ବିଏସଇ ସ୍ମଲ୍ କ୍ୟାପ୍ ୪୦୦ ପଏଣ୍ଟରୁ ଅଧିକ ହ୍ରାସ ପାଇଲା। ସେହି ସମୟରେ, ନିଫ୍ଟି ସ୍ମଲ୍ କ୍ୟାପରେ ୬୦୦ ପଏଣ୍ଟର ହ୍ରାସ ଦେଖାଗଲା। ସେହି ସମୟରେ, ବିଏସଇ ମିଡ୍ କ୍ୟାପ୍ ୩୦୦ ପଏଣ୍ଟରୁ ଅଧିକ ହ୍ରାସ ପାଇଲା। ସ୍ମଲ୍ କ୍ୟାପ୍‌ରେ, ଫେଜ୍ ଥ୍ରୀ ଲିମିଟେଡ୍‌ର ସେୟାର ୧୦% ହ୍ରାସ ପାଇଥିଲା। ବିଏସଇରେ କାରବାର ହୋଇଥିବା ୩୦୮୫ ଷ୍ଟକ୍ ମଧ୍ୟରୁ ଆଜି ୮୮୭ ସେୟାର ଅଧିକ କାରବାର କରୁଥିବା ବେଳେ ୨,୦୩୩ ସେୟାର ହ୍ରାସ ପାଇଛି। ୧୬୫ ସେୟାର ଫ୍ଲାଟ୍ କାରବାର ହୋଇଥିବା ଦେଖାଯାଇଛି। ଏହା ବ୍ୟତୀତ ୫୧ ସେୟାର ୫୨ ସପ୍ତାହର ସର୍ବନିମ୍ନ ସ୍ତରରେ ପହଞ୍ଚିଛି। ବିଏସଇ ବଜାର ପୁଞ୍ଜିକରଣରେ ଏକ ବଡ଼ ହ୍ରାସ ଦେଖାଯାଇଛି। ଯାହାର ଅର୍ଥ ହେଉଛି ନିବେଶକଙ୍କ ମୂଲ୍ୟ ହ୍ରାସ ପାଇଛି। ଗୋଟିଏ ଦିନ ପୂର୍ବରୁ, ବିଏସଇ ବଜାର ପୁଞ୍ଜିକରଣ ୪୫୨.୨୯ ଲକ୍ଷ କୋଟି ଟଙ୍କା ଥିଲା। ଯାହା ଆଜି ପ୍ରାରମ୍ଭିକ କାରବାରରେ ପ୍ରାୟ ୩ ଲକ୍ଷ କୋଟି ଟଙ୍କା ହ୍ରାସ ପାଇ ୪୪୯.୫୬ ଲକ୍ଷ କୋଟି ଟଙ୍କାରେ ପହଞ୍ଚିଛି।



# ଖାଦ୍ୟ ପ୍ରକ୍ରିୟାକରଣରେ ୬୫୦୦ କୋଟି ନିବେଶ

ଭୁବନେଶ୍ୱର, ୩୧।୭: ଖାଦ୍ୟ ପ୍ରକ୍ରିୟାକରଣ କ୍ଷେତ୍ରର ପୁଞ୍ଜିନିବେଶ ହାସଲ କରିବାରେ ଓଡ଼ିଶା ବିଶେଷ ଅଗ୍ରଗତି ହାସଲ କରିଛି। କିଛି ବର୍ଷ ଭିତରେ ଏହି କ୍ଷେତ୍ରରେ ୬୫୦୦ କୋଟି ଟଙ୍କାରୁ ଅଧିକ ନିବେଶ କରିବା ଲାଗି ୪୦ରୁ ଅଧିକ କମ୍ପାନି ଘୋଷଣା କରିଛନ୍ତି। ସେମାନେ ଖାଦ୍ୟ ପ୍ରକ୍ରିୟାକରଣ କାରଖାନା, ପ୍ୟାକେଟ୍ ଖାଦ୍ୟ, ସିଫୁଡ୍, ଦୁଗ୍ଧଜାତ ସାମଗ୍ରୀ, ଚକୋଲେଟ୍, ପାନୀୟ ଏବଂ ପର୍ସନାଲ୍ କେୟାର ଉତ୍ପାଦ ଆଦି ଉତ୍ପାଦନ କରିବା ଲାଗି ଶିଳ୍ପ ସ୍ଥାପନ କରୁଥିବା ଇପିକଲ୍‌ର ପରିଚାଳନା ନିର୍ଦ୍ଦେଶକ ଭୁପେନ୍ଦ୍ର ସିଂହ ପୁନିଆ କହିଛନ୍ତି। 'ଇଟି'କୁ ଦେଇଥିବା ଏକ ସାକ୍ଷାତକାରରେ ସେ କହିଛନ୍ତି ଯେ ଆଇଟିସି, ବ୍ରିଟାନିଆ, ପାର୍ଲେ ଆଗ୍ରୋ, ଅନ୍‌ମୋଲ୍ ବିସ୍କୁଟ୍‌ସ, ଇଣ୍ଡୋ ନିସିନ୍ ଓ ନେସ୍‌ଲେ ଭଳି ଖ୍ୟାତନାମା କମ୍ପାନି ରାଜ୍ୟରେ କାରଖାନା ବସାଇଥିବା ବେଳେ ତାହାର ସମ୍ପ୍ରସାରଣ ମଧ କରୁଛନ୍ତି। ନୂଆ ଶିଳ୍ପ ପାର୍କ ଏବଂ ଉତ୍ସର୍ଗୀକୃତ ଭିତ୍ତିଭୂମି ଜରିଆରେ ଓଡ଼ିଶା କ୍ଲଷ୍ଟର ଆଧାରିତ ଶିଳ୍ପ ବିକାଶ ଉପରେ ଧ୍ୟାନ ଦେଉଛି। ବନ୍ଦର, ଲଜିଷ୍ଟିକ୍ସ ପାର୍କ ଓ ଦକ୍ଷତା ବିକାଶ ଆଦିର ସହଯୋଗରେ ଓଡ଼ିଶା ପୂର୍ବ ଭାରତର ଏଫ୍‌ଏମ୍‌ସିସି ଓ ପ୍ରକ୍ରିୟାକରଣ ଖାଦ୍ୟ ରପ୍ତାନି ହବ୍ ହେବାକୁ ଲକ୍ଷ୍ୟ ରଖିଥିବା ଶ୍ରୀ ପୁନିଆ କହିଛନ୍ତି। ନିବେଶକମାନଙ୍କ ଲାଗି ଓଡ଼ିଶା ଖାଦ୍ୟ ପ୍ରକ୍ରିୟାକରଣ ନୀତି ୨୦୨୨ରେ ସବ୍‌ସିଡି, ମାଲ ପରିବହନ ସହାୟତା ଭଳି ରହିଥିବା ବିଭିନ୍ନ ସୁବିଧାସୁଯୋଗ ଉପରେ ସେ ଆଲୋକପାତ କରିଛନ୍ତି। ଶିଳ୍ପର ଜମି ଆବଶ୍ୟକତା ପୂରଣ କରିବା ଲାଗି ରାଜ୍ୟରେ ୧.୫ ଲକ୍ଷ ଏକର୍‌ରୁ ଅଧିକ ଜମି ଚିହ୍ନଟ କରାଯାଇଛି।

# ବିଦେଶୀ ନାଗରିକ ପାଇଁ ରିଅଲ ଇଷ୍ଟେଟ ମାର୍କେଟ ଖୋଲିବ ସାଉଦି ଆରବ




ରିୟାଧ,୩୧।୭: ସାଉଦି ଆରବ ସରକାର ବିଦେଶୀ ନାଗରିକ ଏବଂ କମ୍ପାନୀଗୁଡ଼ିକ ପାଇଁ ନିଜ ରିଅଲ ଇଷ୍ଟେଟ ମାର୍କେଟ ଖୋଲିବାକୁ ନିଷ୍ପତ୍ତି ନେଇଛନ୍ତି। ନୂଆ ଆଇନ ୨୦୨୬ରୁ ଲାଗୁ ହେବ। ଏହା ଅନୁସାରେ, ବିଦେଶର ନିବେଶକ ରିୟାଧ, ଜେଦାହ ଏବଂ ଅନ୍ୟ ସ୍ଥାନରେ ସମ୍ପତ୍ତି କିଣିପାରିବେ। ଏହା ସାଉଦି ସରକାରଙ୍କ ୨୦୨୦ ଭିଜନର ଅଂଶ। ଏହାର ଉଦ୍ଦେଶ୍ୟ ତେଲ ଉପରୁ ନିର୍ଭରଶୀଳତା ହ୍ରାସ କରିବା ଏବଂ ଅର୍ଥବ୍ୟବସ୍ଥାରେ ବିବିଧତା ଆଣିବା। ଏବେର ନିୟମ ଅନୁସାରେ ଏସବୁ ଉପରେ ସାଉଦି ଆରବରେ କଟକଣା ରହିଛି। ସାଉଦି ଆରବ କ୍ୟାବିନେଟ ନିକଟରେ ଏହି ଆଇନକୁ ମଞ୍ଜୁରି ଦେଇଛି। ରିଅଲ ଇଷ୍ଟେଟରେ ସୁଧାର ଦିଗରେ ଏହା ଏକ ବଡ଼ ପଦକ୍ଷେପ ବୋଲି ସାଉଦି ହାଉସିଂ ମନ୍ତ୍ରୀ ମଜିଦ୍ ବିନ୍ ଅବଦୁଲ୍ଲା କହିଛନ୍ତି। ଏହି ଆଇନ ରିଅଲ ଇଷ୍ଟେଟରେ ନିବେଶ ବଢ଼ାଇବ ଏବଂ ସାଉଦି ସହରଗୁଡ଼ିକୁ ବୈଶ୍ୱିକ ନିବେଶକ କେନ୍ଦ୍ର ବନାଇବ ବୋଲି ସେ ପ୍ରକାଶ କରିଛନ୍ତି। ତେବେ ମକ୍କା, ମଦିନା ଭଳି ପବିତ୍ର ସହରରେ ପ୍ରପର୍ଟି କିଣିବା ଉପରେ କଟକଣା ରହିବ। କାରଣ ଏହାର ଧାର୍ମିକ ଏବଂ ସାଂସ୍କୃତିକ ମହତ୍ତ୍ୱ ରହିଛି। ଏହି ସହରଗୁଡ଼ିକରେ କେବଳ ମୁସଲମାନମାନେ ହିଁ କେତେକ ନିର୍ଦ୍ଦିଷ୍ଟ ସର୍ତ୍ତରେ ସମ୍ପତ୍ତି କ୍ରୟ କରିପାରିବେ। ସେହିପରି ବିଦେଶୀ ନିବେଶକ ସାଉଦି ଷ୍ଟକ୍ ଏକ୍ସଚେଞ୍ଜ ତଦାବୁଲରେ ତାଲିକାଭୁକ୍ତ ରିଅଲ ଇଷ୍ଟେଟ କମ୍ପାନୀଗୁଡ଼ିକରେ ୪୯% ପର୍ଯ୍ୟନ୍ତ ସେୟାର କିଣିପାରିବେ, ଯାହା ମକ୍କା ଓ ମଦିନାରେ ପ୍ରକଳ୍ପ ବିକଶିତ କରିଥାଏ। ରିଅଲ ଇଷ୍ଟେଟ ଜେନେରାଲ ଅଥରିଟି ୧୮୦ ଦିନ ଭିତରେ ସେହି ଜାଗା ଏବଂ ନିୟମର ତାଲିକା ଜାରି କରିବ, ଯେଉଁଠି ବିଦେଶୀ ନାଗରିକ ସମ୍ପତ୍ତି କିଣିପାରିବେ।

## ଆଜିର ପେଟ୍ରୋଲ, ଡିଜେଲ୍ ଦର

ଆଜି ଭୁବନେଶ୍ୱରରେ ପେଟ୍ରୋଲ ଦର ୧୦୧.୫୫ ପଇସା ରହିଥିବା ବେଳେ ଡିଜେଲ ଦାମ୍ ପ୍ରତି ଲିଟର ପିଛା ୯୩ . ୧୧ ପଇସା ରହିଛି। ଏପରିକି ଦେଶର ପ୍ରମୁଖ ସହରରେ ପେଟ୍ରୋଲ ଓ ଡିଜେଲ ଦର ସ୍ଥିର ରହିଛି। ତେବେ ଭୁବନେଶ୍ୱରରେ ବଢ଼ିଛି ପେଟ୍ରୋଲ-ଡିଜେଲ ଦାମ୍। ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୯୪ ଟଙ୍କା ୭୭ ପଇସା ଓ ଡିଜେଲ ଦର ୮୭ ଟଙ୍କା ୬୭ ପଇସା ହୋଇଛି। ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୧୦୩ ଟଙ୍କା ୫୦ ପଇସା ହୋଇଥିବା ବେଳେ ଡିଜେଲ ଲିଟର ପିଛା ୯୦.୦୩ ଟଙ୍କା ରହିଛି। ସେହିପରି କୋଲକାତାରେ ପେଟ୍ରୋଲ ଦର ୧୦୫ . ୪୧ ଟଙ୍କା ଥିବାବେଳେ ଡିଜେଲ ଦର ୯୨ ଟଙ୍କା ୦୨ ପଇସା ରହିଛି। ଚେନ୍ନାଇରେ ପେଟ୍ରୋଲ ଦର ୧୦୦ ଟଙ୍କା ୮୨ ପଇସା ଥିବା ବେଳେ ଡିଜେଲ ଦାମ ୯୨ ଟଙ୍କା ୪୦ ପଇସା ରହିଛି।



# ମାରୁତି ସୁଜୁକି 'ଏପିକ୍ ନ୍ୟୁ ସ୍ୱିଫ୍ଟ'ର ଇନ୍ଧନ ଦକ୍ଷତା ର୍‍ୟାଲି

ଭୁବନେଶ୍ୱର, ୩୧।୭: ମାରୁତି ସୁଜୁକି ଇଣ୍ଡିଆ ଲିମିଟେଡ୍ ପକ୍ଷରୁ ଏକ ଏପିକ୍ ନ୍ୟୁ ସ୍ୱିଫ୍ଟ ସହିତ ଇନ୍ଧନ ଦକ୍ଷତା ର୍‍ୟାଲି ଅନୁଷ୍ଠିତ ହୋଇଯାଇଛି। ଅତ୍ୟାଧୁନିକ ଜେଡ୍ ସିରିଜ୍ ଇଞ୍ଜିନ ଥିବା ନୂଆ ସ୍ୱିଫ୍ଟ ଲିଟର ପିଛା ୪୨.୬ କିମି ପର୍ଯ୍ୟନ୍ତର ଉତ୍କୃଷ୍ଟ ଇନ୍ଧନ ଦକ୍ଷତା ପ୍ରଦାନ କରିଛି। ସ୍ୱସ୍ତି ପ୍ରିମିୟମ୍ ହୋଟେଲ୍‌ରୁ ପତାକା ଦେଖାଇ ଏହି ୧୦୦ କିମି ବିଶିଷ୍ଟ ର୍‍ୟାଲି ଆରମ୍ଭ କରାଯାଇଥିଲା ଯାହା ପୁରୀର ତୋଷାଳୀ ସ୍ୟାଣ୍ଡ୍‌ସ ରିସୋର୍ଟରେ ଶେଷ ହୋଇଥିଲା। ୩୫ ଜଣ ଏପିକ୍ ନ୍ୟୁ ସ୍ୱିଫ୍ଟ ମାଲିକ ଏଥିରେ ଅଂଶଗ୍ରହଣ କରିଥିଲେ। ସର୍ବାଧିକ ଇନ୍ଧନ ଦକ୍ଷତା ହାସଲ କରିଥିବା ଶ୍ରେଷ୍ଠ ୫ ଅଂଶଗ୍ରହଣକାରୀଙ୍କୁ ୫୦୦୦ ଟଙ୍କା ଲେଖାଏଁର ଗିଫ୍ଟ କାର୍ଡ ଦିଆଯାଇଥିଲା। ମାରୁତି ସୁଜୁକି ସ୍ୱିଫ୍ଟର ୨୦ତମ ବାର୍ଷିକୀ ପାଳନ କରାଯାଉଥିବା ବେଳେ ସେଥିରେ ଅନେକ ପରିବର୍ତ୍ତନ କରାଯାଇଛି। ଏହାକୁ ସ୍ପୋର୍ଟି ଓ ଆକର୍ଷଣୀୟ ଡିଜାଇନ ପ୍ରଦାନ କରାଯାଇଥିବା ବେଳେ ନୂତନ ଯୁଗର ପ୍ୟାକେଜ୍ ଯୋଡ଼ାଯାଇଛି। ସ୍ୱିଫ୍ଟ ଏହାର ଚତୁର୍ଥ ପିଢ଼ି ଅବତାରରେ ନୂଆ ଷ୍ଟାଇଲ୍ ପ୍ରଦାନ କରୁଛି ଏବଂ ଏହାର ଜେଡ୍ ସିରିଜ୍ ଇଞ୍ଜିନ ସ୍ଥାୟୀ ଗମନାଗମନର ଏକ ନୂତନ ଯୁଗ ପାଇଁ ପ୍ରସ୍ତୁତ ରହିଛି।



## ଟ୍ରମ୍ପଙ୍କ ଶୁଳ୍କ ଆପଲର ଭାରତୀୟ ରପ୍ତାନୀକୁ ପ୍ରଭାବିତ କରିପାରିବ ନାହିଁ: ରିପୋର୍ଟ



ନୂଆଦିଲ୍ଲୀ, ୩୧।୭: ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ନୂଆ ଶୁଳ୍କ ଭାରତର ଆପଲ ପ୍ରଡକ୍ସନ ଉପରେ ସେତେଟା ପ୍ରଭାବ ପକାଇ ପାରିବ ନାହିଁ। ବରଂ ଓଲଟି ଆମେରିକାବାସୀଙ୍କ ଆପଲ ପ୍ରଡକ୍ଟ ଅଧିକ ମହଙ୍ଗା ହୋଇଯିବ। ଗ୍ରାହକ, ବିଶ୍ଳେଷକ ଏବଂ ଶିଳ୍ପ କାର୍ଯ୍ୟନିର୍ବାହୀଙ୍କ ଠାରୁ ପ୍ରତିକ୍ରିୟା ନେଇ ଏହି ରିପୋର୍ଟ ପ୍ରକାଶ କରିଛି ଇକୋନୋମିକ୍ସ ଟାଇମ୍ସ। ସବୁଠାରୁ ବଡ଼ କଥା ହେଲା ଆପଲ୍ ପ୍ରାୟତଃ କେବଳ ଆମେରିକା ବଜାରକୁ ସର୍ଭିସ ଦେବା ପାଇଁ ଭାରତରେ ଏହାର ରପ୍ତାନିକୁ ମଜଭୁତ କରୁଛି। ମାର୍ଚ୍ଚ ଏବଂ ମେ ମଧ୍ୟରେ ଭାରତରୁ ଫକ୍ସକନ୍ ଦ୍ୱାରା ରପ୍ତାନୀ ହୋଇଥିବା ପ୍ରାୟ ସମସ୍ତ $୩.୨ ବିଲିୟନ ମୂଲ୍ୟର ଆଇଫୋନ୍ ଆମେରିକାକୁ ଯାଇଛି। ଭାରତ ବର୍ତ୍ତମାନ ବିଶ୍ୱର ମୋଟ ଆଇଫୋନ ଉତ୍ପାଦନର ଏକ ପଞ୍ଚମାଂଶରୁ ଅଧିକ ଉତ୍ପାଦନ କରୁଛି। ଏବଂ ଆମେରିକା ବଜାରରେ ଆପଲ ପ୍ରଡକ୍ଟ ରପ୍ତାନୀ କରିବାରେ ଭାରତ ପଛରେ ପକାଇ ଦେଇଛି। ଟ୍ରମ୍ପ ପ୍ରଶାସନ ଏପ୍ରିଲ ମାସରେ ସ୍ମାର୍ଟଫୋନ, କମ୍ପ୍ୟୁଟର ଏବଂ ଅନ୍ୟାନ୍ୟ ଇଲେକ୍ଟ୍ରୋନିକ୍ସକୁ ଜବାବୀ ଶୁଳ୍କରୁ ମୁକ୍ତ କରିଥିଲେ, ଯାହା ଆପଲ୍ ଏବଂ ଏନଭିଡିଆ କର୍ପୋରେସନ ଭଳି କମ୍ପାନୀଗୁଡ଼ିକୁ ଏକ ବଡ଼ ଆଶ୍ୱସ୍ତି ଦେଇଥିଲା। ବର୍ତ୍ତମାନ ଆପଲ ଚୀନ ପ୍ଲସ ରଣନୀତିରେ ଚାଲୁଛି। ଅର୍ଥାତ୍ ପ୍ରଡକ୍ସନ ଏବଂ ସପ୍ଲାଏ ପାଇଁ କମ୍ପାନୀ କେବଳ ଚୀନ ଉପରେ ନିର୍ଭର ନ କରି ବିଭିନ୍ନ ଦେଶରେ ଉତ୍ପାଦନ ଓ ରପ୍ତାନୀ କାର୍ଯ୍ୟ ବଢ଼ାଉଛି। ତେଣୁ ଆପଲର ଏହା ଏକ ଦୂରଦର୍ଶୀ ଯୋଜନା ବୋଲି କମ୍ପାନୀ ସହ ଜଡ଼ିତ ଜଣେ ଅଧିକାରୀ ଇକୋନୋମିକ୍ସ ଟାଇମ୍ସକୁ କହିଛନ୍ତି। କାଉଣ୍ଟରପଏଣ୍ଟ ରିସର୍ଚ୍ଚ ଅନୁଯାୟୀ, ଏପ୍ରିଲରୁ ଜୁନ୍ ମଧ୍ୟରେ ଆମେରିକା ବଜାରରେ ବିକ୍ରି ହୋଇଥିବା ସମସ୍ତ ଆଇଫୋନ୍ ମଧ୍ୟରୁ ୭୧% ଭାରତରୁ ରପ୍ତାନୀ ହୋଇଛି। ଯାହା ଗତ ବର୍ଷ ୩୧% ଥିଲା। ବିଶ୍ଳେଷକମାନେ କହିଛନ୍ତି ଯେ ଟ୍ରମ୍ପଙ୍କ ନୂଆ ଶୁଳ୍କ ସତ୍ତ୍ୱେ, ଭାରତରେ ଆଇଫୋନ ଉତ୍ପାଦନ ତଥାପି କମ୍ ରହିବ। ୮ ବର୍ଷ ପୂର୍ବେ ଯେତେ ଖର୍ଚ୍ଚ ହେଉଥିଲା ତା' ଠାରୁ କମ ହେବ। ଫଳରେ ଚୀନ ସହିତ ଖର୍ଚ୍ଚ ବ୍ୟବଧାନ କମିବ। ତେଣୁ ଆପଲର ଭାରତ ପ୍ରଡକ୍ସନ ଉପରେ ଟ୍ରମ୍ପଙ୍କ ଶୁଳ୍କ ସେତେଟା ପ୍ରଭାବ ପକାଇ ନପାରେ। ସବୁଠାରୁ ବଡ଼ କଥା ହେଲା ଭାରତରେ ଆପଲ ନିର୍ମାଣ ପାଇଁ ଆବଶ୍ୟକୀୟ ସାମଗ୍ରୀଗୁଡ଼ିକର ଉପଲବ୍ଧତା ବଢ଼ୁଛି। ତା' ଛଡ଼ା ଭାରତ ସରକାର ପ୍ରୋତ୍ସାହନରାଶି ଯୋଗାଇ କମ୍ପାନୀକୁ ଏଥିରେ ସହଯୋଗ କରୁଛନ୍ତି। ସେହିପରି ଚୀନ ଠାରୁ ଭାରତରେ ଲେବର କଷ୍ଟ ମଧ କମ୍ ରହୁଛି। ତେଣୁ ଏତେ ସୁବିଧା ପାଉଥିବା ଆପଲ ଟ୍ରମ୍ପଙ୍କ ଶୁଳ୍କ ପାଇଁ ଭାରତକୁ ଅଣଦେଖା କରି ନପାରେ ବୋଲି ବିଶେଷଜ୍ଞମାନେ କହିଛନ୍ତି।

# ପ୍ରତିଭୂତି ନିଲାମରୁ ୧୫୦୦ କୋଟି

ଭୁବନେଶ୍ୱର, ୩୧।୭: ସରକାରୀ ପ୍ରତିଭୂତି ନିଲାମ କରି ରାଜ୍ୟ ସରକାର ୧୫୦୦ କୋଟି ଟଙ୍କା ସଂଗ୍ରହ କରିଛନ୍ତି। ଭାରତୀୟ ରିଜର୍ଭ ବ୍ୟାଙ୍କ ତଥ୍ୟ ଅନୁସାରେ ଦୁଇଟି ପର୍ଯ୍ୟାୟରେ ଏହି ନିଲାମ ହୋଇଥିଲା। ପାଞ୍ଚ ବର୍ଷିଆ ସୋଭରେନ୍ ଗଭର୍ଣ୍ଣମେଣ୍ଟ ସିକ୍ୟୁରିଟି (ଏସ୍‌ଜିଏସ୍) ୨୦୩୦ ଅଧୀନରେ ୫୦୦ କୋଟି ଟଙ୍କା ସଂଗ୍ରହ କରିବାକୁ ଉଦ୍ୟମ ହୋଇଥିଲା। ଏଥିପାଇଁ ୧୯୦୦ କୋଟି ଟଙ୍କାର ୧୨ଟି ପ୍ରତିଯୋଗିତାପୂର୍ଣ୍ଣ ବିଡ୍ ଆସିଥିଲା। ସେଥିରୁ ୪୯୯.୯୭ କୋଟି ଟଙ୍କାର ୩ଟି ବିଡ୍‌କୁ ଗ୍ରହଣ କରାଯାଇଥିଲା। ଅଣ ପ୍ରତିଯୋଗିତାପୂର୍ଣ୍ଣ ବର୍ଗରେ ଆସିଥିବା ୨୮ ଲକ୍ଷ ଟଙ୍କାର ଏକମାତ୍ର ବିଡ୍‌କୁ ମଧ ଗ୍ରହଣ

## ୫ ଓ ୨୫ ବର୍ଷିଆ ପ୍ରତିଭୂତି

କରାଯାଇଥିଲା। ଏହି ପ୍ରତିଭୂତିର ୟିଲ୍‌ଡ ୬.୪୯ ପ୍ରତିଶତ ରହିଛି। ସେହିପରି, ୨୫ ବର୍ଷିଆ ଏସ୍‌ଜିଏସ୍ ୨୦୫୦ ପାଇଁ ୨୩୫୪ କୋଟି ଟଙ୍କାର ୩୭ଟି ପ୍ରତିଯୋଗିତାପୂର୍ଣ୍ଣ ବିଡ୍ ଆସିଥିଲା। ସେଥିରୁ ୯୮୮.୪୯ କୋଟି ଟଙ୍କାର ୧୧ଟି ବିଡ୍‌କୁ ଗ୍ରହଣ କରାଯାଇଥିଲା। ଏହାର ୟିଲ୍‌ଡ ୭.୧୬ ପ୍ରତିଶତ ରହିଛି। ଏହି ବର୍ଗରେ ଆସିଥିବା ୧୧.୫୦ କୋଟି ଟଙ୍କାର ୪ଟି ଅଣ ପ୍ରତିଯୋଗିତାପୂର୍ଣ୍ଣ ବିଡ୍‌ରୁ ସମସ୍ତ ବିଡ୍‌କୁ ଗ୍ରହଣ କରାଯାଇଥିଲା। ଉଲ୍ଲେଖଯୋଗ୍ୟ, ସରକାରୀ ପ୍ରତିଭୂତି ହେଉଛି ଏକ ସୁରକ୍ଷିତ ନିବେଶ ବିକଳ୍ପ। ପାଣ୍ଠି ସଂଗ୍ରହ କରିବା ଲାଗି ରାଜ୍ୟ ସରକାରଗୁଡ଼ିକ ରିଜର୍ଭ ବ୍ୟାଙ୍କ ଜରିଆରେ ବିଭିନ୍ନ ଅବଧିର ପ୍ରତିଭୂତି ନିଲାମ କରିଥାନ୍ତି। ଷ୍ଟକ୍ ବଜାରର ଆଇପିଓରେ ଭାଗ ନେବା ଭଳି ପ୍ରତିଭୂତି ନିଲାମରେ ମଧ ନିବେଶକମାନେ ବିଡ୍ ଦାଖଲ କରି ଭାଗ ନେଇପାରିବେ। ସେଥିରେ ୟିଲ୍‌ଡ ଆକାରରେ ରିଟର୍ଣ୍ଣ ମିଳିଥାଏ। ଷ୍ଟକ୍ ବଜାର ତୁଳନାରେ ସରକାରୀ ପ୍ରତିଭୂତିରେ ନିବେଶ ଅଧିକ ସୁରକ୍ଷିତ। ସେଥିପାଇଁ ଏଥିରେ ମିଳୁଥିବା ରିଟର୍ଣ୍ଣ ଅପେକ୍ଷାକୃତ କମ୍ ରହିଥାଏ।

# ଭିସିଏଲ୍ ଇଣ୍ଡିଆ ଖୋଲିଲା କାର୍ଯ୍ୟାଳୟ

ଭୁବନେଶ୍ୱର, ୩୧।୭: ଭାଲ୍‌ଭ କମ୍ପିଟେନ୍ସି ଲକ୍ସେମ୍ବର୍ଗ (ଭିସିଏଲ୍) ଇଣ୍ଡିଆ ପ୍ରାଇଭେଟ୍ ଲିମିଟେଡ୍ ପକ୍ଷରୁ ଭୁବନେଶ୍ୱରରେ ନୂତନ କାର୍ଯ୍ୟାଳୟ ଖୋଲାଯାଇଛି। ଏହି ଅବସରରେ ଶିଳ୍ପ ବିଭାଗର ଅତିରିକ୍ତ ମୁଖ୍ୟ ସଚିବ ହେମନ୍ତ ଶର୍ମା, ଲକ୍ସେମ୍ବର୍ଗର ରାଷ୍ଟ୍ରଦୂତ ପେଗି ଫ୍ରାଣ୍ଟଜେନ୍, ଲକ୍ସେମ୍ବର୍ଗର କନ୍‌ସୁଲ୍ ରଜତ ଡାଲ୍‌ମିଆ, ଏସ୍‌ଏବି ଗ୍ରୁପ୍‌ର ସିଇଓ ତଥା ଭିସିଏଲ୍ ଏସ୍‌ଏର ଅଧ୍ୟକ୍ଷ ମାରିଓ କାର୍ଜ ଓ ପରିଚାଳନା ନିର୍ଦ୍ଦେଶକ ରାଇନର ଜିଲିକେନ୍ ଉପସ୍ଥିତ ଥିଲେ। ଏହି କାର୍ଯ୍ୟାଳୟ ଓଡ଼ିଶାରେ ବଢ଼ୁଥିବା ବିଶ୍ୱସ୍ତରୀୟ ବିନିର୍ମାଣ ନିବେଶର ଏକ ପ୍ରମାଣ ବୋଲି ଶ୍ରୀ ଶର୍ମା କହିଛନ୍ତି। ଭିସିଏଲ୍ ଇଣ୍ଡିଆ ଓଡ଼ିଶାର ବଢ଼ୁଥିବ ଆନୁଷଙ୍ଗିକ ଓ ଧାତବ ଆନୁଷଙ୍ଗିକ ବ୍ୟବସ୍ଥାରେ ସାମିଲ ହୋଇଛି। ଭିସିଏଲ୍ ଇଣ୍ଡିଆର ମୁଖ୍ୟ କାର୍ଯ୍ୟାଳୟ ଗୁରୁଗାଓଁରେ ରହିଛି। ଏହା ଶିଳ୍ପାନୁଷ୍ଠାନଗୁଡ଼ିକର ସ୍ମେଲଟରରେ ବ୍ୟବହାର ହେଉଥିବା ଗ୍ୟାସ୍ ଭାଲ୍‌ଭ ପାଇଁ ସ୍ପେୟାରପାର୍ଟସ୍ ଓ ସର୍ଭିସ୍ ପ୍ରଦାନ କରୁଛି। ଶିଳ୍ପାନୁଷ୍ଠାନଗୁଡ଼ିକୁ ତ୍ୱରିତ ସେବା ପ୍ରଦାନ କରିବା ଲାଗି ଏହାର ପୂର୍ବ ଓ ପଶ୍ଚିମ ଉପକୂଳରେ ସହଯୋଗୀ ୱାର୍କସପ୍‌ର ନେଟ୍‌ୱର୍କ ରହିଛି। କମ୍ପାନିର ଉତ୍ପାଦଗୁଡ଼ିକୁ ସିଓ୨ ନିର୍ଗମନ ହ୍ରାସ କରିବାରେ ସହାୟକ ହେଉଛି।

## ମାନପୁର ଓଭରବ୍ରିଜ ଏବେ ଲୋକଙ୍କ ପାଇଁ ମରଣଯନ୍ତା ପାଲଟିଯାଇଛି



**ଯାଜପୁର ରୋଡ଼, ୩୧।୭(ସଂଚାର ବ୍ୟୁରୋ):** ଯାଜପୁର ଜିଲ୍ଲାର କଳିଙ୍ଗନଗର ଶିଳ୍ପାଞ୍ଚଳ ସ୍ଥିତ ମାନପୁର ଓଭର ବ୍ରିଜ ଏବେ ଲୋକଙ୍କ ପାଇଁ ମରଣଯନ୍ତା ପାଲଟିଯାଇଛି। ପ୍ରତିଦିନ ଏଠାରେ କିଛି ନା କିଛି ଛୋଟ ବଡ଼ ଦୁର୍ଘଟଣା ଘଟୁଥିବା ଦେଖିବାକୁ ମିଳୁଛି। ବିଗତ ଦିନରେ ଜଟିଳ ଟ୍ରାଫିକ ସମସ୍ୟା କିଛି ଲୋକଙ୍କ ଜୀବନ ମଧ ନେଇସାରିଲାଣି। ରାସ୍ତାର ଅବସ୍ଥା ନକହିବା ଭଲ। ପ୍ରତିଦିନ ଏଠାରେ ଥିବା କଳ କାରଖାନାର କମ୍ପାନୀର ସହ ସହ ଭାରିଜାନ ଓ ବସ ଗୁଡିକ ଏହି ବ୍ରିଜ ଦେଇ ଯାତାୟାତ କରୁଥିବାରୁ ରାସ୍ତାର ଅବସ୍ଥା ଶୋଚନୀୟ ହୋଇପଡ଼ିଥିବା ଦେଖିବାକୁ ମିଳୁଛି। ପାର୍କିଙ୍ଗର ସୁବିଧା ନଥିବାରୁ ସହ ସହ ଗାଡି ଜିନ୍ଦଲ କମ୍ପାନୀର ସମ୍ମୁଖରେ ଛିଡା ହୋଇ ଯାତାୟାତରେ ବାଧା ସୃଷ୍ଟି କରୁଥିବା ଦେଖିବାକୁ ମିଳୁଛି। କମ୍ପାନୀ ଓ ପ୍ରଶାସନର ମିଳିଭଗତରେ ଏଠି ପେଷି ହେଉଛନ୍ତି ସାଧାରଣ ଜନତା। ଦାନଗଦି ଡୁବୁରୀ ରାସ୍ତାରେ ଅନେକ କମ୍ପାନୀ ଗଢିଉଠିଥିଲେ ମଧ ଏଠାରେ କୌଣସି ଆଲୋକୀକରଣର ବ୍ୟବସ୍ଥା ନଥିବାରୁ ରାତି ହେଲେ ଚୋରି ରାହାଜାନି ସହିତ ଅନେକ ପ୍ରକାର ଅନ୍ୟତିକ କାର୍ଯ୍ୟ ମଧ ହେଉଥିବା ଦେଖିବାକୁ ମିଳୁଛି। ପୋଲିସ ପ୍ରଶାସନ ଏକ ପ୍ରକାର ସ୍ଥାଣୁ ପାଲଟିଯାଇଥିବା ଦେଖିବାକୁ ମିଳୁଛି। ଏଥିସହିତ ଦ୍ୱତୀୟ ମାନପୁର ଓଭର ବ୍ରିଜ ଦୀର୍ଘ ଚାରି ବର୍ଷ ବିତିଯାଇଥିଲେ ମଧ ଏହାର କାର୍ଯ୍ୟ ସମ୍ପୂର୍ଣ ହୋଇ ପାରୁନଥିବାରୁ ସାଧାରଣ ଜନତା ଅସନ୍ତୋଷ ପ୍ରକାଶ କରୁଥିବା ଦେଖିବାକୁ ମିଳୁଛି। ଦାନଗଦି ଡୁବୁରୀ ପୂର୍ତ୍ତ ବିଭାଗ ରାସ୍ତା ସମ୍ପ୍ରସାରଣ ଖୁବ ଶୀଘ୍ର ସମାପନ କରିବା ପାଇଁ ମଧ ସାଧାରଣରେ ଦାବି ହେଉଛି। ବାରମ୍ବାର ଅଭିଯୋଗ କଲେ ମଧ ଏହା ଉପରେ କୌଣସି ପଦକ୍ଷପ ନିଆ ନଯିବାରୁ ଦାନଗଦି ବ୍ଲକ ବିଜେଡି ଦଳର ଏକ ଜନ ପ୍ରତିନିଧି ଟିମ ବିଭିନ୍ନ ଦାବି ନେଇ ଯାଜପୁର ଜିଲ୍ଲାପାଳଓ ଏସପିଙ୍କୁ ଭେଟି ଏକ ଦାବିପତ୍ର ପ୍ରଦାନ କରିଥିଲେ। ଏଥି ସହିତ କଳିଙ୍ଗନଗରରେ ଆଇନି ଶୃଙ୍ଖଳାର ବ୍ୟସ୍ତତା ଉପରେ ସୁଧାର ଆଣିବା ପାଇଁ ମଧ ଏସପିଙ୍କ ସହିତ ଆଲୋଚନା କରିଥିବା ଦେଖିବାକୁ ମିଳିଥିଲା। ଶ୍ରମିକ ନେତା ବିଦ୍ୟାଧର ମହାନ୍ତି ମଧ ଏହାକୁ ଦୃଢ଼ ନିନ୍ଦା କରିଥିବା ସହିତ ତୁରନ୍ତ କାର୍ଯ୍ୟକ୍ଷମ କରିବାକୁ ଦାବି କରିଛନ୍ତି।

## ସକାଳେ ଟେଣ୍ଡର ବିଜ୍ଞାପନ, ଅପରାହ୍ନରେ ଉଦ୍‌ଘାଟନ

● ଚର୍ଚ୍ଚାରେ ଆକାଂକ୍ଷା ହାଟ ଟେଣ୍ଡର

**ବଲାଙ୍ଗିର,୩୧।୭(ସଂଚାର ବ୍ୟୁରୋ):** ଜୁଲାଇ ୩୦ତାରିଖ ସଂଧାରେ କାର୍ଯ୍ୟକ୍ରମ, ସକାଳୁ ଖବର କାଗଜରେ ପ୍ରକାଶ ପାଉଛି କାର୍ଯ୍ୟକ୍ରମ ପାଇଁ ଟେଣ୍ଡର। କେବଳ ଏତିକି ନୁହେଁ ଉକ୍ତ ବିଜ୍ଞାପନରେ ୨୯ତାରିଖ ୧୧ଟା ସୁଦ୍ଧା ଟେଣ୍ଡର ଖୋଲାଯିବାର ତାରିଖ ରହିଥିବା ଉଲ୍ଲେଖ ରହିଛି। ଅନ୍ୟପଟେ ପଡ଼ିଆ ସଫା ସରିଛି, ଟେଣ୍ଟ ପୋତା ହୋଇ ଷ୍ଟଲ ନିର୍ମାଣ ବି ସରିଛି। ବିଦ୍ୟୁତ ସଂଯୋଗ, ସାଜସଜ୍ଜା ଏବଂ ଖାଇବା ବ୍ୟବସ୍ଥା ମଧ ଚୁଡାନ୍ତ ପର୍ଯ୍ୟାୟରେ ସରିଛି। ଏପରିକି ବୁଧବାର ଅପରାହ୍ନରେ କାର୍ଯ୍ୟକ୍ରମର ଶୁଭାରମ୍ଭ ହେବ ବୋଲି ନିମନ୍ତ୍ରଣ ମଧ ଦିଆଯାଇଛି। ହେଲେ ଆଶ୍ଚର୍ଯ୍ୟର ବିଷୟ, ବୁଧବାର ସକାଳୁ ଖବରକାଗଜରେ କାର୍ଯ୍ୟକ୍ରମ ପରିଚାଳନା ପାଇଁ ପଞ୍ଜିକୃତ ଟେଣ୍ଟ ହାଉସ/ ଏଜେନ୍ସି/ଇଭେଣ୍ଟ ସଂସ୍ଥାଠାରୁ ଟେଣ୍ଡର ଆହ୍ୱାନର ବିଜ୍ଞାପନ ପ୍ରକାଶ ପାଇଛି। ହେଲେ ନିୟମ ଅନୁଯାୟୀ ଏସବୁ ପୂର୍ବରୁ ପ୍ରକାଶ ପାଇବା କଥା। ମାତ୍ର ନିର୍ଦ୍ଧାରିତ ତାରିଖ ସରିବା ପରେ ୩୦ତାରିଖରେ ଏହି ବିଜ୍ଞାପନ ବାହାରିବାର ଅସଲ ଉଦ୍ଦେଶ୍ୟ କଣ ରହିଛି ବୋଲି ସାଧାରଣରେ ଚର୍ଚ୍ଚା ହେଉଛି। କେବଳ ଏତିକି ନୁହେଁ, ଯଦି ୨୯ତାରିଖରେ ମଧ ଟେଣ୍ଡର ଖୋଲାଯିଇଥିବ ଜଣେ ମାତ୍ର ୨୪ଘଣ୍ଟାରେ କିଭଳି ଏତେ ବଡ କାର୍ଯ୍ୟକ୍ରମର ଆୟୋଜନ କରିବ। ତେଣୁ ଟେଣ୍ଡର ବିଜ୍ଞାପନ କେବଳ ନାମକୁ ମାତ୍ର ଏହା ପଛରେ ସିଧାସଳଖ ଟେଣ୍ଡର ଫିକ୍ସିଂ ହୋଇଥିବା ଅଭିଯୋଗ ହୋଇଛି। ଏନେଇ ବିଭାଗୀୟ ଅଧିକାରୀଙ୍କ ପ୍ରତିକ୍ରିୟା ମିଳିପାରି ନାହିଁ।

### ଆକର୍ଷଣ ହରାଇଛି ହିଞ୍ଜିଳି ନେତାଜୀ ପାର୍କ

# ପଚା ପାଣିରେ ଭର୍ତ୍ତି ୱାଟର୍ ଫାଉଣ୍ଟେନ୍

● ଟୟ ଟ୍ରେନ ଓ ସିସିଟିଭି ଅଚଳ

● ଜଳୁନାହିଁ ରଙ୍ଗବେରଙ୍ଗ ଲାଇଟ୍




**ହିଞ୍ଜିଳିକାଟୁ,୩୧।୭(ସଂଚାର ବ୍ୟୁରୋ):** ହିଞ୍ଜିଳିକାଟୁ ସହରରେ ୨୦୨୧ ମସିହାରେ ୧ କୋଟି ୬୨ ଲକ୍ଷ ଟଙ୍କାରେ ନିର୍ମିତ ନେତାଜୀ ପ୍ରମୋଦ ଉଦ୍ୟାନ ଉଦଘାଟିତ ହୋଇଥିବା ବେଳେ ବର୍ତ୍ତମାନ ତାହା ରକ୍ଷଣାବେକ୍ଷଣ ଅଭାବରୁ ଧ୍ୱଂସ ହେବାକୁ ବସିଛି।ପାର୍କରେ ଲାଗିଥିବା ଗଛ ସବୁ ଶୁଖିଗଲାଣି, ଲାଗିଥିବା ରଙ୍ଗବେରଙ୍ଗର ଲାଇଟ୍ ଅଧିକାଂଶ ସ୍ଥାନରେ ଆଉ ଜଳୁ ନାହିଁ, ଲଗାଯାଇଥିବା ସିସିକ୍ୟାମେରା ବନ୍ଦ ହୋଇରହିଛି ଓ ଏବେ ଉପର ଚିକ୍କଣ ଭିତରେ ସବୁ ଭଙ୍ଗା ଦଦରା ଅବସ୍ଥାରେ ରହିଥିବା ଅଭିଯୋଗ ହେଉଛି ଓ ଦିନେ ଶିଶୁମାନଙ୍କ ଖେଳକୁଦ ଓ ପାଟିତୁଣ୍ଡରେ ଚଳଚଂଚଳ ହୋଇ ପଡୁଥିବା ଏହି ଉଦ୍ୟାନ ଏବେ ଖାଁ ଖାଁ ଲାଗୁଛି ଓ କଳଙ୍କି ଓ ପଚା ପାଣିରେ ଭର୍ତ୍ତି ୱାଟର୍ ଫାଉଣ୍ଟେନ୍ ଅଚଳ ହୋଇପଡ଼ିରହିଥିବା ବେଳେ ଲୋକେ ପାର୍କ ବୁଲି ୱାଟର ଫାଉଣ୍ଟେନ୍‌ର ସୌନ୍ଦର୍ଯ୍ୟ ଉପଭୋଗ କରିବେ କ'ଣ, ପଚା ଗନ୍ଧ ପାଇଁ ତା' ପାଖ ମାଡ଼ୁନାହାନ୍ତି। ଅନ୍ୟପକ୍ଷରେ ପରିସର ଭିତରେ ଥିବା ମୋ ହିଂଜିଳି କାଟୁ ' ସେଲ୍ଫି କର୍ଣ୍ଣର 'ର ଚାରିପାଖରେ ଗଛଗୁଡିକ ବଢି ଜଙ୍ଗଲରେ ପରିଣତ ହୋଇଗଲାଣି। ଉଦ୍ୟାନ ଭିତରେ ଶିଶୁ ମାନଙ୍କ ପାଇଁ ଲକ୍ଷ ଲକ୍ଷ ଟଙ୍କାରେ ଟୟ ଟ୍ରେନ କରାଯାଇଥିଲା କିନ୍ତୁ ରକ୍ଷଣାବେକ୍ଷଣା ଅଭାବରୁ ତାହା ବର୍ତ୍ତମାନ ଅଚଳ ହୋଇଯାଇଥିବା ବେଳେ ଶିଶୁ ମାନେ ନିରାଶ ହୋଇ ଫେରୁଛନ୍ତି। ପରିଚାଳନାଗତ ତ୍ରୁଟି ଏବଂ ରକ୍ଷଣାବେକ୍ଷଣ ଅଭାବରୁ ଶହ ଶହ ଟିକଟ ବିକ୍ରି ହେଉଥିବା ବେଳେ ବର୍ତ୍ତମାନ ଦିନକୁ ୫୦ ଟିକଟ ବିକ୍ରି ହେଉଛି। ପରିତ୍ୟକ୍ତ ଓ ସୌନ୍ଦର୍ଯ୍ୟହୀନ ହୋଇଯାଇଥିବା ବେଳେ ଅଧିକାଂଶ ଶିଶୁ ଓ ଅଭିଭାବକ ମାନେ ବୋଟିଂର ମଜା ନେବା ପାଇଁ ବି ଆସୁନାହାନ୍ତି ଓ ପାର୍କକୁ ଆସୁଥିବା ଲୋକମାନେ ସନ୍ଧ୍ୟା ପର୍ଯ୍ୟନ୍ତ ସୁରୁଖୁରୁରେ ପାର୍କରେ ବୁଲାବୁଲି କରୁଥିଲେ ମଧ ସନ୍ଧ୍ୟା ହେବା ମାତ୍ରେ ଆଉ ରହିବାକୁ ପସନ୍ଦ କରୁ ନାହାନ୍ତି। କାରଣ ପାର୍କରେ ଅଧିକାଂଶ ସ୍ଥାନରେ ଲାଇଟ୍ ଖରାଫ ହୋଇଥିବା ଯୋଗୁଁ ଅନ୍ଧାର ରହୁଥିବା ବେଳେ କିଛି ଅସାମାଜିକ ଲୋକ ଆଡ୍ଡା ଜମୁଛି ଓ ଏହାକୁ ଦୃଷ୍ଟି ଦେଇ ସିସିଟିଭି ସଂଯୋଗ କରାଯାଇଥିଲେ ମଧ ତାହା ବର୍ତ୍ତମାନ ଅଚଳ ଅବସ୍ଥାରେ ପଡ଼ିରହିଛି। ସରକାରୀ ଅର୍ଥ ବ୍ୟୟ କରାଯାଇ ଲୋକଙ୍କ ମନୋରଞ୍ଜନ ପାଇଁ ନିର୍ମାଣ ହୋଇଥିବା ପାର୍କକୁ ଆସିବାକୁ ଲୋକେ ହଇରାଣ ହେଉଥିବା ଅଭିଯୋଗ ହେଉଛି। ମାସ ମାସ ଧରି ଏଭଳି ଅବ୍ୟବସ୍ଥା ଦେଖିବାକୁ ମିଳିଥିଲେ ହେଁ ପୌର କର୍ତ୍ତୃପକ୍ଷ ଏହାର ରକ୍ଷଣାବେକ୍ଷଣ ନେଇ କୌଣସି ପଦକ୍ଷେପ ନେଉ ନ ଥିବା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି।

## ସାପ କାମୁଡ଼ାରେ ଦୁଇଜଣଙ୍କ ମୃତ୍ୟୁ

**କନ୍ଧମାଳ,୩୧।୭(ସଂଚାର ବ୍ୟୁରୋ):** ମଙ୍ଗଳବାର ରାତିରେ ସାପ କାମୁଡ଼ାରେ ଦୁଇ ଜଣଙ୍କ ମୃତ୍ୟୁ ହୋଇଥିବା ସୂଚନା ମିଳିଛି । ମୃତକ ମାନଙ୍କ ମଧ୍ୟରେ ଜଣେ ମହିଳା ଥିବା ବେଳେ ଜଣେ ପୁରୁଷ ହୋଇଥିବା ଜଣାପଡ଼ିଛି ଓ ସୂଚନା ଅନୁସାରେ ମଙ୍ଗଳବାର ରାତିରେ କନ୍ଧମାଳ ଜିଲ୍ଲା ଗୋଛାପଡା ଥାନା ପଲାବୃଡି ପଞ୍ଚାୟତ ଅଧୀନରେ ଥିବା ଶ୍ରୀଗୁଣି ଗାଁ ର ଲକ୍ଷ୍ମଣ ବିନ୍ଧାଣି ଓ ତାଙ୍କ ସ୍ତ୍ରୀ ଲିମା ବିନ୍ଧାଣି ତାଙ୍କ ଦୁଇ ପୁଅ ଙ୍କ ସହ ସୋଇଥିବା ସମୟରେ କୌଣସି ଏକ ବିଷାକ୍ତ ସାପ ଲିମା ଙ୍କ ମୁଣ୍ଡ କୁ ଚୋଟ ମାରିଥିଲା । ପରେ ତାଙ୍କୁ ପରିବାର ଲୋକ ପ୍ରଥମେ ଗୋଛାପଡା ପ୍ରାଥମିକ ଚିକିତ୍ସା କେନ୍ଦ୍ର କୁ ନେଇଥିଲେ ପରେ ଲିମା ଙ୍କ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ଫୁଲବାଣୀ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ କୁ ଅଣାଯାଇଥିଲା। ମେଡିକାଲ ରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଘଟଣା ସମ୍ପର୍କ ରେ ଖବର ପାଇ ଗୋଛାପଡା ପୋଲିସ ମେଡିକାଲ ରେ ପହଂଚି ଶବ ଜବତ କରିବା ସହ ତଦନ୍ତ ଆରମ୍ଭ କରିଛି । ସେହିପରି ଜିଲ୍ଲାର ଖଜୁରୀପଡା ଥାନା ନୂଆଗାଁ ପଞ୍ଚାୟତ ଅଧୀନରେ ଥିବା ଖଲିବେଣା ଗାଁ ର ବାବୁଲା ହଂସ ଙ୍କ ପୁଅ ମାନସ ହଂସ (୩୨) ନିଜ ଘରେ ସୋଇଥିବା ସମୟରେ ଏକ ବିଷାକ୍ତ ସାପ ତାଙ୍କୁ କାମୁଡି ଦେଇଥିଲା ପରେ ପରିବାର ଲୋକେ ତାଙ୍କୁ ଚିକିତ୍ସା ପାଇଁ ଫୁଲବାଣୀ ମେଡିକାଲ କୁ ଆଣିଥିଲେ । ତେବେ ଚିକିତ୍ସା ଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିବା ସୂଚନା ମିଳିଛି ଓ ମେଡିକାଲ ରେ ଖରୁରୀପଡା ପିଲିସ ପହଂଚି ଘଟଣାର ତଦନ୍ତ ଆରମ୍ଭ କରିଛି ।

## ବିଲେଇପଦାର 'ଜ୍ଞାନ ବିଜ୍ଞାନମେଳା' ଅନୁଷ୍ଠିତ



**ଯୋଡ଼ା,୩୧।୭(ସଂଚାର ବ୍ୟୁରୋ):** ଗୁରୁବାର ସ. ଶି. ବି.ମ ବିଲେଇପଦାର "ଜ୍ଞାନ ବିଜ୍ଞାନମେଳା" ଯଥାରୀତି ଅନୁଷ୍ଠିତ ହୋଇଯାଇଅଛି। ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଶ୍ରୀଯୁକ୍ତ କେଶବ ଚନ୍ଦ୍ର ସା ( ସିଆରସି ବିରିକଳା ତଥା ପ୍ରଧାନ ଶିକ୍ଷକ, ବିଲେଇ ପଦା ୟୁଜିମଇ ବିଦ୍ୟାଳୟ) ଯୋଗଦାନ କରି ଦୀପ ପ୍ରଜ୍ୱଳନ କରିବା ପୂର୍ବକ ବିଜ୍ଞାନ ମେଳାକୁ ଉଦ୍‌ଘାଟନ କରିଥିଲେ। ମାର୍ଗଦର୍ଶନ ପୂର୍ବକ ଶିଶୁଙ୍କୁ ବୈଜ୍ଞାନିକ ମନୋବୃତ୍ତି ସଂପନ୍ନ ହେବା ପାଇଁ ଦିଗ୍ ଦର୍ଶନ ପ୍ରଦାନ କରିଥିଲେ। ସେହିପରି ବିଚାରକ ଭାବେ ଶ୍ରୀଯୁକ୍ତ ଲମ୍ବୋଦର ବିରୁଆ (ବିଜ୍ଞାନ ଶିକ୍ଷକ, ହିନ୍ଦୀ ସ୍କୁଲ, ଯୋଡ଼ା) ଶ୍ରୀଯୁକ୍ତ ସମ୍ବିତ କୁମାର ସାହୁ (ବିଜ୍ଞାନ ଶିକ୍ଷକ, ବିଲଇପଦା ୟୁଜିମଇ ବିଦ୍ୟାଳୟ) ଏବଂ ଶ୍ରୀମତୀ ଶୁଭଶ୍ରୀ ଭୂୟାଁ (ଶିକ୍ଷୟିତ୍ରୀ, ବିଲେଇପଦା ୟୁଜିମଇ ବିଦ୍ୟାଳୟ) ଯୋଗଦାନ କରି ପ୍ରକଳ୍ପ ମୂଲ୍ୟାଙ୍କନ କରିଥିଲେ। ବିଜ୍ଞାନ ମେଳାରେ ଶିଶୁ, ବାଲ୍ କିଶୋର ବର୍ଗର ଶିଶୁ ମାନଙ୍କ ଦ୍ୱାରା ମୋଟ ୮୦ ଟି ପ୍ରକଳ୍ପ ପ୍ରଦର୍ଶନ କରାଯାଇଥିଲା। ଶେଷରେ କୃତୀ ପ୍ରତିଯୋଗୀ ମାନଙ୍କୁ ପୁରସ୍କୃତ କରାଯାଇ କାର୍ଯ୍ୟକ୍ରମର ଉଦଯାପନ ହୋଇଥିଲା। କାର୍ଯ୍ୟକ୍ରମରେ ବିଦ୍ୟାଳୟର ପ୍ରଧାନ ଗୁରୁମା ଶ୍ରୀମତୀ ଲୀନା ମଲ୍ଲ ଅତିଥି ପରିଚୟ ପ୍ରଦାନ କରିବା ବେଳେ ବିଦ୍ୟାଳୟର ବରିଷ୍ଠ ବିଜ୍ଞାନ ଆଚାର୍ଯ୍ୟ ଶ୍ରୀଯୁକ୍ତ ପରେଶ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ସେଣ୍ଟ୍ରାଲ ଚର୍ଚ୍ଚ କମିଟିର ବାର୍ଷିକ ସଭା

**ବଲାଙ୍ଗିର,୩୧।୭(ସଂଚାର ବ୍ୟୁରୋ):** କେନ୍ଦ୍ର ଉପାସନାଳୟ ସ୍ଥିତ ଲାଇବ୍ରେରୀ ହଲ୍ ଠାରେ ସେଣ୍ଟ୍ରାଲ ଚର୍ଚ୍ଚ କମିଟିର ବାର୍ଷିକ ସଭା ଆ. ନିମୁଏଲ ନାଗଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ବିଦାୟୀ ସମ୍ପାଦକ କୁଳଦୀପ ବାଗ ଓ କୋଷାଧକ୍ଷ ପ୍ରଫୁଲ୍ଲ ବାରିକ ବିଗତ ଦିନର କାର୍ଯ୍ୟର ବିବରଣୀ ଉପସ୍ଥାପନ କରିଥିଲେ। ଉପସ୍ଥିତ ସଭ୍ୟ ସଭ୍ୟାମାନେ ଆଗାମୀ ସମୟରେ ସମାଜ ଓ ମଣ୍ଡଳୀର ଅଭିବୃଦ୍ଧି ନିମନ୍ତେ ଉନ୍ନତିମୂଳକ କାର୍ଯ୍ୟକ୍ରମ ସମ୍ପର୍କରେ ବିଷଦ ଆଲୋଚନା କରି ସିଦ୍ଧାନ୍ତ ଗ୍ରହଣ କରିଥିଲେ। ଚଳିତ ବର୍ଷ ନିମନ୍ତେ ସଚ୍ଚିଦାନନ୍ଦ ହନୁମାନ ସମ୍ପାଦକ ଓ ହୁସେନ ନାଗ କୋଷାଧକ୍ଷ ରୂପେ ନିର୍ବାଚିତ ହୋଇଥିଲେ। ସଭା ଶେଷରେ ସମ୍ପାଦକ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ସଭାରେ ସେଣ୍ଟ୍ରାଲ ଚର୍ଚ୍ଚ କମିଟିର ସମସ୍ତ ପାଳକ ଓ ମଣ୍ଡଳୀ ତଥା ପାଷ୍ଟୋରେଟ ଗୁଡିକର କର୍ମକର୍ତାମାନେ ଉପସ୍ଥିତ ଥିଲେ।

## ଘରେ କେହି ନ ଥିବା ବେଳେ କଳା କନା ବୁଲାଇଲେ ଚୋର

**ଯୋଡ଼ା,୩୧।୭(ସଂଚାର ବ୍ୟୁରୋ):** କେନ୍ଦୁଝର ଜିଲ୍ଲା ଯୋଡା ସହର ସ୍ଥିତ କୁନ୍ଦୁରୁନାଲା ବସ୍ତିର ଅଜୟ କୁମାର ବେହେରାଙ୍କ ଘରୁ ବୁଧବାର ବିଳମ୍ବିତ ରାତିରେ ଚୋର ପଶି କଳାକନା ବୁଲାଇଛନ୍ତି । ଘରେ ଥିବା ସୁନା ଓ ଏକ ଲକ୍ଷ ଟଙ୍କା ନଗଦ ଚୋରି ହୋଇ ଯାଇଥିବା ଥାନାରେ ଅଭିଯୋଗ ହୋଇଛି। ପୋଲିସ ଖବର ପାଇ ଘଟଣାର ତଦନ୍ତ ଆରମ୍ଭ କରିଛି । ଯୋଡା ସହରରେ ପୋଲିସ ପେଟ୍ରୋଲିଂ ଅଭାବରୁ ଦିନ କୁ ଦିନ ଚୋରୀ,ଡକାୟତି,ବୃଦ୍ଧି ପାଇବାରେ ଲାଗିଛି । ବାହାର ରାଜ୍ୟରୁ ଦୁର୍ବୃତ୍ତ ମାନେ ଏବେ ଖଣି ଅଞ୍ଚଳରେ ବିଭିନ୍ନ ଅପରାଧ କାର୍ଯ୍ୟରେ କାୟା ବିସ୍ତାର କରୁଛନ୍ତି । ଏଥିପ୍ରତି ପୋଲିସ ଗୁରୁତ୍ୱ ନ ଦେଲେ ଆଗାମୀ ଦିନରେ ଚୋର ମାନେ ସହରରେ ଆହୁରି ସକ୍ରିୟ ହୋଇ କାର୍ଯ୍ୟ କରିବେ।

## ବିଧାୟିକାଙ୍କୁ ଭେଟି ବିଦ୍ୟାଳୟ ସମସ୍ୟା ଜଣାଇଲେ କମିଟି ସଭ୍ୟସଭ୍ୟା



**ଦଶରଥପୁର,୩୧।୭ (ସଂଚାର ବ୍ୟୁରୋ):** ଦଶରଥପୁର ବ୍ଲକ କୟାଁ ପଞ୍ଚାୟତସ୍ତ ଦୁବକଣ ନୋଡାଲ ଉ.ପ୍ରା ବିଦ୍ୟାଳୟରେ ଶିଶୁବାଟିକା ଶ୍ରେଣୀ ଠାରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ପ୍ରାୟ ୧୪୦ ରୁ ଉର୍ଦ୍ଧ୍ୱ ଛାତ୍ର ଛାତ୍ରୀ ଅଧ୍ୟୟନ କରୁଛନ୍ତି। ମାତ୍ର ଛାତ୍ର ଛାତ୍ରୀ ମାନଙ୍କ ଅଧ୍ୟୟନ ନିମନ୍ତେ ଶ୍ରେଣୀ ଗୃହର ଘୋର ଅଭାବ ରହିଥିବା ବେଳେ ୯ ଟି ଶ୍ରେଣୀ ପାଇଁ ମାତ୍ର ୪ ଟି ଶ୍ରେଣୀ ଗୃହ ରହିଥିବା ବେଳେ ସେଥି ମଧରୁ ଗୋଟିଏ ଶ୍ରେଣୀ ଗୃହରେ ନିଜାମପୁର ପଞ୍ଚାୟତ ଆମ୍ବଖିଆ ୱାର୍ଡର ଅଙ୍ଗନବାଡି ସେଣ୍ଟର ଚାଲୁଛି। ଯାହା ଫଳରେ ୯ ଟି ଶ୍ରେଣୀ ପାଇଁ ମାତ୍ର ୩ ଟି ଶ୍ରେଣୀ ଗୃହରେ ଛାତ୍ର ଛାତ୍ରୀ ମାନେ ଅଧ୍ୟୟନ କରିବା ପାଇଁ ନାହିଁ ନଥିବା ଅସୁବିଧାରେ ସମ୍ମୁଖୀନ ହେଉଛନ୍ତି। ଏହି ପରିପ୍ରେକ୍ଷୀରେ ଆଜି ଅପରାହ୍ନରେ ଦୁବକଣ ନୋଡାଲ ଉ.ପ୍ରା ବିଦ୍ୟାଳୟର ପ୍ରଧାନ ଶିକ୍ଷକ କିସୁନ ଟୁଡୁ, ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ଜୟପ୍ରକାଶ ନାୟକ, ବିଦ୍ୟାଳୟ ପରିଚାଳନା କମିଟିର ସଭ୍ୟ ପ୍ରଭାତ କୁମାର ନାୟକ, ସଭ୍ୟା ରଶ୍ମିତା ସାହୁ, ବର୍ଷାରାଣୀ ପାଣ୍ଡବ, ମିନତି ଯେନା, ମାନସୀ ଯେନା, ଅଭିଭାବିକା ମାମିନା ଯେନା, ଗ୍ରାମବାସୀ ସୁବ୍ରତ ଯେନା, ସୁବାସ ମଲ୍ଲିକ, ଲକ୍ଷ୍ମଣ ସେଠି, ବାପିନା ସାହୁ ପ୍ରମୁଖ ବିଂଝାରପୁର ବିଧାୟିକା ପ୍ରମିଳା ମଲ୍ଲିକଙ୍କୁ ତାଙ୍କ ମଙ୍ଗଳପୁର ସ୍ଥିତ ବାସ ଭବନରେ ଭେଟି ବିଦ୍ୟାଳୟରେ ଥିବା ଶ୍ରେଣୀ ଗୃହର ଅଭାବ ସମ୍ପର୍କରେ ଆଲୋଚନା କରିବା ସହ ବିଦ୍ୟାଳୟର ବିଭିନ୍ନ ସମସ୍ୟା ସମ୍ପର୍କରେ ଏକ ଲିଖିତ ଦାବିପତ୍ର ପ୍ରଦାନ କରିଥିଲେ।

## ଗ୍ରାମପଞ୍ଚାୟତ କାର୍ଯ୍ୟାଳୟରେ ଆମ ପୁଲିସ ସମିତି ବୈଠକ




**ବୈଶିଙ୍ଗା,୩୧।୭(ସଂଚାର ବ୍ୟୁରୋ):** ମୟୂରଭଞ୍ଜ ଜିଲାର ବୈଶିଙ୍ଗା ଥାନା ପୋଲିସ ପକ୍ଷରୁ ଆମ ପୋଲିସ ସମିତି ବୈଠକ ବୈଶିଙ୍ଗା ପୁଞ୍ଚାୟତ କାର୍ଯ୍ୟାଳୟରେ ସନ୍ଧ୍ୟା ପାଞ୍ଚ ଘଟିକା ସମୟରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ବହୁ ସଂଖ୍ୟକ ମହିଳାମାନଙ୍କ ଉପସ୍ଥିତିରେ ଥାନାଧିକାରୀ ବାରିଣୀ ଦାସ ମା ଓ ଭଉଣୀମାନଙ୍କୁ ଶିକ୍ଷିତ ହେବା ସହିତ ପିଲାମାନଙ୍କୁ ନିଶ୍ଚିତ ଭାବେ ସ୍କୁଲ ପଠାଇବା ଏବଂ କୁସଂସ୍କାର ଓ ଅନ୍ଧବିଶ୍ୱାସ କବଳରେ ନପଡ଼ିବା ପାଇଁ ଉପସ୍ଥିତ ଜନସାଧାରଣଙ୍କୁ ଅନୁରୋଧ କରିଥିଲେ। ବୈଠକରେ ଯୋଗଦେଇଥିବା ମହିଳା ମାନେ ସେମାନେ ସମ୍ମୁଖୀନ ହେଉଥିବା ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। ଅନ୍ଧବିଶ୍ୱାସର ବଶବର୍ତ୍ତୀ ହୋଇ ଗାଁ ଗହଳିରେ ଥିବା ଗୁଣିଆ ବା ତାନ୍ତ୍ରିକ ମାନଙ୍କ ସରଣ ନପଶି ଡାକ୍ତରଖାନା ଯାଇ ତୁରନ୍ତ ରୋଗୀଙ୍କ ଚିକିତ୍ସା ବ୍ୟବସ୍ଥା କରାଯିବାକୁ ପରାମର୍ଶ ଦେଇଥିଲେ। ବୈଠକରେ ଗଣମାଧ୍ୟମ ପ୍ରତିନିଧି ମାନଙ୍କ ସହ ବୈଶିଙ୍ଗା ପଞ୍ଚାୟତ ନାଏବ ସରପଞ୍ଚ, ଏସ ଆଇ ଅଶୋକ କୁମାର ପାତ୍ର, ଏ ଏସ ଆଇ ସୁବ୍ରତ ସାହୁ, ଏ ଏସ ଆଇ ସପନ କୁମାର ବିଶ୍ୱାଳ, ଏ ଏସ ଆଇ ସୁକାନ୍ତ କୁମାର ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## କୋଟପାଡ଼ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଅଲଟ୍ରାସାଉଣ୍ଡ ମେସିନ୍ ଉଦ୍‌ଘାଟିତ



**ବୋରିଗୁମ୍ମା/କୋଟପାଡ଼, ୩୧।୭(ସଂଚାର ବ୍ୟୁରୋ):** କୋଟପାଡ଼ ସ୍ଥିତ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ସ୍ଥାନୀୟ ବିଧାୟକ ରୁପୁ ଭତ୍ରାଙ୍କ ଦ୍ୱାରା ଅଲଟ୍ରାସାଉଣ୍ଡ ସେବା ଉଦଘାଟିତ ହୋଇଯାଇଛିନ୍ତୁ ଉଦଘାଟନୀ କାର୍ଯ୍ୟକ୍ରମରେ ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକାରୀ ସାରୋଦା ପ୍ରସାଦ ମୁନି ଓ ମେଡିକାଲ କର୍ମଚାରୀଙ୍କ ଉପସ୍ଥିତିରେ ନୂତନ ଅଲଟ୍ରାସାଉଣ୍ଡ ମେସିନକୁ ଶୁଭାରମ୍ଭ କରାଯାଇଥିଲା। ପୂର୍ବରୁ କୋଟପାଡ଼ ବାସିନ୍ଦା ଅଲଟ୍ରାସାଉଣ୍ଡ ପାଇଁ କୋରାପୁଟ, ନଚେତ ପଡୋଶୀ ରାଜ୍ୟ ଛତିଶଗଡ଼ ଉପରେ ନିର୍ଭର କରୁଥିଲେନ୍ତୁ ବର୍ତ୍ତମାନ କୋଟପାଡ଼ ସହରରେଏହି ବ୍ୟୟ ବହୁଳ ଅଲଟ୍ରାସାଉଣ୍ଡ ମେସିନର ସୁବିଧା ଉପଲବ୍ଧି ହୋଇଥିବାରୁ ସହର ବାସୀ ଖୁସି ପ୍ରକାଶ କରିଛନ୍ତି। କାର୍ଯ୍ୟକ୍ରମରେ ସାରୋଦା ପ୍ରସାଦ ମୁନୀ, ବିନାୟକ ଆଚାର୍ଯ୍ୟ, ପ୍ରଦୀପ ରଥ, ଶେଖର ଦାସ, କିଶୋର ଚନ୍ଦ୍ର ମିଶ୍ର, ଗିରିଶ ପାଢ଼ୀ, ଟେମରାଜ ମାଝୀ, ରାଜ ମହାନ୍ତି, କିଶୋର ମିଶ୍ର, ବିଶ୍ୱ ତ୍ରିପାଠୀ ଙ୍କ ସମେତ ସ୍ୱାସ୍ଥ୍ୟ କର୍ମଚାରି ନରସିଂହ ସାହୁ, ସମୀର ତ୍ରିପାଠୀ ଉପସ୍ଥିତ ଥିଲେ।

● ଦୟାନଦୀ ବିପଦ ସଂଙ୍କେତ ତଳେ

## ୩ଟି ଗ୍ରାମପଞ୍ଚାୟତ ଜଳାର୍ଣ୍ଣବ

**କଣାସ,୩୧।୭ (ସଂଚାର ବ୍ୟୁରୋ):** କଣାସ ବ୍ଲକରେ ପ୍ରବାହିତ ହେଉଥିବା ଦୟାନଦୀ ଓ ତାହାର ଶାଖା ନଦୀ ରାଜୁଆ ଓ ମକରା ନଦୀରେ ପ୍ରବାହିତ ହେଉଥିବା ବନ୍ୟାଜଳ ବିପଦ ସଂଙ୍କେତ ତଳେ ଥିବା ବେଳେ ୩ଟି ଗ୍ରାମପଞ୍ଚାୟତ ଦୋକନ୍ଦା, ବଡାସ, ଗଡ଼ବଳଭଦ୍ରପୁର ଗ୍ରାମପଞ୍ଚାୟତ ଦୋକନ୍ଦା, କଦଳୀଦଣ୍ଡା, ବାଲିପାଟଣା, ତରପଡ଼ା, ବଡାସ, ବୈଦ୍ୟନାଥପାଟଣା, କଖାରୁବସ୍ତ, ସବଳଙ୍ଗ, ଗଡ଼ବଳଭଦ୍ରପୁର, ଅଠରବାଟିଆ, ଗ୍ରାମର ଧାନଜମି ଉପରେ ବନ୍ୟାଜଳ ୫ଫୁଟ୍‌ରୁ ଉର୍ଦ୍ଧ୍ୱ ପ୍ରବାହିତ ହେଉଛି। ପ୍ରଥମ ବନ୍ୟାରେ ଉକ୍ତ ଗ୍ରାମପଞ୍ଚାୟତର ହେଉଥିବା ପରିବା ଫସଲ ପୋଟଳ, କଲରା, ବାଇଗଣ, ଭେଣ୍ଡି, ଲଙ୍କା, ଜହ୍ନି, କଖାରୁ, ପୋଇ ସବୁ ପଚି ନଷ୍ଟ ହୋଇଯାଇଥିଲା। କ୍ରମାଗତ ଭାବେ ୮ରୁ ୧୦ଦିନ ହେଲା ବନ୍ୟାଜଳ ପ୍ରବାହିତ ହେଉଥିବାରୁ ଗାଈଗୋରୁ ମାନେ ବାହାରକୁ ଚରିବାକୁ ଯାଇନପାରି ଗୁହାଳରେ ବନ୍ଧା ହୋଇରହିଛନ୍ତି। କଣାସଠାରେ ଦୟାନଦୀର ବିପଦ ସଂଙ୍କେତ ୩.୯୯ମିମି ଥିବା ବେଳେ ବର୍ତ୍ତମାନ ୩.୮୮ମିମି ଜଳ ପ୍ରବାହିତ ହେଉଛି।

## ଦୟନୀୟ ଅବସ୍ଥାରେ ଜୁନାଗଡ଼ ଭତ୍ରା ଡ୍ୟାମ

### ପାଣି ଅଭାବରେ ଚାଷୀ ହତାଶ



**କଳାହାଣ୍ଡି,୩୧।୭(ସଂଚାର ବ୍ୟୁରୋ):** କଳାହାଣ୍ଡି ଜିଲ୍ଲା ଜୁନାଗଡ଼ ବ୍ଲକର ବହୁ ପୁରୁଣା ଭତ୍ରାଡ୍ୟାମ ପ୍ରତି ରାଜ୍ୟ ସରକାରଙ୍କ ଦୃଷ୍ଟି ପଡୁ ନାହିଁ। ଏବେବି ଭତ୍ରା ଡ୍ୟାମ ନିଜର ପରିଚୟ ଖୋଜୁଛି। ୭୦ ବର୍ଷହେବ ଏହି ଡ୍ୟାମ ନିର୍ମାଣ ହେଲାଣି କିନ୍ତୁ ଥରେ ମଧ ପୁନରୁଦ୍ଧାର ହୋଇନାହିଁ। ଡ୍ୟାମ ରେ ୧୫ ଫୁଟ ମାଟି ପୋତିହେବା ଯୋଗୁଁ ଜଳ ଯୋଗାଣରେ ଅନେକ ଅସୁବିଧା ହେଉଛି। ଅଧିକ ଜମିରେ ଚାଷ ହେଉଥିବା ବେଳେ ପାଣି କମ ଯୋଗୁଁ ଚାଷୀ ମାନଙ୍କ ମଧରେ କ୍ଷୋଭ ପ୍ରକାଶ ପାଇଛି। ସୂଚନାରୁ ପ୍ରକାଶ ଯେ, ଜୁନାଗଡ଼ ବ୍ଲକ ବଙ୍କିତୁଳସିପାଲି ପଞ୍ଚାୟତର ରଣପୁର ଓ ଏକନାଗୁଡା, କଲେଇ ପଞ୍ଚାୟତର ନାମତୁଆଁ ଓ ଦାବ୍ରିଗୁଡା, ଦେଦର ପଞ୍ଚାୟତର ଗୋଲାମୁଣ୍ଡା ଓ ସୋରସମାଲ ଗ୍ରାମ ସମେତ ୩ଟି ପଞ୍ଚାୟତର ୩୦୦ ଏକରରୁ ଉର୍ଦ୍ଧ୍ୱ ଜମିରେ ଭତ୍ରାଡ୍ୟାମ ନିର୍ମାଣ ହୋଇଛି। ଡ୍ୟାମ ଦ୍ୱାରା ବର୍ତ୍ତମାନ ୧୭୧୩.୩୭ ହେକ୍ଟର ଜମିକୁ ପାଣି ଯୋଗାଇ ଦିଆଯାଉଛି। ଭତ୍ରା ଡ୍ୟାମ ଡାହାଣ ବ୍ୟାଙ୍କ ଦ୍ୱାରା ଦ୍ୱାରା ରଣପୁର, ବଙ୍କି ତୁଳସିପାଲି, କୁପାଗାଁ, କୃଷ୍ଣପୁର, ମାଲଗୁଣ୍ଡ, ମେରିଆବନ୍ଧଲି ଓ ଜୁନାଗଡ଼ ଅଞ୍ଚଳକୁ ପାଣି ଯୋଗାଇ ଦିଆଯାଏ। ସେହିଭଳି ଡ୍ୟାମର ଡାହାଣ ବ୍ୟାଙ୍କ ଦ୍ୱାରା ସାନ ଡେମେରବାହାଲ, କଲେଇ ଗାଁ, କୁଲିହାରୀ, ଚାରଭାଟି ଅଞ୍ଚଳକୁ ପାଣି ଯୋଗାଇ ଦିଆଯାଇଥାଏ। ଏ ଅଞ୍ଚଳର ଚାଷୀଙ୍କ ପାଇଁ ପାଣି ଯୋଗାଇଦେବା ନିମନ୍ତେ ଭତ୍ରାଡ୍ୟାମର କଳ୍ପନା ହୋଇଥିଲା ଓ ଘନ ଜଙ୍ଗଲର ପାଣି କୁ ଦଲମଜୋର ଜରିଆରେ ଆଣି ଭତ୍ରା ଡ୍ୟାମରେ ରଖା ଯାଉଥିଲା। ୧୯୫୨ ମସିହାରେ ମଧମ ଜଳସେଚନ ବିଭାଗ କ୍ଷୁଦ୍ର ଜଳ ସେଚନ ବିଭାଗକୁ ହସ୍ତାନ୍ତର ହୋଇଥିଲା। ୧୯୫୮ ମସିହାରେ ଡ୍ୟାମ ଓ କେନାଲ କାମ ଆରମ୍ଭହୋଇ ୧୯୬୩ ମସିହା ଜୁନ ମାସରେ ଏହି କାମ ଶେଷ ହୋଇଥିଲା। ଗତ ୨୦୦୧ ମସିହା ଜୁନ ମାସ ୧୨ ତାରିଖରେ କ୍ଷୁଦ୍ର ଜଳ ସେଚନ ବିଭାଗରୁ ଇନ୍ଦ୍ରାବତୀକୁ ହସ୍ତାନ୍ତର ହୋଇଥିଲା।ଏହି ଡ୍ୟାମ ଭୁବନେଶ୍ୱର ଡ୍ୟାମ ସେଫ୍ଟି ଅଧୀନରେ ଥିବା ଯୋଗୁଁ ପ୍ରତିବର୍ଷ ରାଜ୍ୟ ସରକାରଙ୍କୁ ପୁନରୁଦ୍ଧାର ପାଇଁ ରିପୋର୍ଟ ପ୍ରଦାନ କରାଯାଇଥାଏ। ବର୍ତ୍ତମାନ ବନ ବିଭାଗ ପକ୍ଷରୁ ପର୍ଯ୍ୟଟକଙ୍କ ମାନଙ୍କୁ ଆକୃଷ୍ଟ କରିବା ପାଇଁ ଭତ୍ରା ଡ୍ୟାମରେ ନୌକା ବିହାର ବ୍ୟବସ୍ଥା କରାଯାଇଛି। ପର୍ଯ୍ୟଟକଙ୍କ ଭିଡ଼ ମଧ ଦଖାଯାଉଛି। ଚାଷୀଙ୍କ ପାଇଁ ଭତ୍ରା ଡ୍ୟାମକୁ ପୁନରୁଦ୍ଧାର ନିମନ୍ତେ କୌଣସି ଆବେଗ ଦେଖାଉ ନ ଥିବା ନେଇ ଚାଷୀ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ଏନେଇ ଇନ୍ଦ୍ରାବତୀ କେନାଲ ଡିଭିଜନ ଅଧିକାରୀଙ୍କୁ ପଚାରିବାରୁ ସେ କହିଥିଲେ ଯେ ଆମେ ସରକାରଙ୍କୁ ଜଣାଇଛୁ।

## ସରକାରୀ ଜାଗା ଥାଇ କି ପାଇପ୍ ପକାଇବାକୁ ଗ୍ରାମ୍ୟ ରାସ୍ତା, ମୁଖ୍ୟ ରାସ୍ତା, କଂକ୍ରିଟ୍ ରାସ୍ତା ଖନନ



**କଣାସ, ୩୧।୭ (ସଂଚାର ବ୍ୟୁର):** କଣାସ ବ୍ଲକର ୨୮ଟି ଗ୍ରାମପଞ୍ଚାୟତର ୧୩୯ଟି ରାଜସ୍ୱ ଗ୍ରାମ ଓ ୧୦୮ଟି ପଡ଼ାଗ୍ରାମ ଏବଂ ସତ୍ୟବାଦୀ ବ୍ଲକର ୪ଟି ଗ୍ରାମପଞ୍ଚାୟତକୁ ପାନୀୟଜଳ ଯୋଗାଇଦେବା ପାଇଁ କଣାସ ବ୍ଲକ ଚୁପୁରିଙ୍ଗି ଗ୍ରାମପଞ୍ଚାୟତ ନିକଟରେ ଏକ ପାନୀୟଜଳ ମେଗା ପ୍ରକଳ୍ପ ୨୦୧୮ମସିହା ଠାରୁ ଆରମ୍ଭ ହୋଇଥିଲେ ମଧ୍ୟ ଅଦ୍ୟାବଧି କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇନାହିଁ। ପାଇପି ଯୋଗେ ପ୍ରତି ଗ୍ରାମ ଓ ବଜାରରେ ପିଇବା ପାଣି ଯୋଗାଇବା ପାଇଁ ରାସ୍ତାର ଦୁଇପାର୍ଶ୍ୱରେ ସରକାରୀ ଜମି ଥିଲେ ମଧ୍ୟ ତାହା ଖୋଳା ନ ଯାଇ ଗ୍ରାମ୍ୟ ରାସ୍ତାର ମଝିରେ ରାସ୍ତା ଖନନ କରାଯାଇ ପାଇପି ବିଛା ଯାଉଛି। ସେହିପରି ମୁଖ୍ୟରାସ୍ତା ମାନଙ୍କରେ ରାସ୍ତା କଡରେ ସରକାରୀ ଜମି ଥିଲେ ମଧ୍ୟ କଂକ୍ରିଟ୍ ରୋଡଗୁଡିକୁ ଖୋଳି ଦିଆଯାଉଛି। ପାଇପି ପକାଇ ଦିଆଯିବା ପରେ ମଧ୍ୟ ଖୋଳା ଯାଇଥିବା ରାସ୍ତା ମରାମତୀ ନ ହୋଇଥିବାରୁ ବାରମ୍ବାର ଦୁର୍ଘଟଣାମାନ ଘଟୁଛି। ଏ ସମ୍ପର୍କରେ ଗ୍ରାମ୍ୟ ଜଳ ଯୋଗାଣ ସହାକାରୀ ଯନ୍ତ୍ରୀ ରଞ୍ଜନ କୁମାର ସାମନ୍ତରାୟଙ୍କୁ ପଚାରିବାରୁ ସେ କୁହନ୍ତି ଖନନ କରାଯାଉଥିବା ରାସ୍ତା ଶୀଘ୍ର ମରାମତୀ କରାଯିବ।

## ୟୁଏଏସ୍‌କୁ ବୋରିଗୁମ୍ମା ମିଳିତ ଶିକ୍ଷକ ମଞ୍ଚର ବିରୋଧ



**ବୋରିଗୁମ୍ମା, ୩୧।୭ (ସଂଚାର ବ୍ୟୁର):** କୋରାପୁଟ ଜିଲ୍ଲା ବୋରିଗୁମ୍ମା ବ୍ଲକର ଶତାଧିକ ଶିକ୍ଷକ ଶିକ୍ଷୟିତ୍ରୀ ଏବଂ ବିଭିନ୍ନ ବର୍ଗର ଶିକ୍ଷକ ଶିକ୍ଷୟିତ୍ରୀ ଏକ ମିଳିତ ପ୍ରାଥମିକ ଶିକ୍ଷକ ମଞ୍ଚରେ ଏକତ୍ରିତ ହୋଇ ରାଜ୍ୟ ସରକାରଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ବୋରିଗୁମ୍ମା ଗୋଷ୍ଠୀ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ପରିସର ମଧରେ ଏକତ୍ରିତ ହୋଇ ସେମାନେ ମୁଖ୍ୟମନ୍ତ୍ରୀ, ଗଣଶିକ୍ଷା ମନ୍ତ୍ରୀ, ଗଣ ଶିକ୍ଷା ସଚିବ, ଜିଲ୍ଲାପାଳ କୋରାପୁଟ ଓ ଜିଲ୍ଲା ଶିକ୍ଷାଧାକାରୀଙ୍କ ଉଦ୍ଦେଶ୍ୟରେ ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ସଂଯୁକ୍ତା ପଣ୍ଡାଙ୍କ ଜରିଆରେ ୟୁନିଫାଇଡ଼ ସିଷ୍ଟମକୁ ସାମୁହିକ ବିରୋଧ ଉଦ୍ଦେଶ୍ୟରେ ଦାବି ପତ୍ର ପ୍ରଦାନ କରିଥିଲେ। ରାଜ୍ୟ ସରକାର ପ୍ରାଥମିକ ଶିକ୍ଷକଙ୍କ ମୌଳିକ ଦାବି ଗୁଡ଼ିକ ପୂରଣ ସହ ଉକ୍ତ ପୋର୍ଟାଲ ବ୍ୟବହାର ପୂର୍ବରୁ ବିଦ୍ୟାଳୟଗୁଡ଼ିକର ଭିତ୍ତିଭୂମି ସୁଦୃଢ଼ କରି ପରବର୍ତ୍ତୀ ପର୍ଯ୍ୟାୟରେ ଏହା ଲାଗୁ କରାଇଲେ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ସାଦରେ ଗ୍ରହଣ କରିବେ। ଅନ୍ୟଥା ରାଜ୍ୟ ସରକାରଙ୍କ ଏହି ମହତ ଉଦ୍ଦେଶ୍ୟ ମୂଲ୍ୟହୀନ ହୋଇଯିବ। ଏପରି କେତେକ ବିଦ୍ୟାଳୟ ଅଛି ଯେଉଁଠାରେ କି ୫ଟି ଶ୍ରେଣୀକୁ ଜଣେ ଶିକ୍ଷକଙ୍କ ଦ୍ୱାରା ମଧ ବିଦ୍ୟାଳୟ ପରିଚାଳିତ। ଦୁର୍ଗମ ଅଞ୍ଚଳରେ ନେଟୱାର୍କ ସମସ୍ୟା, ଶିଶୁ ବାଟିକା ଶ୍ରେଣୀ ଖୋଲି ଶିକ୍ଷକ ନିଯୁକ୍ତି ସହ ସେବିକା ନିଯୁକ୍ତି ନଦେଇ ଅତିରିକ୍ତ କାର୍ଯ୍ୟ ଭାର ପ୍ରଦାନ, ଏଥିସହ ଅଣ ଶିକ୍ଷା କାର୍ଯ୍ୟକ୍ରମରେ ଶିକ୍ଷକଙ୍କୁ ନିୟୋଜିତ କରାଇ ଶିକ୍ଷକଙ୍କୁ ମାନସିକ ନିର୍ଯ୍ୟାତନା ଦେଇ ପ୍ରାଥମିକ ଶିକ୍ଷକଙ୍କ ମର୍ଯ୍ୟାଦା ହାନୀ କରାଯାଉଛି। ଓଡ଼ିଶାର ପ୍ରାଥମିକ ଶିକ୍ଷକଙ୍କୁ ସର୍ବନିମ୍ନ ଗ୍ରେଡ଼ ପେହାରରେ ଦରମା ପ୍ରଦାନ କରାଯାଉଛି। ଯାହାକି, ଅତ୍ୟନ୍ତ ଦୁଃଖଦ ବିଷୟ ଅଟେ। ଉକ୍ତ ଦାବି ପତ୍ର ପ୍ରଦାନ ସମୟରେ ବୋରିଗୁମ୍ମା ଶିକ୍ଷକ ସଂଘ ସଭାପତି ମର୍ତ୍ତ୍ୟୁଞ୍ଜୟ ପଣ୍ଡା, ସଭାପତି ମହେନ୍ଦ୍ର ଶତପଥୀ, ଉପଦେଷ୍ଟା ଏନ. କାମେଶ୍ୱର ରାଓ, ଶିକ୍ଷକ ବିରେନ ଷୋଡଙ୍ଗୀ, ରମାକାନ୍ତ ମହାପାତ୍ର, ହରିହର ଶତପଥୀ, ଅନିଲ ଦେବତା, ସୁଶାନ୍ତ ନାୟକଙ୍କ ସମେତ ସମ୍ପାଦକ କିଶୋର ଚନ୍ଦ୍ର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।




# ସ୍ୱାସ୍ଥ୍ୟ

# ଆୟୁର୍ବେଦ ଉପଚାରରେ ଯକୃତ୍‌ର ସୁସ୍ଥତା



ପାଚନ କ୍ରିୟାରେ ଯକୃତ୍ ସାହାଯ୍ୟ କରିଥାଏ। ଖାଦ୍ୟକୁ ହଜମ କରିବା ସହ ଶରୀରରେ ପିତ୍ତ ସୃଷ୍ଟିକାରୀ ବିଷାକ୍ତ ପଦାର୍ଥକୁ ବାହାର କରିବା ଏହାର ମୁଖ୍ୟ କାର୍ଯ୍ୟ। ରକ୍ତ ଶର୍କରାକୁ ନିୟନ୍ତ୍ରଣ ରଖେ ଯକୃତ୍। ଆୟୁର୍ବେଦରେ ଏପରି ଅନେକ ଜଡ଼ିବୁଟି ରହିଛି, ଯାହା ଯକୃତ୍‌କୁ ସୁସ୍ଥ ରଖିବାରେ ସହାୟ ହୁଏ। ଭୂଇଁ ଅଁଳାରୁ ପ୍ରସ୍ତୁତ ଔଷଧ ଯକୃତ୍ ସଂକ୍ରମଣରୁ ସୁରକ୍ଷା ଦିଏ। ତେଣୁ ଯକୃତ୍ ରୋଗରେ ପୀଡ଼ିତ ବ୍ୟକ୍ତି ଡାକ୍ତରଙ୍କୁ ପରାମର୍ଶ ନେଇ ଭୂଇଁ ଅଁଳାରୁ ପ୍ରସ୍ତୁତ ଚୂର୍ଣ୍ଣ ବା ଔଷଧ କିମ୍ବା ଏଥିରୁ ପ୍ରସ୍ତୁତ ଜୁସ୍‌କୁ ସେବନ କରିବା ଉଚିତ। ଭୂଇଁ ଅଁଳା ରସ ୧୦ ମିଲି.କୁ ଅଧଚାମଚ ମହୁ ମିଶାଇ ସେବନ କଲେ ଯକୃତ୍ ସୁସ୍ଥ ଓ ସବଳ ରହିଥାଏ।

- କାକମାଚି ରସ ୧୦ ମିଲିକୁ ସାମାନ୍ୟ ମିଶିରି ଗୁଣ୍ଡ ମିଶାଇ ଦିନକୁ ଦୁଇବେଳା ସେବନ କଲେ ଯକୃତ୍‌ର କାର୍ଯ୍ୟକାରିତା ବୃଦ୍ଧି ପାଏ। ଚିକିତ୍ସକଙ୍କ ପରାମର୍ଶରେ ୧୦ ମିଲି. ଜଡ଼ାପତ୍ର ରସ ମଧ ସେବନ କଲେ ଯକୃତ୍ ପାଇଁ ହିତକର ହୋଇଥାଏ।
- ଗୁଳୁଚି, ଭୂଇଁ ଅଁଳା, ଜଡ଼ାଚେର, କାକମାଚି, କିସ୍‌ମିସ୍, ତେଜପତ୍ର ମିଳିତ ୧୦ଗ୍ରାମ୍ ୨୦୦ ମିଲି ପାଣିରେ ସିଝାଇ ଏକ ଚତୁର୍ଥାଂଶ ରଖି ଦିନକୁ ଦୁଇବେଳା ସେବନ କଲେ ହିତକର ହୋଇଥାଏ।
- ଜିରା, ଧଣିଆ, ପାନମହୁରୀ, ମେଥି, ଜୁଆଣି, ତାଳ ମିଶିରିକୁ ରାତିରେ ବତୁରାଇ ସକାଳେ ଛାଣି ପାନ କଲେ ହିତକର ହୋଇଥାଏ।
- ଆଖୁରସ, ପଇଡ଼ପାଣି, ମିଶିରି ପାଣି, ସାଲାଡ୍, ସିଝା ତରକାରି ଇତ୍ୟାଦି ନିୟମିତ ଭାବେ ଗ୍ରହଣ କଲେ ଉପକାର ମିଳିଥାଏ। ଅଁଳାରୁ ମିଳୁଥିବା ଫାୟଟୋ ନ୍ୟୁଟ୍ରିଏଣ୍ଟ ଯକୃତ୍‌ର କାର୍ଯ୍ୟକ୍ଷମତାକୁ ବୃଦ୍ଧି କରି କୋଷିକାକୁ ସୁସ୍ଥ ରଖେ। ତେଣୁ ନିର୍ଦ୍ଦିଷ୍ଟ ଅନୁପାତରେ କଞ୍ଚା ଅଁଳା, ଅଁଳା ଜୁସ୍, କ୍ୟାଣ୍ଡି, ଔଷଧ ଖାଇପାରିବେ। ଘିକୁଆଁରୀରୁ ମିଳୁଥିବା ପୋଷକତତ୍ତ୍ୱ ଏବଂ ଆଣ୍ଟିଅକ୍ସିଡାଣ୍ଟ ଯକୃତ୍ ସଂକ୍ରମଣରୁ ସୁରକ୍ଷା ପ୍ରଦାନ କରେ। ତେଣୁ ଡାକ୍ତରଙ୍କ ପରାମର୍ଶରେ ଘିକୁଆଁରୀ ଜୁସ୍ ସେବନ ଦ୍ୱାରା ନୀରୋଗ ରହିପାରିବ।

ପୌଷ୍ଟିକ ଖାଦ୍ୟ ଯଥା- ସବୁଜ ପନିପରିବା, ଶସ୍ୟ, ଫଳ, ଡାଲି, ମୂଳା, ଗାଜର, ଲାଉ ଖାଇବା ସହ ଦିନକୁ ୮ରୁ ୧୦ ଗ୍ଲାସ ପାଣି ପିଇବା ଉଚିତ। ନିୟମିତ ବ୍ୟାୟାମ ଓ ଯୋଗ, ପ୍ରାଣାୟମ କରିବା ଦ୍ୱାରା ଯକୃତ୍ କାର୍ଯ୍ୟକ୍ଷମତାରେ ସୁଧାର ଆସେ। ତେଲ, ଜଙ୍କ୍‌ଫୁଡ୍, ଲୁଣ, ଛଣାଛଣି, ଅଧିକ ମସଲାଯୁକ୍ତ ଖାଦ୍ୟ, ଫାଷ୍ଟଫୁଡ୍ ଆଦି କମ୍ ଖାଇବା ଉଚିତ।

# କେମୋଥେରାପିରେ କ'ଣ ଖାଇବା ଅନୁଚିତ

ଆମ ଶରୀରର ପ୍ରତ୍ୟେକ ଜୀବକୋଷ ଏକ ନିର୍ଦ୍ଦିଷ୍ଟ ସମୟରେ ବଢ଼େ। ମୃତ୍ୟୁବରଣ କରିଥାଏ। ମାତ୍ର ଶରୀର କୋଷ ଗୁଡ଼ିକର ଅନିୟନ୍ତ୍ରିତ ଅଭିବୃଦ୍ଧିକୁ କର୍କଟ କୁହାଯାଏ। ଦେଶରେ ଗତ କିଛି ବର୍ଷ ମଧ୍ୟରେ ଉଭୟ ପୁରୁଷ ଓ ମହିଳାଙ୍କ କ୍ଷେତ୍ରରେ ବିଭିନ୍ନ କର୍କଟ ଦେଖାଯାଉଛି। କର୍କଟ କୋଷକୁ ନଷ୍ଟ କରିବାକୁ କେମୋଥେରାପି ଦିଆଯାଏ। କର୍କଟ ଯଥା ଲିମ୍ଫୋମା/ରକ୍ତ କର୍କଟ/ଜର୍ମ ସେଲ୍ ଟ୍ୟୁମର୍ ଆଦିରୁ କେମୋଥେରାପି ଦ୍ୱାରା ଆରୋଗ୍ୟ ମିଳିଥାଏ। ତେବେ କେମୋଥେରାପି ନେଉଥିବ ବ୍ୟକ୍ତି କ'ଣ ଖାଇବା ଉଚିତ ବା ଅନୁଚିତ ଜାଣନ୍ତୁ। କେମୋଥେରାପି ନେଉଥିଲେ, କଞ୍ଚା କିମ୍ବା ଅଧାସିଝା ମାଂସ, ମାଛ ଆଦି ଖାଦ୍ୟ ଖାଆନ୍ତୁନି। ଏହାଦ୍ୱାରା ସଂକ୍ରମଣ ବୃଦ୍ଧିର ଅଧିକ ଆଶଙ୍କା ଥାଏ। ସେହିପରି ଭଲ ଭାବେ ସିଝା ହୋଇନଥିବା ଦୁଗ୍ଧ କିମ୍ବା ଦୁଗ୍ଧଜାତୀୟ ଖାଦ୍ୟ, ଜୁସ୍ ସେବନ କରନ୍ତୁନି। ଫଳ ଖାଇବାକୁ ଇଚ୍ଛାଥିଲେ, ମୋଟା ଚୋପା ଯୁକ୍ତ ଖଣ୍ଡ ଖଣ୍ଡ କରି ଖାଇପାରିବେ।

ଅଧିକ ତେଲ ମସଲା ଓ ପ୍ରୋସେସ୍ଡ୍ ଖାଦ୍ୟ ଖାଇବାକୁ ବାରଣ କରାଯାଇଥାଏ। ସେହିପରି ରାସ୍ତାକଡ଼ରେ ମିଳୁଥିବା ଖାଦ୍ୟ ଖାଆନ୍ତୁନି। ଏହାଦ୍ୱାରା ପେଟ ଜଳାପୋଡ଼ା ସହ ବାନ୍ତି ସମସ୍ୟା ହେବାର ଆଶଙ୍କା ଥାଏ। କେମୋଥେରାପି ନେଉଥିଲେ ମଦ୍ୟପାନ ଓ କଫି ପେୟରୁ ଦୂରେଇ ରୁହନ୍ତୁ। ଅନ୍ୟପଟେ ଭଲ ଭାବେ ସିଝିଥିବା ତଥା କମ୍ ତେଲ ମସଲା ଯୁକ୍ତ ମାଛ, ମାଂସ ଅଣ୍ଡା ଖାଇପାରିବେ। ଭଲଭାବେ ସିଝିଥିବା ଦୁଗ୍ଧଜାତୀୟ ଖାଦ୍ୟ ଖାଇବା ଉଚିତ। ପାଣି, ସୁପ ତଥା ହର୍ବାଲ ଚା' ପିଇପାରିବେ। ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, କେମୋଥେରାପି ନେବା ସମୟରେ ଭଲ ଭାବେ ହଜମ ହେଉଥିବା ଖାଦ୍ୟ ଖାଇବା ଦରକାର।



## କମ୍ ବୟସରୁ ବୟସ୍କ ଭିଟାମିନ୍ ବି-୧୨ ଅଭାବ

ଶରୀରରେ ଭିଟାମିନ୍ ବି-୧୨ର ଅଭାବ ହେଲେ ତ୍ୱଚା ରୁକ୍ଷା, ଶୁଷ୍କ ଲାଗିବା ସହ କମ୍ ବୟସରୁ ବୟସ୍କ ପରି ଦେଖାଯାଆନ୍ତି। ତେଣୁ ଭିଟାମିନ୍‌ବି-୧୨ ଅଭାବରୁ ଦେଖାଯାଉଥିବା ଲକ୍ଷଣ ଅଣଦେଖା କରିବା ଅନୁଚିତ। ବାୟୁ ପ୍ରଦୂଷଣ, ଅସମୟରେ ଖାଦ୍ୟପେୟ, ଅଧିକ ଜଙ୍କଫୁଡ୍, ଧୂଳି ମାଟି ପ୍ରଦୂଷଣର ପ୍ରଭାବ ସ୍ୱାସ୍ଥ୍ୟ ତଥା ତ୍ୱଚା ଉପରେ ପଡ଼ିଥାଏ। ନଖ ଭାଙ୍ଗିଯାଇଥାଏ। ଏହାଦ୍ୱାରା ଚର୍ମରୋଗ ହୋଇ କମ୍ ବୟସରେ ମଧ ଲୋକେ ବୟସ୍କ ପରି ଦେଖାଯା'ନ୍ତି। ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ମୁତାବକ ଭିଟାମିନ୍-ବି-୧୨ ଅଭାବରୁ ଏପରି ସମସ୍ୟା ଦେଖାଦିଏ। ତେଣୁ ଶରୀରରେ ଭିଟାମିନ୍ ବି-୧୨ ଅଭାବ ହେଲେ ଶରୀର ହାଲିଆ ଲାଗିବା ସହ ଶକ୍ତିହ୍ରାସ ହେବା ପରି ଲାଗିଥାଏ। ସ୍ନାୟୁପ୍ରଣାଳୀକୁ ମଜଭୁତ କରିବାରେ ଭିଟାମିନ୍ ବି-୧୨ର ଭୂମିକା ଅଧିକ। ଉଭୟ ଚର୍ମ ଏବଂ କେଶ ପାଇଁ ଏହା ବହୁତ ଜରୁରି ମଧ। ଏହି ଭିଟାମିନ୍ ଖାଇବା ଦ୍ୱାରା ଚର୍ମରେ ଚମକ ଆସିବା ସହ ଶୁଷ୍କତା ସମସ୍ୟା ଦୂର ହୁଏ। ତେଣୁ ଭିଟାମିନ୍ ବି-୧୨ ଅଭାବ ହେଲେ ଭୋକ ନ ଲାଗିବା, ଚର୍ମଶୁଷ୍କ ହୋଇ ହଳଦିଆ ପଡ଼ିବା, ମୁଣ୍ଡବିନ୍ଧା, କାନରେ କୌଣସି ଶବ୍ଦ ଶୁଭାଯିବା, ଚିଡ଼ିଚିଡ଼ାପଣ ହେବା, ଶରୀର କାଲୁଆ ଲାଗିବା, ଝିମ୍ ଝିମ୍ ଷଣ୍ଢଶଏ ମୁହଁରେ ଛାଲ ପଡ଼ିଯିବା, ଖାଇବାରେ ସ୍ୱାଦ ନ ଲାଗିବା ଆଦି ଲକ୍ଷଣ ଦେଖାଯାଏ। ତେଣୁ ଭିଟାମିନ୍-୧୨ ଅଭାବକୁ ଦୂର କରିବାକୁ ଡାଏଟ୍‌ରେ ଲାଲ୍ ମାଂସ, ସେଲମନ ମାଛ, ବାଦାମ, ଦୁଗ୍ଧ, ଦହି, ଛେନା, ଅଣ୍ଡା, ପିସ୍ତାବାଦାମ, ସବୁଜ ପନିପରିବା, ବିଭିନ୍ନ ପ୍ରକାର ପୌଷ୍ଟିକ ମଞ୍ଜି ଆଦି ସାମିଲ କରିବା ଜରୁରି। ନିୟମିତ ଏହି ଖାଦ୍ୟ ସେବନ ଦ୍ୱାରା ଅନେକ ସ୍ୱାସ୍ଥ୍ୟ ସମସ୍ୟା ଦୂର ହୋଇଥାଏ।



# ପରିସ୍ରା ଦୁର୍ଗନ୍ଧ ହେବାର କାରଣ

ଭିଟାମିନ୍ ହେଉ କି କୌଣସି ଔଷଧ ସେବନ କରିବା ପରେ ପରିସ୍ରାରୁ ଦୁର୍ଗନ୍ଧ ଆସିଥାଏ। ହେଲେ ବିନା କାରଣରେ ପରିସ୍ରାରୁ ଗନ୍ଧ ଆସିବା ସାମାନ୍ୟ କଥା ନୁହେଁ। ଯଦିଓ ପରିସ୍ରା ଜଣେ ବ୍ୟକ୍ତିର ଜୀବନଶୈଳୀ ଓ ଅଭ୍ୟାସ ବିଷୟରେ ସଙ୍କେତ ଦେଇଥାଏ, ସେହିପରି ପରିସ୍ରାର ରଙ୍ଗ ଏବଂ ଗନ୍ଧ ମଧ ସ୍ୱାସ୍ଥ୍ୟ ବିଷୟରେ ସଙ୍କେତ ଦେଇଥାଏ। ତେବେ କେଉଁ କାରଣରୁ ଗନ୍ଧଯୁକ୍ତ ପରିସ୍ରା ହୋଇଥାଏ ଜାଣି ରଖନ୍ତୁ। ପରିସ୍ରାରେ ଗନ୍ଧ ହେବାର କାରଣ ଭିଟାମିନ୍ ବି। ଏହାର ସପ୍ଲିମେଣ୍ଟ ହିଁ ରଙ୍ଗ ପରିବର୍ତ୍ତନ କରିଥାଏ। ସେହିପରି ମଧୁମେହ କାରଣରୁ ଶର୍କରା ସ୍ତର ବୃଦ୍ଧ ପାଇ ପରିସ୍ରାରୁ ଗନ୍ଧ ଆସିଥାଏ। ଏହି ଦୁର୍ଗନ୍ଧକୁ ମଧୁମେହ ଆରମ୍ଭର ସଙ୍କେତ ଭାବେ ଦେଖାଯାଏ। ଗର୍ଭଧାରଣ ସମୟରେ ଶରୀରର ହର୍ମୋନ୍ରେ ପରିବର୍ତ୍ତନ ହେଉଥିବାରୁ ଏଷ୍ଟ୍ରୋଜେନ୍ ଏବଂ ପ୍ରୋଜେଷ୍ଟେରୋନ କାରଣରୁ ପରିସ୍ରା ଦୁର୍ଗନ୍ଧ ହୋଇଥାଏ। ସେହିପରି ମୂତ୍ରାଶୟକୁ ପ୍ରଭାବିତ କରୁଥିବା ସମସ୍ୟା ମୂତ୍ର ଗନ୍ଧକୁ ପ୍ରଭାବିତ କରେ। ଅନେକ ସମୟରେ ଆନୁବଂଶିକ କାରଣରୁ ପରିସ୍ରା ଦୁର୍ଗନ୍ଧ ସମସ୍ୟା ସାରା ଜୀବନ ରହିଥାଏ। ପରିସ୍ରା ସଂକ୍ରମଣ, ଜଣ୍ଡିସ୍ ତଥା ଯକୃତ୍ ସଂକ୍ରମଣରୁ ପରିସ୍ରାରୁ ଦୁର୍ଗନ୍ଧ ଆସିଥାଏ। ତେଣୁ ପରିସ୍ରାରୁ ଗନ୍ଧ ଆସୁଥିବା ଦେଖିଲେ ଏହାକୁ ଅଣଦେଖା ନ କରି ତୁରନ୍ତ ଡାକ୍ତରଙ୍କ ପରାମର୍ଶ ନେଇ ଚିକିତ୍ସା ଆରମ୍ଭ କରନ୍ତୁ। ଅନେକ ସମୟରେ ଏହି ସମସ୍ୟାରୁ ଯକୃତ୍ ଅଚଳ ହେବା ପରି ମାମଲା ଦେଖିବାକୁ ମିଳେ।



# ବର୍ଷାଦିନେ ଝାଳ ଦୁର୍ଗନ୍ଧ ସମସ୍ୟା

ଅପର୍ଣ୍ଣା ନାୟକ

**ପ୍ରାୟତଃ ବର୍ଷା ଦିନେ ନାନାଦି ସ୍ୱାସ୍ଥ୍ୟ ସମସ୍ୟାକୁ ସାମ୍ନା କରିଥାନ୍ତି। ସେଥି ଭିତରୁ ଦେହର ଝାଳ ହେଉଛି ଅନ୍ୟତମ। ଝାଳ ମଧ ସ୍ୱାଭାବିକ ଭାବେ ମହିଳା ମାନଙ୍କୁ ଅସ୍ତବ୍ୟସ୍ତ କରିଦେଇଥାଏ। ତେଣୁ ଏହି ବର୍ଷା ଦିନେ ଝାଳ ସମସ୍ୟାକୁ ନେଇ କିଛି ଟିପ୍ସ୍।**

- ପ୍ରତିଦିନଲେମ୍ବୁରସମିଶ୍ରିତଜଳରେସ୍ନାନକରନ୍ତୁ।ସ୍ନାନପରେଗୋଟିଏମଗରେ ପାଣି ନେଇ, ଦୁଇ-ତିନି ବୁନ୍ଦା ଗୋଲାପ ଜଳ ମିଶାଇ ଦେହରେ ଢ଼ାଳନ୍ତୁ।
- ସ୍ନାନ ପରେ ହାଲୁକା ସୁଗନ୍ଧର ଟାଲକମ୍ ପାଉଡର ପକାନ୍ତୁ। ବାହାରକୁ ଯାଉଥିଲେ ଅତର ପକାଇପାରନ୍ତି। ପାଉଡର କିଣିବା କ୍ଷେତ୍ରରେ ଶରୀର ପାଇଁ ଉପଯୋଗୀ ସୁଗନ୍ଧପୂର୍ଣ୍ଣ ପାଉଡର ପସନ୍ଦ କରନ୍ତୁ।
- ହାତରୁ ଅଧିକ ଝାଳ ବାହାରୁଥିଲେ ଦୁଇ ଗ୍ଲାସ ପାଣିରେ ଏକ ଚାମଚ ଫିଟିକିରି ଗୁଣ୍ଡ ଗୋଳାଇ ଦିନରେ ଦୁଇ-ତିନି ଥର ହାତ ଧୁଅନ୍ତୁ।
- ପାଦରେ ବରଫ ଘଷିଲେ ଅଧିକ ଝାଳ ବୋହିବା ସମସ୍ୟା ଦୂର ହୁଏ। ପ୍ରତି ସପ୍ତାହରେ ପାଦରେ ମେହେନ୍ଦୀ କିମ୍ବା ମୁଲତାନି ମାଟି ବୋଳନ୍ତୁ।
- କେବେ ହେଲେ ହାତରେ ଝାଳ ପୋଛନ୍ତୁ ନାହିଁ। ସଫା ସୂତା କପଡ଼ା କିମ୍ବା ଟିସୁ ପେପର ବ୍ୟବହାର କରନ୍ତୁ। ପ୍ରତି ଦିନ ସଫା ଲୁଗା ପିନ୍ଧନ୍ତୁ।
- ବର୍ଷାଦିନେ ବାହାରେ ଆର୍ଦ୍ରତା ରହୁଥିବାରୁ ଅନେକ କମ ପାଣି ପିଇଥାନ୍ତି କିନ୍ତୁ ଖାଦ୍ୟ ତୁଳନା ଅନୁଯାୟୀ ନଖ ଉଷୁମ ପାଣି ପିଇବା ଶରୀର ପାଇଁ ଖୁବ ଭଲ।
- ଝାଳଜନିତ ସମସ୍ୟା ପାଇଁ ଆଜିକାଲି ଅନେକ ମନଇଛା ବା ସୋସିଆଲ ମିଡ଼ିଆରୁ ଦେଖି କ୍ରିମ ବା ପାଉଡର ବ୍ୟବହାର କରୁଛନ୍ତି। ଏ କ୍ଷେତ୍ରରେ ଚର୍ମ ଓ ସୌନ୍ଦର୍ଯ୍ୟ ବିଶେଷଜ୍ଞଙ୍କ ପରାମର୍ଶ ନେବା ଜରୁରୀ।
- ସେମିତିରେ କହିଲେ ଦେହରୁ ଝାଳ ବୋହିବା ଏକ ଶାରୀରିକ ପ୍ରକ୍ରିୟା। ଏହାକୁ ନେଇ ସେପରି ବ୍ୟସ୍ତ ହେବା ମଧ କୌଣସି କାରଣ ନାହିଁ କିନ୍ତୁ କେତେକଙ୍କ କ୍ଷେତ୍ରରେ ଏହା ଅସ୍ୱାଭାବିକ ଭାବେ ଝାଳ ବୋହିଥାଏ। ଅଧିକ ଝାଳ ବୋହିବା ମଧ ଶାରୀରିକ ବିଲକ୍ଷଣର ଏକ ବଡ଼ କାରଣ।

ବର୍ଷାଦିନେ ବାହାରେ ଅତ୍ୟଧିକ ତିନ୍ତିବା ଠାରୁ ଯଥା ସମ୍ଭବ ଦୂରେଇ ରହିବା ଭଲ। କାରଣ ଏହା ଦେହ ଖରାପ କରିବା ସହ ଆପଣଙ୍କ କେଶକୁ ମଧ କଷ୍ଟଦାୟକ କରିଥାଏ। ବର୍ଷାରେ କୌଣସି ପରିସ୍ଥିତିରେ ତିନ୍ତିଗଲେ ଆପଣ ଭଲ ଭାବେ ପୋଛି ହେବା ପାଇଁ ପ୍ରଥମେ ଚେଷ୍ଟା କରନ୍ତୁ। ଅନେକ ବର୍ଷା ଦିନେ କେଷକୁ ଶୁଖାଇବା ପାଇଁ ଓ ଶରୀରରେ ଉଷ୍ମତା ପାଇଁ ବିଭିନ୍ନ ପ୍ରକାର ଅତ୍ୟାଧୁନିକ ଡ୍ରାଏ ସଫ୍ଟ ହିଟର ବ୍ୟବହାର କରୁଛନ୍ତି। ତେବେ ଏ କ୍ଷେତ୍ରରେ ସତର୍କତା ଅବଲମ୍ବନ କରନ୍ତୁ। ବର୍ଷାରେ ବାହାରେ ଯେଉଁ ପାଣି ସଂସ୍ପର୍ଶରେ ଆପଣ ଆସିଥାନ୍ତି ଘରେ ଆଉ ଥରେ ଉଷୁମ ଜଳରେ ସ୍ନାନ କଲେ ସେପରି ସମସ୍ୟା ନାହିଁ। ତେବେ ଆପଣଙ୍କର ସାମାନ୍ୟତମ ସତର୍କତା ଆପଣଙ୍କୁ କେବଳ ସୁଗନ୍ଧପୂର୍ଣ୍ଣ କରିବନି ଆପଣଙ୍କ ବ୍ୟକ୍ତିତ୍ୱ ଓ ଆପଣଙ୍କ ଶାରୀରିକ ସୌନ୍ଦର୍ଯ୍ୟକୁ ବଢ଼ାଇବ ନିଶ୍ଚୟ।

**ମେନ ସାଗର ପାନ ରୋଡ଼, ନଂ-୩, ବାଲାଜୀ ଡିପାର୍ଟମେଣ୍ଟାଲ ଷ୍ଟୋର, ନୂଆଦିଲ୍ଲୀ, ପିନ-୧୧୦୦୪୬**



# ପୋଷାକ ବିତରଣ ସଂକ୍ରାନ୍ତ ଟେଣ୍ଡରେ ସ୍ୱଚ୍ଛତା ରହିବତ ?

**ବିଞ୍ଝାରପୁର,୩୧।୭(ସଂଚାର ବ୍ୟୁରୋ):** ସରକାରୀ ବିଦ୍ୟାଳଗୁଡ଼ିକରେ ପଢୁଥିବା ଛାତ୍ର ଛାତ୍ରୀ ମାନଙ୍କୁ ସରକାରଙ୍କ ପକ୍ଷରୁ ମାଗଣା ପୋଷାକ ପ୍ରଦାନ କରାଯାଇଥାଏ। ଉନତ ମାନର ପୋଷାକ ପ୍ରଦାନ କରିବା ପାଇଁ ପ୍ରତିବର୍ଷ ଟେଣ୍ଡର ମଧ୍ୟ କରାଯାଇଥାଏ।କିନ୍ତୁ ଏହି ଟେଣ୍ଡର ପ୍ରକ୍ରିୟାରେ ପୂର୍ବରୁ ସ୍ୱଚ୍ଛତା ରହୁ ନଥିବା ବେଳେ ଚଳିତ ବର୍ଷ ପୋଷାକ ବିତରଣ ପାଇଁ ଆଗ୍ରହୀ ଥିବା କ୍ଷୁଦ୍ର ଉଦ୍ୟୋଗ ଏବଂ ମହିଳା ସ୍ୱଂୟ ସହାୟକ ଗୋଷ୍ଠୀ ମାନଂକ ପାଇଁ ଟେଣ୍ଡର ଡକାଯାଇଛି କିନ୍ତୁ ଏହି ପ୍ରକ୍ରିୟାରେ ସ୍ୱଚ୍ଛତା ରହିବ ନା ନାହିଁ ତାକୁ ନେଇ ଉଠିଛି ପ୍ରଶ୍ନବାଚୀ।
ଚଳିତ ଥର ପୋଷାକ ବିତରଣ କରିବା ପାଇଁ ଜିଲ୍ଲା ପ୍ରକଳ୍ପ କାର୍ଯ୍ୟାଳୟ, ସମଗ୍ର ଶିକ୍ଷା ଯାଜପୁର ତରଫରୁ ନୋଟିସ କରାଯାଇଛି। ତା ୧୯/୦୭/୨୦୨୪ ରିଖରେ ଚିଠି ସଂଖ୍ୟା ୨୧୮୩ରେ ନୋଟିସ୍ କରାଯାଇଛି।ତେବେ ନୋଟିସ ହେବାର ୭ଦିନ ମଧ୍ୟରେ ଇଛୁକ ଥିବା କ୍ଷୁଦ୍ର ଉଦ୍ୟୋଗ ଏବଂ ମହିଳା ସ୍ୱଂୟ ସହାୟକ ଗୋଷ୍ଠୀ ମାନେ ସେମାନଙ୍କ ପ୍ରସ୍ତାବ ସେମାନଙ୍କ ବ୍ଲକ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟରେ ଦାଖଲ କରିବାକୁ ଏହି ନୋଟିସ ରେ କୁହା ଯାଇଛି। ପ୍ରତି ଦୁଇ ହଳ ପୋଷାକ ପାଇଁ ୫୦୦ ଟଙ୍କା ଧାର୍ଯ୍ୟ ମଧ୍ୟ କରାଯାଇଛି। ପ୍ରତିବର୍ଷ ଭଳି ଏଥର ଏହି କାର୍ଯ୍ୟକ୍ରମ ପାଇଁ ପ୍ରସ୍ତାବ ଟେଣ୍ଡର ଆସିବା ପରେ ଅନେକ କିଛି ପ୍ରଶ୍ନ ବାଚୀ ଶୃଷ୍ଟି ହୋଇଛି।ଗତ ବର୍ଷ ଏହି ପୋଷାକ ବିତରଣ ପାଇଁ ଅଡୁଆରେ ପଡ଼ିଥିଲା ବିଞ୍ଝାରପୁର। ଉଦ୍ଦେଶ୍ୟମୂଳକ ଭାବେ ଏକ ନିର୍ଦ୍ଦିଷ୍ଟ ପୋଷାକ ବିତରଣ ସଂସ୍ଥାକୁ ଏହି ଦାୟିତ୍ୱ ଦିଆଯାଇଥିବା ଅଭିଯୋଗ ଆସିଥିଲା।କୁହାଗଲା ଏକ ଲାଭ ଲୋଭରେ ସଂପୃକ୍ତ ସଂସ୍ଥାକୁ କାଳେ ଚୟନ କରାଯାଇଥିଲା।ଖାଲି ସେତିକି ନୁହଁ ଟେଣ୍ଡର ପ୍ରକ୍ରିୟାରେ ଭାଗ ନେଉଥିବା ସଂସ୍ଥା ଗୁଡ଼ିକ ମଧ୍ୟରୁ ଅନ୍ୟ କାହାରିକି ନଜଣାଇ ଲୁଚାଣିଆ ଭାବେ ଏକ ନିର୍ଦ୍ଦିଷ୍ଟ ସଂସ୍ଥାକୁ ବଛା ଯାଇଥିବା ଅଭିଯୋଗ ହୋଇଥିଲା।ଏଥି ପାଇଁ କାଳେ ରାଜନୈତିକ ଚାପ ଥିଲା ବୋଲି ଶୁଣିବାକୁ ମିଳେ।ସୂଚନା ଅଧିକାର ଆଇନ ବଳରେ ତଥ୍ୟ ମାଗିବା ପରେ ହରଡ ଘଣାରେ ପଡ଼ିଥିଲେ ସଂପୃକ୍ତ ସଂସ୍ଥା ଏବଂ ବିଞ୍ଝାରପୁର ମଣ୍ଡଳ ଶିକ୍ଷା ଅଧିକାରୀ। କିନ୍ତୁ ଗତ ବର୍ଷର ଏ ଅଭିଯୋଗ ପରେ ସତ୍ୟାସତ୍ୟ ଏବଂ କାର୍ଯ୍ୟାନୁଷ୍ଠାନ କଣ ହେଲା ତାକୁ ନେଇ ସେମିତି କିଛି ସାମ୍ନାକୁ ଆସି ନଥିବା ବେଳେ ଚଳିତ ଥର ପୋଷାକ ବିତରଣ ପାଇଁ ନୋଟିସ ଜାରି ହୋଇ ପ୍ରଦାନ କରାଯାଇଥିବା ସମୟ ସୀମା ମଧ୍ୟ ସରିଛି। କିନ୍ତୁ ଚଳିତ ଥର ଏଥିରେ ସ୍ୱଚ୍ଛତା ରହୁଛି ନା ଯଥା ପୂର୍ବଂ ତଥା ପରଂ ପରିସ୍ଥିତି ହେଉଛି ତାହା କେବଳ ସମୟ କହିବ।

# ବଲାଙ୍ଗିର ବ୍ଲକସ୍ତରୀୟ କୃଷି ଉପଦେଷ୍ଟା କମିଟି ଗଠିତ



**ବଲାଙ୍ଗିର,୩୧।୭ (ସଂଚାର ବ୍ୟୁରୋ):** କୃଷି ସୂଚନା ଓ ପରାମର୍ଶ କେନ୍ଦ୍ର ବଲାଙ୍ଗିରରେ ବ୍ଲକ ସ୍ତରୀୟ କୃଷି ଉପଦେଷ୍ଟା କମିଟି ଗଠିତ ହୋଇଯାଇଛି। ସଭାରେ ବ୍ଲକ କୃଷି ଅଧିକାରୀ ତଥା ବ୍ଲକ ବୈଷୟିକ ଆବାହକ ବିଶ୍ୱଜିତ ପାଢୀଯୋଷି ସଭାପତିତ୍ୱ କରିଥିଲେ। ସଭାରେ ସହକାରୀ କୃଷି ଅଧିକାରୀ ବଲାଙ୍ଗିର ସୂଜାତା ଛାତ୍ରିଆ କାର୍ଯ୍ୟସୂଚୀ ଅନୁଯାୟୀ ସମସ୍ତ ସଭ୍ୟସଭ୍ୟାମାନଙ୍କୁ ସ୍ୱାଗତ କରି ଉପସ୍ଥାପନ କରିଥିଲେ। ଏଥିରେ ପଶୁ ସମ୍ପଦ ବିଭାଗ ସ୍ୱର୍ଣ୍ଣପ୍ରଭା ଶତପଥି ସରକାରୀ ପ୍ରାଣୀ ଚିକିତ୍ସକ ଅଧିକାରୀ, ମତ୍ସ୍ୟ ବିଭାଗର ପ୍ରକାଶ କୁମାର ଶତପଥି, ସହକାରୀ ଶସ୍ୟ ଅଧିକାରୀ, ଉଦ୍ୟାନ ବିଭାଗର ସୁଚିସ୍ମିତା ମେହେର ସହକାରୀ ଉଦ୍ୟାନ ଅଧିକାରୀ, ଶିଶୁ ଉନ୍ନୟନ ଅଧିକାର ବିଭାଗର ଶୁଭଶ୍ରୀ ପାଢ଼ି, ସହକାରୀ ବୈଷୟିକ ପରିଚାଳକ ଗୁଣାକାର ବାରିକ, ଅକ୍ଷୟ କୁମାର ଘିବେଲା, ନମିତା ବାରିକ ଉପସ୍ଥିତ ଥିଲେ।
ନରହରି ରାଉଳଙ୍କୁ ସର୍ବ ସମ୍ମତିକ୍ରମେ ବ୍ଲକ ସ୍ତରୀୟ କୃଷି ଉପଦେଷ୍ଟା କମିଟିର ଅଧ୍ୟକ୍ଷ ମନୋନିତ କରାଗଲା। ସଭ୍ୟ ଗୋଲାପ ବାଗ, ପ୍ରଦ୍ୟୁମ୍ନ ହୋତା, ବାଳକୃଷ୍ଣ ବେହେରା, ଜୟକୃଷ୍ଣ ମିଶ୍ର, ଉଦୟ ନାଏକ, ବୃନ୍ଦାବନ ନାଏକ, ସଭ୍ୟ ପଲ୍ଲବି ପଧାନ, ମମତା ନାଏକ, ରୁଚିତା ଅର୍ଚ୍ଚନା ନେଗୀ, ପ୍ରମିଳା ରାଉତ, ରିନା ଭରାସାଗର, ଶୋଭାମତୀ ଜାଲ, ଖେଳନା ନନ୍ଦ ସଭ୍ୟ ସଭ୍ୟା ଉପସ୍ଥିତ ଥିଲେ। ପଲ୍ଲବି ପଧାନ ଜିଲ୍ଲା ସ୍ତରୀୟ ଉପଦେଷ୍ଟା କମିଟିର ସାଧାରଣ ବର୍ଗ ମହିଳା ବିଭାଗ ସଭ୍ୟା ହେବା ପାଇଁ ସର୍ବ ସମ୍ମତି କ୍ରମେ ମନୋନିତ କରାଗଲା। ସଭା ଶେଷରେ ନୂତନ ଭାବେ କମିଟି ଅଧ୍ୟକ୍ଷ ନରହରି ରାଉତ ଓ ସଭ୍ୟା ପଲ୍ଲବି ପଧାନ ଙ୍କୁ ପୁଷ୍ପମାଳ ଦେଇ ସମସ୍ତ ସଭ୍ୟ, ସଭ୍ୟାମାନଙ୍କୁ ଧନ୍ୟବାଦ ଦେଇ ସଭା କାର୍ଯ୍ୟ ଶେଷ କରାଗଲା।

## ଡେଙ୍ଗ ସ୍କୁଲରେ ନିମ୍ନମାନର ମଧ୍ୟାହ୍ନ ଭୋଜନ ଦିଆଯାଉଥିବା ଅଭିଯୋଗ

## ବିଇଓ କହିଲେ ତଦନ୍ତ ପରେ କାର୍ଯ୍ୟାନୁଷ୍ଠାନ



**ସଇଁତଳା,୩୧।୭(ସଂଚାର ବ୍ୟୁରୋ):** ବଲାଙ୍ଗୀର ଜିଲ୍ଲା ସଇଁତଳା ବ୍ଲକ ଡେଙ୍ଗ ଉଚ୍ଚ ବିଦ୍ୟାଳୟରେ ଛାତ୍ରଛାତ୍ରୀମାନଙ୍କୁ ନିମ୍ନମାନର ମଧ୍ୟାହ୍ନ ଭୋଜନ ଦିଆଯାଉଥିବା ଅଭିଯୋଗ। ବିଇଓଙ୍କ ନିକଟରେ ଏନେଇ ଲିଖିତ ଅଭିଯୋଗ ହୋଇଛି। ତଦନ୍ତ ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ବିଇଓ କହିଛନ୍ତି।
ସୂଚନାନୁଯାୟୀ, ଦୀର୍ଘ ବର୍ଷ ହେଲା ସଇଁତଳା ସହରର ମା ବସ୍ନେନ ଏସଏଚଜି ମହିଳା ଗ୍ରୁପ୍ ଡେଙ୍ଗ ସ୍କୁଲର ମଧ୍ୟାନ୍ନ ଭୋଜନ ଦାୟିତ୍ୱ ଦିଆଯାଇଥିଲା। ହେଲେ ଛାତ୍ରଛାତ୍ରୀମାନଙ୍କୁ ଗୁଣାତ୍ମକ ଖାଦ୍ୟ ଦିଆଯାଉନଥିବାରୁ ଛାତ୍ରଛାତ୍ରୀମାନେ ସ୍କୁଲରେ ନଖାଇ ଘରକୁ ଯାଉଥିଲେ। ତେଣୁ ଏହି ଏସଏଚଜି ଗ୍ରୁପ୍‌କୁ ଦାୟିତ୍ୱରୁ ହଟାଇ ନୂତନ ଗ୍ରୁପ୍‌କୁ ଦାୟିତ୍ୱ ଦେବା ପାଇଁ ବିଇଓଙ୍କ ନିକଟରେ ଅଭିଯୋଗ ହୋଇଛି । ବ୍ଲକ ଶିକ୍ଷା ଅଧିକାରୀ ଦିଲୀପ କୁମାର ଯୋଶୀ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି।

# ଜିଲ୍ଲା କେନ୍ଦ୍ର ସମବାୟ ବ୍ୟାଙ୍କ ପକ୍ଷରୁ ବିମା ରାଶି ପ୍ରଦାନ



**ସୁନ୍ଦରଗଡ଼,୩୧।୭(ସଂଚାର ବ୍ୟୁରୋ):** ଗୁରୁବାର ଦିନ ସୁନ୍ଦରଗଡ଼ ଜିଲ୍ଲା କେନ୍ଦ୍ର ସମବାୟ ବ୍ୟାଙ୍କ ବଣାଇଗଡ଼ ଶାଖା ଦ୍ୱାରା ଦୁର୍ଘଟଣା ଜନିତ ମୃତ୍ୟୁ ପାଇଁ ପାଞ୍ଚ ଲକ୍ଷ ଟଙ୍କା ଲେଖାଏଁ ବୀମା ରାଶି ପ୍ରଦାନ କରାଯାଇଛି। ମୁଖ୍ୟ ଅତିଥି ଭାବେ ବ୍ୟାଙ୍କ ସଭାପତି ପ୍ରଦ୍ୟୁମ୍ନ କୁମାର ତ୍ରିପାଠୀ ଯୋଗଦେଇ ଲ୍ୟାମ୍ପସର ପ୍ରତ୍ୟେକ ଋଣି ଏହାର ଲାଭ ଉଠାଇବା ପାଇଁ କହିଥିଲେ। ସମ୍ମାନିତ ଅତିଥି ଭାବେ ସହ ନିବନ୍ଧକ ବଣାଇ ଅଜୟ ସେଠୀ ଯୋଗଦେଇ ବ୍ୟାଙ୍କ ଓ ଲ୍ୟାମ୍ପସ ର ଏହି ଜେ ପି ଏ ଯୋଜନା ବଳରେ ମୃତ ଋଣିଙ୍କ ପରିବାରଙ୍କୁ ସହାୟତା ମିଳୁଥିବା ଉପରେ ଆଲୋକପାତ କରିଥିଲେ। ବ୍ୟାଙ୍କ ପରିଚାଳକ ସିଦ୍ଧାର୍ଥ ଲେଙ୍କା କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ବଣାଇ ଲ୍ୟାମ୍ପ୍ସ ସଭାପତି ଭାସ୍କର କିସାନ, ରୁଗୁଡ଼ା ଲ୍ୟାମ୍ପାସ ଖଗେଶ୍ୱର କିସାନ୍, ସରସରା ଲ୍ୟାଂମ୍ପ୍ସ ସଭାପତି ନବୀନ ନାଏକ ଏବଂ ଅଗ୍ରଣୀ ଚାଷୀ ମାନେ ଉପସ୍ଥିତ ଥିଲେ। ବଡଗୋଗୁଆ ଗ୍ରାମର ଟଙ୍କଧର ସାହୁ ସଡ଼କ ଦୁର୍ଘଟଣାରେ ମୃତ୍ୟୁବରଣ କରିଥିବାବେଳେ ତାଙ୍କ ପତ୍ନୀ ମିନା ସାହୁ, ସ.ବଲାଙ୍ଗର ସନ୍ତୋଷ କୁମାର କିଶାନ ସୋଲାର କରେଣ୍ଟରେ ମୃତ୍ୟୁ ହୋଇଥିବା ବେଳେ ତାଙ୍କ ପତ୍ନୀ ସଞ୍ଜୁଲତା କିଶାନ, ରୁଗୁଡ଼ା ଗ୍ରାମର ରାଜେଶ କୁମାର ପ୍ରଧାନ ଗାଁ ପୋଖରୀରେ ବୁଡିଯିବା ଦ୍ୱାରା ମୃତ୍ୟୁ ହୋଇଥିବା ବେଳେ ତାଙ୍କ ପତ୍ନୀ ସରିତା ସାହୁଙ୍କୁ ଯଥାକ୍ରମେ ୫ ଲକ୍ଷ ଟଙ୍କା ଲେଖାଁଏ ବୀମା ରାଶି ଇଫକୋ ଟୋକିଓ ବୀମା କମ୍ପାନୀ ଦ୍ୱାରା ବ୍ୟାଙ୍କ ମାଧ୍ୟମରେ ପ୍ରଦାନ କରାଯାଇଛି।

## ଚାଷୀଙ୍କ ଆସ୍ଥାଭାଜନ ହେଉଛି ଇନ୍ଦ୍ରାବତୀ



**ଭବାନୀପାଟଣା,୩୧।୭(ସଂଚାର ବ୍ୟୁରୋ):** ଭୋକର ଭୂଗୋଳ କୁହାଯାଉଥିବା କଳାହାଣ୍ଡି ଇନ୍ଦ୍ରାବତୀ ବହୁମୁଖୀ ପ୍ରକଳ୍ପ କାର୍ଯ୍ୟକ୍ଷମ ହେବାପରେ ଚାଷୀଙ୍କ ମନରେ ହସ ଫୁଟାଇ ପାରିଛି। ଜିଲ୍ଲାର ଆର୍ଥିକ ବିକାଶ କ୍ଷେତ୍ରରେ ବେଶ ଉନ୍ନତି ଘଟିଛି। ବର୍ଷକୁ ଦୁଇଥର ଜଳ ସେଚନ ହେବାପରେ ଚାଷୀଙ୍କ ଆସ୍ଥା ଭାଜନ ହୋଇପାରିଛି। ୧୯୭୧ ମସିହାରେ ତତ୍କାଳୀନ ପ୍ରଧାନମନ୍ତ୍ରୀ ମୋରାର୍ଜି ଦେଶାଇଙ୍କ ଦ୍ୱାରା ଇନ୍ଦ୍ରାବତୀ ପ୍ରକଳ୍ପର ଭିତ୍ତି ପ୍ରସ୍ତର ସ୍ଥାପନ କରାଯାଇଥିଲା। ୧୯୯୯ ମସିହାରେ ଏହି ପ୍ରକଳ୍ପର ପ୍ରଥମ ୟୁନିଟ କାର୍ଯ୍ୟକ୍ଷମ ହେବା ସହ ବିଦ୍ୟୁତ ଉତ୍ପାଦନ ଆରମ୍ଭ ହୋଇଥିଲା। ତତସହିତ ବାମ ମୁଖ୍ୟ କେନାଲ ଦ୍ୱାରା ଜଳ ସେଚନ ଆରମ୍ଭ ହୋଇଥିଲା। ୨୦୦୧ ମସିହାରେ ପ୍ରକଳ୍ପର ଚାରିଟି ଯାକ ୟୁନିଟ କାର୍ଯ୍ୟକ୍ଷମ ହେବା ସହ ୬୦୦ ମେଗା ୱାଟ ବିଦ୍ୟୁତ ଉତ୍ପାଦନ ହେଲା। ଦକ୍ଷିଣ ମୁଖ୍ୟ କେନାଲ ମାଧ୍ୟମରେ ଜୟପାଟଣା, କଲମପୁର, ଜୁନାଗଡ଼ ବ୍ଲକକୁ ଜଳ ସେଚନ କରାଗଲା। ବୃହତ ଉଠା ଜଳସେଚନ ପ୍ରକଳ୍ପ ମାଧ୍ୟମରେ ଜଳ ସେଚନ ଆରମ୍ଭ ହେଲା। ଏହା ସତ୍ତ୍ୱେ ଜିଲ୍ଲାର ଅନେକ ଗ୍ରାମ ଜଳସେଚନରୁ ବଞ୍ଚିତ ଥିଲା। ପରବର୍ତ୍ତୀ ସମୟରେ ଦକ୍ଷିଣ ମୁଖ୍ୟ କେନାଲ ମାଧ୍ୟମରେ ଭବାନୀପାଟଣା, ଏବଂ କେସିଙ୍ଗା ବ୍ଲକକୁ ଜଳ ସେଚନ କରାଗଲା। ଦକ୍ଷିଣ କେନାଲରେ ଜଳ ଯୋଗାଣ ହେଉଥିଲେ ମଧ୍ୟ କେତେକ ସ୍ଥାନରେ ରକ୍ଷଣାବେକ୍ଷଣ ଓ କେନାଲ ମରାମତି ଅଭାବରୁ ତଳ ମୁଣ୍ଡକୁ ସୁଚାରୁରୂପେ ଜଳ ସେଚନ ହୋଇ ପାରୁ ନଥିଲା। ମରାମତି ପାଇଁ ବାରମ୍ବାର ଚାଷୀ ମାନେ ଅଭିଯୋଗ କଲେ ମଧ୍ୟ କୌଣସି ସୁଫଳ ମିଳୁ ନଥିଲା। ଦକ୍ଷିଣ କେନାଲ ଅଧିକ୍ଷଣ ଶ୍ରୀ ବେହେରା ଯନ୍ତ୍ରୀ ଭାବେ ଯୋଗଦେବାପରେ ଚାଷୀ ମାନଙ୍କ ଅସୁବିଧାକୁ ହୃଦୟଙ୍ଗମ କରି କେନାଲ ମରାମତି କାର୍ଯ୍ୟ କରାଗଲା। ଯାହାଫଳରେ... ଭବାନୀପାଟଣା, ବ୍ଲକ ର କୁଟୃଖମାର, ବାଦଲି କେସିଙ୍ଗା ବ୍ଲକ୍ ଗୋବୋରା, ଗୈଡତଲା.ଏହି ସବୁ କେନାଲରେ ଜଳସେଚନ ସ୍ୱାଭାବିକ ହେଲା, ତଳମୁଣ୍ଡ ଯାଏ ଜଳସେଚନ ସୁଗମ ହୋଇପାରିଲା। ତେଣୁ ଏହି ଅଞ୍ଚଳର ଚାଷୀ ମାନେ ଖୁସି ବ୍ୟକ୍ତ କରିଛନ୍ତି। ଆଧିକ୍ଷଣ ଯନ୍ତ୍ରୀ ଙ୍କ. ଏଭଳି ପଦକ୍ଷେପକୁ ଚାଷୀ. ପ୍ରଶଂସା କରିଛନ୍ତି ।

## ନୂତନ ଧାନମଣ୍ଡିକୁ ବିରୋଧ କରି ତହସିଲଦାରଙ୍କୁ ଗ୍ରାମବାସୀଙ୍କ ଦାବିପତ୍ର

**ଭବାନୀପାଟଣା,୩୧।୭(ସଂଚାର ବ୍ୟୁରୋ):** କଳାହାଣ୍ଡି ଜିଲ୍ଲା କୋକସରା ବ୍ଲକ ବରାଡଙ୍ଗା ପଞ୍ଚାୟତ ଅଧିନ ରେ ଶିଉନି ଗ୍ରାମ ରହିଛି। ଏହି ଗ୍ରାମ ର ଚାଷୀମାନେ ଦୀର୍ଘବର୍ଷ ହେବ ଆମପାଣି ନିୟନ୍ତ୍ରିତ ବଜାର କମିଟିର ମଣ୍ଡି ରେ ଧାନ ବିକ୍ରି କରି ଆସୁଛନ୍ତି। ତେବେ ରାଜସ୍ୱ ବିଭାଗ ପକ୍ଷରୁ ଆସନ୍ତା ଖରିଫ ମଣ୍ଡି ଠାରୁ ଶିଉନି ଗ୍ରାମ ର ଚାଷି ଙ୍କୁ ବରାଡ଼ଙ୍ଗା ଗ୍ରାମ ପଞ୍ଚାୟତ ଠାରେ ହେବାକୁ ଥିବା ନୂତନ ମଣ୍ଡି ରେ ଧାନ ବିକ୍ରି କରିବାକୁ ପ୍ରଶାସନ ପକ୍ଷରୁ ସ୍ଥାନାନ୍ତରିତ କରିବା ନେଇ ଖବର ହସ୍ତଗତ ହୋଇଛି।ତେବେ ଏହାକୁ ବିରୋଧ କରି ଗୁରୁବାର ବରାଡ଼ଙ୍ଗା ଗ୍ରାମ ପଞ୍ଚାୟତ ସମିତି ସଭ୍ୟ ଗୁପ୍ତେଶ୍ୱର ବାଗ ଙ୍କ ନେତୃତ୍ୱରେ ଶିଉନି ଗ୍ରାମ ର ଚାଷୀମାନେ କୋକସରା ତହସିଲ ଙ୍କ କାର୍ଯ୍ୟାଳୟ ରେ ପହଞ୍ଚି ତହସିଲଦାର କ୍ଷୀରୋଦ ବିହାରୀ ଭାରତ ନାଗ ଙ୍କୁ ଭେଟି ନୂତନ ମଣ୍ଡି ରେ ଧାନ ବିକ୍ରି ପାଇଁ ଶିଉନି ଚାଷି ଙ୍କୁ ଧାନ ପରିବହନ ପାଇଁ ଭଲ ରାସ୍ତା ନଥିବା, ଆମପାଣି ଠାରୁ ନୂତନ ମଣ୍ଡି ର ଦୂରତା ଅଧିକ ଥିବା, ନୂତନ ମଣ୍ଡି ରେ ଚାଷି ଙ୍କ ଧାନ ସୁରକ୍ଷିତ ପାଇଁ ଆନୁସଙ୍ଗିକ ଭିତ୍ତିଭୂମି ନଥିବା ନେଇ ଏକ ଲିଖିତ ଦାବିପତ୍ର ଦେବାସହ ପୁର୍ଭଭଳି ଆମପାଣି ମଣ୍ଡି ରେ ଧାନ ବିକ୍ରି କରିବା ପାଇଁ ଦାବି କରିଛନ୍ତି। ଏହି ଦାବିପତ୍ର ପ୍ରଦାନ ସମୟରେ ସମିତି ସଭ୍ୟ ଗୁପ୍ତେଶ୍ୱର ବାଗ, ମଣ୍ଟୁ ଧଙ୍ଗଡ଼ା ମାଝୀ, ସୁବାଷ ବେହେରା, ଗୋବିନ୍ଦ ମାଝୀ, ହିମାଞ୍ଚଳ ପୁଝାରୀ, କାର୍ତ୍ତିକ ରାଉତ, ଦେବାନନ୍ଦ ରାଉତ, ମୋହନ ରାଉତ, ଜଗନ୍ନାଥ ପୁଝାରୀ, ନରେନ୍ଦ୍ର ଧଙ୍ଗଡ଼ା ମାଝୀ, ସମନ୍ତ ପଣ୍ଡା, ପରମେଶ୍ୱର ଧଙ୍ଗଡ଼ା ମାଝୀ ପ୍ରମୁଖ ଉପସ୍ଥିତ ଥିଲେ। ତହସିଲଦାର ଶ୍ରୀ ନାଗ ଏହା ଉପରେ ତଦନ୍ତ କରି ଚାଷି ଙ୍କ ସ୍ୱାର୍ଥ କୁ ଦୃଷ୍ଟିରେ ରଖି ପଦକ୍ଷେପ ନିଆଯିବ ବୋଲି କହିଛନ୍ତି।

## ପୁଲିସ ପକ୍ଷରୁ ନାଗରିକ ସୁରକ୍ଷା ସଂହିତା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ

**ମ.ରାମପୁର,୩୧।୭(ସଂଚାର ବ୍ୟୁରୋ):** ଆଇନଗତ ଅଧିକାରକୁ ସାର୍ବଜନୀନ କରିବା ଉଦ୍ଦେଶ୍ୟରେ ଭାରତୀୟ ନ୍ୟାୟ ସଂହିତା ଅଧିନିୟମ ପ୍ରଚଳନ ହୋଇଛି। ଏହି ଆଇନ ପ୍ରଣୟନ ଦ୍ୱାରା ସାଧାରଣ ଜନତା ପୂର୍ବବର୍ତ୍ତୀ ଆଇନ ବ୍ୟବସ୍ଥା ପରିବର୍ତ୍ତେ ତ୍ୱରିତ ଆଇନ ସେବା ପାଇବା ର ବ୍ୟବସ୍ଥା କରାଯାଇଛି। ଯାହାକୁ ନେଇ କଳାହାଣ୍ଡି ଜିଲ୍ଲା ମଦନପୁର ରାମପୁର ପୁଲିସ ପକ୍ଷରୁ ଗୁରୁବାର ଦିନ ଥାନା ଅଧିକାରୀ ଶ୍ରୀ ବିରବର୍ ଭଗତ ଙ୍କ ଅଧ୍ୟକ୍ଷତାରେ ଭାରତୀୟ ନ୍ୟାୟ ସଂହିତା ଓ ଭାରତୀୟ ନାଗରିକ ସଚେତନତା କାର୍ଯ୍ୟକ୍ରମ ରାମପୁର ଥାନା ସଭାଗୃହ ଠାରେ ଅନୁଷ୍ଠିତ ହୋଯାଇଛି। ଏଥିରେ ଥାନା ଅଧିକାରୀ ଭାରତୀୟ ନ୍ୟାୟ ସଂହିତା ଓ ଭାରତୀୟ ନାଗରିକ ସଚେତନତା ଉପରେ ପୁଙ୍ଖାନୁପୁଙ୍ଖ ଭାବରେ ମତବ୍ୟକ୍ତ କରି କିପରି ଭାବରେ ଆହୁରି ଅଧିକ ସରଳ ଭାବରେ ଆଇନ ଶୃଙ୍ଖଳା ରେ ସୁଧାର ଆଣିହେବ ସେନେଇ ଉପସ୍ଥିତ ଥିବା ସମସ୍ତ ଗଣ ମାଧ୍ୟମ ପ୍ରତିନିଧି, ସମାଜ ସେବୀ, ପଞ୍ଚାୟତ ପ୍ରତିନିଧି ଓ ଜନ ସାଧାରଣ ଙ୍କ ମତାମତ ଲୋଡ଼ି ଥିଲେ।

## ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର



**ବୋରିଗୁମ୍ମା,୩୧।୭ (ସଂଚାର ବ୍ୟୁରୋ):** କୋରାପୁଟ ଜିଲ୍ଲାର ବୋରିଗୁମ୍ମା ବ୍ଲକ୍ କାର୍ଯ୍ୟାଳୟ ପରିସରରେ ଆଜି ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ବୋରିଗୁମ୍ମା ବ୍ଲକ୍ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସୁକାନ୍ତ କୁମାର ପଟନାୟକ ଯୋଗଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। କାର୍ଯ୍ୟକ୍ରମରେ କୋଟପାଡ଼ ବିଧାୟକ ପ୍ରତିନିଧି ରାମକୃଷ୍ଣ ଭତ୍ରା, ଜିଲ୍ଲା ପରିଷଦ ସଭ୍ୟସଭ୍ୟା ଓ ବ୍ଲକର ସମସ୍ତ ସରପଞ୍ଚ ଯୋଗ ଦେଇଥିଲେ। ସେ ଦିବ୍ୟାଙ୍ଗ ମାନଙ୍କୁ ଉପକରଣ ପ୍ରଦାନ କରିଥିଲେ। ଏଥିରେ ବୋରିଗୁମ୍ମା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକାରୀ ଡାକ୍ତର ଶ୍ରୀକାନ୍ତ ଶତପଥୀଙ୍କ ତତ୍ତ୍ୱାବଧାନରେ ଜିଲ୍ଲାରେ ବିଭିନ୍ନ ବିଭାଗରେ କାର୍ଯ୍ୟରତ ୧୩ ଜଣିଆ ଡାକ୍ତରୀ ଦଳ ତଥା ଇଏନ୍‌ଟି, ଭୋଷଜ, ଅସ୍ଥି ଶଲ୍ୟ ବିଭାଗ, ଡାକ୍ତର, ମାନସିକ ରୋଗ ବିଶେଷଜ୍ଞ, ପ୍ରମୁଖ ଡାକ୍ତର ଦେଖୁଥିବା ବେଳେ ୪୭ ଜଣ ଦୃଷ୍ଟି ବାଧକ, ୬୧ ଜଣ ଶ୍ରବଣ ବାଧକ, ୧୭୬ ଜଣ ଗୋଡ଼, ହାତ ଓ ଶାରିରୀକ ଚଳନ ଶକ୍ତି ବାଧିତ ବିଭାଗ, ବୌଦ୍ଧିକ ବାଧିତ ବିଭାଗରେ ୫୯ ଓ ଅନ୍ୟାନ୍ୟ ବିଭାଗରେ ୨୧ ରୋଗୀଙ୍କୁ ମାଗଣାରେ ଚିକିତ୍ସା ଯୋଗାଇ ଦିଆଯାଇଥିଲା। କାର୍ଯ୍ୟକ୍ରମରେ ଏଇଇ ପ୍ରକାଶ କୁମାର ପ୍ରଧାନ, ଏଇ ସତ୍ୟନାରାୟଣ ସେଠି, କନିଷ୍ଠ କିରାଣି ଗୋପୀନାଥ ସାହୁ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ, ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରୀ, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଚନ୍ଦ୍ରିକା କାନ୍ଦାଂକେଲ, ଏବିଡ଼ିଓ ମାଧୁରୀ ଆଚାରୀ, ବ୍ଲକ ଯୋଗାଣ ଅଧିକାରୀ ରାମଚନ୍ଦ୍ର ଖିଲ, ଜିପିଡିଓ ସ୍ୱାଗତିକା ଗୋପାଳ, ବ୍ଲକ୍ ମଙ୍ଗଳ ଅଧିକାରୀ ସୋନାଲି ନାୟକ, ପୋଗ୍ରାମ ଆସିଷ୍ଟାଣ୍ଟ ମୋନାଲିସା ସାମନ୍ତରାୟଙ୍କ ସହ ବହୁ ବ୍ୟକ୍ତି ଯୋଗ ଦେଇଥିଲେ।

## ମହିଳା ପରିଦର୍ଶିକାଙ୍କୁ ଅବସରକାଳିନ ସମ୍ବର୍ଦ୍ଧନା ସଭା

**କଣାସ,୩୧।୭(ସଂଚାର ବ୍ୟୁରୋ):** କଣାସ ଆଇ.ସି.ଡି.ଏସ୍ ପ୍ରୋଜେକ୍ଟ ଆନୁକୂଲ୍ୟରେ ମନ୍ଦାରବସ୍ତ ସେକ୍ଟରର କର୍ମୀମାନେ ସୃଷ୍ଟି କରିଛନ୍ତି ଏକ ନିଆରା ପରମ୍ପରା। ଚଳିତ ମାସରେ ସେକ୍ଟର ମହିଳା ପରିଦର୍ଶୀକା ଅଞ୍ଜନା ଜେନାଙ୍କର ଚାକିରୀରୁ ଅବସର ହେଉଥିବାରୁ ସେକ୍ଟର ସମସ୍ତ ୩୪ଟି ଅଙ୍ଗନବାଡି କେନ୍ଦ୍ର ଗଡ଼ବଡପୁଟ, ଗଡ଼ସାନପୁଟ, ଅଁଳାଯୋଡି ଗ୍ରାମପଞ୍ଚାୟତର କର୍ମୀ ଓ ସହାୟୀକା ମିଳିତ ଭାବେ ଏକ ସମ୍ବର୍ଦ୍ଧନା ସଭା ବାରିମଣ୍ଡଳ ଠାରେ ପ୍ରତିଷ୍ଠିତ ଗଡିଶ୍ୱର ମହାଦେବଙ୍କ ପ୍ରାଙ୍ଗଣରେ ସମ୍ବର୍ଦ୍ଧନା ଉତ୍ସବ ଆଜି ପାଳନ କରିଥିଲେ। କଣାସ ବ୍ଲକ ଶିଶୁ ବିକାଶ ଯୋଜନା ଅଧିକାରିଣୀ ସ୍ମିତା ମହାନ୍ତି ମୁଖ୍ୟ ଅତିଥିଭାବେ ଯୋଗଦାନ କରି ଶ୍ରୀମତୀ ଜେନାଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଏକତ୍ରିତ ହେବାର ହସଖୁସୀର ମହାଲଟି କ୍ଷଣିକ ପାଇଁ ଶୋକାକୁଳ ହୋଇଯାଇଥିଲା। କର୍ମୀମାନେ ପରିଦର୍ଶୀକାଙ୍କର ଶାନ୍ତ, ସରଳ, ମାତୃତ୍ୱ ପୂର୍ଣ୍ଣ ଗୁଣ ବଖାଣି ଥିଲେ। ତତ୍‌ପରେ କର୍ମୀମାନଙ୍କର ଏକ ଅଭିନବ ପ୍ରୟାସ ବିଗତ ୨୫ବର୍ଷ ମଧ୍ୟରେ କାର୍ଯ୍ୟରୁ ଅବସର ପ୍ରାପ୍ତ ସେକ୍ଟର ୫ଜଣ ସହାୟୀକା ଭଉଣୀଙ୍କୁ ମଧ୍ୟ ସମ୍ବର୍ଦ୍ଧନା କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ କଣାସ ଆଇ.ସି.ଡି.ଏସ୍ କାର୍ଯ୍ୟାଳୟର କର୍ମଚାରୀମାନେ ଯୋଦେଇଥିଲେ।

# ନାବାଳକା ଝିଅକୁ ହତ୍ୟା ସନ୍ଦେହରେ ସମ୍ପର୍କୀୟ ଭାଇ ଅଟକ



**ଫୁଲବାଣୀ,୩୧।୭(ସଂଚାର ବ୍ୟୁରୋ):** ଫୁଲବାଣୀର ପିଅନପଡା ଅଞ୍ଚଳର ଜନୈକ ୯ବର୍ଷର ନାବାଳିକା ଝିଅର ଅସ୍ୱାଭାବିକ ମୃତ୍ୟୁ ଫଳରେ ସହରରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି। ପାଇପ ଦୋକାନ ରେ କାମ କରିଥିବା ହୃଷିକେଶ ମହାପାତ୍ରଙ୍କ ୯ବର୍ଷର ସାନ ଝିଅ ଓଢଣୀ ସାହାଯ୍ୟରେ ଆତ୍ମହତ୍ୟା କରିଥିବା ଜଣାପଡ଼ିଛି।ସଂନ୍ଧ୍ୟା ପ୍ରାୟ ୫ଟା ସମୟରେ ଘରେ ବାପା ମାଆ ଓ ବଡ ଭଉଣୀ କେହି ନଥିଲେ।ଝିଅ ଟିଭି ଦେଖୁଥିଲା। କିନ୍ତୁ ସାତଟା ବେଳେ ବଡ ଭଉଣୀ ଟିଉସନରୁ ଫେରି ଦେଖିଲା ବେଳକୁ କବାଟ ଭିତର ପଟୁ ଝିଡିକିରେ ଜିଭ ବାହାର କରି ଝୁଲି ରହିଛି।ତତକ୍ଷଣାତ ବାପା ମାଆଙ୍କୁ ଡାକିବାରୁ ଆସି ଦେଖିଲା ବେଳକୁ ସବୁ ଶେଷ ହୋଇଯାଇଛି। ଏତେ ଛୋଟ ପିଲା କାହିଁକି କେଉଁ କାରଣରୁ ଏଭଳି କଲା ସମସ୍ତଙ୍କୁ ଆଶ୍ଚର୍ଯ୍ୟ ଚକିତ କରିଛି। କିନ୍ତୁ ବାପା ମାଆ ତାଙ୍କ ଘରେ ରହି ହାଇସ୍କୁଲ ପଢୁଥିବା ୧୪-୧୫ବର୍ଷର ଭଣଜାର ଏଥିରେ ହାତଥିବା ସନ୍ଦେହ କରୁଛନ୍ତି।କିନ୍ତୁ ସେ ମଧ୍ୟ ସେତେବେଳେ ଘରେ ନଥିଲା, ସନ୍ଧ୍ୟା ୫ଟାରେ ଜିମ ଯାଇଥିବା ଜଣାପଡ଼ିଛି। ମାଆ ଓ ଭ ଉଣୀ ସମେତ ନିକ ସମ୍ପର୍କୀୟଙ୍କ କାନ୍ଦରେ ହସପିଟାଲ ଫାଟିପଡୁଛି।ଏକ କୋମଳ ନିଷ୍ପାପ ଶିଶୁ ଅକାଳରେ ଚାଲି ଯାଇଥିବାରୁ ପିଅନପଡା ସମେତ ସହରରେ ଦୁଃଖର ଛାୟା ଖେଳିଯାଇଛି। ପୋଷ୍ଟମଟମ ପରେ ସମ୍ପୂର୍ଣ୍ଣ ତଥ୍ୟ ଜଣାପଡ଼ିବ। ସନ୍ଦେହରେ ସମ୍ପର୍କୀୟ ଭଣଜା କୁ ଥାନାରେ ଅଟକ ରଖିଥିବା କଥା ଶୁଣିବାକୁ ମିଳୁଛି।

## ୟୁଏଏସ ପୋର୍ଟାଲକୁ ଶିକ୍ଷକ ସଂଘର ବିରୋଧ

● ବ୍ଲକ ପକ୍ଷରୁ ଦାବିପତ୍ର ପ୍ରଦାନ

**ନର୍ଲା,୩୧।୭(ସଂଚାର ବ୍ୟୁରୋ):** ପ୍ରାଥମିକ ଶିକ୍ଷକ ସଂଘ ନର୍ଲା ପକ୍ଷରୁ ସରକାରଙ୍କ ୟୁନିଫାଏଡ ଅଟୋମେସନ ସିଷ୍ଟମ (ୟୁଏଏସ୍) କୁ ବିରୋଧ କରାଯାଇଛି। ଏନେଇ ନର୍ଲା ବିଇଓ ତପିମଣି ଜାନୀଙ୍କୁ ସଂଘ ପକ୍ଷରୁ ଦାବିପତ୍ର ପ୍ରଦାନ କରାଯାଇଛି। ସଂଘ ସଭାପତି ମୀନକେତନ ସାହୁ ଓ ସମ୍ପାଦକ ଅମିତ କୁମାର ଶର୍ମାଙ୍କ ନେତୃତ୍ୱରେ ସଂଘର ଅନ୍ୟାନ୍ୟ କର୍ମକର୍ତ୍ତା ତଥା ବ୍ଲକର ଅନେକ ଶିକ୍ଷକ ଶିକ୍ଷୟତ୍ରୀମାନେ ଏଥିରେ ଯୋଗ ଦେଇଥିଲେ। ନର୍ଲା ବ୍ଲକ ଉପ ସଭାପତି ହର ପ୍ରସାଦ ସାହୁ, ଉପଭାନେତ୍ରୀ ପୁଷ୍ପଲତା କୁମାର, ଯୁଗ୍ମ ସମ୍ପାଦକ ହେମନ୍ତ ସାହୁ, ଦିଗାମ୍ବର କୁମାର ଓ କ୍ଷିତିଶ ଚନ୍ଦ୍ର ମାଝୀ, କୋଷାଧ୍ୟକ୍ଷ ଦିଲିପ କୁମାର ପଧାନ, ବ୍ଲକ ସଂଯୋଜକ ଦିଗାମ୍ବର ବେହେରା ପ୍ରମୁଖ ୟୁଏଏସ୍ ପୋର୍ଟାଲକୁ ବିରୋଧ କରିବା ସହ ଶିକ୍ଷକ ସଂଘ ଦର୍ଶାଇଛି ଯେ ସରକାର ପ୍ରାଥମିକ ଶିକ୍ଷା ବ୍ୟବସ୍ଥାକୁ ସୁଦୃଢ଼ କରିବା ପାଇଁ ପ୍ରୟାସ କରୁଛନ୍ତି ।

## ମହିଳାଙ୍କୁ ଅସଦାଚରଣ ଓ ବଳପୂର୍ବକ ଅପହରଣ ଉଦ୍ୟମ ମାମଲାରେ ୫ ଗିରଫ



**ଯୋଡ଼ା,୩୧।୭(ସଂଚାର ବ୍ୟୁରୋ):** କେନ୍ଦୁଝର ଜିଲ୍ଲା ଯୋଡା ଥାନା ଅଞ୍ଚଳରେ ଜଣେ ମହିଳାଙ୍କୁ ଅସଦାଚରଣ ଓ ବଳପୂର୍ବକ ଅପହରଣ ମାମଲାରେ ପୋଲିସ ୫ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରିଛି। ଅଭିଯୁକ୍ତ ମାନେ ହେଲେ ପଶ୍ଚିମବଙ୍ଗ ରାଜ୍ୟ ମୁର୍ସିଦାବାଦ ଅଞ୍ଚଳର ଫର୍ଟିକ ସେଖ୍, ସାହିଦୁଲ ସେଖ, ଦିଲଦାର ହୁସେନ, ଜାମାଲ ସେଖ ଓ ସାଫିକୁଲ ସେଖ। ପୋଲିସ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ଉକ୍ତ ଅଭିଯୁକ୍ତ ମାନେ ଯୋଡା ସହରରେ ରହି ଘର ମିସ୍ତ୍ରୀ ଭାବେ କାର୍ଯ୍ୟ କରନ୍ତି। ଏମାନଙ୍କ ସହିତ ଅଭିଯୋକାରିଣୀ ମହିଳା ମଧ୍ୟ କାର୍ଯ୍ୟ କରୁଥିଲେ। ତେବେ ମଙ୍ଗଳବାର ଦିନ ଅଭିଯୁକ୍ତ ମାନେ ମହିଳାଙ୍କୁ ବଳପୂର୍ବକ ଅପହରଣ ଉଦ୍ୟମ କରିବା ସହିତ ତାଙ୍କ ସହିତ ଅସଦାଚରଣ କରିଥିବା ନେଇ ମହିଳାଙ୍କ ପରିବାର ପକ୍ଷରୁ ଥାନାରେ ଅଭିଯୋଗ ପରେ ପୋଲିସ ଘଟଣାର ତଦନ୍ତ କରି କେସ ନଂ ୧୯୧/୨୦୨୫ ଦଫା ୨୯୬/୩୫୧(୨)/୭୪/୬୪(୧) ବିଏନ୍‌ଏସ ରୁଜୁ କରି ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଥିବା ଯୋଡା ଥାନା ଆଇଆଇସି ସୁଶାନ୍ତ ପ୍ରଧାନ ସୂଚନା ଦେଇଛନ୍ତି।

## ବାଲିଆପାଳ ବକ୍ଲରେ ପିସି ଗିଳୁଛି କିଏ ?

# ପ୍ରଶାସନ ରକ୍ତମାଂସରେ ଖେଳିଯାଇଛି ପିସି କାରବାର



**ବାଲିଆପାଳ,୩୧।୭(ସଂଚାର ବ୍ୟୁରୋ):** ପ୍ରଶାସନିକ କାର୍ଯ୍ୟରେ ସ୍ୱଚ୍ଛତା ଆଣିବା ପାଇଁ ମୁଖ୍ୟମନ୍ତ୍ରୀ ଆହ୍ୱାନ ଦେଇଛନ୍ତି। ତୃଣମୂଳ ସ୍ତରରେ ଏହା କିପରି କାର୍ଯ୍ୟକାରୀ ହେଉଛି, ତାହା ତଦାରଖ ପାଇଁ ବିଭିନ୍ନ ଜିଲ୍ଲା ଗସ୍ତ କରି ମୁଖ୍ୟମନ୍ତ୍ରୀଙ୍କର ଆହ୍ୱାନ କିପରି କାର୍ଯ୍ୟକାରୀ ହେଉଛି, ସେହି ବିଷୟରେ ଅବଗତ ହେଉଛନ୍ତି। ତା'ପରେ ବି ବିଭିନ୍ନ ବିଭାଗରେ ପରସେଣ୍ଟେଜ(ପିସି) କାରବାର ଏବେ ମଧ୍ୟ ପୂର୍ବ ଭଳି ଚାଲିଛି। ପିସି କାରବାର ପ୍ରଶାସନ ଓ ପ୍ରଭାବିତ ଲୋକମାନଙ୍କ ମଧ୍ୟରେ ଏକ ଅଘୋଷିତ ଚୁକ୍ତିନାମା ସଦୃଶ ହୋଇଛି। ପିସି ଦେବାବାଲା ଓ ପିସି ନେବାବାଲା ଏହି କାରବାର ବେଳେ କେହିଁ ମୁହଁ ଖୋଲୁ ନାହାନ୍ତି। କାରଣ ଏହି ପିସି ଅର୍ଥ ଯୋଜନାର ଅନୁଦାନରୁ ହିଁ କଟିଥାଏ। ପିସି କଟିବା ପରେ ଯେତିକି ବଳିଲା, ସେତିକି ପ୍ରକଳ୍ପରେ ଖର୍ଚ୍ଚ ହେଉଥିବାରୁ ବିଭିନ୍ନ ନିର୍ମାଣ କାର୍ଯ୍ୟ ନିମ୍ନମାନର ହେଉଛି। ବାଲିଆପାଳ ବ୍ଲକରେ ପଞ୍ଚାୟତିରାଜ ବିଭାଗ ସମେତ ଗ୍ରାମ୍ୟ ଉନ୍ନୟନ, ଜଳସେଚନ, ପୂର୍ତ୍ତ ଓ ଗୃହ ନିର୍ମାଣ, କୃଷି ବିଭାଗ, ଉଦ୍ୟାନ କୃଷି ବିଭାଗ, ରାଜସ୍ୱ ବିଭାଗ, ଜଙ୍ଗଲ ବିଭାଗ ପ୍ରଭୃତି ସମସ୍ତ ବିଭାଗରେ ଏହି ପିସି କରାବାର ବିଭିନ୍ନ ବାଟରେ ବହୁଳ ଭାବରେ ଚାଲିଛି। ସରକାରୀ ଅର୍ଥକୁ ପିସି, ବଟି, ଚାନ୍ଦା, ପ୍ରମୋସନାଲ ଚାର୍ଜେସ, ପ୍ରସେସିଂ ଫି', କନସଲଟେଣ୍ଟ୍ ଫି', ପାର୍ଟି ଫଣ୍ଡ, ପ୍ରଟେକ୍ସନ ମନି ଭଳି ବହୁ ଶବ୍ଦ ବ୍ୟବହାର କରାଯାଇ ହରିଲୁଟ ହେଉଛି। ଏହି ହରିଲୁଟ୍ ଅର୍ଥକୁ ପ୍ରଶାସକ, ନିର୍ବାଚିତ ଜନପ୍ରତିନିଧ, କାର୍ଯ୍ୟ କରୁଥିବା ଠିକାଦାର, ତଥା ସମାଜରେ ପ୍ରତିଷ୍ଠିତ ବ୍ୟକ୍ତିମାନେ ଭାଗ ବଣ୍ଟ କରି ବାଣ୍ଟି ନେଉଛନ୍ତି। ରାଜ୍ୟର ସବୁ ବ୍ଲକ ଭଳି ବାଲିଆପାଳ ବ୍ଲକରେ ପଞ୍ଚାୟତିରାଜ ବ୍ୟବସ୍ଥାରେ ଦୁଇଟି ସ୍ତରରେ ପିସି କାରବାର ଚାଲିଛି। ପଞ୍ଚାୟତ ସମିତି ଓ ଗ୍ରାମପଞ୍ଚାୟତର ବିଭିନ୍ନ ନିର୍ମାଣ କାର୍ଯ୍ୟରେ ୨୦ରୁ ୩୦ ପ୍ରତିଶତ ପର୍ଯ୍ୟନ୍ତ ପିସି କାରବାର ହେଉଥିବା ସମସ୍ତେ ଦେଖୁଛନ୍ତି। ବାଲିଆପାଳ ବ୍ଲକ କୁ ୨୮ ଟି ପଞ୍ଚାୟତ ସମେତ ପଞ୍ଚାୟତ ସମିତିକୁ ପ୍ରତି ବର୍ଷ ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟ ପାଇଁ ଉଭୟ ରାଜ୍ୟ ଓ କେନ୍ଦ୍ରୀୟ ଅନୁଦାନରୁ ୧୦୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଆସୁଛି। ଏଥିରେ ପିସି ବାବଦରେ ୨୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଆଦାୟ ହେଉଥିବା ଅଭିଯୋଗ ହେଉଛି। କେବଳ ବ୍ଲକରେ ନୁହେଁ; ଅନ୍ୟାନ୍ୟ ବିଭାଗରେ ପିସି କାରବାର ଆହୁରି ଅଧିକ। ଗ୍ରାମ୍ୟ ଉନ୍ନୟନ, ପୂର୍ତ୍ତ ଓ ଗୃହ ନିର୍ମାଣ ଏବଂ ଜଳସେଚନ ବିଭାଗରେ ଜାଲ ବିଲ ହେଲେ ୫୦ ପ୍ରତିଶତ, କାମରେ ଟିକେ ଢିଲା ହେଲେ ୩୦ ପ୍ରତିଶତ, ଆପାତତଃ କାମ ଠିକ ଥିଲେ ୨୫ ପ୍ରତିଶତରୁ ପିସି କମ୍ନୁ ନାହିଁ। ଏଥିସହିତ ଜଙ୍ଗଲ, ସାମାଯିକ ବନୀକରଣ, ଉଦ୍ୟାନ କୃଷି, ଅବକାରୀ, ଯୋଗଣ ବିଭାଗ, ପୁଲିସ ବିଭାଗ ସବୁ କିଛି ମିଶିଲେ ପାଖାପାଖି ୩୦କୋଟିରୁ ଊର୍ଦ୍ଧ୍ୱ ଟଙ୍କା ପିସି ଆଦାୟ ହେଉଛି।